ପୃଷ୍ଠା-୮+୪

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜାନୁୟାରୀ ୯/୨୦୨୨ (୮+୪=୧୨ ପୃଷ୍ଠା+ଛୁଟିଦିନ) Bhubaneswar, Sunday, January 9/2022 ★★★★★★

୪୮ଶ ଭାଗ ୪୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-



**ଆଇସିସି ପୁରସ୍କାର ଦୌଡ଼ରେ ମୟଙ୍କ**
ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍ ପୁରସ୍କାର ପାଇଁ ଭାରତ ଓପନର ମୟଙ୍କ ଅଗ୍ରୱାଲଙ୍କ ନାମ ସୁପାରିସ ହୋଇଛି। ୦୮

୦୭ **ୟସ୍‌ଙ୍କ ଜନ୍ମଦିନ ଭେଟି କେଜିଏଫ୍-୨**
କେଜିଏଫ୍ ଅଭିନେତା ୟସ୍‌ଙ୍କ ୩୬ ତମ ଜନ୍ମଦିନରେ କେଜିଏଫ୍ ଚାପ୍ଟର-୨ର ପ୍ରଥମ ଲୁକ୍ ରିଲିଜ ହୋଇଛି।







ରବିବାରଠାରୁ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରହୁଥିବାରୁ ଶନିବାର ପୁରୀ ବଡ଼ଦାଣ୍ଡରେ ଶ୍ରଦ୍ଧାଳୁଙ୍କ ଅସମ୍ଭାଳ ଭିଡ଼।

# ୧୫ ଯାଏ ରାଲି ହେବନି

## ଫେବୃୟାରୀ ୧୦ରୁ ମାର୍ଚ୍ଚ ୭ ଯାଏ ୫ ରାଜ୍ୟରେ ଭୋଟ

### ନିର୍ବାଚନ ତାରିଖ ଘୋଷଣା

■ ୧୦ରେ ଭୋଟ ଗଣତି

ନୂଆଦିଲ୍ଲୀ,୮।୧(ପି.ଟି.)

ଭାରତର ନିର୍ବାଚନ କମିଶନ (ଇସିଆଇ) ଶନିବାର ୫ ରାଜ୍ୟ ବିଧାନସଭା ନିର୍ବାଚନ ଲାଗି ତାରିଖ ଘୋଷଣା କରିଥିବାବେଳେ କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି କେତେକ କଟକଣା ଲଗାଇଛନ୍ତି। ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ, ଗୋଆ ଏବଂ ମଣିପୁର ବିଧାନସଭା ନିର୍ବାଚନରେ ସର୍ବାଧିକ ଭୋଟର ଭାଗନେବା ଏବଂ ମତଦାନକୁ କୋଭିଡ୍‌ମୁକ୍ତ ରଖିବା ଲାଗି ଇସି ଲକ୍ଷ୍ୟ ରଖିଛନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ପରାମର୍ଶ ନିଆଯାଇ ନିରାପତ୍ତା ନିୟମ ଓ କୋଭିଡ୍ ପ୍ରୋଟୋକଲ୍ ଘୋଷଣା କରାଯାଇଛି। ଏଥିପାଇଁ ଜାନୁୟାରୀ ୧୫ ପର୍ଯ୍ୟନ୍ତ ସମସ୍ତ ନିର୍ବାଚନୀ ରାଲିକୁ ବନ୍ଦ ରଖାଯାଇଛି। ଏହା ପରେ ସ୍ଥିତି ଅନୁଧ୍ୟାନ କରି ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ସୁଶୀଲ ଚନ୍ଦ୍ରା କହିଛନ୍ତି।

ବହୁପ୍ରତୀକ୍ଷିତ ୫ ରାଜ୍ୟ ବିଧାନସଭା ନିର୍ବାଚନ ଫେବୃୟାରୀ ୧୦ରୁ ଆରମ୍ଭ ହୋଇ ମାର୍ଚ୍ଚ ୭ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ମାର୍ଚ୍ଚ ୧୦ରେ ଭୋଟ ଗଣତି କରାଯିବ। ଉତ୍ତରପ୍ରଦେଶରେ ଫେବୃୟାରୀ ୧୦, ୧୪, ୨୦, ୨୩, ୨୭, ମାର୍ଚ୍ଚ ୩ ଓ ୭ରେ ମୋଟ ୭ଟି ପର୍ଯ୍ୟାୟରେ ଭୋଟ ଅନୁଷ୍ଠିତ ହେବ। ମଣିପୁରରେ ୨ ପର୍ଯ୍ୟାୟରେ ଫେବୃୟାରୀ ୨୭ ଓ ମାର୍ଚ୍ଚ ୩ରେ ଭୋଟ ହେବ। ସେହିପରି ପଞ୍ଜାବ, ଗୋଆ ଏବଂ ଉତ୍ତରାଖଣ୍ଡରେ ଗୋଟିଏ ପର୍ଯ୍ୟାୟରେ ଫେବୃୟାରୀ ☞ପୃଷ୍ଠା-୪




**ଆଜିର ସମ୍ପାଦକୀୟ**
ପଶ୍ଚାତାପ କରିବାକୁ ହେବ

# ମିଶନ ଶକ୍ତି, ଅଙ୍ଗନୱାଡି କର୍ମୀଙ୍କୁ ଆର୍ଥିକ ପ୍ରୋତ୍ସାହନ

*ରାଜ୍ୟରେ ମିଶନ ଶକ୍ତି ଆନ୍ଦୋଳନକୁ ଆଗକୁ ନେବାରେ ପଞ୍ଚାୟତ ସ୍ତରରେ କାମ କରୁଥିବା ଗୋଷ୍ଠୀ ସହାୟକ କର୍ମଚାରୀମାନଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ସେହିପରି ଗ୍ରାମାଞ୍ଚଳରେ ପିଲାମାନଙ୍କ ସ୍ୱାସ୍ଥ୍ୟ, ପୁଷ୍ଟିସାଧନ ଓ ଶିକ୍ଷା ତଥା ମହିଳାମାନଙ୍କ ସଚେତନତା କ୍ଷେତ୍ରରେ ଅଙ୍ଗନୱାଡି କର୍ମୀମାନଙ୍କର ଭୂମିକା ଉଲ୍ଲେଖନୀୟ। ଉଭୟ ଗୋଷ୍ଠୀ ସହାୟକ କର୍ମଚାରୀ ଏବଂ ଅଙ୍ଗନୱାଡି କର୍ମୀଙ୍କ ନିଷ୍ଠାପର କାର୍ଯ୍ୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧନ୍ୟବାଦ ଜଣାଇବା ସହ ସେମାନଙ୍କ ପାଇଁ ଆର୍ଥିକ ପ୍ରୋତ୍ସାହନ ଓ ଅନ୍ୟାନ୍ୟ ସୁବିଧା ଘୋଷଣା କରିଛନ୍ତି।*

## ଉପକୃତ ହେବେ ୫୦ ହଜାର ଗୋଷ୍ଠୀ ସହାୟକ କର୍ମଚାରୀ

ଭୁବନେଶ୍ୱର, ୮।୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶନିବାର ଘୋଷିତ ଆର୍ଥିକ ପ୍ୟାକେଜ୍ ଦ୍ୱାରା ୫୦ ହଜାର ଗୋଷ୍ଠୀ ସହାୟକ କର୍ମଚାରୀ ଉପକୃତ ହେବେ। ସେମାନଙ୍କୁ ବାର୍ଷିକ ପୋଷାକ ଭତ୍ତା ବାବଦରେ ୧୦୦୦ ଟଙ୍କା ମିଳିବ। ଏଥିସହିତ ସମସ୍ତଙ୍କୁ ପରିଚୟପତ୍ର ଯୋଗାଇ ଦିଆଯିବ। ସେମାନଙ୍କ ପସନ୍ଦର ସ୍ମାର୍ଟ ଫୋନ କିଣିବା ପାଇଁ ଗୋଷ୍ଠୀ ସହାୟକ କର୍ମଚାରୀମାନଙ୍କୁ ଏକକାଳୀନ ୫୦୦୦ ଟଙ୍କା ସହାୟତା ଯୋଗାଇ

## ଅଙ୍ଗନୱାଡି କର୍ମୀଙ୍କ ସେବାନିବୃତ୍ତ ପ୍ରୋତ୍ସାହନ ରାଶି ୨ ଗୁଣା ବୃଦ୍ଧି

ଦିଆଯିବ। ସମସ୍ତ କମ୍ୟୁନିଟି ରିସୋର୍ସ ପର୍ସନ-କମ୍ୟୁନିଟି ମୋବିଲାଇଜର(ସିଆରପି-ସିଏମ୍)ମାନଙ୍କୁ ପାରିଶ୍ରମିକ ବାବଦରେ ମାସିକ ୩୦୦୦ ଟଙ୍କା ପ୍ରଦାନ କରାଯିବ। ଏହାଛଡ଼ା ସେମାନଙ୍କୁ ଗସ୍ତ ଖର୍ଚ୍ଚ ବାବଦ ମାସିକ ୩୫୦ ଟଙ୍କା ମିଳିବ। ଟେଲିଫୋନ ବାବଦରେ ମାସିକ ୧୫୦ ଟଙ୍କା ଅଧିକ ପ୍ରଦାନ କରାଯିବ। ଏହାକୁ ମିଶାଇ ଟେଲିଫୋନ ବାବଦ ଖର୍ଚ୍ଚ ୨୫୦ ଟଙ୍କାରେ ପହଞ୍ଚିବ। ଏହି ପ୍ୟାକେଜ୍‌କୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ☞ପୃଷ୍ଠା-୪




| | ପ୍ରାକୃତିକ | କୃତ୍ରିମ |
|---|---|---|
| ଭିଟାମିନ୍ 'ସି'ର ଉତ୍ସ | - ପ୍ରାକୃତିକ ରୋଜହିପ୍ ଓ ଅଁଳା ନିର୍ଯାସକୁ ଭିଟାମିନ୍ 'ସି'ର ଉତ୍ସ ଭାବେ ବ୍ୟବହାର କରାଯାଏ | - କୃତ୍ରିମ ଆସ୍କର୍ବିକ୍ ଏସିଡ୍‌କୁ ଭିଟାମିନ୍ 'ସି'ର ଉତ୍ସ ଭାବେ ବ୍ୟବହାର କରାଯାଏ |
| ବିତରଣ | - ଭିଟାମିନ୍ 'ସି' ଓ ଜିଙ୍କ୍‌ର ଏକ ସମାନ ବିତରଣ | - ଉପାଦାନଗୁଡ଼ିକର ଅସମାନ ବିତରଣ |
| ଜିଆଇ ପ୍ରଭାବ | - ପାକସ୍ଥଳୀ ଉପରେ ମୃଦୁ ପ୍ରଭାବ | - ଜିଆଇ ସମସ୍ୟାର କାରଣ ହୋଇପାରେ |
| ଟାନିନ୍‌ର ଉପାଦେୟତା | - ଟାନିନ୍ ହେଉଛି ଏକ ପ୍ରାକୃତିକ ଅଁଳା ନିର୍ଯାସ, ଯାହା ଇମ୍ୟୁନ୍ ରେସ୍‌ପନ୍ସ ଥେରାପିରେ ସହାୟକ | - କୃତ୍ରିମ ଭିଟାମିନ୍ 'ସି' ଟାବ୍‌ଲେଟ୍ସରେ ଟାନିନ୍ ଅନୁପସ୍ଥିତ ରହିଥାଏ |
| ଅବଶୋଷଣ ହାର | - ପ୍ରାକୃତିକ, ଦ୍ରୁତ ଅବଶୋଷଣ | - ଅବଶୋଷଣ ପାଇଁ ଅଧିକ ସମୟ ଲାଗିଥାଏ |









# ଗୁଡ଼ି: ମଜା ନ ହେଉ ସଜା

**ଆ**ସୁଛି ମକର ସଂକ୍ରାନ୍ତି। ଏହି ଦିନ ଗୁଡ଼ି ଉଡ଼େଇବାକୁ ନେଇ ଅନେକଙ୍କ ମନରେ ବିଶେଷକରି ଯୁବପିଢ଼ିଙ୍କ ମନରେ ଥାଏ ବେଶ୍ ଉତ୍କଣ୍ଠା। କେବଳ ଆମ ରାଜ୍ୟ ନୁହେଁ, ଆମ ଦେଶର ବିଭିନ୍ନ ରାଜ୍ୟରେ ମକର ସଂକ୍ରାନ୍ତିରେ ଗୁଡ଼ିଉଡ଼ା ପର୍ବ ପାଳନ ହୋଇଥାଏ। ଏମିତିକି ଭଳିକି ଭଳି ନିଆରା ଗୁଡ଼ିଉଡ଼ାକୁ ନେଇ ପ୍ରତିଯୋଗିତା

## ସୁଲୁସୁଲୁ ପବନରେ ଫର ଫର ହୋଇ ନୀଳ ଆକାଶରେ ଉଡୁଥିବା ରଙ୍ଗବେରଙ୍ଗ ଗୁଡ଼ି ବାଃ! କେଡ଼େ ମନୋରମ ସେ ଦୃଶ୍ୟ, ଯାହାକୁ ଉପଭୋଗ କରିବାକୁ କାହାକୁ ବା ଭଲ ନ ଲାଗେ! ହେଲେ ଏହି ଗୁଡ଼ିଉଡ଼ାର ମଜା ଯେବେ କାହା ଜୀବନ ପାଇଁ ସଜା ପାଲଟେ, ତେବେ ସବୁ ଖୁସି ଯେମିତି କ୍ଷଣିକ ମଧ୍ୟରେ ପାଣି ଫୋଟକା ଭଳି ମିଳେଇଯାଏ...





ମାନ ମଧ୍ୟ ଆୟୋଜନ କରାଯାଇଥାଏ। ଏଥିପାଇଁ କିଛି ଦିନ ପୂର୍ବରୁ ମାର୍କେଟ୍‌ରେ ସ୍ପେଶାଲ ଗୁଡ଼ି ଏବଂ ସୂତା, ନଟେଇ ଆଦିର ଛୋଟ ବଡ଼ ଷ୍ଟଲ୍‌ମାନ ଲାଗିଥାଏ। କିଏ କେତେ ଗୁଡ଼ି କାଟିପାରିବ, ସେଥିନେଇ ପୂର୍ବରୁ ପ୍ରାକ୍ଟିସ୍ ମଧ୍ୟ ଆରମ୍ଭ ହୋଇଯାଏ। ତେବେ ଏହି ଗୁଡ଼ି ଉଡ଼ାଇବା ବେଳେ ସାମାନ୍ୟ ସତର୍କତା ଅଭାବରୁ ଆଙ୍ଗୁଠି କଟିବା, ଛାତରୁ ପଡ଼ି ହାତଗୋଡ଼ ଭାଙ୍ଗିବା, ଗୁଡ଼ି ସହ ଉଡ଼ିଯିବା ଭଳି ଅନେକ ଘଟଣାର ନଜିର ରହିଛି। ହେଲେ ନିକଟରେ କଟକର ଭଏରପୁର ଅଞ୍ଚଳର ଜଣେ ୩୧ ବର୍ଷିଆ ଯୁବକଙ୍କର ବେକରେ ଗୁଡ଼ିର ମାଞ୍ଜାସୂତା ଲାଗି ମୃତ୍ୟୁ ହେବା ଏବଂ ଏହା ପରଦିନ ପୁନର୍ବାର ପୁରୀର ଜଣେ ଯୁବକ ମାଞ୍ଜାସୂତା ଲାଗି ଗୁରୁତର ଆହତ ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହେବା ଘଟଣା ସଭିଙ୍କ ମନରେ ଦୁଃଖ ଏବଂ ଭୟର ବାତାବରଣ ଖେଳାଇ ଦେଇଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ଚଳିତବର୍ଷ ଗୁଡ଼ି ବିକ୍ରି ଏବଂ ଗୁଡ଼ିଉଡ଼ା ଉପରେ କଟକଣା ଜାରି କରାଯାଇଛି। ଏ ସମ୍ପର୍କରେ କ'ଣ ରହିଛି ଏମାନଙ୍କ ପ୍ରତିକ୍ରିୟା...

### ପ୍ରଭାବିତ ହୋଇଛି ବେପାର

**ଦଶରଥ ନନ୍ଦୀ(ବ୍ୟବସାୟୀ, କଟକ)–** ଓଡ଼ିଶାର ମୁଖ୍ୟ ପର୍ବ ମଧ୍ୟରୁ ମକର ସଂକ୍ରାନ୍ତି ଅନ୍ୟତମ। ପୂର୍ବରୁ ବଡ଼ ଧୁମ୍‌ଧାମ୍‌ରେ ଏହାକୁ ପାଳନ କରାଯାଉଥିଲା। ପିଲାଠୁ ବଡ଼ ପର୍ଯ୍ୟନ୍ତ ଆଉ ଗୁଡ଼ି ଏବଂ ସୂତା ବେପାର ମଧ୍ୟ ଭଲ ହେଉଥିଲା। ହେଲେ ଗତ କିଛି ବର୍ଷ ହେବ ସୂତାରୁ ଅନେକ ଦୁର୍ଘଟଣା ଘଟିବାରୁ ଏନେଇ ବହୁ କଟକଣା ଲାଗିଲା। ଏହାର ପ୍ରଭାବ ସିଧାସଳଖ ବେପାରରେ ପଡ଼ିଲା। ଏଥର ଗୁଡ଼ି ବେପାର ଆରମ୍ଭ ନ ହେଉଣୁ ମାଞ୍ଜାସୂତା ଲାଗି କଟକର ଜଣଙ୍କ ମୃତ୍ୟୁ ଘଟିଥିବାରୁ ପ୍ରଶାସନ ପକ୍ଷରୁ ରୋକ ଲଗାଯାଇଛି। ସେଥିପାଇଁ ଗୁଡ଼ି ଓ ସୂତା ବେପାର ସମ୍ପୂର୍ଣ୍ଣ ବନ୍ଦ କରିଦେଲି।





ଦଶରଥ



ବିଶ୍ୱନାଥ



ପି ହ୍ୟାରୀ

### ଖୁସି ପାଇଁ କାହା ଜୀବନ ବଳି ନ ପଡୁ

**ବିଶ୍ୱନାଥ ଓଝା (କଟକ)–** ପିଲାବେଳେ ଗୁଡ଼ିଉଡ଼ାକୁ ନେଇ ଅନେକ ସ୍ମୃତି ରହିଛି। ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଧୈର୍ଯ୍ୟ ରହୁ ନ ଥିଲା। କିଛିଦିନ ପୂର୍ବରୁ ହିଁ ଗୁଡ଼ି ଉଡ଼ା ଆରମ୍ଭ କରିଦେଉଥିଲୁ। ପେଚ ଲଗାଇବା, ଗୁଡ଼ି ଧରିବା, ସୂତାରେ ମାଞ୍ଜାଦେବା ଏପରି ଏନେକ ଅନୁଭୂତି ମନରେ ସାଇତା ହୋଇ ରହିଛି। ହେଲେ ବର୍ତ୍ତମାନ ସୂତାରୁ ଯେଉଁ ଭଳି ଦୁର୍ଘଟଣା ଘଟୁଛି ଶୁଣି ବହୁତ ଡର ଲାଗୁଛି। ଗୁଡ଼ି ଉଡ଼ାଇବା ଦ୍ୱାରା ଯଦି କାହା ଜୀବନ ପ୍ରତି ବିପଦ ରହିଛି, ତେବେ ଗୁଡ଼ି ନ ଉଡ଼ାଇବାକୁ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ସ୍ୱାଗତ ଜଣାଉଛି।

### ଆର ବର୍ଷକୁ ଅପେକ୍ଷା

**ପି ହ୍ୟାରୀ ରାଓ (ପୁରୀ)–** ପ୍ରତିବର୍ଷ ମକର ସଂକ୍ରାନ୍ତିରେ ଗୁଡ଼ିଉଡ଼ା ପ୍ରତିଯୋଗିତା ପୁରୀ ବେଳାଭୂମିରେ ଆୟୋଜନ କରିଥାଏ। ତେବେ କରୋନା କଟକଣା ପାଇଁ ଗତ ଦୁଇ ବର୍ଷ ହେଲା ବନ୍ଦ ଅଛି। ଏହି ପ୍ରତିଯୋଗିତାରେ ବହୁ ସଂଖ୍ୟାରେ ଯୁବକ ଅଂଶଗ୍ରହଣ କରିଥା'ନ୍ତି। ଗତ ୫ବର୍ଷ ତଳେ ପ୍ରଥମେ ପୁରୀ ବେଳାଭୂମିରେ ପୁରୀରେ ରହୁଥିବା ତେଲୁଗୁ ସମ୍ପ୍ରଦାୟଙ୍କ ମଧ୍ୟରେ ଆନନ୍ଦ ଉଲ୍ଲାସ ସହ ଏହା ଆୟୋଜନ କରିଥିଲୁ। ମାତ୍ର ୫ଜଣଙ୍କୁ ନେଇ ଆରମ୍ଭ କରିଥିବା ଏହି ପ୍ରତିଯୋଗିତାରେ ଧୀରେ ଧୀରେ ସଂଖ୍ୟା ବୃଦ୍ଧି ପାଇ ୭୦ରେ ପହଞ୍ଚିଲାଣି। ଏହା ଏବେ କେବଳ ତେଲୁଗୁ ସମ୍ପ୍ରଦାୟ ମଧ୍ୟରେ ସୀମିତ ନାହିଁ। ଏହି ପ୍ରତିଯୋଗିତାରେ ସ୍ଥାନୀୟ ଯୁବକଙ୍କଠାରୁ ଆରମ୍ଭ କରି ପର୍ଯ୍ୟଟକଙ୍କ ପର୍ଯ୍ୟନ୍ତ ସଭିଏ ଆଗ୍ରହର ସହ ଭାଗ ନେଉଛନ୍ତି। ବ୍ୟକ୍ତିଗତ ଭାବେ ଆରମ୍ଭ କରିଥିବା ଏହି ଗୁଡ଼ିଉଡ଼ା ପ୍ରତିଯୋଗିତା ଲୋକପ୍ରିୟତା ହାସଲ କରୁଥିବାରୁ ଖୁସି ଲାଗୁଛି। ଚଳିତବର୍ଷ ମାଞ୍ଜାସୂତାରେ ଜଣଙ୍କ ମୃତ୍ୟୁ ହୋଇଥିବାରୁ ଗୁଡ଼ିଉଡ଼ାରେ ରୋକ ଲଗାଯାଇଛି। ଏଣୁ ଆର ବର୍ଷ ମାଞ୍ଜାସୂତା ବ୍ୟବହାର ନ କରି ସୁରକ୍ଷିତ ଭାବେ ଏହି ପ୍ରତିଯୋଗିତା କରିବାର ଯୋଜନା ରଖିଛି।



ୟୁଥ୍ କ୍ଲବ୍

# ଅସହାୟଙ୍କ ସେବାରେ ବ୍ରତୀ

**ଟା**'ଙ୍ଗିର ସେ ସୁନେଲି ସନ୍ଧ୍ୟାରେ ଆରମ୍ଭ ହୋଇଥିଲା ଏ ଅନୁଷ୍ଠାନର ପରିକଳ୍ପନା। ଆଜକୁ ପ୍ରାୟ ୧ ବର୍ଷ ତଳେ ଅର୍ଥାତ୍ ୨୦୨୦, ଡିସେମ୍ବର ୨୦ ତାରିଖରେ ପୁରୀ ଜିଲା ସତ୍ୟବାଦୀରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭାବେ "ଗରିବର ସାଥୀ" ମୁଣ୍ଡ ଟେକିଲା। ଏହି ଅଞ୍ଚଳର ୩ ଜଣ ସଦସ୍ୟ ଯଥା ସନ୍ଦିପ ମହାପାତ୍ର, ଚନ୍ଦନ ମହାପାତ୍ର ଏବଂ ବିଶ୍ୱଜିତ୍ ପରିଡ଼ାଙ୍କ ମିଳିତ ପ୍ରଚେଷ୍ଟାରେ ଏହା ଆରମ୍ଭ ହେଲା। ଖାଲି ସତ୍ୟବାଦୀ କି ପୁରୀ ନୁହେଁ, ବରଂ ଓଡ଼ିଶାର ବିଭିନ୍ନ ଜିଲାରେ ଏହି ଅନୁଷ୍ଠାନର ସଦସ୍ୟମାନେ ପହଞ୍ଚି ସାହାଯ୍ୟର ହାତ ବଢ଼ାଇଛନ୍ତି। ଏବେ ଏହି ଅନୁଷ୍ଠାନର ସଦସ୍ୟ ସଂଖ୍ୟା ୩୦ ରୁ ଅଧିକ। ସୁଦୂର କନ୍ଧମାଳଠୁ ଆରମ୍ଭ କରି କୋରାପୁଟ ହେଉ ଅବା ରାୟଗଡ଼ରୁ ବାଲେଶ୍ୱର ସବୁ ସ୍ଥାନରେ ପହଞ୍ଚି ଲୋକମାନଙ୍କ ସୁଖଦୁଃଖରେ ସାମିଲ ହୋଇଛି ଏହି ଟିମ୍। ଅନୁସୂଚିତ ଜନଜାତି ଜନବସତିରେ ପହଞ୍ଚି ନିରକ୍ଷରଙ୍କୁ ଦସ୍ତଖତ ଶିଖାଇବା ଅଭିଯାନ, ଶୀତରାତିରେ ଗରିବ ଅସହାୟଙ୍କୁ କମ୍ବଳ ବଣ୍ଟନ କରିବା, ଭିନ୍ନକ୍ଷମ ଲୋକଙ୍କ ପାଖରେ ଖାତା, ବହି ଆଉ ଶିକ୍ଷା ପାଇଁ ଆବଶ୍ୟକ ସହାୟତା ଯୋଗାଇବା ହେଉ, ଅବା ଭୋକିଲାଙ୍କ ପାଖେ ଶୁଖିଲା ଖାଦ୍ୟ ପହଞ୍ଚାଇବା– ସବୁଥିରେ ଅଣ୍ଟା ଭିଡ଼ିଛି ଏହି ଅନୁଷ୍ଠାନ। କୋଭିଡ୍ ସମୟରେ ଗାଁ ଗାଁ ବୁଲି ଏହାର ଭୟାବହତା ବିଷୟରେ ଲୋକମାନଙ୍କୁ ସଚେତନ କରିବା ସହ ଗାଁକୁ ସାନିଟାଇଜ୍ ମଧ୍ୟ କରିଥିଲେ। ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଙ୍କୁ ନିଜ ଠିକଣା ସ୍ଥାନରେ ପହଞ୍ଚାଇବା, ନିରାଶ୍ରୟଙ୍କୁ ଆଶ୍ରୟ ଦେବା, ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସଫା କରିବା, ଗାଁ ଗାଁ ବୁଲି ସଫେଇ କାର୍ଯ୍ୟକ୍ରମ କରିବା ଏମିତିକି ଟୁଇଟର୍ ମାଧ୍ୟମରେ ଅନେକ ଲୋକଙ୍କ ସମସ୍ୟାକୁ ସମାଧାନ କରିବାକୁ ଏମାନେ ସବୁବେଳେ ଆଗକୁ ବାହାରିଛନ୍ତି। ଖାଲି ସେତିକି ନୁହେଁ, ରକ୍ତ ଆବଶ୍ୟକ କରୁଥିବା ରୋଗୀଙ୍କ ପାଖେ ଯଥାସମୟରେ ରକ୍ତ ପହଞ୍ଚାଇବା ପାଇଁ ତତ୍ପର ଥାଆନ୍ତି ଏହି ଅନୁଷ୍ଠାନର କର୍ମକର୍ତ୍ତାମାନେ। କଟକ ଶହୀଦ ଭବନରେ ସ୍ୱପ୍ନା ଫାଉଣ୍ଡେଶନ, ଜୟଦୁର୍ଗା ଫାଉଣ୍ଡେଶନ, ଉତ୍କଳ ସାମ୍ବାଦିକ ସଂଘ, ପୁରୀର ସାହିଭାଇ ପରିବାର, ଭୁବନେଶ୍ୱରର ଜଗନ୍ନାଥ ଫାଉଣ୍ଡେଶନ ପରି ଏମିତି ୧୫ରୁ ଅଧିକ ସ୍ଥାନରେ 'ଗରିବର ସାଥୀ' ଅନୁଷ୍ଠାନ ନିଜର ଅଗ୍ରଣୀ କାର୍ଯ୍ୟକ୍ରମ ପାଇଁ ସମ୍ମାନିତ ହୋଇଛି। ଆଗକୁ ଗୋପବନ୍ଧୁଙ୍କ ପଥକୁ ପାଥେୟ କରି ଏ ଅନୁଷ୍ଠାନ ଏମିତି ଆଗକୁ ଆଗେଇ ଚାଲିବ ବୋଲି ଅନୁଷ୍ଠାନର ସଦସ୍ୟ ବିଶ୍ୱଜିତ୍ ପରିଡ଼ା କହିଛନ୍ତି।



ସଦସ୍ୟମାନଙ୍କ ଦ୍ୱାରା ଗାଁ ସାନିଟାଇଜେସନ୍।



ଗରିବର ସାଥୀ ଅନୁଷ୍ଠାନର ସଦସ୍ୟମାନେ।

## ଏ ସପ୍ତାହର ପ୍ରଶ୍ନ

୧– .......... ସରକାରଙ୍କ ପକ୍ଷରୁ ଗରିବ ଲୋକଙ୍କ ପାଇଁ ପେଟ୍ରୋଲ ଏବଂ ଡିଜେଲ ଦର ଲିଟର ପିଛା ୨୫ ଟଙ୍କା ହ୍ରାସ କରିବାକୁ ଘୋଷଣା କରାଯାଇଛି ?

୨– ନିକଟରେ .........ଦେଶ ୨୫ଟି ଚାଇନିଜ୍ ଜେ–୧୦ସି ଫାଇଟର୍ ଜେଟ୍ କିଣିଛି ?

୩– ସବାହ ଅଲ୍–ଖଲିଦ୍ ଅଲ୍– ସବାହ......... ଦେଶର ପ୍ରଧାନମନ୍ତ୍ରୀ ?

୪– ଇଣ୍ଟରନ୍ୟାଶନାଲ୍ ଟି–୨୦ କ୍ରିକେଟ୍ ମ୍ୟାଚ୍‌ରେ ୩୦୦୦ ରନ୍ କରିଥିବା ପ୍ରଥମ ଭାରତୀୟ ଖେଳାଳି........... ?

୫– ଫିଫା ଅଣ୍ଡର–୧୭ ୱିମେନ୍ସ ୱାର୍ଲ୍ଡକପ୍ ୨୦୨୨........ ଦେଶରେ ଖେଳାଯିବ ?

## ଗତ ଥରର ଉତ୍ତର

୧ ୩ୟ ସ୍ଥାନ

୨ ମେଘାଳୟ

୩ ଜିଓମାରା କ୍ୟାଷ୍ଟ୍ରୋ

୪ ୨୦୨୦ ମସିହା

୫ ଝାଡ଼ଖଣ୍ଡ

## ଉତ୍ତରଦାତା



ପ୍ରଶାନ୍ତ କର, ପୁରୀ



ହୃଷୀକେଶ ପ୍ରଧାନ, ରାୟଗଡ଼ା



ସୁନୀଲ କୁମାର ବେହେରା, ବ୍ରହ୍ମପୁର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସବୁଠୁ ବଡ଼ ସୋଲାର ଫାର୍ମ

| | |
|---|---|
| ୧– ଭାଦ୍‌ଲା ସୋଲାର ପାର୍କ (ଭାରତ) | ୨,୨୪୫ ମେଗାୱାଟ୍ |
| ୨– ହୁଆଙ୍ଘେ ହାଇଡ୍ରୋପାୱାର ହାଇନାନ୍ ସୋଲାର ପାର୍କ (ଚାଇନା) | ୨,୨୦୦ ମେଗାୱାଟ୍ |
| ୩– ପାବାଗଡ଼ ସୋଲାର ପାର୍କ (ଭାରତ) | ୨,୦୫୦ ମେଗାୱାଟ୍ |
| ୪– ବେନ୍‌ବ୍ୟାନ୍ ସୋଲାର ପାର୍କ (ଇଜିପ୍ଟ) | ୧,୬୫୦ ମେଗାୱାଟ୍ |
| ୫– ଟେଙ୍ଗର ଡେଜର୍ ସୋଲର ପାର୍କ (ଚାଇନା) | ୧,୫୪୭ ମେଗାୱାଟ୍ |
| ୬– ନୂର୍ ଆବୁଧାବି (ୟୁଏଇ) | ୧,୧୭୭ ମେଗାୱାଟ୍ |
| ୭– ମହମ୍ମଦ ବିନ୍ ରସିଦ୍ ଅଲ୍ ମୁକ୍ତୌମ୍ ସୋଲାର ପାର୍କ (ୟୁଏଇ) | ୧,୦୧୩ ମେଗାୱାଟ୍ |
| ୮– କରନୁଲ୍ ଅଲ୍‌ଟ୍ରା ମେଗା ସୋଲାର୍ ପାର୍କ (ଭାରତ) | ୧,୦୦୦ ମେଗାୱାଟ୍ |
| ୯– ଡାଟଙ୍ଗ୍ ସୋଲାର୍ ପାୱାର୍ ଟପ୍ ରନର୍ ବେସ୍ (ଚାଇନା) | ୧,୦୦୦ ମେଗାୱାଟ୍ |
| ୧୦– ଏନ୍‌ପି କୁଣ୍ଟା ଅଲଟ୍ରା ମେଗା ସୋଲାର ପାର୍କ (ଭାରତ) | ୯୭୮ ମେଗାୱାଟ୍ |

ୟୁଥ୍ ଆଲର୍ଟ

# ପବ୍ଲିକ୍ ୱାଇଫାଇ ବ୍ୟବହାର କରୁଥିଲେ

ବର୍ତ୍ତମାନ ବିନା ଇଣ୍ଟରନେଟ୍‌ରେ ଅଧିକାଂଶ କାମ ଯେମିତି ଅସମ୍ଭବ ମନେହେଉଛି। ଯେଉଁଥିପାଇଁ କେବଳ ମୋବାଇଲ୍‌ରେ ଇଣ୍ଟରନେଟ୍ ନୁହେଁ, ଅନେକେ ୱାଇଫାଇ ମଧ୍ୟ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ବିଶେଷକରି ରେଲ୍‌ୱେ ଷ୍ଟେଶନ୍, କେତେକ ଶପିଂ ମଲ୍, ହୋଟେଲ୍, କଲେଜ କ୍ୟାମ୍ପସ୍ ଆଦିରେ ମାଗଣାରେ ମିଳୁଥିବା ୱାଇଫାଇ ବ୍ୟବହାର କରିବାକୁ ଗହଳି ଜମାଉଛନ୍ତି। ହେଲେ ଏହାକୁ ବ୍ୟବହାର କରିବା ବେଳେ ସୁରକ୍ଷା ଦୃଷ୍ଟିରୁ ବିଭିନ୍ନ ଦିଗ ପ୍ରତି ସତର୍କ ରହିବା ଆବଶ୍ୟକ। ଜାଣିରଖନ୍ତୁ ସେ ସମ୍ପର୍କରେ...




* ପ୍ରଥମ କଥା ହେଉଛି ଯଥାସମ୍ଭବ ପବ୍ଲିକ୍ ୱାଇଫାଇ ବ୍ୟବହାରଠୁ ଦୂରେଇ ରୁହନ୍ତୁ। ଅଧିକ ଇଣ୍ଟରନେଟ୍ ଆବଶ୍ୟକ ହେଉଥିଲେ ଘରେ ୱାଇଫାଇ କନେକ୍‌ସନ୍ ନେଇପାରିବେ। କାରଣ ପବ୍ଲିକ୍ ୱାଇଫାଇରେ ଡାଟା ହ୍ୟାକ୍ ହେବାର ଆଶଙ୍କା ବେଶି।
* ବାହାରେ ୱାଇଫାଇ ସହ କନେକ୍ଟ କରୁଥିଲେ ୱେବ୍‌ସାଇଟ୍ ଅନ୍ କରିବା ପରେ ଯଦି ତାହା 'http'ରୁ ଆରମ୍ଭ ହୋଇଥାଏ, ତେବେ ତାହା ସୁରକ୍ଷିତ ନୁହେଁ ଏବଂ ସେଥିରେ ସାଇବର ଆଟାକ୍ ହେବାର ଆଶଙ୍କା ରହିଛି। କାରଣ ଏନ୍‌କ୍ରିପ୍ଟେଡ୍ ଏବଂ ସେଫ୍ ସାଇଟ୍‌ଗୁଡ଼ିକ 'https'ରୁ ଆରମ୍ଭ ହୋଇଥାଏ। ପବ୍ଲିକ୍ ୱାଇଫାଇରେ ଏହି ସାମାନ୍ୟ କଥାକୁ ଅଣଦେଖା କଲେ ଆପଣଙ୍କୁ ଭାରି ମୂଲ୍ୟ ଦେବାକୁ ପଡ଼ିପାରେ।
* ୱାଇଫାଇ କନେକ୍‌ସନ୍‌କୁ ଆଦୌ ଅଟୋମେଟିକ୍ କରି ରଖନ୍ତୁ ନାହିଁ।
* କୌଣସି ନେଟ୍‌ୱର୍କ ସହିତ କନେକ୍ଟ କଲେ ଯଦି ତାହା ସୁରକ୍ଷିତ ହୋଇ ନ ଥାଏ, ଗୁଗୁଲ୍‌କ୍ରୋମ୍ ପକ୍ଷରୁ ଆଲର୍ଟ ନୋଟିଫିକେଶନ୍ ଆସିଯାଏ, ଯାହାକୁ ଅନେକେ ଅଣଦେଖା କରି କାଟିଦିଅନ୍ତି। ହେଲେ ଆପଣ ଜାଣନ୍ତିକି, ମୋବାଇଲ୍‌ରେ ଥିବା ଅନେକ ଆପ୍‌ରୁ ପର୍ସନାଲ୍ ଡାଟା ଚୋରି ହେବାର ନଜିର ରହିଛି। ତେଣୁ ଗୁଗୁଲ୍ ପକ୍ଷରୁ ଆସୁଥିବା ନୋଟିଫିକେଶନ୍ ଭଲ ଭାବେ ପଢ଼ିନିଅନ୍ତୁ।
* ପବ୍ଲିକ୍ ୱାଇଫାଇରେ ବ୍ୟାଙ୍କିଙ୍ଗ୍ ଆପ୍ ବ୍ୟବହାର କରିବା ନିରାପଦ ନୁହେଁ। ବିଶେଷକରି ଏହାକୁ ବ୍ୟବହାର କରିବା ବେଳେ କୌଣସି ଟ୍ରାଞ୍ଜାକ୍‌ସନ କରନ୍ତୁ ନାହିଁ। କାରଣ ଏହାଦ୍ୱାରା ଆପଣଙ୍କ ଆକାଉଣ୍ଟ ହ୍ୟାକ୍ କରି ଟଙ୍କା ଚୋରି କରିବା ହ୍ୟାକରଙ୍କୁ ସହଜ ହୋଇଥାଏ। ତେଣୁ ଆବଶ୍ୟକ ସ୍ଥଳେ ମୋବାଇଲ୍ ଡାଟା ହିଁ ବ୍ୟବହାର କରନ୍ତୁ।
* କୌଣସି ଆପ୍‌ରେ ଯଦି ପାସ୍‌ୱାର୍ଡ ଦେବାର ଥାଏ, ତେବେ ତାହାକୁ ପବ୍ଲିକ୍ ୱାଇଫାଇରେ କନେକ୍ଟ କରି ଖୋଲନ୍ତୁ ନାହିଁ। କାରଣ ଏହାଦ୍ୱାରା ତାହା ହ୍ୟାକ୍ ହୋଇପାରେ।
* ମୋବାଇଲ୍ ହେଉ କିମ୍ବା ଲାପଟପ୍‌ରେ ଏହାକୁ ବ୍ୟବହାର କଲା ବେଳେ ଶେୟାରିଂ ଅପ୍‌ସନ ଅଫ୍ କରିବାକୁ ଆଦୌ ଭୁଲନ୍ତୁ ନାହିଁ।




# ସଂକ୍ରମଣ ହାର ୫.୧୫%କୁ ବୃଦ୍ଧି

## ଆଉ ୩,୬୭୯ ଚିହ୍ନଟ, ୬ ମାସରେ ରେକର୍ଡ

■ପିଲାଙ୍କ ଆକ୍ରାନ୍ତ ହାର ୧୦ରୁ ୧୫ %

■ଜାନୁୟାରୀ ୨୫ ସୁଦ୍ଧା ପିକ୍ ଛୁଇଁବା ଅନୁମାନ

ଭୁବନେଶ୍ୱର, ୮।୧(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ଏବେ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି। ଗତ ୨୪ ଘଣ୍ଟାରେ ୭୧,୪୩୨ ନମୁନା ପରୀକ୍ଷା କରାଯାଇଥିବାବେଳେ ୩,୬୭୯ଜଣ ପଜିଟିଭ୍ ବାହାରିଛନ୍ତି। ଏଥିସହ ଦୈନିକ ସଂକ୍ରମଣ ହାର ୫.୧୫%କୁ ବୃଦ୍ଧି ପାଇଛି। ଶେଷ ୬ ମାସରେ ଏହା ହେଉଛି ସର୍ବାଧିକ ଦୈନିକ ସଂକ୍ରମଣ। ଗତବର୍ଷ ଜୁନ୍ ୧୮ରେ ରାଜ୍ୟରେ କରୋନା ସଂକ୍ରମଣ ଶୀର୍ଷ ଛୁଇଁଥିଲା। ଉକ୍ତଦିନ ସର୍ବାଧିକ ୩,୮୦୬ଜଣ ପଜିଟିଭ୍ ଚିହ୍ନଟ ହୋଇଥିଲେ। ଏହାପରେ ଅର୍ଥାତ୍ ଜୁନ୍ ୧୯ରେ ୩,୪୨୭ଜଣ ଚିହ୍ନଟ ହୋଇଥିବାବେଳେ ସଂକ୍ରମଣ ଧାରା ଲଗାତର ନିମ୍ନଗାମୀ ରହିଥିଲା। ହେଲେ ଚଳିତ ବର୍ଷ ଆରମ୍ଭରୁ ମହାମାରୀ ଗତବର୍ଷର ରେକର୍ଡ ପାଖାପାଖି ପହଞ୍ଚିଥିବାରୁ ଆଗାମୀ ସ୍ଥିତିକୁ ନେଇ ଚିନ୍ତା ବଢ଼ିଛି।

ତେବେ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୨,୧୪୮ଜଣ କ୍ୱାରାଣ୍ଟାଇନ୍‌ରୁ ଓ ୧,୫୩୧ଜଣ ସ୍ଥାନୀୟ ଆକ୍ରାନ୍ତ ଥିବାବେଳେ ୦ରୁ ୧୮ ବର୍ଷ ବୟସର ୩୮୪ଜଣ ରହିଛନ୍ତି। ଖୋର୍ଦ୍ଧାରୁ ସର୍ବାଧିକ ୧,୨୨୩ଜଣ ଥିବାବେଳେ ସୁନ୍ଦରଗଡ଼ ୫୮୨, ସମ୍ବଲପୁର ୩୭୨, କଟକ ୩୧୦, ଝାରସୁଗୁଡ଼ା ୧୩୪, ପୁରୀ ୧୦୦ଜଣ ଓ ବାକିସବୁ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ଶହେ ତଳକୁ ରହିଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦,୬୬,୧୫୫କୁ ବୃଦ୍ଧି ପାଇଛି। ଅପରପକ୍ଷେ ଶନିବାର ମାତ୍ର ୨୬୦ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଥିବାରୁ ମୋଟ ଆରୋଗ୍ୟଙ୍କ ସଂଖ୍ୟା ୧୦,୪୬,୨୩୧ରେ ପହଞ୍ଚିଛି। ଫଳରେ ରାଜ୍ୟରେ ସକ୍ରିୟ ରୋଗୀ ସଂଖ୍ୟା ୧୦ହଜାର ଟପି ୧୧ହଜାର ୪୦୩କୁ ବୃଦ୍ଧି ପାଇଛି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୪,୦୫୨ ଜଣ ସକ୍ରିୟ ରୋଗୀ ରହିଛନ୍ତି। ମାଲକାନଗିରିରେ ସର୍ବନିମ୍ନ ୭ଜଣ ସକ୍ରିୟ ରୋଗୀ ରହିଥିବା ରାଜ୍ୟ କୋଭିଡ୍ ଡ୍ୟାସ୍‌ବୋର୍ଡରୁ ସୂଚନା ମିଳିଛି। ରାଜ୍ୟରେ କରୋନା ସ୍ଥିତି ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, କରୋନା ସଂକ୍ରମଣ ଦେଶରେ ଯେପରି ବଢ଼ୁଛି ଓଡ଼ିଶାରେ ମଧ୍ୟ ସେମିତି ବଢ଼ିଚାଲିଛି। ତଥ୍ୟ ଅନୁସାରେ ଆଗକୁ ଆହୁରି ବଢ଼ିପାରେ। କିନ୍ତୁ କେବେ କମିବ ତାହା ଏବେଠାରୁ କିଛି କହି ହେବ ନାହିଁ। ରାଜ୍ୟରେ ଏବେ ହୁଏତ ଏତେ ସଂକ୍ରମଣ ନାହିଁ, ଯେଉଁଥିପାଇଁ ହସ୍ପିଟାଲରେ ବେଡ୍‌ର ଅଭାବ ହେବ। ସଂକ୍ରମଣ ଆଗକୁ ବଢ଼ିଲେ ମଧ୍ୟ ରୋଗୀଙ୍କୁ ଚିକିତ୍ସା ପାଇଁ ବେଡ୍‌ର ଅଭାବ ହେବ ନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦେଶ ଅନୁସାରେ ସବୁ ମେଡିକାଲ୍‌କୁ କରୋନାର ପୂର୍ବ ଲହର ଭଳି ପ୍ରସ୍ତୁତ କରାଯାଇଛି। ରାଜ୍ୟର ସୀମାନ୍ତ ଅଞ୍ଚଳକୁ ସ୍ଥାନୀୟ ପ୍ରଶାସନ ତରଫରୁ ନଜର ରଖାଯାଇଛି। ବିଦେଶରୁ ଫେରିଲେ ୭ଦିନ ସଙ୍ଗରୋଧରେ ରହିବା ବାଧ୍ୟତାମୂଳକ କରାଯାଇଛି।



ପୁଣି ଗୃହ ସଙ୍ଗରୋଧ ଶେଷ ହେବାର ୮ମ ଦିନ କରୋନା ଟେଷ୍ଟ ହେବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ନମୁନା ରିପୋର୍ଟ ନେଗେଟିଭ୍ ଆସିଲେ ସେ ସର୍ବସାଧାରଣରେ ମିଶି ପାରିବେ। ସେହିଭଳି ଛୋଟ ପିଲାଙ୍କ ଆକ୍ରାନ୍ତ ହାର ୧୦ରୁ୧୫ ପ୍ରତିଶତ ଭିତରେ ରହୁଛି। ଏହି ସଂଖ୍ୟା ୧୦ରୁ୧୨ ପ୍ରତିଶତ ରହିବ ବୋଲି ପୂର୍ବରୁ ମଧ୍ୟ ଆକଳନ କରାଯାଇଥିବା ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

### ଏବେ ଲକ୍‌ଡାଉନ୍, ଶଟ୍‌ଡାଉନ ଆବଶ୍ୟକ ନାହିଁ

ରାଜ୍ୟରେ ଏବେ ଲକ୍‌ଡାଉନ୍ କିମ୍ବା ଶଟଡାଉନ୍ ଆବଶ୍ୟକ ନାହିଁ। ଏ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ନିରୋଜ ମିଶ୍ର ସୂଚନା ଦେଇ କହିଛନ୍ତି, ରାଜ୍ୟରେ ଯଦିଓ ଏବେ ସଂକ୍ରମଣ ବଢ଼ୁଛି, ତେବେ ଗୁରୁତର କରୁନି। ହସ୍ପିଟାଲ୍‌ରେ ଅଧିକ ବେଡ୍ ଦରକାର ପଡୁନି। ତେଣୁ ଲକ୍‌ଡାଉନ କିମ୍ବା ଶଟଡାଉନ୍ କରିବା ଅନାବଶ୍ୟକ। ରାଜ୍ୟରେ ସଂକ୍ରମଣ ଜାନୁୟାରୀ ୨୫ ସୁଦ୍ଧା ପିକ୍ ଛୁଇଁବା ଅନୁମାନ କରାଯାଉଛି। ଗୁରୁତର ସଂଖ୍ୟା ବହୁତ କମ୍ ରହୁଛି। ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ ବୋଲି ଡା. ମିଶ୍ର କହିଛନ୍ତି।

# ପୁଣି ୧୪ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୮।୧(ବ୍ୟୁରୋ)

ରାଜ୍ୟରେ ପୁଣି ୧୪ଜଣ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏନେଇ ଜୀବ ବିଜ୍ଞାନ ପ୍ରତିଷ୍ଠାନ(ଆଇଏଲ୍ଏସ୍) ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗକୁ ସୂଚନା ଦିଆଯାଇଛି। ଏହାକୁ ମିଶାଇ ରାଜ୍ୟରେ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ୭୫କୁ ବୃଦ୍ଧି ପାଇଛି। ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୬ ଜଣ ବିଦେଶ ଫେରନ୍ତା ୩ଜଣ ଦକ୍ଷିଣ ଆଫ୍ରିକାରୁ ଏବଂ ନରୱେ, କତାର ଓ ସିଙ୍ଗାପୁରରୁ ଜଣେ ଲେଖାଏ ଫେରିଛନ୍ତି। ଅନ୍ୟ ୮ ଜଣ ସ୍ଥାନୀୟ ଅଞ୍ଚଳରୁ ସଂକ୍ରମିତ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ସୂଚନାଯୋଗ୍ୟ, ରାଜ୍ୟରେ ଡିସେମ୍ବର ୨୧ରେ ପ୍ରଥମେ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ।

# ୩ କୋଟି ଟପିଲା ପ୍ରଥମ ଡୋଜ୍ ଟିକାକରଣ

ଭୁବନେଶ୍ୱର, ୮।୧(ବ୍ୟୁରୋ)

ଓଡ଼ିଶାରେ କରୋନାର ପ୍ରଥମ ଡୋଜ୍ ଟିକାକରଣ ୩ କୋଟି ଟପିଛି। ଶନିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଟୁଇଟ୍ କରି ସୂଚନା ଦେଇଛି। କୋୱିନ୍ ପୋର୍ଟାଲ ତଥ୍ୟ ଅନୁସାରେ, ଆଜିପର୍ଯ୍ୟନ୍ତ ୫,୨୩,୨୭,୧୫୭ ଡୋଜ୍‌ଟିକାକରଣ ହୋଇଥିବାବେଳେ ୩,୦୩,୦୫,୯୬୬ଜଣ ପ୍ରଥମ ଡୋଜ୍ ନେଇଛନ୍ତି। ସେହିପରି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ତଥ୍ୟାନୁସାରେ, ଶନିବାର ୩,୪୩୭ଟି କେନ୍ଦ୍ରରେ ୩,୫୯,୪୩୬ ଟିକାକରଣ ହୋଇଛି। ୧,୮୩,୨୬୩ ଜଣ କୋଭିଶିଲ୍ଡ ଓ ୧,୭୬,୧୭୩ଜଣ କୋଭାକ୍ସିନ ଟିକା ନେଇଛନ୍ତି। ଏମାନଙ୍କ ମଧ୍ୟରେ ୧୫ରୁ ୧୮ବର୍ଷ ବର୍ଗର ୧,୨୮,୫୭୭ ଜଣଙ୍କୁ ପ୍ରଥମ ଡୋଜ୍ ଦିଆଯାଇଥିଲା। ୧୮ରୁ ୪୪ ବର୍ଷ ବର୍ଗର ୬୩,୧୧୯ଙ୍କୁ ପ୍ରଥମ ଓ ୧,୦୩,୨୬୯ଙ୍କୁ ଦ୍ୱିତୀୟ ଡୋଜ୍ ଦିଆଯାଇଛି। ୪୫ରୁ ଉର୍ଦ୍ଧ୍ୱ ବର୍ଗର ୧୧,୩୨୦ଙ୍କୁ ପ୍ରଥମ ଏବଂ ୫୨,୭୬୮ଙ୍କୁ ଦ୍ୱିତୀୟ ଡୋଜ୍ ଦିଆଯାଇଛି। ୧୮୮ଜଣ ସ୍ୱାସ୍ଥ୍ୟକର୍ମୀ ଦ୍ୱିତୀୟ ଡୋଜ୍‌ଟିକା ନେଇଥିବାବେଳେ ୧୯୪ଜଣ ସମ୍ମୁଖ ଯୋଦ୍ଧାଙ୍କୁ ଦ୍ୱିତୀୟ ଡୋଜ୍ ଟିକା ଦିଆଯାଇଥିଲା।

# କୋଭିଡ୍ ଚିକିତ୍ସାରେ ଆଉ ୨ ହସ୍ପିଟାଲ ସାମିଲ

## କିମ୍‌ସରେ ୫ଶହ, ହାଇଟେକ୍‌ରେ ୨୩୯ ବେଡ୍

ଭୁବନେଶ୍ୱର, ୮।୧ (ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱର ସହ ସାରା ରାଜ୍ୟରେ କରୋନା ସଂକ୍ରମଣ ଦ୍ରୁତ ଗତିରେ ବଢ଼ି ଚାଲିଛି। ଏହାକୁ ଦୃଷ୍ଟିରେ ରଖି ସଂକ୍ରମିତଙ୍କ ଉପଯୁକ୍ତ ଚିକିତ୍ସା ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଛି। ଶନିବାର କରୋନା ସଂକ୍ରମିତଙ୍କ ଚିକିତ୍ସା ପାଇଁ ଆଉ ୨ଟି ହସ୍ପିଟାଲ ସହିତ ଚୁକ୍ତି ସ୍ୱାକ୍ଷର କରାଯାଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମାଧ୍ୟମରେ ରାଜ୍ୟ ସରକାର କିମ୍‌ସ ହସ୍ପିଟାଲ ଓ ହାଇଟେକ୍ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ସହିତ ଚୁକ୍ତି କରିଛନ୍ତି। ଚୁକ୍ତି ଅନୁଯାୟୀ, କିମ୍‌ସରେ ୫ଶହ କୋଭିଡ୍ ବେଡ୍ ଓ ହାଇଟେକ୍‌ରେ ୨୩୯ ବେଡ୍ ରହିବ।

ବିଏମ୍‌ସି ପକ୍ଷରୁ କମିଶନର ସଞ୍ଜୟ ସିଂହ ଏବଂ କିମ୍‌ସ ହସ୍ପିଟାଲ ଓ ଓଏମ୍‌ସିର ପ୍ରତିନିଧି ଭାବେ ହସ୍ପିଟାଲ ଅଧକ୍ଷ ଡା. ଅମ୍ବିକା ପ୍ରସାଦ ମହାନ୍ତିଙ୍କ ମଧ୍ୟରେ ଚୁକ୍ତି ହୋଇଥିଲା। ଏଥିସହ ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପକ୍ଷରୁ ଚିଫ୍ ଅପରେଟିଂ ଅଫିସର ଜ୍ୟୋତିର୍ମୟ ପଣ୍ଡାଙ୍କ ସହ ଆଉଏକ ଚୁକ୍ତି ହୋଇଥିଲା। ବିଏମ୍‌ସି ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ ଓ ଡେପୁଟି କମିଶନର (ସ୍ୱାସ୍ଥ୍ୟ ଏବଂ ପରିମଳ) ଶୁଭେନ୍ଦୁ କୁମାର ସାହୁଙ୍କ ଉପସ୍ଥିତିରେ ଏହି ଚୁକ୍ତିନାମାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଥିଲା।

ଅନ୍ୟପକ୍ଷରେ କୋଭିଡ୍ ସଂକ୍ରମିତଙ୍କୁ ସେବା ଯୋଗାଉଥିବା ଆଦିତ୍ୟ ଅଶ୍ୱିନୀ ଓ ସମ୍ ହସ୍ପିଟାଲ ପୂର୍ବପରି ଚିକିତ୍ସା ଜାରି ରଖିବେ। ଏବେ ଏକାଥରକେ ୧୫୦ଜଣ କୋଭିଡ୍ ରୋଗୀଙ୍କୁ ଚିକିତ୍ସା ଯୋଗାଇବା ପାଇଁ ଆଦିତ୍ୟ ଅଶ୍ୱିନୀ ହସ୍ପିଟାଲର କ୍ଷମତା ଥିବାବେଳେ ସମ୍ ହସ୍ପିଟାଲର କ୍ଷମତା ୮୧୦ ରହିଛି। ଏହାବାଦ୍ ପଟିଆ ଏବଂ ଡୁମୁଡୁମାରେ ଥିବା କୋଭିଡ୍ କେୟାର ସେଣ୍ଟରରେ ୧୦୦ କୋଭିଡ୍ ରୋଗୀଙ୍କୁ ସେବା ଯୋଗାଇବା କ୍ଷମତା ରହିଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।









**ଆଜିର ମନ୍ତବ୍ୟ**

ମହିଳାଙ୍କୁ ସଶକ୍ତ କରିବାକୁ ଗ୍ୟାସ୍ ସିଲିଣ୍ଡର ପ୍ରଦାନ ପ୍ରଥା ବନ୍ଦ ହେବା ଦରକାର। ସେମାନଙ୍କ ପାଇଁ ଶିକ୍ଷା, ରୋଜଗାର ଏବଂ ସୁରକ୍ଷା ପ୍ରସଙ୍ଗ ଅଧିକ ଗୁରୁତ୍ୱ ରଖେ। **-ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ନେତ୍ରୀ**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..................................


ପୂର୍ବି
ପରିବାରବର୍ଗ


ସିଦ୍ଧି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ପ୍ରଥମ ପୃଷ୍ଠାରୁ...**

## ୧୫ ଯାଏ ରାଲି ...

୧୪ରେ ମତଦାନ ହେବ ବୋଲି ସିଇସି ଗଣମାଧ୍ୟମକୁ କହିଛନ୍ତି। ଖବରଦାତା ସମ୍ମିଳନୀରେ ସିଇସିଙ୍କ ସହ ନିର୍ବାଚନ କମିଶନର ରାଜୀବ କୁମାର ଏବଂ ଅନୁପ ଚନ୍ଦ୍ର ପାଣ୍ଡେ ଉପସ୍ଥିତ ଥିଲେ। ନିର୍ବାଚନ ତାରିଖ ଘୋଷଣା ସହ ଏହିସବୁ ରାଜ୍ୟରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ନିର୍ବାଚନ ହେବାକୁ ଥିବା ୫ ରାଜ୍ୟ ମଧ୍ୟରୁ ୪ଟିରେ ଭାଜପା କ୍ଷମତାରେ ଥିବାବେଳେ କେବଳ ପଞ୍ଜାବରେ କଂଗ୍ରେସ ସରକାର ରହିଛି। ଆଗାମୀ ଦୁଇମାସରେ ମୋଟ ୬୯୦ ଆସନ ଲାଗି ନିର୍ବାଚନ ଅନୁଷ୍ଠିତ ହେବ। ଉତ୍ତରପ୍ରଦେଶ ବିଧାନସଭାରେ ସର୍ବାଧିକ ୪୦୩ ଆସନ ରହିଥିବାବେଳେ ପଞ୍ଜାବରେ ୧୧୭, ଉତ୍ତରାଖଣ୍ଡରେ ୭୦, ମଣିପୁରରେ ୬୦ ଏବଂ ଗୋଆ ବିଧାନସଭାରେ ୪୦ ଆସନ ରହିଛି। କୋଭିଡ୍-୧୯ ମହାମାରୀର ତୃତୀୟ ଲହର ଆସିଥିବା ସତ୍ତ୍ୱେ ୫ ରାଜ୍ୟରେ ନିର୍ବାଚନ କରାଇବାକୁ ଇସି ନିଷ୍ପତ୍ତି ନେଇଛନ୍ତି। ଉପଯୁକ୍ତ ସମୟରେ ନିର୍ବାଚନ କରାଇବା ଗଣତାନ୍ତ୍ରିକ ଶାସନ ପରିଚାଳନା ଲାଗି ଜରୁରୀ ବୋଲି ମୁଖ୍ୟ ନିର୍ବାଚନ କମିଶନର ଚନ୍ଦ୍ରା କହିଥିଲେ। କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ, ସ୍ୱରାଷ୍ଟ୍ର ସଚିବ, ବିଶେଷଜ୍ଞ ଏବଂ ସମ୍ପୃକ୍ତ ରାଜ୍ୟଗୁଡ଼ିକର ସ୍ୱାସ୍ଥ୍ୟ ଅଧିକାରୀମାନଙ୍କ ସହ ସବିଶେଷ ଆଲୋଚନା ପରେ ନିର୍ବାଚନ ପାଇଁ ଆଗେଇବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିବା ସିଇସି ଖବରଦାତା ସମ୍ମିଳନୀକୁ ସୂଚନା ଦେଇଥିଲେ। କୋଭିଡ୍ ସଂକ୍ରମଣ ବଢୁଥିବାରୁ ଜାନୁୟାରୀ ୧୫ ପର୍ଯ୍ୟନ୍ତ ସମସ୍ତ ରାଲି, ରୋଡ୍‌ଶୋ' ଏବଂ ସଭାକୁ ବନ୍ଦ କରାଯାଇଛି। ଜାନୁୟାରୀ ୧୫ ପରେ ସ୍ଥିତି ଅନୁଧ୍ୟାନ କରି ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ନିର୍ବାଚନ କମିଶନ କହିଛନ୍ତି।

ରାତି ୮ଟାରୁ ସକାଳ ୮ ପର୍ଯ୍ୟନ୍ତ ନିର୍ବାଚନ ପ୍ରଚାର କିମ୍ବା ରାଲିକୁ ଅନୁମତି ଦିଆଯିବ ନାହିଁ। ଜନସାଧାରଣଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କ ଯେତେଦୂର ସମ୍ଭବ କମ୍ କରି ଡିଜିଟାଲ ମାଧ୍ୟମରେ ପ୍ରଚାର କରିବା ନିମନ୍ତେ ସମସ୍ତ ରାଜନୈତିକ ଦଳକୁ ପରାମର୍ଶ ଦିଆଯାଇଛି। ଘରକୁ ଘର ଯାଇ ପ୍ରଚାରରେ ଗୋଟିଏ ଟିମ୍‌ରେ ୫ ଜଣରୁ ଅଧିକ ଲୋକ ରହିପାରିବେ ନାହିଁ। ସେହିପରି ମତଦାନ ବେଳେ ଗହଳି କମ୍ କରିବା ଲାଗି ଭୋଟିଂ ସମୟକୁ ଗୋଟିଏ ଘଣ୍ଟା ବଢ଼ାଇ ଦିଆଯାଇଛି। ପ୍ରତି ବୁଥ୍‌ରେ ୧,୨୫୦ ଲୋକଙ୍କୁ ମତଦାନ ସୁଯୋଗ ମିଳିବ। ସେଥିପାଇଁ ୩୦,୦୦୦ରୁ ଅଧିକ ନୂଆ ବୁଥ୍ ଖୋଲାଯିବ। ସେହିପରି ସମସ୍ତ ବୁଥ୍‌ରେ ସାନିଟାଇଜର ରହିବା ସହ କର୍ମଚାରୀମାନେ ଫେସ୍‌ମାସ୍କ ପିନ୍ଧିବେ। ନିର୍ବାଚନ ପୂର୍ବରୁ ସମସ୍ତ ଭୋଟର ଯେପରି କୋଭିଡ୍ ଟିକାର ଦୁଇଟି ଡୋଜ୍ ନେବେ ସେଥିପାଇଁ ଉଦ୍ୟମ କରାଯାଉଛି। ସର୍ଭିସ୍ ଭୋଟରଙ୍କ ସମେତ ମୋଟ ୧୮.୩୪ କୋଟି ଭୋଟର ସେମାନଙ୍କର ମତଦାନ ସାବ୍ୟସ୍ତ କରିବାକୁ ଥିବାବେଳେ ସେମାନଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୯ କୋଟି ଭୋଟର ଉଭୟ ଡୋଜ୍ ନେଇଛନ୍ତି। ସେହିପରି ସମସ୍ତ ପୋଲିଂ କର୍ମଚାରୀ ଡବଲ ଡୋଜ୍ ଟିକା ନେଇଥିବାବେଳେ ସେମାନଙ୍କୁ ପ୍ରିକଶନ ଡୋଜ୍ ଦିଆଯିବ ବୋଲି ଇସି କହିଛନ୍ତି।

## ୱାର୍ଡମେମ୍ବରଙ୍କ ସ୍ୱାମୀଙ୍କୁ ଗାଁଦାଣ୍ଡରେ ହତ୍ୟା

**ଢେଙ୍କାନାଳ ଅଫିସ, ୮।୧**

ଢେଙ୍କାନାଳ ସଦର ଥାନା ନମିଚିରା ଗ୍ରାମ ମଣ୍ଡପରେ ଶନିବାର ସନ୍ଧ୍ୟା ପ୍ରାୟ ୬ଟାରେ ଘଟିଛି ଲୋମଟାଙ୍କୁରା ହତ୍ୟାକାଣ୍ଡ। କଙ୍କଡ଼ାହାଡ଼ ପଞ୍ଚାୟତ ୪ନଂ. ୱାର୍ଡସଭ୍ୟ ଲିଲି ବେହେରାଙ୍କ ସ୍ୱାମୀ ବିଜୟ ବେହେରା ଓରଫ୍ ବିଜୁ (୪୭)ଙ୍କୁ ଦୁର୍ବୃତ୍ତମାନେ ଗାଁଦାଣ୍ଡରେ ନିର୍ମମ ଭାବେ ହତ୍ୟା କରିଛନ୍ତି।

ପରିବାର ଲୋକଙ୍କ କହିବା କଥା, ବିଜୟ ସନ୍ଧ୍ୟାରେ ବିଲରୁ ଫେରି ଗ୍ରାମ ମଣ୍ଡପରେ ବସିଥିଲେ। ଏହି ସମୟରେ ତାଙ୍କୁ ଧାରୁଆ ମାରଣାସ୍ତ୍ରରେ ଆକ୍ରମଣ କରି ହତ୍ୟା କରାଯାଇଛି। ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ଘଟଣା ପରେ ଗ୍ରାମରେ ଭୟର ବାତାବରଣ ଖେଳିଯାଇଛି। ସୂଚନା ପାଇ ସଦର ଏସ୍‌ଡିପିଓ ବିକାଶ ବେଉରା, ଥାନାଧିକାରୀ ଅଭିନବ ଡାଲୁଆ ସଦଳବଳ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ଚିକିତ୍ସାଳୟକୁ ପଠାଯାଇଛି। ଏ ନେଇ ଏସ୍‌ଡିପିଓ କୁହନ୍ତି, ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି । ଗ୍ରାମରେ ପୋଲିସ ମୁତୟନ ହୋଇଛନ୍ତି। ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭୋକେ ସୁଆଦ,**
**ବୟସେ ସୁନ୍ଦର।**

ଭୋକ ଲାଗୁଥିବାବେଳେ ସବୁ ଖାଦ୍ୟପଦାର୍ଥ ପାଟିକୁ ବେଶ୍ ସୁଆଦିଆ ଲାଗିଥାଏ। ସେହିପରି ଯୌବନ କାଳରେ ସମସ୍ତେ ଆଖିକୁ ଖୁବ ସୁନ୍ଦର ଦିଶୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଭାତ ମହରଗରେ**
**ପତର ଶସ୍ତା।**

ଅର୍ଥ ସୁସ୍ପଷ୍ଟ। ଭାତ ମହରଗ ହୋଇଗଲେ ପରଷା ଯାଉଥିବା ପତରର ମୂଲ୍ୟ ନଗଣ୍ୟ ହୋଇଯାଏ। ପରୋକ୍ଷରେ ମୂଳ ବସ୍ତୁର ଅଭାବ ହିଁ ଆନୁଷଙ୍ଗିକ ପଦାର୍ଥର ମୂଲ୍ୟ ହ୍ରାସ କରାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ମିଶନ ଶକ୍ତି, ଅଙ୍ଗନୱାଡି ...

**ପ୍ରଥମ ପୃଷ୍ଠାରୁ...**

ରାଜ୍ୟ ସରକାର ଆବଶ୍ୟକ ଆର୍ଥିକ ବ୍ୟବସ୍ଥା କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଅଙ୍ଗନୱାଡି କର୍ମୀଙ୍କ ସେବାନିବୃତ୍ତ ପ୍ରୋତ୍ସାହନ ରାଶି ୨ ଗୁଣା ବୃଦ୍ଧି କରିଛନ୍ତି। ଅଙ୍ଗନୱାଡି କର୍ମୀମାନେ ସେବାନିବୃତ୍ତ ହେବା ସମୟରେ ୨୦ ହଜାର ଟଙ୍କା ବଦଳରେ ଏକକାଳୀନ ୪୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପାଇବେ। ସେହିପରି ମିନି ଅଙ୍ଗନୱାଡି କର୍ମୀମାନଙ୍କର ପ୍ରୋତ୍ସାହନ ରାଶି ୧୫ ହଜାର ଟଙ୍କାରୁ ୩୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଅଙ୍ଗନୱାଡି ସହାୟିକାମାନଙ୍କର ପ୍ରୋତ୍ସାହନ ରାଶି ୧୦ ହଜାର ଟଙ୍କାରୁ ୨୦ ହଜାରକୁ ବୃଦ୍ଧି କରାଯାଇଛି। ଏହି ନୂତନ ପ୍ରୋତ୍ସାହନ ରାଶି ପିଛିଲା ଭାବେ ୨୦୧୯ ଜାନୁୟାରୀ ପହିଲାରୁ ଲାଗୁ କରାଯିବ। ଏହାଦ୍ୱାରା ବର୍ତ୍ତମାନ ସୁଦ୍ଧା ସେବାନିବୃତ୍ତ ହୋଇଥିବା ୧୯୯୧ ଜଣ ଅଙ୍ଗନୱାଡି କର୍ମୀ, ମିନି ଅଙ୍ଗନୱାଡି କର୍ମୀ ଓ ସହାୟିକା ଉପକୃତ ହେବେ। ଏହି ଘୋଷଣା ଦ୍ୱାରା ରାଜ୍ୟର ୧ ଲକ୍ଷ ୩୦ ହଜାର ଅଙ୍ଗନୱାଡି କର୍ମୀ ଉପକୃତ ହେବେ। ଅଙ୍ଗନୱାଡି କର୍ମୀ, ମିନି ଅଙ୍ଗନୱାଡି କର୍ମୀ ଓ ଅଙ୍ଗନୱାଡି ସହାୟିକାମାନେ କାର୍ଯ୍ୟରତ ଥିବା ସମୟରେ ଅସୁସ୍ଥତା ଯୋଗୁ କୌଣସି ସରକାରୀ କିମ୍ବା ସରକାରଙ୍କ ଦ୍ୱାରା ତାଲିକାଭୁକ୍ତ ଚିକିତ୍ସାଳୟରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିଲେ, ସେମାନଙ୍କୁ ସେହି ସମୟ ପାଇଁ ପ୍ରତିବର୍ଷ ସବୈତନିକ ଚିକିତ୍ସା ଛୁଟି ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

## ୧୨ରେ ୬ ଜିଲାକୁ ପ୍ରବଳ ବର୍ଷା

ଭୁବନେଶ୍ୱର, ୮।୧(ବ୍ୟୁରୋ): ରାଜ୍ୟରେ ରବିବାରଠାରୁ ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହେବ। ଏହା ୪ରୁ ଅଧିକ ଦିନ ଧରି ଜାରି ରହିପାରେ। ୧୨ ତାରିଖରେ ୬ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ତଦନୁଯାୟୀ, ରବିବାର ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲା, ସୋମବାର ନୂଆପଡ଼ା, ବଲାଙ୍ଗୀର, ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ସୁନ୍ଦରଗଡ଼, ଦେବଗଡ଼, ବରଗଡ଼ ଓ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ସ୍ୱଳ୍ପ ଧରଣର ବର୍ଷା ହେବ। ସେହିଭଳି ମଙ୍ଗଳବାର ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶା, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, ସୋନପୁର, ବୌଦ୍ଧରେ ବର୍ଷା ହେବାର ସମ୍ଭାବନା ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପ୍ରତ୍ୟେକ କାର୍ଯ୍ୟରେ ବନ୍ଧୁଙ୍କ ସହଯୋଗ ଅବ୍ୟାହତ ରହିବ। ପାରିବାରିକ ସ୍ତରରେ ଅଭିମାନଭରା ପରିବେଶ ସୃଷ୍ଟି କରିପାରେ। ଅର୍ଥ ସମ୍ପର୍କୀୟ ଆବଶ୍ୟକତା ପୂରଣ ହେବାରେ ସହକର୍ମୀଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଶିକ୍ଷା, ଗବେଷଣା, ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ କ୍ଷେତ୍ରରେ ସାମାନ୍ୟ ଉନ୍ନତି ଘଟିବ।

**ବୃଷ** ସ୍ୱାସ୍ଥ୍ୟ ସମସ୍ୟା ଗୁରୁତର ନ ହେଲେ ମଧ୍ୟ ଟେନ୍‌ସନ ଲାଗି ରହିବ। ଅର୍ଥ ଆବଶ୍ୟକତା ପୂରଣ ସକାଶେ ଜମିଜମା, ପୁରାତନ ଗୃହ, ଯାନ୍ତ୍ରିକ ଜିନିଷ ବିକ୍ରି କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ, ପ୍ରକାଶନ, ପରିବହନ ଓ ନିର୍ମାଣରେ ଆଂଶିକ ସଫଳତା ମିଳିବ। କଳା, ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ସୁଫଳ ମିଳିବ।

**ମିଥୁନ** ବନ୍ଧୁଙ୍କ ଉପରେ ପୂର୍ଣ୍ଣ ଭରସା କଲେ ହଇରାଣ ହୋଇପାରନ୍ତି। ବକେୟା ଅର୍ଥ ଆଦାୟରେ ବିଫଳ ହେବେ। ନିର୍ମାଣାଧୀନ କାମଟିର ଶେଷ ପର୍ଯ୍ୟାୟରେ ବଚସାକୁ କେନ୍ଦ୍ରକରି ପରିସ୍ଥିତି ବଦଳି ଯିବାର ସୂଚନା ରହିଛି। ସହୃଦୟତାର ଦୃଷ୍ଟିକୋଣ ନେଇ ପରକୁ ମଧ୍ୟ ଆପଣାର ଭଳି ମନେ କରିପାରନ୍ତି।

**କର୍କଟ** କର୍ମକ୍ଷେତ୍ରରେ ସମସ୍ୟା ପ୍ରତିହତ କରିବେ। ଜଣେ ବନ୍ଧୁଙ୍କ ଉପସ୍ଥିତି ଓ ବିବାଦୀୟ ମନ୍ତବ୍ୟକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ମାଲିମକଦ୍ଦମାରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ଅଧ୍ୟୟନ, ଅଧ୍ୟାପନା, ରଚନାତ୍ମକ କାମ ଓ ସନ୍ତାନହେତୁକ କୌଣସି ସମସ୍ୟାରୁ ଚିନ୍ତିତ ରହିପାରନ୍ତି।

**ସିଂହ** ସାଧାରଣ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ପାରିବାରିକ ଜୀବନ ପ୍ରାୟତଃ ଭଲ ରହିବ। ରପ୍ତାନି ବାଣିଜ୍ୟ, ଲୌହ, ତୈଳ, ଯନ୍ତ୍ରାଂଶ, ବ୍ୟବସାୟ ଓ ପରିବହନରେ ସମସ୍ୟାର ପରିସମାପ୍ତି ଘଟିବ। ସମ୍ପର୍କୀୟଙ୍କ ନିକଟରୁ ଚଢ଼ାସୁଧରେ କରଜ କରିବାକୁ ବାଧ୍ୟ ହେବେ। ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**କନ୍ୟା** ଆଜିର ଦିନଟି ଆର୍ଥିକ ଓ ବ୍ୟବସାୟିକ ଦିଗ ପାଇଁ ଅନୁକୂଳ ରହିବ। କଳା, ସାହିତ୍ୟ, ସାମ୍ବାଦିକତା, ଏଜେନ୍‌ସିପ୍, ପ୍ରଶାସନ, ପ୍ରକାଶନ କ୍ଷେତ୍ରରେ ସଫଳତା ପାଇବେ। ନିର୍ମାଣ, ସଭାସମିତି, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ଚିତ୍ରା ନକ୍ଷତ୍ର ଭୁଲ୍ ବୁଝାମଣାଜନିତ ମାନସିକ ଅଶାନ୍ତିରେ କାଳାତିପାତ କରିବେ।

**ତୁଳା** ଆଜିର ଜୀବନଯାତ୍ରା ସ୍ୱାଭାବିକ ଭାବରେ ଗତିଶୀଳ ହେବ। ହୋଟେଲ, ଶିଳ୍ପ, ଲୌହ, ବିଦ୍ୟୁତ୍ ସମ୍ବନ୍ଧିତ ବ୍ୟବସାୟରେ ସୁଫଳ ପାଇବେ। ଅର୍ଥ ସଙ୍କଟ ଦୂର ହେବାରେ ଭଲ ସମ୍ପର୍କ ରହିଥିବା ସହକର୍ମୀଟି ସାହାଯ୍ୟ କରିପାରନ୍ତି । ଫ୍ଲଟିଂ କାରବାର, ଶେୟାର ବଜାର, ଉଦ୍ୟୋଗ, ନୂତନ ପ୍ରକଳ୍ପାଦି କାର୍ଯ୍ୟ ସୁରୁଖୁରୁରେ ସମ୍ପାଦିତ ହେବ।

**ବିଛା** ସାଧାରଣ ଘଟଣାକୁ କେନ୍ଦ୍ରକରି ଘରେ ଅଶାନ୍ତି ଲାଗିରହିବ। ଆନୁଷ୍ଠାନିକ କାମରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ସମ୍ଭାବନା ରହିଛି। କଳା, ସାହିତ୍ୟ, ସାମ୍ବାଦିକତା, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣରୁ ସୁଫଳ ପାଇବେ। ବିବାଦୀୟ ଘଟଣା, ମାଲିମକଦ୍ଦମା, ପ୍ରତିଯୋଗିତା କିମ୍ବା ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ବିଜୟୀ ହେବେ।

**ଧନୁ** ପରିବାରରେ ସମସ୍ୟା ଲାଗି ରହିଥିବାରୁ ଅଧିକାଂଶ ସମୟ ଅନ୍ୟମନସ୍କ ରହିବେ। ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ପାଇଲେ ମଧ୍ୟ ମନରେ ଶାନ୍ତି ଆସିବ ନାହିଁ। ଅର୍ଥ କାରବାରରେ ସତର୍କ ନ ରହିଲେ ଅସୁବିଧାରେ ପଡ଼ିବେ। କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ପ୍ରଭୃତି କ୍ଷେତ୍ରରେ ସମସ୍ୟା ସମାଧାନ ହେବ।

**ମକର** ଚେଷ୍ଟା କରୁଥିବା କାମଗୁଡ଼ିକ ଠିକ୍ ଭାବେ ସମ୍ପନ୍ନ ହେବ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଗବେଷଣା ଓ ମିଡିଆ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ଅର୍ଥ ସଙ୍କଟ ଲାଗି ରହିଲେ ମଧ୍ୟ ବନ୍ଧୁମାନଙ୍କ ସାହାଯ୍ୟରେ ସୁଧାରି ନେବାରେ ସଫଳ ହେବେ। ପଡ଼ୋଶୀଙ୍କ ଖଳକଥାରେ ପ୍ରଭାବିତ ହୋଇ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ।

**କୁମ୍ଭ** ପାରିବାରିକ ଜୀବନରେ ସନ୍ଦେହ ଓ ଭୁଲ୍ ବୁଝାମଣାରୁ ସମସ୍ୟାବହୁଳ ଜୀବନ ବିତାଇପାରନ୍ତି। ରାଜନୈତିକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବା କାରଣରୁ ବିଶେଷ ଅସୁବିଧା ନ ହୋଇପାରେ। ବାଣିଜ୍ୟ, ବ୍ୟବସାୟ, ପ୍ରକାଶନ, ମାଲିମକଦ୍ଦମାରେ ସଫଳତା ମିଳିବ। ଅଧ୍ୟୟନ ଓ ଅଧ୍ୟାପନା, ସତ୍‌ସଙ୍ଗ, ତୀର୍ଥାଟନ ପାଇଁ ମନ ବଳାଇ ପାରନ୍ତି।

**ମୀନ** ଭୁଲ୍ ବୁଝାମଣାରୁ ଦୂରେଇ ଯାଇଥିବା ବନ୍ଧୁମାନେ ପାଖେଇ ଆସିବେ। ଜମିଜମା, ଲୋକସମ୍ପର୍କ, ଲେଖାପଢ଼ା, ଗବେଷଣା, ଅନୁସନ୍ଧାନରେ ଅଗ୍ରଗତି ଅବଶ୍ୟମ୍ଭାବୀ। କଚେରି ମାମଲା, ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଆଶାନୁରୂପ ସୁଫଳ ପାଇବେ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତିରେ ସୁନାମ ଅର୍ଜନ କରିପାରନ୍ତି।


# classifieds Everyday
0674-2580101, 2549302




**BRIDE WANTED**

B.Tech Rly Employee Jyotish candidate, required Rly or other Govt. Job UR (Gourabarna) girl. Contact: 7750055496. D-22558

**GROOM WANTED**

ବୟସ- 34, Government Job ବିଧବା ସୁନ୍ଦର ନିଃସନ୍ତାନ ବ୍ରାହ୍ମଣ ଝିଅଙ୍କ ପାଇଁ ଯେ କୌଣସି ଜାତିର ଘରଜ୍ୱାଇଁ ଦରକାର। ଯୋଗାଯୋଗ- 7077495623. D-22750




**SALE**

Plot for sale at Chhatabar per sq.ft @99/-. 8249017091, 9937816565. D-22771

Rangabazar, Tankapani, in front of petrol pump, 1750sqft x 2 corner plot, 1600sqft, only Buyers contact 8658386267. D-22788

**Sum Hospital ନିକଟବର୍ତ୍ତୀ ଅନ୍ଧାରୁଆରେ Bio-Tech Park (Vaccine Plant) ନିକଟରେ gharabari plot boundary, electricity ଥାଇ କିଣନ୍ତୁ, immediate ଘର କରନ୍ତୁ 9437005434.** D-71754

ତ୍ରିଶୂଳିଆ ଛକଠାରୁ ୪୦୦ ମିଟର ଦୂରତାରେ ୟେଲୋଜୋନ୍‌ରେ ଘରବାରି ପ୍ଲଟ୍ କିମ୍ବା ଡୁପ୍ଲେକ୍ସ ପାଇଁ ଯୋଗାଯୋଗ କରନ୍ତୁ। ଫୋନ୍- 9437517596. D-22785

Bhubaneswar CRPରୁ ୧୨ କି.ମି. ଦୂରରେ ଘରବାଡ଼ି ପ୍ଲଟ୍ ବର୍ଗଫୁଟକୁ ୬୫୦/-, ୯୦୦/-, ୧୫୫୦/-, ୪୦୦/- ବିକ୍ରିହେବ। 9938016295. D-71770

Property for sale at Badambadi Cuttack, commercial building (total built-12300 Sqft., 32 rooms with attached Bath) Land-3500 sqft. Contact: P. Swain 08249436455. D- 22747

ଭୁବନେଶ୍ୱର ପୁରୀ ପିପିଲି ବାଇପାସ୍‌ରେ 130 ଡିସିମିଲ୍ commercial ଜାଗା ବିକ୍ରିହେବ। 9938310085. D-59887

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-22657

Duplex Ready to move near Vani Vihar University. 1.03 Crore, Visit: tinyurl.com/BBSR2 or call 943-731-3333, 943-887-4333. D-22773

ଭୁବନେଶ୍ୱର ଉତ୍ତରା କୃପାଜଳ କଲେଜ ପାଖରେ ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। 9178660666. D-71927

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891.** D-22647

ଭୁବନେଶ୍ୱରଠାରୁ ପୁରୀ ମଙ୍ଗଳପୁର ଠାରେ 660 ଡିସିମିଲ୍ ଜାଗା ବିକ୍ରିହେବ। 9337817295. D-59886

**Buy or Sale Property- 8984071303. Triplex Pandra 18000 @6.5cr/4BHK Duplex Balianta- 85,00,000/ 3BHK Apartment Raghunathpur-75,00,000. Residential Land Patia-3000, Tankapani-2600, Aiims-2100, Nakhara-1650, Gudiapokhari-1300, Sundarpada-1200, Bhingarpur-1200, Jaanla-900.** D-22781

**Residential gharabari plot near English Medium School, Brahmanjharilo, Cuttack with boundarywall, 7km from Nakhara, Cuttack, 12km to BBSR. 7809525452.** D-71835

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.- 280/ ନଖରା ତ୍ରିନାଥ ବଜାର sqft.- 220/- (out rate). 9776974912. D-73001

**20 Gharabari developed plots, 30' internal road, Deras Dam 1k.m. Vikash Residential School side sqft.- 800/- with registration, mutation 5' boundary. Contact: 7008105759.** D-71768

**ପୁରୀ ଶ୍ରୀମନ୍ଦିର ପାଖରୁ 6 କିଲୋମିଟର ଦୂରରେ ଅତିଶୀଘ୍ର ଘରକରିବା ଯୋଗ୍ୟ ସ୍ଥିତିବାନ୍ ଘରବାଡ଼ି ପ୍ଲଟ୍ ବର୍ଗଫୁଟକୁ 700 ଟଙ୍କା, 25 ଫୁଟ ରାସ୍ତା ସହ ଇଲେକ୍ଟ୍ରି, ପାଣି ସୁବିଧା ଅଛି। ଯୋଗାଯୋଗ- 6372897984/ 6370556429.** D-22764

**ଭୁବନେଶ୍ୱର ପିତାପଲ୍ଲୀଛକ Flyoverରୁ 400 Mtr. ଦୂରରେ ସ୍ଥିତିବାନ ପ୍ଲଟ୍ ମିଳୁଅଛି । 8338932027, 7848882166.** D-71767

**30' road ଘରବାରି ପ୍ଲଟ୍ ପାଚେରି ସହ Sum Hospitalରୁ 4K.M. ଘଙ୍ଗାପାଟଣାରେ ମିଳୁଛି। Owner- 8249779595.** D-71763

**Ready to Move Two Storied Building over 3500sqft Land area with two accessible roads for Sale at Rajendranagar, Cuttack. Direct Buyers Call for Price – 8908899890.** D-22743




**Construct your home which includes, Architecture, BDA plan approval, Structure quality designing materials, ABBICO Concept Engineering. 7609931239.** D-71757




BDA front Corner Shop, Barabhuja Market, Khandagiri, First Floor, both sides counters facility, facing Adjacent NH-16, 7873764243. D-22789

2BHK flat 4th floor corner near KEC, adjacent Sreejan EM Public School, Rent Rs.- 5000/-. 8917425581. D-59888

One room, Kitchen and Toilet in Nayapalli near UCO Bank, opposite Hotel Presidency. Contact: 8480174722. D-71771

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




Ashirvaad Saloon and SPA get good massage for your health tha best therapy. 7077181074. D-71843

One hour any therapy by expert therapist @999 only. 9078484455. D-71465

Newly open Spa New Year Dhamaka @699/, smart therapist. 7846814019. D-71464

Newly opening SPA positively health benefits with expert therapist. 8917332216. D-71928

Newly open herbal full body massage center (expert therapist). 8280782273. D-71466

Newly open Spa Offer Price 599/-, positively health benefits. 8455987557. D-71463

Newly Open Saikrupa Panchakarma Spa positively health benefits with expert. 8984068077. D-22723

All types massage refreshing your body mind expert lady therapy. 7008773793. D-71462

Newly open full body massage ladies and gents. 8327740003, 8455985899. D-71845

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Medical Exam, Registration- BAMS/BHMS/BUMS/GNM/D.Pharma. 9893869473. D-22787




Saree variety Fancy 250 pieces @ ₹200/- each immediate sale. Contact: 9090057547. D-22776

**LOST**

It is hereby informed to General Public that I Angel Mishra have lost my original sale deed document No.- 11132002872 on date 27.10.2021 time 11.30 A.M. and place Mausima Square to Lingaraj Temple Bhubaneswar. If found please return to me. Contact this address: Flat No.- 1502, Tower-4, Tata Ariana, Kalinga Nagar, Khurda, Bhubaneswar-751029, Odisha. Mob: 09999453662. D-71333

**ଅଷ୍ଟମ ଜନ୍ମବାର୍ଷିକ**



ସିଦ୍ଧି ପ୍ରିୟଦର୍ଶିନୀ ଦାଶ
ଗ୍ରାମ: କେନ୍ଦୁପାଲି, ପୋ: ଗୋଡ଼ଭଗା, ଜି: ବରଗଡ଼, ବର୍ତ୍ତମାନ ଠିକଣା: ଗ୍ରା/ପୋ: ଡକରା, ଭାୟା: ଧମା, ଜି: ସମ୍ବଲପୁର
ମାଁ ବହଲମୁଣ୍ଡିଏନ୍, ଦୁର୍ଗାଦେବୀ ଏବଂ ବଡ଼ଲୋକଙ୍କର ଆଶୀର୍ବାଦ ସଦାସର୍ବଦା ରହିଥାଉ।
**ଶୁଭେଚ୍ଛା ସହ:** ଦାଦା, ମାମା, ବାପା, ମାଆ, ବାବୁବାପା, ବିରେନ ପିଉସା, ମିନିଝିଅ, ପ୍ରଶାନ୍ତ ପିଉସା, ବେବିଝିଅ, ଶୁଭମଦାଦା, ଆକାଂକ୍ଷା ନାନି, ଆଲିଶା ନାନି, ଆରିୟନ୍ତ ଦାଦା, ସ୍ନେହର ସିଦ୍ଧୁ ଭାଇ ଓ ଦାଶ ପରିବାରବର୍ଗ ।
ଧ-୨୨୬୯୮

## ୩ ଲକ୍ଷ୍ମୀ ପେଚା, ୧ କୁକୁରା ମୃତ:୨ କୋକିଶିଆଳି ଜନ୍ମ

ବାରଙ୍ଗ,(ଡି.ଏନ୍.ଏ)- ନନ୍ଦନକାନନର ୩୬ନଂ. ଏନ୍‌କ୍ଲୋଜରରେ ରହୁଥିବା ଏକ ଅଣ୍ଡିରା କୁକୁରାର ଶୁକ୍ରବାର ମୃତ୍ୟୁ ହୋଇଛି। ଖାଦ୍ୟାଭାବରୁ ଏନକ୍ଲୋଜର ମଧ୍ୟରେ ଅନ୍ୟ କୁକୁରାଙ୍କ ସହ ସଂଘର୍ଷ ହୋଇଥିଲା। ଫଳରେ ଅଣ୍ଡିରା କୁକୁରା ଦେହରେ କ୍ଷତ ଯୋଗୁ ରକ୍ତସ୍ରାବ ହେଉଥିଲା। ଚିକିତ୍ସା ସତ୍ତ୍ୱେ କୁକୁରାର ମୃତ୍ୟୁ ହୋଇଯାଇଛି। ସେହିପରି ପ୍ରାଣୀ ଉଦ୍ୟାନର ବନ୍ୟପ୍ରାଣୀ ଚିକିତ୍ସାଳୟର କ୍ୱାରାଣ୍ଟାଇନ୍‌ରେ ଚିକିତ୍ସାଧୀନ ଥିବା ୩ ଲକ୍ଷ୍ମୀ ପେଚାଙ୍କର ଶୁକ୍ରବାର ମୃତ୍ୟୁ ଘଟିଛି। ଫଳରେ ସେହି ପେଚାଙ୍କ ସଂଖ୍ୟା ୫ରେ ପହଞ୍ଚିଛି। ଅନ୍ୟପଟେ ନନ୍ଦନକାନନର ୧୪ନମ୍ବର ଏନକ୍ଲୋଜରରେ ରହୁଥିବା ମାଈ କୋକିଶିଆଳି ୨ଟି ଶାବକ ଜନ୍ମ ଦେଇଛି।

### ଆଜି କ'ଣ କେଉଁଠି

ଭୁବନେଶ୍ୱର

- ରାଜ୍ୟସ୍ତରୀୟ ଦିଲୀପ ରାୟ ଜୟନ୍ତୀ କମିଟି ପକ୍ଷରୁ ବିଧାୟକ ଦିଲୀପ ରାୟଙ୍କ ଜନ୍ମଦିନ ଉତ୍ସବ, ମେ ଫେୟାର କନଭେନଶନ, ଅପରାହ୍ନ ୫ଟା ।

# କଂଗ୍ରେସ ଭବନ ଆଗରେ ଗଣ୍ଡଗୋଳ

■ରାଜନୈତିକ ପତିଆରାକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ

■ଜଣେ ଖବରଦାତା ସମେତ ୩ରୁ ଊର୍ଦ୍ଧ୍ୱ ଆହତ

ଭୁବନେଶ୍ୱର,୮।୧(ବ୍ୟୁରୋ)

ମାଷ୍ଟରକ୍ୟାଣ୍ଟିନ ଛକସ୍ଥିତ କଂଗ୍ରେସ ଭବନ ସମ୍ମୁଖରେ ଶନିବାର ଅପରାହ୍ନରେ ଗଣ୍ଡଗୋଳ ହୋଇଛି। ଦୁଇ ଗୋଷ୍ଠୀ ମୁହଁମୁହିଁ ହେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଆକ୍ରମଣ ଓ ପ୍ରତି ଆକ୍ରମଣ ସହ ବ୍ୟାପକ ଭଙ୍ଗାରୁଜା ହୋଇଥିଲା। କଂଗ୍ରେସ ଭବନ ପରିସରରେ ଥିବା ଜଣେ କର୍ମୀଙ୍କ କାର୍ ଓ ଫୁଲକୁଣ୍ଡ ଆଦି ଭାଙ୍ଗି ଯାଇଥିବାବେଳେ ଆକ୍ରମଣରେ ଜଣେ ଖବରଦାତାଙ୍କ ସମେତ ୩ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ଜଣାପଡିଛି। ରାଜନୈତିକ ପତିଆରା ଓ ପୂର୍ବ ବିବାଦକୁ ନେଇ ଏଭଳି ଘଟଣା ଘଟିଥିବା ଚର୍ଚ୍ଚା ହେଉଥିବାବେଳେ ଏଥିପାଇଁ ବିଜେଡି ଓ ଭାଜପାକୁ ଦାୟୀ କରିଛନ୍ତି ବରିଷ୍ଠ କଂଗ୍ରେସ ନେତା ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ। ସେ କହିଛନ୍ତି, କଂଗ୍ରେସକୁ ବଦନାମ କରିବାକୁ ବିରୋଧୀ ଭଡାଟିଆ ଗୁଣ୍ଡା ଲଗାଇ ବାରମ୍ବାର ଏହି ପରିସ୍ଥିତି ସୃଷ୍ଟି କରୁଛନ୍ତି। ଏସବୁରୁ ନିବୃତ ରହିବାକୁ ସେ ନିବେଦନ କରିଛନ୍ତି। ସମସ୍ତେ ସଙ୍ଗଠନ ମିଶି କିପରି ଦଳକୁ ମଜ୍ଜବୁତ୍ ରହିବା ସେ ପ୍ରତି ଧ୍ୟାନ ଦେବାକୁ ସେ କର୍ମୀମାନଙ୍କ ଉଦ୍ଦେଶ୍ୟରେ କହିଛନ୍ତି। ଅନ୍ୟପକ୍ଷରେ ଆହତ ଖବରଦାତା ଦୁର୍ଗା ମହଲା ଓ ଅନ୍ୟମାନଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ଦୁର୍ଗା ଏନେଇ କ୍ୟାପିଟାଲ ଥାନାରେ ଏତଲା ଦେଇଛନ୍ତି। ସେ କହିଛନ୍ତି, ଶୁକ୍ରବାର ରାତିରେ ଶହୀଦନଗର ନିକଟରେ କିଛି କର୍ମୀଙ୍କ ମଧ୍ୟରେ ହାତାହାତି ହୋଇଥିଲା। ମୁଁ ଏହାର ଖବର ପରିବେଷଣ କରିଥିଲି। ଶନିବାର ଅପରାହ୍ନ ୪ଟା ୩୦ରୁ ୫ଟା ମଧ୍ୟରେ କଂଗ୍ରେସ ଭବନରେ ଗଣ୍ଡଗୋଳ ସୂଚନା ପାଇ ଖବର ସଂଗ୍ରହ କରିବା ପାଇଁ ଆସି ମରଣାନ୍ତକ ଆକ୍ରମଣର ଶିକାର ହୋଇଛି। କଂଗ୍ରେସ ଭବନ ନିକଟରେ ଚା' ପିଉଥିବାବେଳେ ସେମାନେ ମୋତେ ଜୀବନରୁ ମାରିବା ଉଦ୍ଦେଶ୍ୟରେ ମାରଣାସ୍ତ୍ର ଧରି ଗୋଡାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ପୁନର୍ଜନ୍ମ ପାଇଛି ବୋଲି ସେ କହିଛନ୍ତି। କ୍ୟାପିଟାଲ ଥାନାଅଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି, ଅଭିଯୋଗକାରୀଙ୍କୁ କଂଗ୍ରେସ ଭବନ ସାମ୍ନାରେ କେତେଜଣ ଯୁବକ ପିଟିଥିବା ସେ ଏତଲାରେ ଉଲ୍ଲେଖ କରିଛନ୍ତି। ଏନେଇ ଅଧିକ ତଦନ୍ତ ପରେ ସୂଚନା ଦେବି।




କଂଗ୍ରେସ ଭବନ ପରିସରରେ ଭାଙ୍ଗି ପଡିଥିବା କାର୍ କାଚ ଓ ଆହତ ଦୁର୍ଗା ମହଲା।

## ରାମଚନ୍ଦ୍ର ଭୋଳଙ୍କୁ 'ଜୀବନବ୍ୟାପୀ ସଫଳତା ମନନ ସମ୍ମାନ'

ଭୁବନେଶ୍ୱର,୮।୧(ବ୍ୟୁରୋ)- ନାଟ୍ୟ ସଂସ୍ଥା 'ମନନ'ର ୪୩ତମ ଜନ୍ମ ବାର୍ଷିକୀ ନାଟକ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଛି। ଶେଷ ଦିନରେ ନାଟକ 'ମାୟା' ମଞ୍ଚସ୍ଥ ହୋଇଥିଲା। ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ଢେଙ୍କାନାଳର ଅଲଟରନେଟିଭ୍ ରିଦିମ୍ ଥିଏଟର୍ ପ୍ରଯୋଜିତ ଦିନେଶ ଦାସଙ୍କ ରଚିତ ତଥା ନିର୍ଦ୍ଦେଶିତ ନାଟକକୁ ଦର୍ଶକ ଖୁବ୍ ଉପଭୋଗ କରିଥିଲେ। ଏହି ଅବସରରେ ରାମଚନ୍ଦ୍ର ଭୋଳଙ୍କୁ 'ଜୀବନବ୍ୟାପୀ ସଫଳତା ମନନ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ଖବରଦାତା ଗୋପୀନାଥ ବାରିକଙ୍କ ସମେତ ଅନୁଷ୍ଠାନର ସଭାପତି ମନୋଜ ପଟ୍ଟନାୟକ, ଉପସଭାପତି ବଙ୍କିମ ଚନ୍ଦ୍ର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

## ୭୨.୮ ଲକ୍ଷ ଠକେଇ: ଜଣେ ଗିରଫ

ଭୁବନେଶ୍ୱର,୮।୧(ବ୍ୟୁରୋ): ୭୨ଲକ୍ଷ ୮୦ ହଜାର ଟଙ୍କା ଠକେଇ ଅଭିଯୋଗରେ ଇନ୍‌ଫୋସିଟି ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଶିଖରଚଣ୍ଡୀ ନଗରରେ ରହୁଥିବା କୋରାପୁଟ ସଦର ଥାନା ଅଞ୍ଚଳର ଜି.ସନ୍ତୋଷ କୁମାର(୩୭)। ସୂଚନା ଅନୁଯାୟୀ, ପଟିଆ ରେଳଷ୍ଟେଶନ ନିକଟରେ ରହୁଥିବା ବିଭୁଦେନ୍ଦୁଙ୍କଠୁ ଅଭିଯୁକ୍ତ ସନ୍ତୋଷ ବ୍ୟବସାୟ ପାଇଁ ୭୨ ଲକ୍ଷ ୮୦ ହଜାର ଟଙ୍କା ଉଧାର ଆକାରରେ ନେଇଥିଲେ। ଦୀର୍ଘଦିନ ହୋଇଯାଇଥିଲେ ମଧ୍ୟ ସନ୍ତୋଷ ଟଙ୍କା ଫେରସ୍ତ ନ କରି ମାରିଦେବାକୁ ଧମକ ଦେଉଥିଲେ। ଏ ନେଇ ବିଭୁଦେନ୍ଦୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଡିସେମ୍ବର ୧୨ରେ ଏକ (ନଂ. ୨୭୬/୨୧) ମାମଲା ରୁଜୁ କରି ଶୁକ୍ରବାର ସନ୍ତୋଷଙ୍କୁ ଧରିଥିଲା। ଏହି ଠକେଇରେ ସମ୍ପୃକ୍ତ ସନ୍ତୋଷଙ୍କ ସ୍ତ୍ରୀ ଫେରାର ଅଛନ୍ତି।

## ଶିଶୁକନ୍ୟାଙ୍କୁ ବଳାତ୍କାର, ଜଣେ ଗିରଫ

ବାଲିଅନ୍ତା,୮।୧(ଡି.ଏନ୍.ଏ.)- ବାଲିଅନ୍ତା ଥାନା ଅଞ୍ଚଳର ଜଣେ ୭ବର୍ଷୀୟା ଅନୁସୂଚିତ ଜାତିର ଶିଶୁକନ୍ୟାଙ୍କୁ ବଳାତ୍କାର ଅଭିଯୋଗରେ ବାଲିଅନ୍ତା ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ଜଗା ଭଞ୍ଜ(୫୦)। ଏ ନେଇ ପୋଲିସ ଏକ ମାମଲା(ନଂ.୧୦/୨୨) ରୁଜୁ କରିଛି। ଏହି ଘଟଣାଟି ଡିସେମ୍ବର ୩୧ତାରିଖରେ ଘଟିଥିଲେ ମଧ୍ୟ ଶୁକ୍ରବାର କଥାଟି ପଦାକୁ ଆସିଥିଲା। ନାବାଳିକାଟି ଖେଳୁଥିବା ସମୟରେ ଅଭିଯୁକ୍ତ ଜଗା ବିଭିନ୍ନ ପ୍ରଲୋଭନ ଦେଖାଇ ତାଙ୍କୁ ନିକଟସ୍ଥ ଏକ ପରିତ୍ୟକ୍ତ ଘରକୁ ନେଇ ବଳାତ୍କାର କରିଥିଲେ। କିଛି ଦିନ ହେବ ନାବାଳିକାଙ୍କ ଦେହ ଅସୁସ୍ଥ ରହିବା ପରେ ସନ୍ଦେହ କରି ଥାନାର ଦ୍ୱାରସ୍ଥ ହୋଇଥିଲେ।

## ପେନ୍‌ସନ୍‌ଭୋଗୀ ସଂଘର ମାନବଶୃଙ୍ଖଳ

ଭୁବନେଶ୍ୱର,୮।୧(ବ୍ୟୁରୋ)- ଓଡ଼ିଶା ରାଜ୍ୟ ସାଧାରଣ ବୀମା ପେନ୍‌ସନଭୋଗୀ ସଂଘ ପକ୍ଷରୁ ଶନିବାର ଭୁବନେଶ୍ୱରରେ ବୀମାଶିଳ୍ପର ସମସ୍ତ ସଙ୍ଗଠନକୁ ନେଇ ଯୌଥ ମିଳିତ ମଞ୍ଚର ଆହ୍ୱାନରେ ଏକ ମାନବଶୃଙ୍ଖଳ ଅନୁଷ୍ଠିତ ହୋଇଥିଲା। ଏଥିସହ ଏକ ଖବରଦାତା ସମ୍ମିଳନୀ କରି ପେନ୍‌ସନଭୋଗୀଙ୍କ ବିଭିନ୍ନ ଦାବି ଉପରେ ଆଲୋଚନା ହୋଇଥିଲା। ନୂତନ ମଜୁରି ରାଜିନାମା, ଶତକଡ଼ା ୩୦ ଭାଗ ଫ୍ୟାମିଲି ପେନ୍‌ସନ, ଘରୋଇକରଣକୁ ବିରୋଧ ସହ ସମସ୍ତଙ୍କ ପାଇଁ ପୁରୁଣା ପେନ୍‌ସନ ନୀତି ଲାଗୁ କରିବାକୁ ସଂଘ ଦାବି କରିଛି। ସମ୍ମିଳନୀରେ କବିଚନ୍ଦ୍ର ଦାସ, ପ୍ରଦୀପ୍ତ କୁମାର ମହାନ୍ତି, ସୁରେନ୍ଦ୍ର କୁମାର ମାଝି ପ୍ରମୁଖ ଯୋଗଦେଇଥିଲେ।



କଟକ ଶହୀଦ ଭବନରେ ଶନିବାର ଅନୁଷ୍ଠିତ ଚଳଚ୍ଚିତ୍ର ପତ୍ରିକା 'ଚଳଚ୍ଚିତ୍ର ଜଗତ'ର ୪୫ ତମ ବାର୍ଷିକ ଉତ୍ସବ ଓ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମରେ ହାସ୍ୟ ଅଭିନେତା ଜୟୀରାମ ସାମଲଙ୍କୁ ସମ୍ମାନିତ କରାଯାଉଛି।

## ସୁନ୍ଦରପଦା ହତ୍ୟା ଘଟଣା
## ୫ ଦିନିଆ ରିମାଣ୍ଡରେ ୩ ଅଭିଯୁକ୍ତ

ଭୁବନେଶ୍ୱର,୮।୧(ବ୍ୟୁରୋ)

ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦାରେ ଘଟିଥିବା ଦୀପକ କୁମାର ରାଉତରାୟ ହତ୍ୟା ମାମଲାରେ କୋର୍ଟରେ ଆତ୍ମସମର୍ପଣ କରି ଜେଲ୍ ଯାଇଥିବା ୩ ଅଭିଯୁକ୍ତଙ୍କୁ ଶନିବାର ୫ ଦିନିଆ ରିମାଣ୍ଡରେ ଆଣିଛି ପୋଲିସ। ସେମାନେ ହେଲେ ଦେବୀପ୍ରସାଦ ମଲିଆ ଓରଫ ବିକି, ସୁଜିତ୍ ପଣ୍ଡା ଓ ଗୁନୁ ମଲିଆ। ଏମାନଙ୍କୁ ୭ ଦିନିଆ ରିମାଣ୍ଡରେ ନେବାକୁ ପୋଲିସ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ କରିଥିଲା। ତେବେ ୫ ଦିନିଆ ରିମାଣ୍ଡରେ ନେବାକୁ ଶୁକ୍ରବାର କୋର୍ଟ ଅନୁମତି ଦେଇଥିଲେ। ରିମାଣ୍ଡ ସମୟରେ ପୋଲିସ ଅଭିଯୁକ୍ତଙ୍କୁ ମାରାଥନ ଜେରା କରି ଅଧିକ ତଥ୍ୟ ହାସଲ କରିବାକୁ ଲକ୍ଷ୍ୟ ରଖିଛି। ଦୀପକଙ୍କୁ ଏହି ୩ ଅଭିଯୁକ୍ତଙ୍କ ସମେତ ୮ରୁ ଊର୍ଦ୍ଧ୍ୱ ଯୁବକ ଖଣ୍ଡାରେ ହାଣି ଅତି ନିର୍ମମ ଭାବେ ହତ୍ୟା କରିଥିଲେ। ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନେ ଏବେବି ଫେରାର ଅଛନ୍ତି। ସେମାନଙ୍କ ସମ୍ପର୍କରେ ଅଧିକ ତଥ୍ୟ ହାସଲ କରି ପୋଲିସ ଏହି ମାମଲାରେ ବଳିଷ୍ଠ ଚାର୍ଜଶିଟ୍ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଛି।

ଗତ ୩୧ ତାରିଖ ରାତିରେ ଅଭିଯୁକ୍ତମାନେ ନୂଆସାହି ହଜ୍ ପୋଖରୀ ନିକଟରେ କପିଳପ୍ରସାଦର ଦୀପକ କୁମାର ରାଉତରାୟଙ୍କୁ ମାରଣାସ୍ତ୍ରରେ ହାଣି ହତ୍ୟା କରିଥିଲେ। ଏହି ମାମଲାରେ ବୁଧବାର ଅଭିଯୁକ୍ତ ବିକି ଓ ସୁଜିତ୍ ଏବଂ ଗୁରୁବାର ଗୁନୁ କୋର୍ଟରେ ଆତ୍ମସମର୍ପଣ କରିଥିଲେ।

# ସୁନା ଦୋକାନର କାନ୍ଥ ତାଡ଼ି ଚୋରି

### ୨ ଭରି ସୁନା, ରୁପା ନେଇଗଲେ

ଭୁବନେଶ୍ୱର,୮।୧(ବ୍ୟୁରୋ)

ରାଜ୍ୟର ସହରାଞ୍ଚଳରେ ଶୁକ୍ରବାର ରାତିଠୁ ନାଇଟ୍ କର୍ଫ୍ୟୁ ଆରମ୍ଭ ହୋଇଛି। ଏହାର ସୁଯୋଗ ନେଇ ରାଜଧାନୀ ଉପକଣ୍ଠରେ ଦୁର୍ବୃତ୍ତମାନେ ଚୋରି ଆରମ୍ଭ କରିଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ବାଲିଅନ୍ତା ଥାନା ଶିଶଲୋ ଛକରେ ଥିବା ମା' ଦକ୍ଷିଣେଶ୍ୱରୀ ସୁନା ଦୋକାନର କାନ୍ଥ ତାଡ଼ି ଚୋରମାନେ ଦେଢ଼ ଲକ୍ଷ ଟଙ୍କାର ୨ ଭରିରୁ ଊର୍ଦ୍ଧ୍ୱ ସୁନା ଓ ରୁପା ଗହଣା ଚୋରି କରିଛନ୍ତି। ଏ ନେଇ ଦୋକାନ ମାଲିକ ସ୍ଥାନୀୟ ଥାନା ବିଶ୍ୱନାଥପୁରର ଅରବିନ୍ଦ ସାଠୁଆ ବାଳକାଟୀ ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୧ /୨୨) ରୁଜୁ କରି ତଦନ୍ତ ଚଳାଇଛି। ତେବେ ଚୋରିବେଳର ଦୃଶ୍ୟ ଦୋକାନ ଭିତରେ ଲାଗିଥିବା ସିସିଟିଭିରେ କଏଦ ହୋଇଛି। ସୂଚନାଯୋଗ୍ୟ, ଶନିବାର ସକାଳେ ଅରବିନ୍ଦ ଦୋକାନ ଖୋଲିବାକୁ ଆସିବାବେଳେ କାନ୍ଥ ତଡ଼ାଯାଇଥିବା ଦେଖିଥିଲେ। ଏପରିକି ଦୋକାନ ଭିତର ସବୁ ସୁନା ରୁପା ଗହଣା ବାକ୍ସ ଖୋଲା ଥିବାବେଳେ ସିସିଟିଭିରୁ ଦେଖି ଚୋରି ହୋଇଥିବା ଜାଣି ପୋଲିସକୁ କହିଥିଲେ। ବାଲିଅନ୍ତା ଥାନା ଅଧିକାରୀ ଯୁବରାଜ ସ୍ୱାଇଁ, ଜୋନ ଏସିପି ପରେଶ କୁମାର ରାଉତ, ବାଳକାଟି ଫାଣ୍ଡି ଅଧିକାରୀ ମୁନତାଜ୍ ଅଲ୍ଲି ଖାନ ପହଞ୍ଚି ତଦନ୍ତ କରିଥିଲେ। ପୋଲିସ ସିସିଟିଭି ଯାଞ୍ଚ କରିବାରୁ ୨ଜଣ ଦୁର୍ବୃତ୍ତ ରାତି ପ୍ରାୟ ୩ଟା ୧୫ରେ ଦୋକାନ ଭିତରେ ପଶି ଚୋରି କରି ପାଖାପାଖି ୩ଟା ୩୫ରେ ପଳାଇଥିଲେ। ଏଥିସହ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ପହଞ୍ଚି ବିଭିନ୍ନ ନମୁନା ସଂଗ୍ରହ କରିବା ସହ ଫିଙ୍ଗର ପ୍ରିଣ୍ଟ ଯାଞ୍ଚ କରିଥିଲା। ଦୋକାନରୁ ଯେଉଁ ବାଟ ଦେଇ ଦୁର୍ବୃତ୍ତମାନେ ଯାଇଥିଲେ ସେହି ସ୍ଥାନରେ ପାଦଚିହ୍ନ ଦେଖି ପୋଲିସ କିଛି ବାଟ ଯାଇଥିଲା। ଦୋକାନ ପାଖରେ ଥିବା ଏକ ବିଲରେ ସୁନା ରଖାଯାଉଥିବା ଟ୍ରେ ମିଳିଥିଲା। ହୁଏତ ସେଠାରେ ଚୋରମାନେ ଅଳଙ୍କାରକୁ ଭାଗବାଣ୍ଟ କରିଥିବା ପୋଲିସ ସନ୍ଦେହ କରୁଛି।

# ଏକ୍ସଆଇଏମ୍‌ବି ହଷ୍ଟେଲର ୩୦ ଛାତ୍ରୀଛାତ୍ର ପଜିଟିଭ

### ଆଉ ୫୮୧ ଚିହ୍ନଟ: ୧୫ କଣ୍ଟେନ୍‌ମେଣ୍ଟ, ୮ ମାଇକ୍ରୋ କଣ୍ଟେନ୍‌ମେଣ୍ଟ



ଭୁବନେଶ୍ୱର, ୮।୧(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ କରୋନା ସଂକ୍ରମଣ ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି। ଗତ ୨୪ ଘଣ୍ଟାରେ ଆଉ ୫୮୧ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସହରର ଏକାଧିକ ସ୍ଥାନରୁ ବହୁ ସଂକ୍ରମିତ ଚିହ୍ନଟ ହେଉଥିବାରୁ ବିଏମ୍‌ସି ପକ୍ଷରୁ କଟକଣା ଲଗାଯାଇଛି। ଶନିବାର ୩ଟି ଜୋନ୍‌ରୁ ୨୧ ସ୍ଥାନକୁ କଣ୍ଟେନ୍‌ମେଣ୍ଟ ଓ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଘୋଷଣା କରାଯାଇଛି। ତେବେ ଉତ୍ତର ଜୋନ୍‌ର ୱାର୍ଡ ନଂ.୧୬ ଅନ୍ତର୍ଗତ ଏକ୍ସଆଇଏମ୍‌ବି ଶିକ୍ଷାନୁଷ୍ଠାନର ଏକ ସଙ୍ଗେ ୩୦ ଛାତ୍ରୀଛାତ୍ର ପଜିଟିଭ୍ ଚିହ୍ନଟ ହୋଇଥିବାରୁ ବିଏମ୍‌ସିର ଚିନ୍ତା ବଢ଼ିଛି। ଫଳରେ ଇନ୍‌ଷ୍ଟିଚ୍ୟୁଟର ହଷ୍ଟେଲ ଷ୍ଟୁଡିଓ ଆପାର୍ଟମେଣ୍ଟକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ଏହି ସମୟରେ ହଷ୍ଟେଲ ଛାତ୍ରୀଛାତ୍ର ବାହାରକୁ ବାହାରି ପାରିବେନି କି ବିଏମ୍‌ସି କର୍ମଚାରୀଙ୍କ ବ୍ୟତୀତ ବାହାରୁ ଆଉ କେହି ପ୍ରବେଶ କରିବାକୁ ବାରଣ କରାଯାଇଛି। ବିଏମ୍‌ସି ପକ୍ଷରୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯିବ। ଏଥିସହ କଲେଜ କ୍ୟାମ୍ପସ ପରିସରରେ ଥିବା ଅନ୍ୟ ସମସ୍ତ ହଷ୍ଟେଲ ଛାତ୍ରୀଛାତ୍ରଙ୍କ ଆର୍‌ଟି-ପିସିଆର୍ ଟେଷ୍ଟ କରାଯିବ ବୋଲି ସୂଚନା ଦିଆଯାଇଛି। ସେହିପରି ଗାଡକଣସ୍ଥିତ ନେତାଜୀ ସୁଭାଷ ଏନ୍‌କ୍ଲେଭର ଜି-୩, ପଟିଆର ଖାରବେଳ ଇଷ୍ଟ ଭ୍ୟୁ ଆପାର୍ଟମେଣ୍ଟର ଫ୍ଲାଟ ନଂ. ୧୧୮ ଓ ହଂସପାଳର ଲକ୍ଷ୍ମୀ ରେସିଡେନ୍ସିକୁ କଣ୍ଟେନ୍‌ମେଣ୍ଟ କରାଯାଇଛି। ଦକ୍ଷିଣ-ପୂର୍ବ ଜୋନ ଅନ୍ତର୍ଗତ ଆଚାର୍ଯ୍ୟବିହାର ଉତ୍କଳ ଭିଲ୍ଲାର ବ୍ଲକ୍‌ଡି ଫ୍ଲାଟ ନଂ.୩୦୧, ବ୍ଲକ୍ ଡି ଫ୍ଲାଟ ନଂ.୪୦୧, ଲୁଇସରୋଡ୍ ପ୍ରହଲ୍ଲାଦ ରେସିଡେନ୍ସିର ଫ୍ଲାଟ ନଂ.୨୬୪, ଟଙ୍କପାଣିରୋଡ୍ ଫ୍ଲାଟ ନଂ. ୭୨୨/୭୩୮, ବ୍ରହ୍ମେଶ୍ୱର ହାଟ ନିକଟ ଫ୍ଲାଟ ନଂ ୩୮୯/୨, ବ୍ରହ୍ମେଶ୍ୱର ମନ୍ଦିର ପଛ ଏଚ୍‌ପି ଗ୍ୟାସ ଗୋଦାମ ନିକଟ ଫ୍ଲାଟ ନଂ.୨୭୬୨, ନୂଆଗାଁସ୍ଥିତ ମାଧବାଣୀ ଏନ୍‌କ୍ଲେଭ ଫ୍ଲାଟ ନଂ.୩୦୧, ୟୁନିଟ-୯ସ୍ଥିତ କୃଷ୍ଣକୁଞ୍ଜ ଆପାର୍ଟମେଣ୍ଟର ଫ୍ଲାଟ ନଂ.୧୧୪୯, ବଡ଼ଗଡ଼ ବ୍ରିଟ୍ କଲୋନୀର ଫ୍ଲାଟ ନଂ.ଏମ୍‌ବି ୩୨ ଏବଂ ପୁରୁଣା ଭୁବନେଶ୍ୱର ଡାକବଙ୍ଗଳା ଛକସ୍ଥିତ ଫ୍ଲାଟ ନଂ.୧୦୮୭କୁ କଣ୍ଟେନମେଣ୍ଟ ଜୋନ କରାଯାଇଛି। ଦକ୍ଷିଣ-ପଶ୍ଚିମ ଜୋନ ଅନ୍ତର୍ଗତ କଳିଙ୍ଗ ନଗରର ବିପୁଲ ଗାର୍ଡେନ ଟାୱାର-୧ର ଫ୍ଲାଟ ନଂ. ୬୦୧। ଏଠାରୁ ୪ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଖଣ୍ଡଗିରି ବାରିର ଅନ୍ନପୂର୍ଣ୍ଣା ଫାଇନାନ୍ସରୁ ୭ଜଣ କର୍ମଚାରୀ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ କଳିଙ୍ଗ ନଗର ଗାଲାକ୍ସି ରେସିଡେନ୍ସିର ଫ୍ଲାଟ ନଂ.ଜେ-୨୧୪ରୁ ୪ଜଣ, ପୋଖରୀପୁଟ ବିଡିଏ କଲୋନୀର ଏମ୍‌ଆଇଜି-୭୮ରୁ ୩ଜଣ, ଜାଗମରାର ସିଦ୍ଧିବିହାର ଫ୍ଲାଟ ନଂ. ବି-୨୨ରୁ ୪ଜଣ ଏବଂ ସୂର୍ଯ୍ୟ ନଗରର ଫ୍ଲାଟ ନଂ. ୨୩ରୁ ୫ଜଣ, ଶତାବ୍ଦୀ ନଗର ଫ୍ଲାଟ ନଂ.୧୦୮୫/୩୬୭୦, ୟୁନିଟ-୮ର କ୍ୱାର୍ଟର ନଂ. ୨ଆର୍‌୨କୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ କରାଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରସନ୍ନଜିତ୍



@ ପୂର୍ଣ୍ଣେନ୍ଦୁ



@ ଲୋପାମୁଦ୍ରା



@ ନିଲେଶ



@ ବିଶ୍ୱଜିତ୍



@ ଗୁଲ୍‌ସନ୍

## ଛାତ୍ର କଂଗ୍ରେସର 'ଶିକ୍ଷା ବଞ୍ଚାଅ, ଦେଶ ବଞ୍ଚାଅ' କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଭୁବନେଶ୍ୱର,୮।୧(ବ୍ୟୁରୋ)

ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଶନିବାର ଛାତ୍ର କଂଗ୍ରେସ ପକ୍ଷରୁ ଜବାହର ବାଲମଞ୍ଚର 'ଶିକ୍ଷା ବଞ୍ଚାଅ, ଦେଶ ବଞ୍ଚାଅ' କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜବାହର ବାଲମଞ୍ଚର ରାଷ୍ଟ୍ରୀୟ ସଭାପତି ବି.ଭି.ହରି ଯୋଗଦେଇ କହିଛନ୍ତି, ଏହା ଏଆଇସିସିର ଏକ ନୂଆ ବିଭାଗ। ଏଥିରେ ୭ ରୁ ୧୮ ବର୍ଷ ବୟସର ଛାତ୍ରୀଛାତ୍ରମାନେ ଅନ୍ତର୍ଭୁକ୍ତ ହେବେ। ବର୍ତ୍ତମାନ ସ୍ୱାଧୀନତା ସଂଗ୍ରାମର ଇତିହାସକୁ ବିକୃତ କରିବା ସହ ସ୍ୱାଧୀନତା ସଂଗ୍ରାମୀଙ୍କ ନାମରେ ମିଥ୍ୟା କାହାଣୀ ସୃଷ୍ଟି କରାଯାଇ ସେମାନଙ୍କୁ ବଦନାମ କରାଯାଉଛି। ଏହାକୁ ପ୍ରତିହତ କରିବା ଜବାହର ବାଲମଞ୍ଚର ମୁଖ୍ୟ ଉଦ୍ଦେଶ୍ୟ। ବିଭିନ୍ନତା ମଧ୍ୟରେ ଏକତା, ସମାନତା, ନ୍ୟାୟ, ଗଣତନ୍ତ୍ର ଏବଂ ଧର୍ମନିରପେକ୍ଷତାର ବାସ୍ତବ ମନ୍ତ୍ର ସମ୍ବନ୍ଧରେ ସଙ୍ଗଠନ ଏପରି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇବ। ଜବାହର ବାଲମଞ୍ଚର ଓଡ଼ିଶା କୋଅର୍ଡିନେଟର ମାନସ ମିଶ୍ର ଯୋଗଦେଇ କହିଛନ୍ତି, ଏହି ସଙ୍ଗଠନ ଦେଶର ଶାନ୍ତିସଦ୍‌ଭାବନା ସ୍ଥାପନାରେ ପ୍ରମୁଖ ଭୂମିକା ନେବ ବୋଲି ସେ କହିଛନ୍ତି।




ଓଡ଼ିଆ ଭାଷା ପ୍ରତିଷ୍ଠାନ ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପକ୍ଷରୁ ଶନିବାର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ 'ଓଡ଼ିଆ ଭାଷାର ଶାସ୍ତ୍ରୀୟତା-ଏକ ଅନୁଶୀଳନ' ଶୀର୍ଷକ ଭାଷା ସମ୍ମାନରେ ଯୋଗଦେଇଥିବା ଅତିଥିମାନେ।



ଗୁରୁ କେଳୁଚରଣ ମହାପାତ୍ରଙ୍କ ୯୬ତମ ଜୟନ୍ତୀରେ ଶନିବାର ଭୁବନେଶ୍ୱରସ୍ଥିତ ଜିକେସିଏମ୍‌ଠାରେ ନୃତ୍ୟ ଓ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ 'ଅନ୍ତଃଦୃଷ୍ଟି'ର ଉଦ୍‌ଘାଟନୀ ସନ୍ଧ୍ୟାରେ କଳାକାର ନୃତ୍ୟ ପରିବେଷଣ କରୁଛନ୍ତି।



ପୁରୀରେ ଶନିବାର ଅନୁଷ୍ଠିତ ପାଟରା ମହାସଂଘର ୨୧୫ତମ ସାଧାରଣ ବୈଠକରେ ସ୍ମରଣିକା 'ଶଙ୍କର୍ଷଣ'କୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

## ସଂକ୍ଷେପରେ

### ୫୦୨ ଛାତ୍ରୀଛାତ୍ର ନେଲେ ଟିକା



**ବୋଲଗଡ଼,୮।୧(ଡି.ଏନ୍.ଏ.):** ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ୍ରମେ ଶନିବାର ପରମାନନ୍ଦ ମହାବିଦ୍ୟାଳୟରେ କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଖୋଲାଯାଇଥିବା ଏହି ଟିକାଦାନ କେନ୍ଦ୍ରରେ ମହାବିଦ୍ୟାଳୟରେ ଅଧ୍ୟୟନରତ ୧୫ରୁ ୧୮ବର୍ଷ ମଧରେ ଥିବା ୫୦୨ ଛାତ୍ରୀଛାତ୍ରଙ୍କୁ ଟିକାକରଣ କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ଦୁର୍ଗା ପ୍ରସାଦ ଜେନା ଓ କଲେଜ ଅଧକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଡା. ସୁଷମା ମଞ୍ଜରୀ ବେହେରାଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟକର୍ମୀ ସୌଦାମିନୀ ଦେଇ, ବାରିଜାକ୍ଷୀ ସାମନ୍ତରାୟ, ମନୋରମା ନିଶଙ୍କ, ମିତାଞ୍ଜଳି ସାହୁ, ସୂର୍ଯ୍ୟକାନ୍ତ ମାର୍ଥା ପ୍ରମୁଖ ଟିକାକରଣ କରିଥିଲେ। ଏହି ଅବସରରେ ପ୍ରାଧାପକ ହେମନ୍ତ ମହାପାତ୍ର, ଜୟନ୍ତ କୁମାର ବିଶ୍ୱାଳ, କର୍ମୋଦୟ ଛୋଟରାୟ, ଗାନ୍ଧୀ କୁମାର ସାହୁ, ବିଶ୍ୱମୋହନ ନରେନ୍ଦ୍ର, ବୈଦ୍ୟନାଥ ହୋତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ୪ ବାଇକ୍ ଜବତ, ୨ ଗିରଫ

**ନିରାକାରପୁର,୮।୧(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଞ୍ଚଳରେ ବାଇକ୍ ଚୋରଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିଚାଲିଛି। ଶନିବାର ନିରାକାରପୁର ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୨ବାଇକ୍ ଚୋରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଖଜୁରିଆ ଗ୍ରାମର ସିରାଜୁଦ୍ଦିନ୍ ସାହା ଓ କୌଶର ଅଲ୍ଲି ସାହା। ଏମାନଙ୍କ ନିକଟରୁ ୪ଟି ବାଇକ୍ ଜବତ କରାଯାଇଛି ବୋଲି ଆଇଆଇସି ଗୀତାଞ୍ଜଳି ନାୟକ ସୂଚନା ଦେଇଛନ୍ତି।

### ଲୁଟ୍ ଉଦ୍ୟମ, ଯୁବକ ଗିରଫ

**ଖୋର୍ଦ୍ଧା ଅଫିସ,୮।୧:** ଲୁଟ୍ ଉଦ୍ୟମ ଅଭିଯୋଗରେ ଶିଳ୍ପାଞ୍ଚଳ ଫାଣ୍ଡି ପୋଲିସ ଶନିବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଜଟଣୀ ଥାନା ଅନ୍ତର୍ଗତ ବେଣାପଞ୍ଜରୀ ଗ୍ରାମର ସେକ୍ ଇବାଦୁଲା (୨୦)। ସୂଚନା ମୁତାବକ, ସ୍ଥାନୀୟ ଶିଳ୍ପାଞ୍ଚଳରେ କାର୍ଯ୍ୟ କରୁଥିବା ଜଣେ କର୍ମଚାରୀ ଶନିବାର ଅପରାହ୍ନରେ ଜାତୀୟ ରାଜପଥ ପାର୍ଶ୍ୱ ହୋଟେଲରୁ ଖାଇବା ପରେ କମ୍ପାନୀକୁ ବାଇକରେ ଯାଉଥିଲେ। ଏହି ସମୟରେ ବରୁଣେଇ ରାସ୍ତାରେ ଏକ ପଲସରରେ ଇବାଦୁଲା ଓ ତାଙ୍କର ଜଣେ ସହଯୋଗୀ ଆସି ଉକ୍ତ ବ୍ୟକ୍ତିଙ୍କୁ ଧକ୍କା ଦେଇଥିଲେ। ଫଳରେ ସେ ପଡିଯାଇଥିଲେ। ତାଙ୍କ ଠାରୁ ଏକ ମୋବାଇଲ ଫୋନ, ୫ହଜାର ଟଙ୍କା ଏବଂ ଗାଡି ନେବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ପପହଞ୍ଚି ଇବାଦୁଲାଙ୍କୁ କାବୁ କରିଥିଲା। ଘଟଣାସ୍ଥଳରୁ ସହଯୋଗୀ ଫେରାର ହୋଇଯାଇଥିଲେ।

### 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ

**ଜଟଣୀ,୮।୧(ଡି.ଏନ୍.ଏ.):** ଜଟଣୀସ୍ଥିତ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ସ୍କୁଲ ଅଫ ମ୍ୟାନେଜମେଣ୍ଟ ପକ୍ଷରୁ ଆଞ୍ଚଳିକ ଆଉଟରିଚ୍ ବ୍ୟୁରୋର ମିଳିତ ସହଯୋଗରେ ବିଶ୍ୱବିଦ୍ୟାଳୟ ଅଡିରୋଟିୟମ ହଲରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଅତିରିକ୍ତ ଡିଜି ଅଖିଳ କୁମାର ମିଶ୍ର, ପ୍ରଫେସର ସୁପ୍ରିୟା ପଟ୍ଟନାୟକ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହି ବିଶ୍ୱବିଦ୍ୟାଳୟ ଏପରି ଏକ ଶିକ୍ଷାନୁଷ୍ଠାନ ଆରମ୍ଭରୁ ସୀମିତ ବ୍ୟବହାର, ପୁନଃ ବ୍ୟବହାର ଏବଂ ପୁନଃ ବ୍ୟବହାରଯୋଗ୍ୟ ଦିଗରେ କାର୍ଯ୍ୟ କରୁଛି। ଏକ ନିର୍ମଳ ଏବଂ ସୁନ୍ଦର ପରିବେଶ ଚାହୁଁଥିଲେ ସମସ୍ତେ ପରିବର୍ତ୍ତନ ହେବାକୁ ପଡିବ ବୋଲି ଡ.ଉମାକାନ୍ତ ନାୟକ କହିଥିଲେ। ଏହି ଅବସରରେ ସ୍ୱଚ୍ଛତା ପାଇଁ ଶପଥ ପାଠ କରାଯାଇଥିଲା।

# ବିଦ୍ୟାଳୟ ଅନୁଦାନ ଅର୍ଥ ଆତ୍ମସାତ୍

**ଖୋର୍ଦ୍ଧା ଅଫିସ,୮।୧**

- ଜିଲାପାଳଙ୍କ ନିକଟରେ ଗ୍ରାମବାସୀଙ୍କ ଅଭିଯୋଗ
- ସ୍କୁଲ ପରିଚାଳନା କମିଟିର ବିନା ଅନୁମତିରେ ଚାଲିଛି କାର୍ଯ୍ୟ

ରାଜ୍ୟ ସରକାର ଗୁଣାତ୍ମକ ଶିକ୍ଷା, ଭିତ୍ତିଭୂମିର ବିକାଶ ଏବଂ ରୂପାନ୍ତରଣ କାର୍ଯ୍ୟକ୍ରମରେ ବିଦ୍ୟାଳୟରେ ପିଲାଙ୍କ ପାଇଁ ସ୍ମାର୍ଟ କ୍ଲାସ୍‌ରୁମ, ଅତ୍ୟାଧୁନିକ ଲାଇବ୍ରେରି ଓ ବିଜ୍ଞାନାଗାର କରୁଛନ୍ତି। ତେବେ ବିଦ୍ୟାଳୟ ଓ ପିଲାଙ୍କ ବିକାଶ ପାଇଁ ଆସୁଥିବା ଅର୍ଥ ହରିଲୁଟ୍ କରାଯାଉଥିବା ଅଭିଯୋଗ ହେଉଛି। ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଗୋଳବାଇ ଭଗବତୀ ସରକାରୀ ହାଇସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଆସିଛି ଏଭଳି ଅଭିଯୋଗ। ୨୦୧୯, ୨୦୨୦ ଓ ୨୦୨୧ ଆର୍ଥିକ ବର୍ଷରେ ଆସିଥିବା ସରକାରୀ ଅନୁଦାନ ଅର୍ଥରେ ବ୍ୟାପକ ଅନିୟମିତତା କରାଯାଇଥିବା ନେଇ ଏକାଧିକ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହ ତଦନ୍ତ ଦାବି କରିଛନ୍ତି।

ବିଦ୍ୟାଳୟକୁ ଆସୁଥିବା ଅର୍ଥ ବିନିଯୋଗ ପାଇଁ ସ୍କୁଲ ପରିଚାଳନା କମିଟିର ଅନୁମୋଦନ ପରେ କାର୍ଯ୍ୟକାରୀ କରାଯାଇଥାଏ। ତେବେ ପରିଚାଳନା କମିଟିର ବିନା ଅନୁମୋଦନରେ ଏଠାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି। ଶ୍ରେଣୀଗୃହ ନିର୍ମାଣ ପାଇଁ ସର୍ବଶିକ୍ଷା ଅଭିଯାନ ଗ୍ରାଣ୍ଟରେ ୨୨ଲକ୍ଷ ୩୦ହଜାର, ପିଲାଙ୍କ ଡ୍ରେସ୍ ପାଇଁ ୮ଲକ୍ଷ ଟଙ୍କା ଆସିଥିବା ବେଳେ ଅନୁରୂପ ଭାବେ କମ୍ପୋଜିଟ ଗ୍ରାଣ୍ଟ, ଲାଇବ୍ରେରି, କ୍ରୀଡ଼ା ଉପକରଣ, ଇକୋ କ୍ଲବ ସମେତ ବହୁ ଯୋଜନାରେ ଲକ୍ଷାଧିକ ଟଙ୍କା ଅନୁଦାନ ଆସିଛି। ତେବେ ଏହି ଅର୍ଥକୁ ସ୍କୁଲ କମିଟିର ବିନା ଅନୁମୋଦନରେ ପ୍ରଧାନ ଶିକ୍ଷୟିତ୍ରୀ ଦୁଇରୁ ତିନିଜଣଙ୍କୁ ହାତବାରିସି କରି ମନଇଚ୍ଛା ଖର୍ଚ୍ଚ କରୁଛନ୍ତି। ଏନେଇ ଜଣାପଡିବା ପରେ ଜଣେ କମିଟି ସଭ୍ୟ କମିଟି ବୈଠକ ଡକାଇ ଚାଲିଥିବା ନିର୍ମାଣ କାର୍ଯ୍ୟର ସମ୍ପୂର୍ଣ୍ଣ ତଥ୍ୟ ଉପସ୍ଥାପନ ଲାଗି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ତେବେ ଗତ ଡିସେମ୍ବରରେ ଏନେଇ ସ୍କୁଲ ପକ୍ଷରୁ ବୈଠକ ଡକାଯାଇଥିଲା। ତେବେ ବିଦ୍ୟାଳୟକୁ କେଉଁ କାର୍ଯ୍ୟ ପାଇଁ କେତେ ଟଙ୍କା ଅନୁଦାନ ଆସିଛି, ସେ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଦିଆଗଲା ନାହିଁ। ସ୍କୁଲରେ ଚାଲୁଥିବା କାର୍ଯ୍ୟ ସମ୍ପର୍କରେ କମିଟି ସଭ୍ୟଙ୍କୁ ଜଣାଯାଉନାହିଁ। ଅନେକ କାର୍ଯ୍ୟରେ ମିଥ୍ୟା ଭାଉଚର ବିଲ୍ କରାଯାଇ ଟଙ୍କା ଆତ୍ମସାତ୍ କରାଯାଉଛି। ଏହାର ତଦନ୍ତ କରାଗଲେ ବହୁ ତଥ୍ୟ ପଦାକୁ ଆସିବ ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଏହି ଘଟଣାର ତଦନ୍ତ ଲାଗି ଜିଲାପାଳଙ୍କ ସମେତ ଜିଲା ଶିକ୍ଷାଧିକାରୀ, ସ୍କୁଲ ଓ ଗଣଶିକ୍ଷା ବିଭାଗ ସଚିବ, ୫-ଟି ସଚିବଙ୍କ ନିକଟକୁ ଅଭିଯୋଗପତ୍ର ପଠାଯାଇଛି। ଅନ୍ୟପକ୍ଷରେ ଏନେଇ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାସିନୀ ଦେଇ କହିଛନ୍ତି, ସମସ୍ତ ଅଭିଯୋଗ ଭିତ୍ତିହୀନ। ବିଦ୍ୟାଳୟରେ କୌଣସି କାର୍ଯ୍ୟ କରିବା ପୂର୍ବରୁ ଏସ୍‌ଏମ୍‌ସି ସଦସ୍ୟଙ୍କ ବୈଠକରେ ଆଲୋଚନା କରାଯାଇ ଅନୁମୋଦନ ପରେ ଏହାକୁ କାର୍ଯ୍ୟକାରୀ କରାଯାଇଥାଏ। କୌଣସି କାର୍ଯ୍ୟରେ ଅନିୟମିତତା ହୋଇନାହିଁ।



କଟକ ଶହୀଦ ଭବନରେ ଶନିବାର ଅନୁଷ୍ଠିତ ଚଳଚ୍ଚିତ୍ର ପତ୍ରିକା 'ଚଳଚ୍ଚିତ୍ର ଜଗତ'ର ୪୫ ତମ ବାର୍ଷିକ ଉତ୍ସବ ଓ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମରେ ହାସ୍ୟ ଅଭିନେତା ଜୟୀରାମ ସାମଲଙ୍କୁ ସମ୍ମାନିତ କରାଯାଉଛି।

## ଲୋକଙ୍କ ସମସ୍ୟା ବୁଝିଲେ ଯୋଜନା ବୋର୍ଡ ଉପାଧକ୍ଷ

**କୃଷ୍ଣପ୍ରସାଦ,୮।୧(ଡି.ଏନ୍.ଏ.)**

ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ସଞ୍ଜୟ କୁମାର ଦାସବର୍ମା ଶନିବାର କୃଷ୍ଣପ୍ରସାଦ ବ୍ଲକ ଗସ୍ତ କରି ମାଲୁଦ, ମଲେଶ୍ୱରୀବଡ଼ଖାଡ଼, ଦେଉଳପଡା ଗ୍ରାମବାସୀଙ୍କ ସମସ୍ୟା ପଚାରି ବୁଝିଥିଲେ। ଏହି ଅବସରରେ ରୂପାନ୍ତରଣ ହୋଇଥିବା ସାନସୀମା ନୋଡାଲ ଉଚ୍ଚ ବିଦ୍ୟାଳୟ ଓ ଗୋଲପୁରର କମଳେଶ୍ୱର ବିଦ୍ୟାପୀଠ ପ୍ରକଳ୍ପକୁ ଦାସବର୍ମା ଲୋକାର୍ପଣ କରିଥିଲେ। ଏହି ଗସ୍ତ ସମୟରେ ଲକ୍ଷ୍ମୀଧର ସାହୁ, ଉପାଧକ୍ଷ ପ୍ରଫୁଲ୍ଲ କୁମାର ଜେନା, ମାଲୁଦ ସରପଞ୍ଚ ରବୀନ୍ଦ୍ରନାଥ ଦାସ, ସେକ୍ ନବି, ଦିଲୀପ ରଣସିଂହ, ପ୍ରଭାତି ପ୍ରଧାନ, ପ୍ରଦୀପ କୁମାର ଦାସ, ଉଲ୍ଲାସ ଚନ୍ଦ୍ର ଜେନା, ବିଜୟ କୁମାର ତରେଇ, କବିରାଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ୩ ପେଚା, କୁଟୁରା ମୃତ
### ୨ କୋକିଶିଆଳି ଶାବକ ଜନ୍ମ

**ବାରଙ୍ଗ,୮।୧(ଡି.ଏନ୍.ଏ)**

ନନ୍ଦନକାନନର ୩୬ନଂ. ଏନ୍‌କ୍ଲୋଜରରେ ରହୁଥିବା ଏକ ଅଣ୍ଡିରା କୁଟୁରାର ଶୁକ୍ରବାର ମୃତ୍ୟୁ ହୋଇଛି। ସେହିପରି ପ୍ରାଣୀ ଉଦ୍ୟାନର ବନ୍ୟପ୍ରାଣୀ ଚିକିତ୍ସାଳୟର କ୍ୱାରାଣ୍ଟାଇନ୍‌ରେ ଚିକିତ୍ସାଧୀନ ଥିବା ୩ ଲକ୍ଷ୍ମୀ ପେଚାଙ୍କ ମୃତ୍ୟୁ ଘଟିଛି। ମୃତ ପେଚା ୩ଟି ନନ୍ଦନକାନନର ରାତ୍ରଚର ଜୀବଙ୍କ ଏନକ୍ଲୋଜରରେ ରହୁଥିଲେ। କିଛିଦିନ ହେବ ସେମାନେ ମାତ୍ରାଧିକ ଥଣ୍ଡା ଯୋଗୁ ଅସୁସ୍ଥ ଥିଲେ। ଫଳରେ ସେହି ପେଚାଙ୍କ ସଂଖ୍ୟା ୫ରେ ପହଞ୍ଚିଛି। ୩୬ନଂ ଏନକ୍ଲୋଜରରେ ରହୁଥିବା ୧୦ବର୍ଷର ଅଣ୍ଡିରା କଟାସ ପ୍ରଥମଥର ପାଇଁ ଅସୁସ୍ଥ ହୋଇ ଏବେ ଚିକିତ୍ସାଧୀନ ରହିଛି। ଅନ୍ୟପଟେ ନନ୍ଦନକାନନର ୧୪ନମ୍ବର ଏନକ୍ଲୋଜରରେ ରହୁଥିବା ମାଈ କୋକିଶିଆଳି ୨ଟି ଶାବକ ଜନ୍ମ ଦେଇଛି।

# ଟାଙ୍ଗୀସାହିକୁ ହରାଇ ଖଙ୍ଗୁରିଆ ଟିମ୍ ଚାମ୍ପିୟନ

**ବୋଲଗଡ଼,୮।୧(ଡି.ଏନ୍.ଏ.)**

**ଗୋପାଳ ଚନ୍ଦ୍ର ସାହୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତ ହରିପୁର ପାଟଣା ଖେଳପଡ଼ିଆରେ ଚାଲିଥିବା ଗୋପାଳ ଚନ୍ଦ୍ର ସାହୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଟାଙ୍ଗୀସାହି ଟିମ୍‌କୁ ହରାଇ ଖଙ୍ଗୁରିଆ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଖଙ୍ଗୁରିଆ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ବିନିମୟରେ ୧୪୨ରନ ସଂଗ୍ରହ କରିଥିଲା। ଜବାବରେ ଟାଙ୍ଗୀସାହି ଟିମ୍ ୬.୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୪୨ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବିଜୟ କୁମାର ସେଠୀ ଏବଂ ରାଜେଶ ବେହେରା ମ୍ୟାଚ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସାମାଜିକ କର୍ମୀ ନିରଞ୍ଜନ ସବୁଦ୍ଧି ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୫୦୦୦ ଟଙ୍କା ଓ ରନର୍ସଅପ ଟିମ୍‌କୁ ୩୦୦୦ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ ହରିପୁର କ୍ରିକେଟ ଟିମର ସୁରେନ୍ଦ୍ର, ରାଜା, ଟୁଲୁ ପ୍ରମୁଖ ଟୁର୍ଣ୍ଣାମେଣ୍ଟରେ ସହଯୋଗ କରିଥିଲେ।



ଉଦ୍‌ଯାପନୀ ମ୍ୟାଚ୍‌ରେ ଟ୍ରଫି ସହ ଖେଳାଳିମାନେ।

# ମହିଳାଙ୍କ ପାଇଁ ଜିଲା ପରିଷଦ ଅଧକ୍ଷ ଆସନ ସଂରକ୍ଷିତ

**ଖୋର୍ଦ୍ଧା ଅଫିସ,୮।୧**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି। ନିକଟରେ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ, ବ୍ଲକ ଅଧକ୍ଷ ପଦବୀ ପାଇଁ ଚୂଡାନ୍ତ ସଂରକ୍ଷଣ ତାଲିକା ପ୍ରକାଶ ପାଇଥିଲା। ସେହିପରି ଜିଲାର ଜିଲା ପରିଷଦ ଚୂଡାନ୍ତ ସଂରକ୍ଷଣ ତାଲିକା ମଧ ପ୍ରକାଶ ପାଇଛି। ଜିଲା ପରିଷଦ ଅଧକ୍ଷ ପଦ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ୩୦ ଜୋନ୍ ମଧ୍ୟରୁ ଅନୁସୂଚିତ ଜାତି ୫ (ମହିଳା ୩), ଅନୁସୂଚିତ ଜନଜାତି ୨(ଗୋଟିଏ ମହିଳା) ଏବଂ ଅଣସଂରକ୍ଷିତ ୨୩ଟି ରହିଛି। ସେଥିରୁ ମହିଳାଙ୍କ ପାଇଁ ୧୧ ସଂରକ୍ଷିତ ରହିଛି। ଖୋର୍ଦ୍ଧା ବ୍ଲକର ୩ଟି ଜୋନ୍‌ରୁ ଗୋଟିଏ ଅଣ ସଂରକ୍ଷିତ ଏବଂ ୨ଟି ମହିଳାଙ୍କ ପାଇଁ ରହିଛି। ଚିଲିକାର ୩ଟି ଜୋନ୍ ମଧ୍ୟରୁ ୨ଟି ମହିଳା ଓ ଗୋଟିଏ ଅନୁସୂଚିତ ଜାତି(ମହିଳା)ଙ୍କ ପାଇଁ ରହିଛି। ଜଟଣୀ ବ୍ଲକର ୨ଟି ଜୋନ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ଟାଙ୍ଗୀ ବ୍ଲକର ୩ଟି ଜୋନ୍ ମଧ୍ୟରୁ ୨ଟି ଅଣସଂରକ୍ଷିତ ରହିଥିବା ବେଳେ ଗୋଟିଏ ଅନୁସୂଚିତ ଜାତି(ମହିଳା)ଙ୍କ ପାଇଁ ରହିଛି। ବାଣପୁର ବ୍ଲକର ୩ଟି ଜୋନ୍ ମଧ୍ୟରୁ ଗୋଟିଏ ମହିଳା, ଅଣସଂରକ୍ଷିତ ଓ ଅନୁସୂଚିତ ଜନଜାତି(ମହିଳା)ଙ୍କ ପାଇଁ ରହିଛି। ବାଲିଅନ୍ତା ବ୍ଲକର ୩ଟି ଜୋନ ମଧ୍ୟରୁ ଅଣସଂରକ୍ଷିତ, ମହିଳା ଓ ଅନୁସୂଚିତ ଜାତି ପାଇଁ ରହିଛି। ବାଲିପାଟଣା ବ୍ଲକର ୩ଟି ଜୋନ ମଧ୍ୟରୁ ଅନୁସୂଚିତ ଜାତି, ଅନୁସୂଚିତ ଜାତି(ମହିଳା) ଓ ଅଣସଂରକ୍ଷିତ ରହିଛି। ବେଗୁନିଆ ବ୍ଲକର ୩ଟି ଜୋନ ମଧ୍ୟରୁ ୨ଟି ଅଣସଂରକ୍ଷିତ ରହିଥିବା ବେଳେ ଗୋଟିଏ ମହିଳାଙ୍କ ପାଇଁ ରହିଛି। ବୋଲଗଡ଼ ବ୍ଲକର ୩ଟି ଜୋନ ମଧ୍ୟରୁ ଗୋଟିଏ ମହିଳାଙ୍କ ପାଇଁ ରହିଥିବା ବେଳେ ୨ଟି ଅଣସଂରକ୍ଷିତ ରହିଛି। ସେହିପରି ଭୁବନେଶ୍ୱର ବ୍ଲକର ୩ଟି ଜୋନ୍ ମଧ୍ୟରୁ ଅନୁସୂଚିତ ଜନଜାତି, ଅଣସଂରକ୍ଷିତ ଏବଂ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି।

**ବିଜେଡି ମହଲରେ ଉତ୍ସାହ, ବିରୋଧୀ ନିରୁତ୍ସାହ**

ଜିଲା ପରିଷଦ ଚୂଡାନ୍ତ ତାଲିକା ପ୍ରକାଶ ପରେ ବହୁ ଆଶାୟୀ ନିରାଶ ହୋଇଛନ୍ତି। ୩ ପ୍ରମୁଖ ଦଳ ଶିବିରରେ ନିର୍ବାଚନ ତାତି ଦେଖିବାକୁ ମିଳିଲାଣି। ତେବେ ବିରୋଧୀ କଂଗ୍ରେସ ଏବଂ ଭାଜପା ପକ୍ଷରୁ ସେଭଳି କୌଣସି ରଣନୀତି ଦେଖିବାକୁ ମିଳୁ ନ ଥିବା ବେଳେ ଶାସକ ଦଳ ପକ୍ଷରୁ ପ୍ରସ୍ତୁତି ଜୋର୍‌ଦାର ଚାଲିଛି। ନେତା ଓ କର୍ମୀମାନେ ଦଳୀୟ ସମର୍ଥକଙ୍କ ସହ ୩ ବିଧାୟକଙ୍କ କାର୍ଯ୍ୟାଳୟରେ ଡେରା ପକାଇଛନ୍ତି। ବିଜେଡି ଆଶାୟୀ ପ୍ରାର୍ଥୀ ଗାଁ ଗାଁ ବୁଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଜଣାଉଛନ୍ତି। ଦଳୀୟ ମନ୍ତ୍ରୀ, ଜିଲା ସଭାପତି, ସାଙ୍ଗଠନିକ ପଦପଦବୀରେ ଥିବା କର୍ମୀଙ୍କ ଫଟୋ ସହିତ ନିଜ ଫଟୋକୁ ଆଶାୟୀ ପ୍ରାର୍ଥୀମାନେ ପୋଷ୍ଟର, ବ୍ୟାନରରେ ରଖି ପ୍ରଚାର ଚଳାଇଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରସନଜିତ୍



@ ପୂର୍ଣ୍ଣେନ୍ଦୁ



@ ଲୋପାମୁଦ୍ରା



@ ନିଲେଶ



@ ବିଶ୍ୱଜିତ୍



@ ଗୁଲ୍‌ସନ୍

# ଆଜି ଚିଲିକାରେ ଡଲ୍‌ଫିନ ଗଣନା

**ବାଲୁଗାଁ/ବ୍ରହ୍ମଗିରି,୮।୧(ଡି.ଏନ୍.ଏ.)**

ଚିଲିକାରେ ରବିବାର ହେବ ଡଲ୍‌ଫିନ ଗଣନା। ଚିଲିକା ବନ୍ୟପ୍ରାଣୀ ବିଭାଗ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ)ଙ୍କ ସହଯୋଗରେ ଏହି ଗଣନା କରାଯିବ। ଏନେଇ ଶନିବାର ବାଲୁଗାଁ ଚିଲିକା କୂଳସ୍ଥିତ ବନ୍ୟପ୍ରାଣୀ ବିଭାଗ କାର୍ଯ୍ୟାଳୟ ପରିସରରେ ଗଣନାକାରୀଙ୍କ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ଡିଏଫ୍‌ଓ ଜ୍ୟୋତି କୋଟାଲ, ସିଡିଏର ମୁଖ୍ୟ ବୈଜ୍ଞାନିକ ଗୁରୁଦୀପ ରୁସ୍ତାଗି ଏବଂ ପି.ଆର୍. ମୁଦୁଲି ଗଣନା ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଗଣନା ପାଇଁ ୧୮ଟି ଦଳ ନିୟୋଜିତ କରାଯାଇଛି। ସାତପଡ଼ା ଅଞ୍ଚଳରେ ୮ଟି ଓ ବାଲୁଗାଁ ନିକଟ ଚିଲିକାରେ ୧୦ଟି ଟିମ୍ ଗଣନା କରିବେ ବୋଲି ସ୍ଥିର ହୋଇଛି। ଏଥିରେ ବନ୍ୟପ୍ରାଣୀ ବିଭାଗ ଓ ସିଡିଏ କର୍ମଚାରୀଙ୍କ ସମେତ ୱାଇଲ୍ଡ ଓଡ଼ିଶା, ଓୟୁଏଟି, ବିଭିନ୍ନ ଏନ୍‌ଜିଓ ଏବଂ ଡଲଫିନ ସୁରକ୍ଷା କମିଟିର ମୋଟ୍ ୯୦ରୁ ଊର୍ଦ୍ଧ୍ୱ ଜଣ ଅଂଶଗ୍ରହଣ କରିବେ। ରବିବାର ସକାଳ ୬ଟାରୁ ମଧାହ୍ନ ୧୨ଟା ପର୍ଯ୍ୟନ୍ତ ଗଣନା କରାଯିବ। ସୂଚନାଥାଉ କି, ଗତବର୍ଷ ଚିଲିକାରେ ମୋଟ୍ ୧୮୫ ଡଲ୍‌ଫିନ ଚିହ୍ନଟ କରାଯାଇଥିବା ଗଣନା ରିପୋର୍ଟରୁ ଜଣାପଡ଼ିଥିଲା।





ଓଡ଼ିଆ ଭାଷା ପ୍ରତିଷ୍ଠାନ ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପକ୍ଷରୁ ଶନିବାର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ 'ଓଡ଼ିଆ ଭାଷାର ଶାସ୍ତ୍ରୀୟତା-ଏକ ଅନୁଶୀଳନ' ଶୀର୍ଷକ ଭାଷା ସମ୍ମାନରେ ଯୋଗଦେଇଥିବା ଅତିଥିମାନେ।



ଗୁରୁ କେଳୁଚରଣ ମହାପାତ୍ରଙ୍କ ୯୬ତମ ଜୟନ୍ତୀରେ ଶନିବାର ଭୁବନେଶ୍ୱରସ୍ଥିତ ଜିକେସିଏମ୍‌ଠାରେ ନୃତ୍ୟ ଓ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ 'ଅନ୍ତଃଦୃଷ୍ଟି'ର ଉଦ୍‌ଘାଟନୀ ସନ୍ଧ୍ୟାରେ କଳାକାର ନୃତ୍ୟ ପରିବେଷଣ କରୁଛନ୍ତି।



ପୁରୀରେ ଶନିବାର ଅନୁଷ୍ଠିତ ପାଟରା ମହାସଂଘର ୨୧୫ତମ ସାଧାରଣ ବୈଠକରେ ସ୍ମରଣିକା 'ଶଙ୍କର୍ଷଣ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**କଣାସରେ ମାସ୍କ ଚେକିଂ**

**କଣାସ,(ସ୍ୱ.ପ୍ର):** କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ୍ ଦିନକୁ ଦିନ ରାଜ୍ୟରେ ବଢ଼ି ଚାଲିଥିବାରୁ ରାଜ୍ୟ ସରକାର ଏହାର ମୁକାବିଲା ପାଇଁ ନୂତନ ଗାଇଡ଼୍‌ଲାଇନ୍ ଜାରି କରି କଟକଣା କଡ଼ାକଡ଼ି କରିଛନ୍ତି। କଣାସ ଥାନା ଅଧିକାରୀ ସୁଜିତ୍ ଦାସଙ୍କ ନିର୍ଦ୍ଦେଶକ୍ରମେ ୪ଦିନ ହେଲା କଣାସ ଥାନା ସମ୍ମୁଖରେ ମାସ୍କ ଚେକିଂ କରାଯାଉଥିବା ଦେଖିବାକୁ ମିଳିଛି। ୫ ଓ ୬ ତାରିଖ ଦୁଇଦିନ ଧରି ପୋଲିସ୍ ଅଧିକାରୀମାନେ ମାସ୍କ ପିନ୍ଧି ନ ଥିବା ଲୋକଙ୍କୁ ସଚେତନ କରିଥିଲେ। ପରେ ୭ ଓ ୮ ତାରିଖରେ ଥାନା ସମ୍ମୁଖରେ ମାସ୍କ ଚେକିଂବେଳେ ୫୦ରୁ ଊର୍ଦ୍ଧ୍ୱ ଅମାନିଆଙ୍କଠାରୁ ୫ହଜାରରୁ ଅଧିକ ଟଙ୍କା ଜରିମାନା ଆଦାୟ ହୋଇଥିବା ଜଣାପଡ଼ିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୮।୧।୨୦୨୨

| | |
|---|---|
| ୬,୦୦,୦୭୯ ଟଙ୍କା | |
| ସୁନା | ୧.୭୫୦ ଗ୍ରାମ |
| ରୁପା | ୪୪ ଗ୍ରାମ |

## ଆଜି କ'ଣ କେଉଁଠି

ପୁରୀ

- ସାହାରା ଭଲିବଲ କ୍ଲବ୍ ପକ୍ଷରୁ ୧୩ତମ ସାହାରା ଭଲିବଲ ଟୁର୍ନାମେଣ୍ଟ, ରାମହରି ବିଦ୍ୟାପୀଠ ଖେଳପଡ଼ିଆ, ଶାସନ ଦାମୋଦରପୁର, ସକାଳ ୮ଟା ୩୦।
- ସତ୍ୟକାମୀ ଯୁବ ନାଟ୍ୟ ଚେତନାର ରୌପ୍ୟ ଜୟନ୍ତୀ, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସନ୍ଧ୍ୟା ୫ଟା

## ସଂକ୍ଷେପରେ

### ମହିଳାଙ୍କୁ ଦୁର୍ବ୍ୟବହାର, ଯୁବକ ଗିରଫ

**ନିମାପଡ଼ା,୮।୧(ଡି.ଏନ୍.ଏ.):** ଚାରିଛକ ଫାଣ୍ଡି ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତ ହାଣ୍ଡିଆପଡ଼ା ଗ୍ରାମର ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ନିମାପଡ଼ା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ କୋଣାର୍କ ଥାନା ଅନ୍ତର୍ଗତ ଅଚ୍ୟୁତପୁର ଗ୍ରାମର ବବୁଲ କାଣ୍ଡି। ଏ ନେଇ ପୋଲିସ ଏକ ମାମଲା(ନଂ. ୮/୨୨) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ପୂର୍ବ ବିବାଦକୁ ନେଇ ମହିଳାଙ୍କୁ ଶୁକ୍ରବାର ଅଭିଯୁକ୍ତ ବବୁଲ ଟେଲିଫୋନରେ ଗାଳିଗୁଲଜ କରିବା ସହ ବିଭିନ୍ନ ଧମକ ଦେଇଥିଲେ। ଫଳରେ ମହିଳା ଫାଣ୍ଡିକୁ ଅଭିଯୋଗ କରିବାକୁ ଆସିବାବେଳେ କୁମ୍ଭାରସାହି ନିକଟରେ ଅଭିଯୁକ୍ତ ପୁଣି ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଏ ନେଇ ମହିଳା ଜଣଙ୍କ ସନ୍ଧ୍ୟାରେ ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ବବୁଲଙ୍କୁ ରାତିରେ ତୁଳସୀପୁର ନିକଟରୁ ଗିରଫ କରିଥିଲା।

### ଓଡ଼ିଶୀ ନୃତ୍ୟ, ସଙ୍ଗୀତ ଗୁରୁ ଲିଙ୍ଗରାଜଙ୍କ ପରଲୋକ

**ସାକ୍ଷୀଗୋପାଳ,୮।୧(ଡି.ଏନ୍.ଏ.):** ଓଡ଼ିଶୀ ନୃତ୍ୟଗୁରୁ ଲିଙ୍ଗରାଜ ବେହେରା(୮୧)ଙ୍କ ପୈତୃକ ଗ୍ରାମ ଶ୍ରୀରାମଚନ୍ଦ୍ରପୁର ଶାସନରେ ଶନିବାର ପରଲୋକ ହୋଇଛି। ସେ ଏକାଧାରାରେ ଓଡ଼ିଶୀ ନୃତ୍ୟ, ସଙ୍ଗୀତ ଓ ମର୍ଦ୍ଦଳ ବାଦନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିଲେ। ସ୍ୱର୍ଗତ ବେହେରା ଗୁରୁ କେଳୁଚରଣ ମହାପାତ୍ରଙ୍କଠାରୁ ନୃତ୍ୟ ଶିକ୍ଷା ଆରମ୍ଭ କରିଥିଲେ। ଯୁବକ ସମୟରେ ଅନ୍ନପୂର୍ଣ୍ଣାରେ ନୃତ୍ୟ ଅଭିନୟ କରିଥିଲେ। କଟକ କଳା ବିକାଶ କେନ୍ଦ୍ରରେ ଶିକ୍ଷା ଗ୍ରହଣ କରି ବାଲେଶ୍ୱର ନୃତ୍ୟକଳା ମନ୍ଦିରରେ ଶିକ୍ଷକତା କରିଥିଲେ। ପୁରୀ ସହର ସହିତ ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ, ସାକ୍ଷୀଗୋପାଳରେ ଓଡ଼ିଶୀ ନୃତ୍ୟ ଶିକ୍ଷା ଦେଉଥିଲେ। ସେ ୨୦୧୮ରେ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନରେ ସମ୍ମାନିତ ହୋଇଥିଲେ। ସ୍ୱର୍ଗତ ବେହେରା ସତ୍ୟବାଦୀର ପ୍ରଥମ ଓଡ଼ିଶୀ ନୃତ୍ୟଗୁରୁ ଭାବେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ଶିଷ୍ୟାଶିଷ୍ୟଙ୍କ ମଧ୍ୟରେ ସୁଜାତା ମହାପାତ୍ର, ସଞ୍ଚିତା ଭଟ୍ଟାଚାର୍ଯ୍ୟ, ନାରାୟଣ ପାଣ୍ଡେ, ଚିରସ୍ରୋତା ଖୁଣ୍ଟିଆ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ସ୍ଥାନୀୟ କଳାକାରମାନେ ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟରେ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

# ଶହେ ଟପିଲା ଦୈନିକ ସଂକ୍ରମଣ

**ପୁରୀ ଅଫିସ, ୮।୧**

ପୁରୀ ଜିଲାରେ ସଂକ୍ରମଣ କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଶନିବାର ଦୈନିକ ସଂକ୍ରମଣ ଶହେ ଟପିଛି। ପୁରୀ ମ୍ୟୁନିସିପାଲିଟିରୁ ୬୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନିମାପଡ଼ାରୁ ଜଣେ, ପିପିଲିରୁ ୨୫ ଜଣ, ପୁରୀ ସଦରରୁ ୪ଜଣ, ସତ୍ୟବାଦୀରୁ ୩ ଜଣ କୋଭିଡ୍ ସଂକ୍ରମଣର ଶିକାର ହୋଇଛନ୍ତି। ପୁରୀ ପୌରାଞ୍ଚଳର ୧ ନମ୍ବର ୱାର୍ଡରୁ ୩ ଜଣ, ୨ରୁ ଜଣେ, ୩ରୁ ୪, ୫ରୁ ୨, ୬ରୁ ୨, ୭ରୁ ଜଣେ, ୧୧ରୁ ୪, ୧୨ରୁ ଜଣେ, ୧୪ରୁ ୬, ୧୫ରୁ ୨, ୧୬ରୁ ୪, ୧୭ରୁ ୫, ୧୮ରୁ ୨, ୧୯ରୁ ୩, ୨୧ରୁ ୪, ୨୨ରୁ ଜଣେ, ୨୩ରୁ ୨, ୨୪ରୁ ୫, ୨୬ରୁ ଜଣେ, ୨୭ରୁ ୨, ୨୮ରୁ ଜଣେ, ୨୯ରୁ ୮, ୩୦ରୁ ଜଣେ ଓ ୩୧ ନଂ ୱାର୍ଡରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ପୁରୀ ମ୍ୟୁନିସିପାଲିଟିରେ ପ୍ରାୟ ସବୁ ୱାର୍ଡରୁ ସଂକ୍ରମିତ ଚିହ୍ନଟ ହେବା ପରେ ପ୍ରଶାସନର ମୁଣ୍ଡ ବିନ୍ଧା ବଢ଼ିଛି।



- କଟକଣା କଡ଼ାକଡ଼ି କଲା ପ୍ରଶାସନ
- ବ୍ୟବସାୟୀ, ମଲ୍ ମାଲିକଙ୍କ ସହ ଆଲୋଚନା

ଅନ୍ୟପକ୍ଷରେ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ଓ ସ୍ୱର୍ଗଦ୍ୱାରରେ ଶବଦାହ ଉପରେ କଟକଣା ଜାରି କରାଯାଇଥିବା ବେଳେ ପୁରୀ ସହରରେ ସମ୍ପୂର୍ଣ୍ଣ ଲକଡାଉନ୍ ଜାରି ପାଇଁ ଜିଲା ପ୍ରଶାସନ ପ୍ରୟାସ କରୁଥିବା ସୂଚନା ମିଳିଛି। ଯେଉଁଭଳି ଭାବେ ବିଗତ ଦିନରେ ସଂକ୍ରମଣକୁ ରୋକିବା ପାଇଁ ପୁରୀ ସହରକୁ ଅନ୍ୟ ଜିଲାର ଲୋକଙ୍କୁ ସୀମିତ ଅନୁମତି ରହିଥିଲା, ପୁଣି ଥରେ ସେହିଭଳି ବ୍ୟବସ୍ଥା ଲାଗୁ କରିବା ଦିଗରେ ପ୍ରଶାସନ ଚିନ୍ତା କରୁଥିବା ସୂଚନା ମିଳିଛି। ପୁରୀ ସହରକୁ ପୁଣି ସାମାଜିକ ଦୂରତା କଟକଣା ଫେରିଛି। ପୋଲିସ ପ୍ରଶାସନ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ମାସ୍କ ଚେକିଂକୁ କଡ଼ାକଡ଼ି କରାଯାଇଛି। ସେହିଭଳି ସମସ୍ତ ଶପିଂ ମଲ୍, ବ୍ୟବସାୟ ପ୍ରତିଷ୍ଠାନ, ମାର୍କେଟ କମ୍ପ୍ଲେକ୍ସ, ରାସ୍ତାକଡ଼ ବ୍ୟବସାୟୀ, ଦୋକାନବଜାର, ପରିବା ମାର୍କେଟରେ କିଣାବିକା ବେଳେ ଭିଡ଼ ନିୟନ୍ତ୍ରଣ ଓ ଗ୍ରାହକମାନଙ୍କ ମଧ୍ୟରେ କୋଭିଡ୍ କଟକଣା ପାଳନ ପାଇଁ ସମ୍ପୃକ୍ତ ମାଲିକ, ବ୍ୟବସାୟୀ ଓ ସଂଘ ସହ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଆଲୋଚନା କରିଛନ୍ତି। ରାସ୍ତାକଡ଼ରେ ଥିବା ଦୋକାନରେ ଏକାଥରକେ ୫ରୁ ଅଧିକ ଗ୍ରାହକ ଯେପରି ଭିଡ଼ ନ କରନ୍ତି ଓ ମଲ୍‌ରେ ଅଧିକ ଗହଳି ନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବଡ଼ଶଙ୍ଖ ପରିବା ମାର୍କେଟରେ ଦୋକାନ ସମ୍ମୁଖରେ ସାମାଜିକ ଦୂରତା ରକ୍ଷା ନିମନ୍ତେ ଚିହ୍ନ ଦିଆଯିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ବୃନ୍ଦାବନ ପତି, ସ୍ୱତନ୍ତ୍ର ଦାୟିତ୍ୱ ଅଧିକାରୀ ସନ୍ତୋଷ ମହାନ୍ତି, ପରାମର୍ଶଦାତା ଜ୍ୟୋତିପ୍ରକାଶଙ୍କ ସମେତ ବିଭିନ୍ନ ମାଲିକ, ବ୍ୟବସାୟୀ ଓ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



କଟକ ଶହୀଦ ଭବନରେ ଶନିବାର ଅନୁଷ୍ଠିତ ଚଳଚ୍ଚିତ୍ର ପତ୍ରିକା 'ଚଳଚ୍ଚିତ୍ର ଜଗତ'ର ୪୫ ତମ ବାର୍ଷିକ ଉତ୍ସବ ଓ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମରେ ହାସ୍ୟ ଅଭିନେତା ଜୟୀରାମ ସାମଲଙ୍କୁ ସମ୍ମାନିତ କରାଯାଉଛି।

## ଭାଜପା ପକ୍ଷରୁ ମୌନ ଧାରଣା

**ପୁରୀ ଅଫିସ, ୮।୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପଞ୍ଜାବ ଗସ୍ତ ବେଳେ ସୁରକ୍ଷାଜନିତ ତ୍ରୁଟି ପ୍ରତିବାଦରେ ଶନିବାର ଭାଜପା ପୁରୀ ଜିଲା ଶାଖା ପକ୍ଷରୁ ସ୍ଥାନୀୟ ଗାନ୍ଧୀଘାଟସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ତଳେ ମୌନ ଧାରଣା ଦିଆଯାଇଥିଲା। ଶତାଧିକ ଭାଜପା କର୍ମୀ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ବସି କଂଗ୍ରେସକୁ ସଦବୁଦ୍ଧି ଦେବା ପାଇଁ ନୀରବ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଭାଜପା ସାଧାରଣ ସମ୍ପାଦକ ଉମାକାନ୍ତ ନାୟକ, ଉପସଭାପତି ଦିଗଦର୍ଶନ ପଟ୍ଟନାୟକ, ଜିଲା ଯୁବମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାସ, ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ଜ୍ୟୋତି ମହାପାତ୍ର, ଶରଧାବାଲି ମଣ୍ଡଳ ସଭାପତି ସଞ୍ଜୀବ ମୁଖାର୍ଜୀ, ଶରଧାବାଲି ମଣ୍ଡଳ ସଭାନେତ୍ରୀ ଅନିତା ପଟ୍ଟନାୟକ, ସମ୍ପାଦକ ସଂଗ୍ରାମ କାନୁନ୍‌ଗୋ, ଜିଲା ଗଣମାଧ୍ୟମ ସଂଯୋଜକ ସ୍ନେହାଶିଷ ଦାସ, ଜିଲା ସାମାଜିକ ଗଣମାଧ୍ୟମ ସଂଯୋଜକ ଶିବନାରାୟଣ ଦାସ ପ୍ରମୁଖ ଯୋଗଦେଇଥିଲେ।

## ପୂଜା ଆଳରେ ମହିଳାଙ୍କୁ ବଳାତ୍କାର, ବାବା ଗିରଫ

**ସାକ୍ଷୀଗୋପାଳ,୮।୧ (ସ୍ୱ.ପ୍ର./ଡି.ଏନ୍.ଏ.)**

ପାରିବାରିକ ଅଶାନ୍ତି ଦୂର କରିବା ନିମନ୍ତେ ବାବାଙ୍କ ଶରଣ ଯାଇଥିବା ଜଣେ ମହିଳାଙ୍କୁ ବଳାତ୍କାର କରାଯାଇଛି। ତାଙ୍କ ମନରେ ପ୍ରଥମେ ବିଶ୍ୱାସ ଜନ୍ମାଇ ପୂଜା କରିବା ପରେ କାଟପାଣିରେ ନିଶାଦ୍ରବ୍ୟ ମିଶାଇ ପିଇବାକୁ ଦେଇ ମନ୍ଦିର ପଛପଟେ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଜଣେ ଭଣ୍ଡ ବାବାଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରାଯାଇଛି। ସେ ହେଲେ ସତ୍ୟବାଦୀ ଥାନା ବିଶ୍ୱନାଥପୁର ଦଳିତ ସାହିର ଶିବ ପ୍ରସାଦ ଭୋଇ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ପୁରୀ ଜେଲ ପଠାଇ ଦିଆଯାଇଛି। ଏ ନେଇ ପୋଲିସ ଏକ ମାମଲା(ନଂ. ୭/୨୨) ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ସବୁବେଳେ ପାରିବାରିକ ଅଶାନ୍ତିରେ ରହୁଥିବା ଖୋର୍ଦ୍ଧା ଜିଲାର ଉକ୍ତ ମହିଳା କୌଣସି ସୂତ୍ରରୁ ସୂଚନା ପାଇ ବିଶ୍ୱନାଥପୁର ଶିବ ବାବାଙ୍କ ନିକଟକୁ ପୂଜା ପାଇଁ ଗତ ତିନିମାସ ହେଲା ଆସୁଥିଲେ। ନିଜ ଘରେ ମଙ୍ଗଳାଙ୍କ ପୂଜା କରୁଥିବା ଶିବ ଉକ୍ତ ମହିଳାଙ୍କ ସମସ୍ୟା ଦୂର କରିବା ନିମନ୍ତେ ତନ୍ତ୍ରପୂଜା କରିବାକୁ ପରାମର୍ଶ ଦେଇଥିଲେ। ତଦନୁଯାୟୀ ମହିଳା ଜଣଙ୍କ ଶୁକ୍ରବାର ସ୍ୱାମୀଙ୍କ ସହ ବିଶ୍ୱନାଥପୁର ଆସି ବାବାଙ୍କ ନିକଟରେ ପୂଜା କରିଥିଲେ। ଏପରି କି ଆବଶ୍ୟକ ପୂଜା ସାମଗ୍ରୀ ଆଣିବା ପାଇଁ ମହିଳାଙ୍କ ସ୍ୱାମୀଙ୍କୁ ପ୍ରଥମେ ସାକ୍ଷୀଗୋପାଳ ପରେ ପୁଣି ଅନ୍ୟ ସାମଗ୍ରୀ ବିସର୍ଜନ କରିବା ନିମନ୍ତେ ଏକ ନିର୍ଦ୍ଦିଷ୍ଟ ପୋଖରୀକୁ ପଠାଇ ଦେଇଥିଲେ। ଏହି ସମୟରେ ମହିଳାଙ୍କୁ ଏକାକୀ ପାଇ ଭଣ୍ଡବାବା ମନ୍ଦିର ପଛପଟକୁ ପୂଜା କରିବା ବାହାନା କରି ନେଇ ବଳାତ୍କାର କରିଥିଲେ। ଏ ନେଇ ମହିଳା ପରେ ସ୍ୱାମୀଙ୍କୁ ଜଣାଇବା ସହ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକ୍ରମେ ପୋଲିସ ଭଣ୍ଡବାବା ଶିବଙ୍କୁ ଗିରଫ କରିଥିଲା। ପରେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଉଭୟଙ୍କ ଡାକ୍ତରୀମାଇନା କରାଯାଇଥିଲା।

## ଚିଲିକାରେ ଡଲ୍‌ଫିନ ଗଣନା ଆଜି

**ବାଲୁଗାଁ/ବ୍ରହ୍ମଗିରି,୮।୧(ଡି.ଏନ୍.ଏ.)**

ଚିଲିକାରେ ରବିବାର ହେବ ଡଲ୍‌ଫିନ ଗଣନା। ଚିଲିକା ବନ୍ୟପ୍ରାଣୀ ବିଭାଗ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ)ଙ୍କ ସହଯୋଗରେ ଏହି ଗଣନା କରାଯିବ। ଏନେଇ ଶନିବାର ବାଲୁଗାଁ ଚିଲିକା କୂଳସ୍ଥିତ ବନ୍ୟପ୍ରାଣୀ ବିଭାଗ କାର୍ଯ୍ୟାଳୟ ପରିସରରେ ଗଣନାକାରୀଙ୍କ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ଡିଏଫ୍‌ଓ ଜ୍ୟୋତି କୋଟାଲ, ସିଡିଏର ମୁଖ୍ୟ ବୈଜ୍ଞାନିକ ଗୁରୁଦୀପ ରୁସ୍ତାଗି ଏବଂ ପି.ଆର୍. ମୁଦୁଲି ଗଣନା ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଗଣନା ପାଇଁ ୧୮ଟି ଦଳ ନିୟୋଜିତ କରାଯାଇଛି। ସାତପଡ଼ା ଅଞ୍ଚଳରେ ୮ଟି ଓ ବାଲୁଗାଁ ନିକଟ ଚିଲିକାରେ ୧୦ଟି ଟିମ୍ ଗଣନା କରିବେ ବୋଲି ସ୍ଥିର ହୋଇଛି। ଏଥିରେ ବନ୍ୟପ୍ରାଣୀ ବିଭାଗ ଓ ସିଡିଏ କର୍ମଚାରୀଙ୍କ ସମେତ ୱାଇଲ୍ଡ ଓଡ଼ିଶା, ଓୟୁଏଟି, ବିଭିନ୍ନ ଏନ୍‌ଜିଓ ଏବଂ ଡଲଫିନ ସୁରକ୍ଷା କମିଟିର ମୋଟ୍ ୯୦ରୁ ଊର୍ଦ୍ଧ୍ୱ ଜଣ ଅଂଶଗ୍ରହଣ କରିବେ। ରବିବାର ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଗଣନା କରାଯିବ। ସୂଚନାଥାଉ କି, ଗତବର୍ଷ ଚିଲିକାରେ ମୋଟ୍ ୧୮୫ ଡଲ୍‌ଫିନ ଚିହ୍ନଟ କରାଯାଇଥିବା ଗଣନା ରିପୋର୍ଟରୁ ଜଣାପଡ଼ିଥିଲା।

## ଟ୍ରକ୍ ଧକ୍କାରେ ଜଣେ ମୃତ, ଲୋକେ ଗାଡ଼ି କାଚ ଭାଙ୍ଗିଲେ

**ପୁରୀ ଅଫିସ, ୮।୧**

ପୁରୀ ସଦର ଥାନା ଅନ୍ତର୍ଗତ ଅଠରନଳା ଚିଙ୍ଗୁଡ଼ି ଫ୍ୟାକ୍ଟ୍ରି ନିକଟରେ ଶନିବାର ଏକ ଟ୍ରକ୍ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ପୁରୀ ଭିଆଇପି ରୋଡ୍ ଜଗନ୍ନାଥ କଲୋନୀର ରାଜେନ୍ଦ୍ର ବେହେରା। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ଉତକ୍ଷିପ୍ତ ହୋଇ ଟ୍ରକ କାଚକୁ ଭାଙ୍ଗିଦେଇଥିଲେ। ଖବର ପାଇ ସଦର ଥାନା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏହି ଟ୍ରକଟି ଓଭରଲୋଡ୍ କରିଥିବାରୁ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟାଇଥିବା କେତେଜଣ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଟ୍ରାଫିକ ପରିଚାଳନାରେ ଅବ୍ୟବସ୍ଥା ଯୋଗୁ ଏଭଳି ଦୁର୍ଘଟଣା ଘଟୁଥିବା ସାଧାରଣରେ ଅଭିଯୋଗ ହେଉଛି। ମୃତକଙ୍କ ପରିବାରକୁ ପ୍ରଶାସନ ୨୦ଲକ୍ଷ ଟଙ୍କାର ସହାୟତା ରାଶି ଦେବାକୁ ଯୁବ କଂଗ୍ରେସ ନେତା ଆଲୋକ କୁମାର ଦାସ ଦାବି କରିଛନ୍ତି।

## ୨୫ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

**ପିପିଲି,୮।୧(ଡି.ଏନ୍.ଏ./ସ୍ୱ.ପ୍ର.)**

ବ୍ରାଉନ୍‌ସୁଗାର ବିକ୍ରି କରିବା ଅଭିଯୋଗରେ ପିପିଲି ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏଥିସହ ତାଙ୍କଠାରୁ ୨୫୫ ଗ୍ରାମ୍‌ର ବ୍ରାଉନସୁଗାର ଜବତ କରିଛି। ଜବତ ବ୍ରାଉନସୁଗାରର ବଜାର ମୂଲ୍ୟ ୨୫ଲକ୍ଷ ହେବ ବୋଲି ପୋଲିସ ସୂଚନା ଦେଇଛି। ଅଭିଯୁକ୍ତ ଜଣକ ହେଲେ ଏହି ଥାନା ଅଧୀନ ଦେବୀଗଳିର ଜଗା ଓରଫ ଜଗବନ୍ଧୁ ବଇଠାରୁ(୩୧)। ଏ ନେଇ ପିପିଲି ଥାନା ପରିସରରେ ଉପ ଆରକ୍ଷୀ ଅଧୀକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଶନିବାର ଏକ ଖବରଦାତା ସମ୍ମିଳନୀ ଜରିଆରେ ସୂଚନା ଦେଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ପିପିଲି ଅଞ୍ଚଳରେ ଗତ କିଛିଦିନ ହେବ ଅଧିକ ପରିମାଣର ବ୍ରାଉନସୁଗାର ବିକ୍ରି ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ପିପିଲିସ୍ଥିତ ଦେବୀଗଳିରେ ବ୍ରାଉନସୁଗାର ବିକ୍ରି ହେଉଥିବା ବିଶେଷ ସୂତ୍ରରୁ ଖବରପାଇ ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ ଓ ଥାନା ଅଧିକାରୀ ଅଭିମନ୍ୟୁ ନାୟକଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଶନିବାର ସେଠାରେ ଚଢ଼ାଉ କରିଥିଲା। ସେଠାରୁ ଅଭିଯୁକ୍ତ ଜଗାଙ୍କୁ ଗିରଫ ସହ ୨୫୫ ଗ୍ରାମ୍ ବ୍ରାଉନସୁଗାର ଓ ନଗଦ ୫ହଜାର ଟଙ୍କା ଜବତ କରିଥିଲେ। ଏହାପୂର୍ବରୁ ପିପିଲି ଥାନାର ୨ଟି ଏନ୍‌ଡିପିଏସ୍ ମାମଲାରେ ଅଭିଯୁକ୍ତ ଜଗା ଗିରଫ ହୋଇ ଜେଲ ଯାଇଥିଲା। ଜେଲରୁ ଫେରିବା ପରେ ମଧ୍ୟ ସେ ଖୋର୍ଦ୍ଧାରୁ ବ୍ରାଉନସୁଗାର ଆଣି ପିପିଲି ଓ ଆଖପାଖ ଗ୍ରାମାଞ୍ଚଳରେ ବିକ୍ରି କରୁଥିଲେ ବୋଲି ସମ୍ମିଳନୀରେ ଉପ ଆରକ୍ଷୀ ଅଧୀକ୍ଷକ ପ୍ରଧାନ ସୂଚନା ଦେଇଛନ୍ତି। ଏହି କାରବାରରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଜାରି ରଖିଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ପ୍ରସନ୍ନଜିତ୍



@ ପୂର୍ଣ୍ଣେନ୍ଦୁ



@ ଲୋପାମୁଦ୍ରା



@ ନିଲେଶ



@ ବିଶ୍ୱଜିତ୍



@ ଗୁଲ୍‌ସନ୍

## ଦୋକାନ ଆଗରେ ଦର ତାଲିକା ଲଗାଇବାକୁ ଗୁରୁତ୍ୱ

**ପୁରୀ ଅଫିସ, ୮।୧**

ପୁରୀ ଜିଲାସ୍ତରୀୟ ଦୁର୍ନୀତି ନିବାରଣ କମିଟିର ବୈଠକ ଶନିବାର ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇଙ୍କ ଅଧ୍ୟକ୍ଷତାରେ ଗୁଗୁଲ୍ ମିଟ୍ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କମିଟି ଗଠନର ଆଭିମୁଖ୍ୟ, କ୍ଷମତା ଓ ଦାୟିତ୍ୱ ନେଇ ଆଲୋଚନା ହୋଇଥିଲା। ଦୁର୍ନୀତି ମୂଳୋତ୍ପାଟନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଖାଉଟିଙ୍କ ଅବଗତି ନିମନ୍ତେ ପ୍ରତ୍ୟେକ ସାମଗ୍ରୀର ଦର, ମାସିକ କୋଟା ଇତ୍ୟାଦି ତାଲିକା ଦୋକାନ ଆଗରେ ଲଗାଇବାକୁ ମତପ୍ରକାଶ ପାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ନାଥଶର୍ମା ଯୋଗଦେଇଥିଲେ। ଜିଲା ଯୋଗାଣ ଅଧିକାରୀ ସୁବୋଧ ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୁରୀ ସଦର ବ୍ଲକ୍ ଅଧ୍ୟକ୍ଷ ସରୋଜିନୀ ବେହେରା, ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷା ସସ୍ମିତା ପ୍ରଧାନ, ଜିଲା ପରିଷଦ ସଭ୍ୟା ବନ୍ଦନା ପ୍ରଧାନ, ଶ୍ୟାମପ୍ରକାଶ ସେନାପତି ଓ ସଙ୍ଘମିତ୍ର ସିଂହାରି ଯୋଗଦେଇଥିଲେ। ଖାଦ୍ୟ ସୁରକ୍ଷା ଯୋଜନା କାର୍ଯ୍ୟକ୍ରମରେ ଆର୍ଥିକ ଅନିୟମିତତା ହେଲେ ଜିଲାସ୍ତରୀୟ ଦୁର୍ନୀତି ନିବାରଣ କମିଟି ଡିଜିଆରଓଙ୍କୁ ଜଣାଇବା ସହ ଜିଲାପାଳଙ୍କୁ ମାସିକ ରିପୋର୍ଟ ଦେବେ।



ଓଡ଼ିଆ ଭାଷା ପ୍ରତିଷ୍ଠାନ ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପକ୍ଷରୁ ଶନିବାର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ 'ଓଡ଼ିଆ ଭାଷାର ଶାସ୍ତ୍ରୀୟତା–ଏକ ଅନୁଶୀଳନ' ଶୀର୍ଷକ ଭାଷା ସମ୍ମାନରେ ଯୋଗଦେଇଥିବା ଅତିଥିମାନେ।



ଗୁରୁ କେଳୁଚରଣ ମହାପାତ୍ରଙ୍କ ୯୬ତମ ଜୟନ୍ତୀରେ ଶନିବାର ଭୁବନେଶ୍ୱରସ୍ଥିତ ଜିକେସିଏମ୍‌ଠାରେ ନୃତ୍ୟ ଓ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ 'ଅନ୍ତଃଦୃଷ୍ଟି'ର ଉଦ୍‌ଘାଟନୀ ସନ୍ଧ୍ୟାରେ କଳାକାର ନୃତ୍ୟ ପରିବେଷଣ କରୁଛନ୍ତି।



ପୁରୀରେ ଶନିବାର ଅନୁଷ୍ଠିତ ପାଟରା ମହାସଂଘର ୨୧୫ତମ ସାଧାରଣ ବୈଠକରେ ସ୍ମରଣିକା 'ଶଙ୍କର୍ଷଣ'କୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

କବିମାନେ ମୃତ୍ୟୁ ଓ ବାହ୍ୟ ଦୁଃଖକଷ୍ଟକୁ ଖୁବ୍ ବଡ଼ କରି ଦେଖନ୍ତି। କିନ୍ତୁ ଏକମାତ୍ର କରୁଣ ନାଟକ ହେଲା ଅନ୍ତରାତ୍ମାର ବ୍ୟର୍ଥତା ଏବଂ ଏକମାତ୍ର ମହାକାବ୍ୟ ହେଲା- ଦେବତ୍ୱ ଦିଗରେ ମନୁଷ୍ୟର ବିଜୟୀ ଉତ୍ତରଣ। -ଶ୍ରୀଅରବିନ୍ଦ



# ପଶ୍ଚାତ୍ତାପ କରିବାକୁ ହେବ



ଆକାର ପଟେଲ

ଆମ ଉପରେ ଜଳବାୟୁ ପରିବର୍ତ୍ତନର ପରିଣାମ ଧୀରେ ଧୀରେ ଅନୁଭୂତ ହେଉଛି। ଏହାର ଉତ୍ତରଦାୟିତ୍ୱ ବର୍ତ୍ତମାନର ପିଢ଼ି ନେଉନାହାନ୍ତି। ୧୯୮୦ରେ ସାମ୍ନାକୁ ଆସିଥିବା 'ଗ୍ରୀନ୍ ହାଉସ ଗ୍ୟାସ୍', କ୍ଲୋରୋଫ୍ଲୋରକାର୍ବନ' ଏବଂ 'ହୋଲ୍ ଇନ୍ ଓଜୋନ ଲେୟାର' ଭଳି ବାକ୍ୟାଂଶ ବା ଶବ୍ଦଗୁଡ଼ିକ ଜଳବାୟୁ ପରିବର୍ତ୍ତନର ଆଭାସ ଦେଇଥିଲା। ଏହା ମଧ୍ୟ ସମସ୍ତଙ୍କର ମନେଥିବ। ଏପରି କି ଏହି ଶବ୍ଦ ବା ବାକ୍ୟାଂଶଗୁଡ଼ିକ ସ୍କୁଲ୍‌ରେ ପ୍ରଚଳିତ ହୋଇଥିଲା । ୩୫ ବର୍ଷ ପୂର୍ବେ ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ସମସ୍ତେ ଅବଗତ ଥିଲେ ମଧ୍ୟ ଏହା ଉପରେ ଖୁବ୍ କମ୍ ପଦକ୍ଷେପ ଗ୍ରହଣ କରାଯାଇଥିଲା ଏବଂ ଏବେ ବି ଏ କ୍ଷେତ୍ରରେ ମଧ୍ୟ ଖୁବ୍ କମ୍ ପଦକ୍ଷେପ ଗ୍ରହଣ କରାଯାଉଛି। ଏହା ପଛରେ କାରଣଗୁଡ଼ିକ ରହିଛି। ଗୋଟିଏ କାରଣ ହେଉଛି, କାର୍ବନ ନିର୍ଗମନ ଜାରି ରଖିବା ପାଇଁ ଚାହୁଁଥିବା ଦୁଇଟି ଲବି। ବ୍ୟବସାୟିକ କ୍ଷେତ୍ରରେ ବିଶ୍ୱରେ ତୈଳ ଏବଂ ଗ୍ୟାସ ଶିଳ୍ପ ସର୍ବବୃହତ୍ ହୋଇଥିବାବେଳେ ତା'ପଛକୁ ରହିଛି ଅଟୋମୋବାଇଲ ମାନୁଫାକଚର୍ସ। ଅବଶ୍ୟ ଏହି ଦୁଇଟି ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ । କାର୍ବନ ଡାଇଅକ୍ସାଇଡ ନିର୍ଗମନର ଏହି ଦୁଇଟି ବ୍ୟବସାୟ ହେଉଛନ୍ତି ପ୍ରମୁଖ ଉତ୍ସ । ଦ୍ୱିତୀୟ କାରଣ, ପ୍ରତିଯୋଗିତା ମନୋଭାବ ନେଇ ଆମେ ଜଳବାୟୁ ପରିବର୍ତ୍ତନଜନିତ ବିପଦକୁ ଗମ୍ଭୀରତାର ସହ ଗ୍ରହଣ କରିନାହୁଁ। ଏହା ପ୍ରତ୍ୟକ୍ଷ ଭାବେ ଆମର ଏବକାର ପିଢ଼ିକୁ କ୍ଷତି କରୁନାହିଁ ବୋଲି ଆମେ ଅନୁଭବ କରୁଥିବାରୁ ଏଭଳି ଘଟୁଛି। ୧୯୮୫ ପରଠାରୁ ଜଳବାୟୁ ପରିବର୍ତ୍ତନକୁ ନେଇ ଆମ ସାମୂହିକ ବିଚାର ପ୍ରକ୍ରିୟା କିଭଳି କାର୍ଯ୍ୟ କରିଛି ତାହା ଜାଣିବା ଦରକାର। କାହିଁକି ଆମେ ଜଳବାୟୁ ପରିବର୍ତ୍ତନକୁ କେବଳ ଏକ ଘଟଣା ଭାବେ ଗ୍ରହଣ କରୁଛୁ ଓ ଏହା ଉପରେ ଅଧିକ କାର୍ଯ୍ୟ କରିବା ଲାଗି ଅନିଚ୍ଛା ପ୍ରକାଶ କରିଛୁ ତାହା ଭାବିବା ଦରକାର। ସମସ୍ୟା ହେଉଛି, ଯଦି ଆମେ ଠିକ୍ ଭାବେ କାମ ନ କରିବା ତେବେ ନିଶ୍ଚିତ ଭାବେ ଆଗାମୀ କିଛି ବର୍ଷ ମଧ୍ୟରେ ଏହା ପୃଥିବୀ ପ୍ରତି ଆହୁରି ନକାରାତ୍ମକ ସାବ୍ୟସ୍ତ ହେବ ବୋଲି ବିଶେଷଜ୍ଞମାନେ ଚେତାଇ ଦେଉଥିଲେ ମଧ୍ୟ କିଛି କରୁନାହୁଁ। ନିର୍ଦ୍ଦିଷ୍ଟ ଭାବେ କହିପାରିବା ଯେ, ଆମେ ଜଳବାୟୁ ପରିବର୍ତ୍ତନର ବିପଦକୁ ମୁକାବିଲା କରିବା ପାଇଁ ନିର୍ଣ୍ଣାୟକ ପଦକ୍ଷେପ ନେଇ ପାରିନାହୁଁ।

ଜଳବାୟୁ ପରିବର୍ତ୍ତନର ପ୍ରଭାବ ଆମ ଅର୍ଥନୀତି ଉପରେ ପଡୁଛି। ଆମେ କେଉଁଆଡକୁ ମୁହାଁଇଛୁ ବା କେଉଁଠି ପହଞ୍ଚିଛୁ ସେ ସମ୍ପର୍କରେ ସରକାରୀ ତଥ୍ୟ କ'ଣ କହୁଛି ପୂର୍ବରୁ ଉକ୍ତ ସ୍ତମ୍ଭରେ ଉଲ୍ଲେଖ କରାଯାଇଛି। ଏବେ ଆମ ଦେଶରେ ଯେତିକି ଲୋକ କାମ କରୁଛନ୍ତି ୨୦୧୪ରେ ତା'ଠାରୁ ୫ କୋଟି ଅଧିକ ଭାରତୀୟ କାମ କରୁଥିଲେ। ୮୦ କୋଟି ଲୋକ (ଜନ ସଂଖ୍ୟାର ୬୦%) ପ୍ରତିମାସରେ ମୁଣ୍ଡପିଛା ପାଉଥିବା ୫ କେ.ଜି. ମାଗଣା ଶସ୍ୟ ଉପରେ ନିର୍ଭରଶୀଳ। ମହାମାରୀ ପୂର୍ବରୁ ଦୁଇବର୍ଷ ତିନି ମାସ ଧରି ମୋଟ ଘରୋଇ ଉତ୍ପାଦ(ଜିଡିପି) ଅଭିବୃଦ୍ଧି ହ୍ରାସ ପାଇଥିଲା। ୨୦୧୯ରେ ଅର୍ଥ ବ୍ୟବସ୍ଥାର ଆକାର ଯାହା ଥିଲା ଚଳିତବର୍ଷ ସେୟା ରହିବ ବୋଲି କୁହାଯାଉଛି। ହେଲେ ୨୦୧୯ରେ ଅର୍ଥ ବ୍ୟବସ୍ଥା ଦୁର୍ବଳ ସ୍ଥିତିରେ ଓ ଅଭିବୃଦ୍ଧି ତା'ଠାରୁ ଦୁର୍ବଳ ରହିଥିଲା। ୨୦୧୪ରେ ମୁଣ୍ଡ ପିଛା ଜିଡିପିରେ ଆମଠାରୁ ୫୦% ପଛରେ ରହିଥିବା ବାଂଲାଦେଶ ଏବେ ଆମଠାରୁ ଆଗରେ। ଏହାର କାରଣ କ'ଣ ? ଆମେ କେଉଁ ଆଡକୁ ଯାଇଛୁ ? ଯେଉଁ ବାଟରେ ଅର୍ଥ ବ୍ୟବସ୍ଥାକୁ ସଞ୍ଚାଳନ କରାଯାଇଛି ସେଥିରେ ତ୍ରୁଟି ରହିଛି ବୋଲି ଯଦି ଆମେ ଗ୍ରହଣ କରିବା, ତେବେ ଏସବୁ ପ୍ରଶ୍ନର ଉତ୍ତର ପାଇପାରିବା। ପୁନଶ୍ଚ ଆମେ ଭୁଲ୍ ଦିଗରେ ମୁହାଁଇଛୁ ବୋଲି ଯଦି ଗ୍ରହଣ କରିବା, ତେବେ ଆମ କାର୍ଯ୍ୟଧାରାକୁ ସଂଶୋଧନ କରିବାକୁ ସକ୍ଷମ ହେବା। ତଥାପି ଭାବୁଛୁ, ଆମେ ଭଲ, ଆମେ ଆପଣାଇଥିବା ପଥ ଭଲ।

ଆମ ସମାଜର ସାମ୍ପ୍ରଦାୟୀକରଣ ଅତ୍ୟଧିକ ପ୍ରକାଶ ପାଇଛି । ଏହାର ପରିଣାମକୁ ଆମେ ସମ୍ପୂର୍ଣ୍ଣ ଭାବେ ବୁଝିପାରିନାହୁଁ କିମ୍ବା ଏହା ଉପରେ ଆଲୋଚନା କରୁନାହୁଁ। ମୁସଲମାନ ହୁଅନ୍ତୁ ବା ଖ୍ରୀଷ୍ଟିଆନ୍ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ କରାଯାଉଛି। ପ୍ରତିଦିନ କିଛି ନୂଆ ଘଟଣା ମଧ୍ୟ ସାମ୍ନାକୁ ଆସୁଛି ଓ ବହୁ ସମୟରେ ଏହାକୁ ସରକାର ଏବଂ କ୍ଷମତାରେ ଥିବା ପାର୍ଟି ଆରମ୍ଭ କରୁଛନ୍ତି। ଆମେ ଆଇନ ବଳରେ ଓ ହିଂସା ମାଧ୍ୟମରେ ସଂଖ୍ୟାଲଘୁଙ୍କୁ ନିର୍ଯାତନା ଦେଉଛୁ। ଜଳବାୟୁ ପରିବର୍ତ୍ତନ ଭଳି, ସମ୍ଭବତଃ ଅର୍ଥବ୍ୟବସ୍ଥା ଭଳି ନୁହେଁ, ଏହି କାର୍ଯ୍ୟକୁ ଆମେ ଜାଣିଶୁଣି ଆରମ୍ଭ କରୁଛୁ। ଏହା କହିବା ଭୁଲ୍ ହେବ ଯେ, ସରକାର ଜାଣିଶୁଣି ଜିଡିପି ଅଭିବୃଦ୍ଧିକୁ ନଷ୍ଟ କରିଛନ୍ତି। କିନ୍ତୁ ଏହା କହିବା ଠିକ୍ ହେବ ଯେ, ସାମ୍ପ୍ରଦାୟିକତା ଭାରତକୁ ପୂରା ସଂକ୍ରମିତ କରିଥିବା ବେଳେ ଦେଶକୁ ଜାଣିଶୁଣି ଏବକାର ସ୍ଥିତିକୁ ନିଆଯାଇଛି। ଆମ ପାଇଁ ଏହାର ପରିଣାମ କ'ଣ ହେବ ? ଏକ ଦୁର୍ବଳ ଅର୍ଥ ବ୍ୟବସ୍ଥାରେ ସାମଗ୍ରିକ ବିଶ୍ୱାସ ସ୍ତର କମ୍ ରହିବା କାରଣରୁ ନିବେଶ କମ୍ ରହିବ। ପୁଞ୍ଜିକୁ ନେଇ ଭାରତରେ ନିଶ୍ଚିତତା ରହିବ ନାହିଁ। ପୁନର୍ବାର ଆଇନ ଭଙ୍ଗ ଏବଂ ଭିଡ ଓ ଗୋଷ୍ଠୀଗୁଡ଼ିକୁ ହିଂସକ ହେବା ଲାଗି ଶକ୍ତି ଯୋଗାଇବ।

ସରକାର ଆଭ୍ୟନ୍ତରୀଣ ଶତ୍ରୁତା ସମ୍ପର୍କରେ ଯାହା ଚିନ୍ତା କରିଛନ୍ତି ତାହାକୁ ଗୋଟିଏ ପିଢ଼ି ଏବଂ ସମ୍ଭବତଃ ଦୁଇଟି ପିଢ଼ିର ଯୁବକଙ୍କ ମଧ୍ୟରେ ଭଲ ଭାବେ ବିଶ୍ୱାସ ଜନ୍ମାଇ ଦେଇଛନ୍ତି। ନ୍ୟାୟପାଳିକା ଭଳି ସାମ୍ବିଧାନିକ ସଂସ୍ଥା ଏବଂ ନିର୍ବାଚନ କମିଶନ ୨୦୧୪ ପରେ କାର୍ଯ୍ୟପାଳିକା ଅନୁଯାୟୀ କାର୍ଯ୍ୟ କରିଛନ୍ତି। ଏହା ବ୍ୟତୀତ ସିଭିଲ୍ ସର୍ଭିସ, ସଶସ୍ତ୍ର ସେନାଗୁଡ଼ିକୁ ସରକାର ଏବଂ କ୍ଷମତାରେ ଥିବା ପାର୍ଟିଙ୍କ ଚିନ୍ତାଧାରା ଅନୁଯାୟୀ କାର୍ଯ୍ୟ କରୁଛନ୍ତି, ଯାହା ଇତିହାସରେ କେବେ ଦେଖାଯାଇ ନ ଥିଲା। ଏସବୁ ଆମେ ନିଜ ଲାଗି କରିଛୁ ବୋଲି କହି ତାଳି ବଜାଇ ସମର୍ଥନ କରୁଛୁ। ସେଥିପାଇଁ ଏହାକୁ ଅଟକାଇବା କିମ୍ବା ଧାରାକୁ ବଦଳାଇବା ଏତେ ସହଜ ହେବ ନାହିଁ। ଜଳବାୟୁ ପରିବର୍ତ୍ତନ ଏବଂ ଅର୍ଥବ୍ୟବସ୍ଥା ଘଟଣାରେ ଆମକୁ ଖୁବ୍ ଶୀଘ୍ର ପଶ୍ଚାତ୍ତାପ କରିବାକୁ ହେବ ହିଁ ହେବ।

Email:aakar.patel@gmail.com

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | | | 1 | | 8 | |
| | 3 | 6 | 5 | 2 | | | 9 | |
| | | | 7 | | | | 2 | |
| | | 4 | | | 7 | 2 | | |
| 6 | | | | | | | 1 | 5 |
| 2 | 1 | 3 | | | | 9 | | |
| | | | | | | | 5 | |
| | | | 3 | | 8 | | | |
| 7 | | | 2 | | | | | 8 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 9 | 2 | 8 | 7 | 5 | 4 | 1 | 3 |
| 3 | 8 | 7 | 9 | 1 | 4 | 5 | 2 | 6 |
| 1 | 5 | 4 | 2 | 6 | 3 | 8 | 7 | 9 |
| 4 | 7 | 1 | 3 | 5 | 9 | 2 | 6 | 8 |
| 9 | 2 | 6 | 7 | 4 | 8 | 3 | 5 | 1 |
| 8 | 3 | 5 | 6 | 2 | 1 | 9 | 4 | 7 |
| 5 | 1 | 8 | 4 | 3 | 7 | 6 | 9 | 2 |
| 7 | 6 | 3 | 5 | 9 | 2 | 1 | 8 | 4 |
| 2 | 4 | 9 | 1 | 8 | 6 | 7 | 3 | 5 |

ଗତକାଲିର ଉତ୍ତର

# ମୃତ୍ୟୁ: ଏକ ସମର୍ଥ ଭାବନା



ଡ. ନିଖିଳା ନନ୍ଦ ପାଣିଗ୍ରାହୀ

ମନୋଜ ଦାସ ଜଣେ ବିବର୍ତ୍ତନଶୀଳ ଆତ୍ମା। କେତେ ଜନ୍ମରେ କେତେ ଦାସ, କେତେ ମହାପାତ୍ର କି କେତେ ଜନ୍, କେତେ ରବିନ୍‌ସନ, କେତେ କ'ଣ ହୋଇଥିବ, ସେ ଏବଂ ଆଉ କେତେ ହେବ ତାହା ମୁଁ ଜାଣେନି। ଦେଖନ୍ତୁ, ମୁଁ ଆଉ ମନୋଜ ଦାସ ସହିତ ଏକାତ୍ମ ହୋଇ ରହି ନାହିଁ (ଆକାଶବାଣୀର ଏକ ସାକ୍ଷାତ୍‌କାରରୁ ମନୋଜ ଦାସଙ୍କ ଉକ୍ତି ଉଦ୍ଧୃତ)।

ଆମେ ବର୍ତ୍ତମାନର ଏଇ ଜୀବନରେ ପହଞ୍ଚିବା ପୂର୍ବରୁ କେତେ ଯେ ଜନ୍ମ ନେଇସାରିଛେ ଏବଂ ଭବିଷ୍ୟତରେ ଆହୁରି ଆମର କେତେ ପୁନର୍ଜନ୍ମ ହେବ, ତାହା କଳନା କରିବା ଆମ ପକ୍ଷେ ଅସାଧ୍ୟ। ଯଦି ଏମିତି ଏକ ଧାରଣାର ଆମେ ବଶବର୍ତ୍ତୀ ହେଉ, ତେବେ ମୃତ୍ୟୁର ସଂଜ୍ଞା, ସ୍ୱଭାବ ଓ ଉପଯୋଗିତା ସମ୍ପର୍କରେ ଆମେ ବିଶ୍ଳେଷଣ ଓ ମନୋନିବେଶ କରିବା ପାଇଁ ସ୍ୱତଃ ଆଗ୍ରହୀ ହେବା।

ଯିଏ ମୃତକ, ତା'ଠାରୁ ତା' ଅନୁଭବରୁ ଆମେ ଅବଶ୍ୟ ପ୍ରତ୍ୟକ୍ଷ ଜ୍ଞାନ ପାଇପାରିବା, କିନ୍ତୁ ଏହା ଅସମ୍ଭବ। ଏହି ପରିପ୍ରେକ୍ଷୀରେ ଯିଏ ମୃତବତ୍ ପରିସ୍ଥିତିରୁ ସୌଭାଗ୍ୟବଶତଃ ଫେରିଆସିଛି, ସେ ଏହି ମର୍ମରେ କିଛି ସୂଚନା ଦେବାରେ ସମର୍ଥ। ବ୍ରିଟିଶ୍-ଆମେରିକୀୟ ଅଭିନେତ୍ରୀ ସୌନ୍ଦର୍ଯ୍ୟମୟୀ ଏଲିଜାବେଥ ଟେଲର (୧୯୩୨-୨୦୧୧)ଙ୍କ ଜୀବନୀ ବିଚାର୍ଯ୍ୟ। ୧୯୬୨ରେ ତାଙ୍କ ପିଠିରେ ଅସ୍ତ୍ରୋପଚାର କରାଯାଇଥିଲା। ସେତେବେଳେ ପାଞ୍ଚ ମିନିଟ ତାଙ୍କ ଶ୍ୱାସରୁଦ୍ଧ ହୋଇଯିବା ପରି ସେ ଅନୁଭବ କଲେ। ତାଙ୍କ ପିଣ୍ଡରେ ଆଉ ପ୍ରାଣ ନ ଥିବା ପରି ଏକ ଅଭାବନୀୟ ସ୍ଥିତିରେ ସେ ନିଷ୍କ୍ରିୟ ହୋଇ ପଡ଼ି ରହିଥିବାବେଳେ ତାଙ୍କୁ ଲାଗିଲାଯେ, ତାଙ୍କ ଶରୀରରୁ ଆତ୍ମା ମୁକ୍ତ ହୋଇ ଚାଲିଯାଉଛି। ଏହା ଏକ ସୁଡ଼ଙ୍ଗ ଦେଇ ଅଗ୍ରଗାମୀ ହେବା ସମୟରେ ତାଙ୍କ ମୃତ ସ୍ୱାମୀ ମାଇକ ଟୋଡ୍ ତାଙ୍କୁ ଅଟକାଇ କହିଲେ, ତୁମେ ପଛକୁ ଫେରି ଯାଅ। ତୁମକୁ ଆହୁରି ଅନେକ କାମ କରିବାକୁ ବାକି ଅଛି। ତୁମକୁ ସଂଘର୍ଷ କରିବାକୁ ହେବ (ଓପ୍ରା ୱିନଫ୍ରେ ଶୋ'ରେ ଗୋଟିଏ ସାକ୍ଷାତ୍‌କାରରେ ବର୍ଣ୍ଣିତ)। ପ୍ରକାଶଥାଉକି, ଏଲିଜାବେଥ୍‌ଙ୍କ ତୃତୀୟ ସ୍ୱାମୀ ମାଇକ୍ ଟୋଡ୍ (୧୯୦୯-୫୮) ହେଉଛନ୍ତି ପ୍ରସିଦ୍ଧ ଫିଲ୍ମ 'ଆରାଉଣ୍ଡ ଦା ୱାର୍ଲ୍ଡ ଇନ୍ ଏଇଟି ଡେଜ୍'ର ପ୍ରଯୋଜକ ଓ ୧୯୫୮ରେ ସେ ଏକ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ଏଲିଜାବେଥ୍ ତାଙ୍କ ଜୀବନରେ ସାତ ଜଣଙ୍କୁ ବିବାହ କରିଥିଲେ ଏବଂ ତାଙ୍କ ଦାମ୍ପତ୍ୟ ଜୀବନ ଥରକୁ ଥର ଛାଡ଼ପତ୍ର ଦ୍ୱାରା ସମାପ୍ତ ହେଉଥାଏ। ତେବେ ଟୋଡ୍‌ଙ୍କ ବିଶେଷତ୍ୱ ହେଉଛି ଯେ, ଏଲିଜାବେଥ୍ ଏହି ତୃତୀୟ ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇ ନ ଥିଲେ। ପତି-ପତ୍ନୀ ମଧ୍ୟରେ ନିବିଡ଼ ସମ୍ପର୍କର ଏହା ଏକ ବିଶ୍ୱସନୀୟ ନିଦର୍ଶନ। ସୁଡ଼ଙ୍ଗ ଯାତ୍ରାବେଳେ ଟୋଡ୍ ପ୍ରିୟ ପତ୍ନୀ ଏଲିଜାବେଥ୍‌ଙ୍କୁ ଦେଇଥିବା ପରାମର୍ଶ ସମ୍ଭବତଃ ଅନ୍ତିମାବସ୍ଥାରେ ତାଙ୍କୁ ବଞ୍ଚିବା ସକାଶେ ଉତ୍ସାହିତ ଓ ଅନୁପ୍ରାଣିତ କରିଥାଇପାରେ। ତେବେ ଟୋଡ୍‌ଙ୍କ ଉକ୍ତି ବାସ୍ତବ କ୍ଷେତ୍ରରେ ସାର୍ଥକ ଭାବେ ପ୍ରତିଫଳିତ ହେଲା, ଯେତେବେଳେ ଏଲିଜାବେଥ୍ ଆସନ୍ନ ମୃତାବସ୍ଥାରୁ ରୋଗଶଯ୍ୟାରୁ ଉଠି ପୁଣି ଫିଲ୍ମରେ ଅଭିନୟ ଆରମ୍ଭ କଲେ। ପରବର୍ତ୍ତୀ କାଳରେ 'ହୁ ଇଜ୍ ଏ ଫ୍ରେଡ୍ ଅଫ ଭର୍ଜିନିଆ ଉଲ୍ଫ' (୧୯୬୬) ପାଇଁ ସେ ଓସ୍କାର ବିଜୟିନୀ ହେଲେ। ୧୯୬୫ରେ ମୁକ୍ତି ଲାଭ କରିଥିବା 'ଦା ସେଣ୍ଡପାଇପର' ପାଇଁ ମଧ୍ୟ ସେ ଗୋଲ୍‌ଡେନ୍ ଗ୍ଲୋବ୍ ଆୱାର୍ଡ ଦ୍ୱାରା ସମ୍ମାନିତ ହୋଇଥିଲେ।

ସର୍ଜରି ପରେ ଏଲିଜାବେଥ୍ ପୁଣି କାର୍ଯ୍ୟକ୍ଷମ ହେବା ପରୋକ୍ଷ ଭାବେ ଏକ ପୁନର୍ଜନ୍ମ। ପରେ ନିଜ ଶରୀରର ଅସ୍ତିତ୍ୱ ପ୍ରତି ସେ ଏତେ ଆସକ୍ତ ହେଲେ ଯେ, ତାଙ୍କ ଶେଷଇଚ୍ଛା ଥିଲା ମୃତ୍ୟୁ ପରେ ପରେ ତୁରନ୍ତ ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ଆରମ୍ଭ କରାନଯାଉ। ତାଙ୍କର ଏହି ଅନୁରୋଧକୁ ସମ୍ମାନ ଦେଇ ଲସ୍‌ଆଞ୍ଜେଲ୍‌ସର ପ୍ରସିଦ୍ଧ ସମାଧିସ୍ଥଳ ଗ୍ରେଟ୍ ମୋଉସିଲିଆ ମୋଟର ପନ୍ଦର ମିନିଟ ବିଳମ୍ବରେ କବର ଦିଆଗଲା।

ଅନ୍ୟ ଏକ ଦୃଷ୍ଟାନ୍ତ ଭାବେ ଆମେ ଚିଫ୍ ଅଫ୍ ଡିଫେନ୍ସଷ୍ଟାଫ୍ ଜେନେରାଲ ବିପିନ ରାଓ୍ୱତଙ୍କ ବିଷୟରେ ଅବତାରଣା କରିପାରିବା। ଲୁଟ୍‌ନାଣ୍ଟ ଜେନେରାଲ ପାହ୍ୟାରେ ଥିବାବେଳେ ରାଓ୍ୱତ ନାଗାଲାଣ୍ଡରେ ଚିତା- ହେଲିକପ୍ଟରର ଏକ ଦୁର୍ଘଟଣାରୁ ସମ୍ପୂର୍ଣ୍ଣ ଅକ୍ଷତ ଭାବେ ବଞ୍ଚି ଯାଇଥିଲେ। ଦୁର୍ଘଟଣା ପରେ ପରେ ସେ ଆଦୌ ଚିନ୍ତିତ ନ ହୋଇ ତତ୍‌କ୍ଷଣାତ୍ ନିଜ କାମରେ ଆଗେଇଲେ। ଏହାର ସମ୍ଭାବ୍ୟ ପରିଣାମ ଯେ ପ୍ରାଣହାନି ଥିଲା, ତାହା ସମସ୍ତେ ସ୍ୱୀକାର କରିବେ। ତଥାପି ଏମିତି ଏକ ଭୟଙ୍କର ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ରାଓ୍ୱତ ସେତେବେଳେ କୌତୂହଳୀ ପ୍ରଶ୍ନକର୍ତ୍ତାମାନଙ୍କୁ ଉତ୍ତର ଦେଇଥିଲେ, 'ମୁଁ ଗୋର୍ଖା ରାଇଫଲ୍ସରେ କାର୍ଯ୍ୟରତ। ଗୋର୍ଖାମାନଙ୍କ ନିର୍ଭୀକତା ସର୍ବଜନବିଦିତ। ପୁଣି ମୁଁ ଉତ୍ତରାଖଣ୍ଡର ପୌଡି ଘରୱାଲରେ ଜନ୍ମିତ। ପାହାଡ଼ିଆ ଅଞ୍ଚଳ ଯେଉଁମାନଙ୍କ ଜନ୍ମସ୍ଥାନ, ସେମାନେ ଏମିତି ଛୋଟିଆ ଦୁର୍ଘଟଣାରେ ପ୍ରାଣ ହରାନ୍ତି ନାହିଁ'' -(ଅବସରପ୍ରାପ୍ତ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏମ୍.ଜି. ଦତ୍ତାରଙ୍କ ବିବୃତିର ସାରାଂଶ)। ତାଙ୍କର ଏହି ଦାମ୍ଭିକ ଉତ୍ତର ସେତେବେଳେ ତାଙ୍କ ସହକର୍ମୀମାନଙ୍କୁ ଆଚମ୍ବିତ କରିଥିଲା ଏବଂ ତାଙ୍କ ମେସ୍‌ରେ ହାସ୍ୟରୋଳ ମଧ୍ୟ ଦେଖାଦେଲା।

ଲୋକେ କହନ୍ତି, ଯାହା ପୁଅକୁ ସାପ କାମୁଡ଼ିଥାଏ, ତା' ମା' ପାଳଦଉଡ଼ିକୁ ମଧ୍ୟ ଡରେ। କିନ୍ତୁ ରାଓ୍ୱତ୍ ହେଲିକପ୍ଟର ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ମଧ୍ୟ କପ୍ଟରକୁ ଭୟ କରି ନ ଥିଲେ। ସେ ସେନାବାହିନୀରୁ ନିଜ ସୁରକ୍ଷା ପାଇଁ ବିଚଳିତ ନ ହୋଇ ଜଣେ ସୈନିକର ନିଷ୍ଠାପରତା ଓ ସାହସିକତା ଆଧାରରେ କର୍ତ୍ତବ୍ୟ ସମ୍ପାଦନ କଲେ। ଏଥିପାଇଁ ସେ କେବଳ ସ୍ୱନାମଧନ୍ୟ ହେଲେ ନାହିଁ, ତାଙ୍କ ପରବର୍ତ୍ତୀ କାର୍ଯ୍ୟକଳାପ ପାଇଁ ଦେଶବାସୀ ଚିରକାଳ ଋଣୀ ହୋଇ ରହିବେ।

୨୦୧୬ରେ ପାକିସ୍ତାନ (ବାଲାକୋଟ) ଉପରେ ଯେଉଁ ସଫଳ ଓ ଚମକପ୍ରଦ ସର୍ଜିକାଲ ଷ୍ଟ୍ରାଇକ୍ କରାଯାଇଥିଲା, ତାହା ଥିଲା ତାଙ୍କ ଯୋଜନା। ମ୍ୟାନ୍‌ମାର ଉଗ୍ରବାଦୀମାନଙ୍କ ଦୌରାତ୍ମ୍ୟକୁ ଦମନ କରିବାରେ ସେ ସାଫଲ୍ୟମଣ୍ଡିତ ହୋଇଥିଲେ। ପୁଣି ଚାରିତାରକା ବିଶିଷ୍ଟ ରାଓ୍ୱତ ଭାରତର ସର୍ବପ୍ରଥମ ସେନା ବାହିନୀ ମୁଖ୍ୟ (ସିଡିଏସ୍) ପଦବୀ ଅଳଙ୍କୃତ କରିଥିଲେ। ତାଙ୍କର ଏହି ଗୌରବମୟ ଗାଥା ସାକାର ହେଲା, କାରଣ ପୂର୍ବବର୍ଣ୍ଣିତ ନାଗାଲାଣ୍ଡ କପ୍ଟର ଦୁର୍ଘଟଣାକୁ ଭ୍ରୂକ୍ଷେପ ନ କରି ସେ ତାଙ୍କ ସ୍ୱଭାବ ସୁଲଭ ଢଙ୍ଗରେ କର୍ତ୍ତବ୍ୟ ନିର୍ବାହ କରୁଥିଲେ।

କେହି କେହି ଆକ୍ଷେପ କରିପାରନ୍ତି ଯେ, ପୂର୍ବ କପ୍ଟର ଦୁର୍ଘଟଣାକୁ ସେ ସମ୍ମାନ ନ ଦେଇ ହେଲିକପ୍ଟର ବ୍ୟବହାର କରିବା ଯୋଗୁ, ୮ ଡିସେମ୍ବର ୨୦୨୧ରେ ମରଣ ଲଭିଲେ। ଏପରିକି ଜଣେ ଦେଖଣାହାରି ପ୍ରକାଶ କରିଥିବା ତଥ୍ୟକୁ ଭିତ୍ତିକରି ଲୋକେ ଯୋଡ଼ିପାରନ୍ତି ଯେ, ମଲାବେଳକୁ ତାଙ୍କୁ ପାଣି ଟୋପାଏ ମିଳି ନ ଥିଲା। କିନ୍ତୁ ଆମେ ହୃଦୟଙ୍ଗମ କରିବା ଯଥାର୍ଥ ଯେ, ଯିଏ ମରଣକୁ ସାହସର ସହ ମୁକାବିଲା କରେ, ସେ ଅସାଧ୍ୟ ସାଧନ କରିବା ବିଚିତ୍ର ନୁହେଁ। ତା' ଜୀବନ ସାର୍ଥକ ହୁଏ। ପ୍ରସଙ୍ଗକ୍ରମେ, ଆମେ ସିନେମାହଲରେ ସିନେମା ଦେଖିବା ବେଳର ଘଟଣା ଉଠାଇପାରୁ। ପିକ୍‌ଚର ଅଧାବେଳେ ମଧ୍ୟାନ୍ତର ଦିଆଯାଏ, ଯାହାକୁ ପ୍ରଯୋଜକଙ୍କ ଦ୍ୱାରା ପୂର୍ବ ନିର୍ଦ୍ଧାରିତ। କିନ୍ତୁ କରୋନା କାଳରେ କର୍ଣ୍ଣାଟକରେ ଉକ୍ତ ମଧ୍ୟାନ୍ତର ସମେତ ଅନ୍ୟ ଏକ ମଧ୍ୟାନ୍ତର ଦିଆଗଲା- (ମନି କଣ୍ଟ୍ରୋଲ, ୩ ମାର୍ଚ୍ଚ ୨୦୨୧)। ସାଧାରଣତଃ ସ୍ୱାଭାବିକ ଇଣ୍ଟରଭାଲରେ ଦର୍ଶକମାନେ ବୋରଡମ (ମାନ୍ଦାବସ୍ଥା ବା ବିରକ୍ତି)ରୁ ବର୍ତ୍ତି ମନକୁ ହାଲୁକା କରିବାକୁ ଚା' ପିଅନ୍ତି, ଚେନଚୁର ଖାଆନ୍ତି, ହଲ୍ ବାହାରକୁ ଆସି କିଛି ସମୟ ଖୋଲା ଜାଗାରେ ପ୍ରଫୁଲ୍ଲ ହୁଅନ୍ତି। ମନଖୋଲା ଗପନ୍ତି। କିନ୍ତୁ କୋଭିଡ୍ ବେଳର ଅତିରିକ୍ତ ମଧ୍ୟାନ୍ତରଟି ନିଜେ ସିନେମା ହଲ୍‌ର ମାଲିକ ନିର୍ଦ୍ଧାରଣ କରି କୋଭିଡ୍-ବ୍ୟବହାର (ସାନିଟାଇଜେସନ) ପାଳନ କରନ୍ତି।

ମୃତ୍ୟୁ ଏମିତି ଏକ ବ୍ୟବସ୍ଥା ପରି ଲାଗେ। ମଧ୍ୟାନ୍ତର ପରେ ସେଇ ସିନେମାର ଅବଶିଷ୍ଟାଂଶ ଚାଲୁରହେ। ସେମିତି ରୋଗଜନିତ ସାମୟିକ ବିରତି ପରେ ଏଲିଜାବେଥ୍ ଅଭିନୟରେ ପୂର୍ବବତ୍ ବ୍ୟସ୍ତ ରହିଲେ, ରାଓ୍ୱତ ମଧ୍ୟ ସୈନିକ ପୋଷାକରେ କାର୍ଯ୍ୟ ସଂପାଦନ କଲେ। ସାନିଟାଇଜେସନ-ବିରତି କାହାକୁ ଭଲ ଲାଗିପାରେ, ତେବେ ଅନ୍ୟ କାହାରିକୁ ଅସୁଖ ଲାଗିବ। ସେମିତି କୌଣସି କାରଣବଶତଃ ଆକସ୍ମିକ ମୃତ୍ୟୁ ଭୟର ଯନ୍ତ୍ରଣା ଜଣକୁ ସଂକ୍ରମିତ କରିଥାଏ। ତେବେ ଏହି ଦୁର୍ବିଷହ ବେଳାରେ ଅବିଚଳିତ ରହିଲେ ଜୀବନ ପୂର୍ବବତ୍ ଚାଲୁ ରହେ ଓ ସୁଫଳ ପ୍ରାପ୍ତହୁଏ।

ସେ ଯାହାହେଉ, ଅନ୍ୟ ଏକ କ୍ଲାସିକ ହିନ୍ଦୀ ଫିଲ୍ମ ରାଜ କପୁରଙ୍କ 'ମେରା ନାମ ଜୋକର' ବିଷୟ ଚର୍ଚ୍ଚା କରାଯାଉ। ଚିତ୍ର ନିର୍ମାତା ଏହି ଫିଲ୍ମର ଦୀର୍ଘତା (୪ଘଣ୍ଟା ୪ ମିନିଟ) ପାଇଁ ଗୋଟିଏ ବଦଳେ ଦୁଇଟି ଇଣ୍ଟରଭାଲ ରଖିଛନ୍ତି। ତେବେ ଚଳଚ୍ଚିତ୍ର ଶେଷରେ ଅନ୍ୟ ଫିଲ୍ମ ପରି 'ଦା ଏଣ୍ଡ' ବୋଲି ପରଦାରେ ଲେଖା ନ ଯାଇ ପଜିଟିଭ୍‌ଲି 'ନଟ ଦା ଏଣ୍ଡ' ଶବ୍ଦାବଳୀ ଦୃଶ୍ୟମାନ ହୁଏ। ଅର୍ଥାତ୍ ଏହି 'ସମାପ୍ତି' ନିଶ୍ଚିତ ଭାବେ 'ସମାପ୍ତି' ନୁହେଁ।

ଏହା ହେଉଛି ମଣିଷର ମୃତ୍ୟୁ ପରି। ମଣିଷ ମଲା ପରେ ପୁଣି ଜନ୍ମେ। ବ୍ରିଟିଶ୍ ଦର୍ଶନିକ ଫ୍ରାନ୍‌ସିସ୍ ବେକନ୍ (୧୫୬୧-୧୬୨୬)ଙ୍କ ଭାଷାରେ ''ମରଣ ହେଉଛି ସ୍ୱାଭାବିକ, ଯେମିତି ଜନ୍ମ''। କିଛି ସମାଲୋଚକ ଏହାର ବ୍ୟାଖ୍ୟା କରିଛନ୍ତି ଯେ, ମୃତ୍ୟୁ ସବୁ ଶେଷ କରିଦିଏ ବୋଲି କେତେଜଣ ଦୁଃଖିତ ହେବା ବେଳେ ଅନ୍ୟମାନଙ୍କ ପାଇଁ ଏହା ଏକ ନୂତନ ପ୍ରାରମ୍ଭ। ଯେମିତି ପିକ୍‌ଚର ଓପରବାକି ହୈ। ଏହି ଦୃଷ୍ଟିରୁ ମନୋଜ ଦାସଙ୍କ 'ଦାସ ମହାପାତ୍ର, ଜନ୍, ରବିନ୍‌ସନ'ଙ୍କ ନାମାବଳୀର ବିଶ୍ଳେଷଣ ତାତ୍ପର୍ଯ୍ୟପୂର୍ଣ୍ଣ। ଏଗୁଡ଼ିକ ହେଉଛି ସେଇ ଏକା ବ୍ୟକ୍ତିର ଭିନ୍ନ ଭିନ୍ନ ଜନ୍ମରେ ଆବିର୍ଭାବ। କିନ୍ତୁ ଏଥିରେ ଧାରାବାହିକତା ଅତୁଟ ରହେ ପ୍ରାରବ୍ଧ ମାଧ୍ୟମରେ।

ଅବଶ୍ୟ ଏକ ବ୍ୟତିକ୍ରମ ଅଛି। ଆମେ ଯଦି ସ୍ୱର୍ଗତ ମନୋଜ ଦାସଙ୍କ ପୂର୍ବଜନ୍ମକୁ ଏବେ ଖୋଜିବା, ହୁଏତ ଏହା ଏକ ନିଷ୍ଫଳ ପ୍ରୟାସ ହେବ। କାରଣ ଯିଏ ଏଇ ଜନ୍ମରେ ସାଧୁସନ୍ଥ ପରି ବଞ୍ଚେ, ତା'ର ପୁନର୍ଜନ୍ମ ନାହିଁ। ତା'ର ଆତ୍ମା ପରମାତ୍ମାରେ ଲୀନ ହୋଇଯାଏ।

ମୋ: ୯୦୭୮୭୪୩୮୪୩

# ଦୁଃସାହସିକ ଅଭିଯାତ୍ରୀ

ବ୍ୟକ୍ତିତ୍ୱ



ହର୍‌ପ୍ରୀତ ଚଣ୍ଡି

ବିସ୍ମୟ ବିଶ୍ୱ। ତା'ମଧ୍ୟରେ ଗୋଟିଏ ଗ୍ରହ ପୃଥିବୀ ଯେଉଁଠାରେ ମାନବସତ୍ତା ରହିଛି। ତେଣୁ ମଣିଷର ଅଭିଯାନ ଭୂମିଠାରୁ ଅନ୍ତରୀକ୍ଷ ଯାଏ ଅହରହ ଚାଲିଛି। ଅଦ୍ଭୁତ ଭୂଖଣ୍ଡ ଓ ପ୍ରକୃତି କୋଳରେ ଏପରିସବୁ ଅଞ୍ଚଳ ରହିଛି, ଯେଉଁଠାରେ ସାଧାରଣ ଲୋକ ପହଞ୍ଚିବା କଷ୍ଟକର ହୋଇଥାଏ। ତେବେ ଯେଉଁମାନେ ସେହିଠାରେ ପହଞ୍ଚିଥାଆନ୍ତି ସେମାନଙ୍କୁ କୁହାଯାଇଥାଏ ଦୁଃସାହସିକ ଅଭିଯାତ୍ରୀ। ଭାରତୀୟ ବଂଶୋଦ୍ଭବ ବ୍ରିଟିଶ୍ ଶିଖ୍ ଆର୍ମି ଅଫିସର କ୍ୟାପ୍‌ଟେନ ହର୍‌ପ୍ରୀତ୍ ଚଣ୍ଡି ସାଉଥ୍ ପୋଲ ବା ଦକ୍ଷିଣ ମେରୁରେ ପହଞ୍ଚି ପ୍ରଥମ ଭାରତୀୟ ବଂଶୋଦ୍ଭବ ମହିଳା ହେବାର ଗୌରବ ଅର୍ଜନ କରିଛନ୍ତି। ୩ ଜାନୁୟାରୀ ୨୦୨୨ରେ ସେ ଏହି କୀର୍ତ୍ତିମାନ ସ୍ଥାପନ କରିବା ପରେ ତାଙ୍କ ଦୁଃସାହସିକ ଅଭିଯାନ ବିଷୟରେ ଜାଣିବା ଲାଗି ସମସ୍ତଙ୍କ ଉତ୍କଣ୍ଠା ରହିବା ସ୍ୱାଭାବିକ। ଉଲ୍ଲେଖଯୋଗ୍ୟ, ପୃଥିବୀର ଅକ୍ଷ ଘୂର୍ଣ୍ଣନ କରି ପୃଷ୍ଠଭୂମିକୁ ପରସ୍ପର ଛେଦ କରୁଥିବା ଦୁଇଟି ବିନ୍ଦୁ ମଧ୍ୟରୁ ଗୋଟିଏ ହେଉଛି ଦକ୍ଷିଣ ମେରୁ। ପୃଥିବୀର ଦକ୍ଷିଣ ଶେଷବିନ୍ଦୁରେ ଦକ୍ଷିଣ ମେରୁଥିବା ବେଳେ ଏହାର ବିପରୀତରେ ରହିଛି ନର୍ଥ ପୋଲ୍ ବା ଉତ୍ତର ମେରୁ। ଏହା ଏମିତି ଗୋଟେ ଜାଗା ଯେଉଁଠାରେ ସୂର୍ଯ୍ୟାସ୍ତ ହୁଏ ନାହିଁ। ରୋନାଲ୍ଡ ଅମୁଣ୍ଡସେନ୍‌ଙ୍କ ନେତୃତ୍ୱରେ ନରୱେର ଏକ ଅନୁସନ୍ଧାନକାରୀ ଦଳ ୧୪ ଡିସେମ୍ବର ୧୯୧୧ରେ ପ୍ରଥମେ ଦକ୍ଷିଣ ମେରୁରେ ପହଞ୍ଚିଥିଲେ।

ହର୍‌ପ୍ରୀତ ୭ ଫେବୃୟାରୀ ୧୯୮୯ରେ ବିଟ୍ରେନ୍‌ର ଡେର୍‌ବାଇଠାରେ ଜନ୍ମଗ୍ରହଣ କରିଥିଲେ। ୟୁନିଭର୍ସିଟି ଅଫ୍ ଲଣ୍ଡନର ସେଣ୍ଟ ଜର୍ଜରୁ ସେ ୨୦୧୨ରେ ଫିଜିଓଥେରାପିରେ ବି.ଏସ୍‌ସି କରିଥିଲେ। ପରେ ଇଂଲଣ୍ଡର କୁଇନ୍ ମେରୀ ୟୁନିଭର୍ସିଟି ଅଫ୍ ଲଣ୍ଡନରୁ ସ୍ପୋର୍ଟସ୍ ଆଣ୍ଡ୍ ଏକ୍ସରସାଇଜ୍ ମେଡିସିନ୍‌ରେ ସ୍ନାତକୋତ୍ତର ଡିଗ୍ରୀ ଅର୍ଜନ କରିଥିଲେ। ତାଙ୍କ ମା'ଙ୍କୁ ଯେତେବେଳେ ୩୫ ବର୍ଷ ସେତେବେଳେ ପିତା ଛାଡ଼ପତ୍ର ଦେଇ ପଳାଇଥିଲେ। ତାଙ୍କ ଉପରେ ଦୁଇ ଭାଇ ପରଦୀପ୍ ସିଂ ଓ ଜାଗ୍ ଚାଣ୍ଡି ଅଛନ୍ତି। ପାରିବାରିକ ସମସ୍ୟା ଥାଇବି ହର୍‌ପ୍ରୀତ କ୍ୟାରିୟର ଗଢ଼ିବାରେ ହେଳା କରିନାହାନ୍ତି। ଚାକିରି କରିବାକୁ ଯାଇ ସେ ୨୦୧୩ରେ ନଟିଂହାମ୍‌ର ନ୍ୟାଶନାଲ ହେଲ୍‌ଥ ମିଶନରେ ଜଣେ ଫିଜିଓଥେରାପିଷ୍ଟ ଭାବେ ଯୋଗ ଦେଇଥିଲେ। ସେଠାରେ ଦୁଇବର୍ଷ କାର୍ଯ୍ୟ କରିବା ପରେ ବ୍ରିଟିଶ୍ ଆର୍ମିରେ ଓସି ପିସିଆର୍‌ଏଫ୍ (ଅଫିସର କମାଣ୍ଡିଂ ପଲିସି ଆଣ୍ଡ୍ ଚାର୍ଜିଂ ରୁଲ୍ସ ଫଙ୍କସନ) ଭାବେ ନିଯୁକ୍ତ ହୋଇଥିଲେ। ସେହିଠାରେ ଦୁଇବର୍ଷ କାର୍ଯ୍ୟ କରିବା ପରେ ଦକ୍ଷିଣ ସୁଦାନରେ ଜାତିସଂଘ ପକ୍ଷରୁ କରାଯାଉଥିବା କାର୍ଯ୍ୟକ୍ରମରେ ସାମିଲ ହୋଇ ଫିଜିଓଥେରାପିଷ୍ଟ ନିଯୁକ୍ତ ହୋଇଥିଲେ। ଏହା ପରେ ସେ ବ୍ରିଟେନର ପ୍ରିଷ୍ଟୋନ୍‌ରେ କ୍ଲିନିକାଲ ଟ୍ରେନିଂ ଅଫିସର ଭାବେ କାର୍ଯ୍ୟ କଲା ବେଳେ ବହୁ ଯୁଦ୍ଧ ପ୍ରଶିକ୍ଷଣ ଶିବିର ଆୟୋଜନ କରିଥିଲେ। ୨୦୨୧ରେ ସେ ଆଣ୍ଟାର୍କଟିକା ଅଭିଯାନ ଲାଗି ନିଜକୁ ପ୍ରସ୍ତୁତ କଲେ। ୭ ନଭେମ୍ବର ୨୦୨୧ରେ ଦକ୍ଷିଣ ମେରୁରେ ପହଞ୍ଚିବା ଲକ୍ଷ୍ୟ ନେଇ ଏକ ସ୍ଲେଜ୍‌ରେ ନିଜ କିଟ୍ ଧରି ୧,୧୨୭ କିଲୋମିଟର ଏକକୀ ଯାତ୍ରା କରିଥିଲେ। ଏଥିଲାଗି ୪୫ ଦିନ ସମୟ ରଖିଥିଲେ । ହେଲେ ୪୦ ଦିନରେ ସ୍ୱପ୍ନ ସାକାର କରିଥିଲେ। ଏଥିପାଇଁ ଯାତ୍ରାରେ ତାଙ୍କୁ ବହୁ ପ୍ରତିକୂଳ ସ୍ଥିତିର ସାମ୍ନା କରିବାକୁ ପଡ଼ିଥିଲା। ସେଠାରେ ହାରାହାରି ତାପମାତ୍ରା ମାଇନସ୍ ୫୦ ଡିଗ୍ରୀ ଥିବା ବେଳେ ପବନର ବେଗ ଘଣ୍ଟାପ୍ରତି ୬୦ କିଲୋମିଟର ଥିଲା ବୋଲି ହର୍‌ପ୍ରୀତି ତାଙ୍କ ବ୍ଲଗ୍‌ରେ ଉଲ୍ଲେଖ କରିଛନ୍ତି। ଏହି ଦୁଃସାହସିକ ଯାତ୍ରା କରିବା ଲାଗି ଫ୍ରାନ୍ସର ଆଲ୍ପସ୍‌ରେ କ୍ରେଭାସି (ଗଭୀର ଓ ଖୋଲା ଫାଟ) ତାଲିମ ନେଇଥିଲେ। ଏପରି ସେ ଆଇସ୍‌ଲାଣ୍ଡର ଲାଙ୍ଗଜୋକୁଲ୍ ଗ୍ଲେସିଆର୍‌ରେ ଟ୍ରେକିଂ କରିବା ସହ ଗ୍ରୀନ୍‌ଲାଣ୍ଡର ଆଇସ୍‌କ୍ୟାପ୍‌ରେ ୨୭ ଦିନ ରହିଥିଲେ।

ହର୍‌ପ୍ରୀତଙ୍କୁ ଯେତେବେଳେ ୧୪ ବର୍ଷ ବୟସ ହୋଇଥିଲା ସେ ଇଂଲଣ୍ଡର ସୁଟୋନ୍ ଟେନିସ୍ ଏକାଡେମୀରେ ଯୋଗ ଦେଇଥିଲେ। ପରେ ଚେକ୍ ରିପବ୍ଲିକ୍ ଯାଇ ନୋଭାକ୍ ଟେନିସ୍ ଏକାଡେମୀରେ ଦୁଇ ବର୍ଷ ପ୍ରଶିକ୍ଷଣ ନେଇଥିଲେ। ଆର୍ମି ଟେନିସ୍ ଚାମ୍ପସ୍ ଆୱାର୍ଡ ପାଇବା ପରେ ଅନ୍ୟାନ୍ୟ କଷ୍ଟକର ଯାତ୍ରାରେ ଯିବାକୁ ନିଜକୁ ପ୍ରସ୍ତୁତ କରିଥିଲେ। ହର୍‌ପ୍ରୀତ ବିଭିନ୍ନ ମାରାଥନ୍‌ରେ ଅଂଶ ଗ୍ରହଣ କରି ନିଜ ଶାରୀରିକ ଦକ୍ଷତାର ପ୍ରମାଣ ଦେଇଛନ୍ତି। ତେବେ ତାଙ୍କ ଶ୍ରେଷ୍ଠ ଅଭିଯାନ ଦକ୍ଷିଣ ମେରୁରେ ପ୍ରଦର୍ଶିତ ହୋଇଛି।

ହର୍‌ପ୍ରୀତଙ୍କ ବ୍ୟକ୍ତିଗତ ଜୀବନ କହିଲେ ବ୍ରିଟିଶ ଆର୍ମି ରିଜର୍ଭିଷ୍ଟ ଡେଭିଡ୍ ଜାର୍ମନଙ୍କୁ ସେ ୨୦୨୧ରେ ବିବାହ କରିଥିଲେ। ବିବାହ ପୂର୍ବରୁ ସେ ବ୍ଲଗ୍‌ରେ ଲେଖିଥିବା ବିଷୟଟି ଅତ୍ୟନ୍ତ ପ୍ରେମଶୀଳ ଥିଲା। ସେ କେଉଁଥିରେ ଗୋଟେ ପଢ଼ିଥିଲେ, ପ୍ରେମିକଙ୍କୁ କିଛି ନୂଆ ଭେଟି ଦେବାକୁ ହେଲେ ତାଙ୍କୁ ଏକ ବିଶେଷ ଢଙ୍ଗରେ ଦିଆଯିବା ଦରକାର। ସେଥିପାଇଁ ସେ ବିବାହ ବର୍ଷ ୨୦୨୧ରେ ତାଙ୍କ ଦୁଃସାହସିକ ଅଭିଯାନ ଆରମ୍ଭ କରି ଏକ ସଫଳ ଜୀବନଯାତ୍ରୀର ପରିଚୟ ୨୦୨୨ରେ ଦେଇପାରିଛନ୍ତି।

-ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ପଶ୍ଚିମବଙ୍ଗର ସୁନ୍ଦରବନରେ ସଂକ୍ରମିତଙ୍କ ଚିକିତ୍ସା ଲାଗି ଆବଶ୍ୟକ ଅକ୍ସିଜେନ ଯୋଗାଇବାରେ ଲାଗିଛନ୍ତି ସୌମିତ୍ର ମଣ୍ଡଳ। ବଡ଼କଥା ହେଉଛି, ସୁନ୍ଦରବନରେ ଥିବା ୯ଟି ଦ୍ୱୀପାଞ୍ଚଳରେ ରାସ୍ତା ଭଲ ନ ଥିବାରୁ ସେଠାକାର ପୀଡ଼ିତଙ୍କ ନିକଟରେ ସେ ସାଇକେଲରେ ନେଇ ଅକ୍ସିଜେନ ପହଞ୍ଚାଉଛନ୍ତି। ସେଥିପାଇଁ ତାଙ୍କୁ ସୁନ୍ଦରବନର ଅକ୍ସିଜେନ ମଣିଷ କୁହାଯାଉଛି। ମଣ୍ଡଳଙ୍କ ବୟସ ୨୯ ଓ ସେ ଏକୁଟିଆ ସାଇକେଲରେ ଦୁର୍ଗମ ଅଞ୍ଚଳର ଗାଁ ଗାଁ ବୁଲି ଲୋକଙ୍କୁ ଔଷଧ ଓ ଅକ୍ସିଜେନ ଠିକ୍ ସମୟରେ ଦେଉଛନ୍ତି। ସେ ସାମାଜିକ କର୍ମୀ ଓ ଏନ୍‌ଜିଓଗୁଡ଼ିକଠାରୁ ଅକ୍ସିଜେନ ସିଲିଣ୍ଡର ସଂଗ୍ରହ କରୁଛନ୍ତି। ସ୍ଥାନୀୟ ପ୍ରଶାସନ ମଧ୍ୟ ତାଙ୍କୁ ଏ ଦିଗରେ ସହଯୋଗ କରୁଛି। ଶିକ୍ଷା ଶେଷ କରି ପ୍ରଥମେ ସେ ନିଜ ଗାଁ ଗୋସାବାର ସରକାରୀ ସ୍କୁଲରେ ଅସ୍ଥାୟୀ ଶିକ୍ଷକ ଭାବେ ଯୋଗ ଦେଇଥିଲେ। ସେଥିରେ ସ୍ଥାୟୀ ଶିକ୍ଷକ ନିଯୁକ୍ତ ହେବା ପରେ ୨୦୧୯ରେ ସେ ଚାକିରି ହରାଇଥିଲେ। ପରେ ସେ ପିଲାମାନଙ୍କୁ ମାଗଣାରେ ଟ୍ୟୁଶନ କରିବା ସହ ଏହି କାର୍ଯ୍ୟ ଆରମ୍ଭ କରିଥିଲେ, ଯାହାକୁ ଏଯାବତ୍ ସେ ଚାଲୁ ରଖିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୯ ଜାନୁୟାରୀ ୧୯୯୭

- ଭାରତୀୟ ଜନତା ପାର୍ଟି କିମ୍ବା ମିଳିତ ସାମୁଖ୍ୟ ସହ ମିଶି ଉତ୍ତର ପ୍ରଦେଶରେ ଏକ ମିଳିତ ସରକାର ଗଠନ ସମ୍ଭାବନାକୁ ବହୁଜନ ସମାଜ ପାର୍ଟିର ନେତ୍ରୀ ମାୟାବତୀଙ୍କ ଅଗ୍ରାହ୍ୟ।
- ମଣିପୁରର ସମାଜ କଲ୍ୟାଣ ମନ୍ତ୍ରୀ ମୋରୁଙ୍ଗ ମାକୁଙ୍ଗଙ୍କୁ ରାଜ୍ୟପାଳ ଓ.ଏନ୍. ଶ୍ରୀବାସ୍ତବ ବହିଷ୍କାର କରିଛନ୍ତି।
- କେରଳର ପୂର୍ବତନ ମୁଖ୍ୟ ଶାସନ ସଚିବ ଏବଂ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ଆର୍. ରାମଚନ୍ଦ୍ରନ ନାୟାର ଚାକିରିରୁ ନିଲମ୍ବିତ।

## ପାଠକ ଶ୍ରେଷ୍ଠ ବିଚାରକ

### ଦୃଷ୍ଟି ଦେବେ କି

ମହାଶୟ,

ଢେଙ୍କାନାଳ ସହର ସମେତ ସମଗ୍ର ଜିଲାରେ ଲଗାମ ଛଡ଼ାଭାବେ ଗାଡ଼ି ଚାଳକମାନେ ବିକଟାଳ ହର୍ନ ବଜାଉଥିବାରୁ ଲୋକମାନେ ଭୟଭୀତ ହେଉଛନ୍ତି। ସହର ମଧ୍ୟରେ ବାଇକଠାରୁ ଆରମ୍ଭ କରି ଭାରିଯାନ ପର୍ଯ୍ୟନ୍ତ ପ୍ରାୟ ଅଧିକାଂଶ ଯାନର ଚାଳକମାନେ ବିକଟାଳ ହର୍ନ ବଜାଉ ଥିବାରୁ ଦୁର୍ଘଟଣା ଘଟୁଛି। ଯୁବ ବାଇକ ଚାଳକ ବିକଟାଳ ସାଇଲେନ୍ସରଯୁକ୍ତ ବାଇକ ବ୍ୟବହାର କରି ଦ୍ରୁତଗତିରେ ଆତଙ୍କ ସୃଷ୍ଟି କରୁଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଉଛି। ଅନ୍ୟପକ୍ଷେ କେତେକ ବାଇକଚାଳକ ଦ୍ରୁତଗତିରେ ଗାଡ଼ିର ଷ୍ଟାଣ୍ଡ ଦ୍ୱାରା ରାସ୍ତାରୁ ନିଆଁ ବାହାର କରୁଥିବା ଏହି ଆତଙ୍କକୁ ଦ୍ୱିଗୁଣିତ କରୁଛି। ଢେଙ୍କାନାଳ ପୋଲିସ ଓ ପରିବହନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି ; ଯଦ୍ଦ୍ୱାରା ଏକସଙ୍ଗେ ଶବ୍ଦ ପ୍ରଦୂଷଣ, ଶାନ୍ତିଭଙ୍ଗ ଏବଂ ଦୁର୍ଘଟଣାକୁ ଆମନ୍ତ୍ରଣ କରାଯାଉଛି। ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନିଆଗଲେ ଜନସାଧାରଣ ଉପକୃତ ହେବେ।

-ବିଷ୍ଣୁପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ

## ଚିରନ୍ତନୀ

ମାସେ ହେଲେ କାହୁଁ ଦେବ
ନାହିଁ ତାର ଭାବନା ତ
ଦେଖାଯିବ ଏହିନାଗେ
ଚକେ ଗଲେ ବାରହାତ।
-(ଚାଷୀର ଭାଗ୍ୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଏୟାରଟେଲ-ପାର୍କ+ ମଧ୍ୟରେ ଚୁକ୍ତି

**ଭୁବନେଶ୍ୱର,୮।୧:** ଫାସ୍‌ଟାଗ୍ ଆଧାରିତ ସ୍ମାର୍ଟ ପାର୍କିଂ ସମାଧାନ ଯୋଗାଇବା ଲାଗି ଭାରତର ଅଗ୍ରଣୀ ଫାସ୍‌ଟାଗ୍ ପ୍ରଦାନକାରୀଙ୍କ ମଧ୍ୟରୁ ଅନ୍ୟତମ ଏୟାରଟେଲ ପେମେଣ୍ଟ ବ୍ୟାଙ୍କ ପକ୍ଷରୁ ପାର୍କ ସହିତ ଏକ ଚୁକ୍ତି ସ୍ୱାକ୍ଷର ସମ୍ପର୍କରେ ଘୋଷଣା କରାଯାଇଛି। ପାର୍କ+ ଫାସ୍‌ଟାଗ୍ ମାଧ୍ୟମରେ ପାର୍କିଂ ସ୍ଥଳକୁ ସ୍ୱୟଂଚାଳିତ କରିବାରେ ବଜାର ଅଗ୍ରଣୀ ଏବଂ ଭାରତରେ ଅଧିକାଂଶ ପାର୍କିଂ ଫାସ୍‌ଟାଗ୍ ନେଣଦେଣ ବର୍ତ୍ତମାନ ପାର୍କ+ ବ୍ୟବସ୍ଥା ମାଧ୍ୟମରେ କାର୍ଯ୍ୟକାରୀ ହେଉଛି। ଏହି ଚୁକ୍ତି ଏୟାରଟେଲ ପେମେଣ୍ଟ ବ୍ୟାଙ୍କର ବିତରଣ ପହଞ୍ଚ ଏବଂ ଡିଜିଟାଲ ପେମେଣ୍ଟ ଷ୍ଟାକର ଉପଯୋଗ କରିବାକୁ ଲକ୍ଷ୍ୟ ରଖିଛି। ଦେଶର ୧୫୦୦ ରୁ ଅଧିକ ସୋସାଇଟି, ୩୦ ରୁ ଅଧିକ ମଲ୍ ଏବଂ ୧୫୦ ରୁ ଅଧିକ କର୍ପୋରେଟ ପାର୍କରେ ପାର୍କ+ ପରିଚାଳିତ ନିୟନ୍ତ୍ରଣ ବ୍ୟବସ୍ଥା ସଂସ୍ଥାପିତ ହୋଇଛି। ଏ ସମ୍ପର୍କରେ ଏୟାରଟେଲ ପେମେଣ୍ଟ ବ୍ୟାଙ୍କର ସିଓଓ ଗଣେଶ ଅନନ୍ତ ନାରାୟଣ କହିଛନ୍ତି, ଆମର ଗ୍ରାହକମାନଙ୍କୁ ଅଭିନବ ଫାସ୍‌ଟାଗ୍ ଆଧାରିତ ପାର୍କିଂ ସମାଧାନ ପ୍ରଦାନ କରିବାକୁ ପାର୍କ+ ସହିତ ଯୋଡ଼ିହୋଇ ଆମେ ଆନନ୍ଦିତ।

### ସାମ୍‌କୋ ଫ୍ଲେକ୍ସି କ୍ୟାପ୍ ଫଣ୍ଡ

**ଭୁବନେଶ୍ୱର,୮।୧:** ସାମ୍‌କୋ ମ୍ୟୁଚୁଆଲ ଫଣ୍ଡ ଏହାର ପ୍ରଥମ ଏନ୍‌ଏଫ୍‌ଓ ସାମ୍‌କୋ ଫ୍ଲେକ୍ସି କ୍ୟାପ୍ ଫଣ୍ଡର ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି। ଏନ୍‌ଏଫ୍‌ଓ ୨୦୨୨ ଜାନୁୟାରୀ ୧୭ ରେ ଏହା ଉନ୍ମୁକ୍ତ ହେବ ଏବଂ ୨୦୨୨ ଜାନୁୟାରୀ ୩୧ରେ ବନ୍ଦ ହେବ। ସାମ୍‌କୋ ଆସେଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ୍‌ର ପ୍ରତିଷ୍ଠାତା ଓ ଡାଇରେକ୍ଟର ଜିମିତ ମୋଦି କହିଛନ୍ତି, ସାମ୍‌କୋର ପ୍ରଥମ ଫଣ୍ଡ ଅଫରି ଭାବରେ ସାନ୍‌କୋ ଫ୍ଲେକ୍ସି କ୍ୟାପ୍ ଫଣ୍ଡ ପ୍ରଚଳନ କରିବା ନେଇ ଆମେ ଉଲ୍ଲସିତ ଅଛୁ। ଆମ ଲକ୍ଷ୍ୟ ମୁତାବକ ଏହି ଫଣ୍ଡକୁ ଏକ ବାସ୍ତବ ସକ୍ରିୟ ଫଣ୍ଡ୍ ଭାବରେ ଡିଜାଇନ କରାଯାଇଛି ଏବଂ ଉଚ୍ଚତର ଆକ୍ଟିଭ ଶେୟାର ନିମନ୍ତେ ଏହା ଲକ୍ଷ୍ୟ ରଖିବା ସହିତ ସେ ଦିଗରେ ପ୍ରୟାସ କରିବ। ଏହାର ନିବେଶକମାନେ ଯେତେବେଳେ ଏକ ଆକ୍ଟିଭ ଆସେଟ ମ୍ୟାନେଜମେଣ୍ଟ ଦେୟ ପୈଠ କରିବେ, ସେହି ସମୟରେ ଯେଭଳି ସେମାନଙ୍କ ଟଙ୍କାର ଉଚିତ ମୂଲ୍ୟ ପାଇପାରିବେ।

# କୋଭିଡ୍‌ର ୩ୟ ଲହର ଯୋଗୁ ବ୍ୟବସାୟ ହ୍ରାସ

**ମୁମ୍ବାଇ,୮।୧**

### ୧୦ଦିନରେ କମିଛି ୪୫% କାରବାର

ସାରା ଦେଶରେ କୋଭିଡ୍ ସଂକ୍ରମଣର ସଂଖ୍ୟା ବୃଦ୍ଧି ଯୋଗୁ ବିଭିନ୍ନ ରାଜ୍ୟ ସରକାରଙ୍କ ପକ୍ଷରୁ ବହୁ କଟକଣା ଜାରି କରାଯାଉଛି। କୋଭିଡ୍ ମାମଲା ବୃଦ୍ଧି ବ୍ୟବସାୟ ତଥା ଅର୍ଥନୈତିକ କାର୍ଯ୍ୟକଳାପ ଉପରେ ବେଶ୍ ପ୍ରତିକୂଳ ପ୍ରଭାବ ପକାଉଛି ବୋଲି ଶନିବାର କନ୍‌ଫେଡେରେଶନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି) ପକ୍ଷରୁ ଏକ ରିପୋର୍ଟ ପ୍ରକାଶ କରାଯାଇଛି। ସିଏଆଇଟିର ସୂଚନା ଅନୁଯାୟୀ ଗତ ୧୦ଦିନ ମଧ୍ୟରେ ଏହାର ପ୍ରଭାବ ଯୋଗୁ ବ୍ୟବସାୟ ହାରାହାରି ୪୫% ହ୍ରାସ ପାଇବା ସହ ବିଭିନ୍ନ ଭର୍ଟିକାଲ ସାମଗ୍ରୀ କାରବାରକୁ ମଧ୍ୟ ହ୍ରାସ କରିଛି। କୋଭିଡ୍‌ର ନୂଆ ଭାରିଆଣ୍ଟ ଓମିକ୍ରନ୍ ସହ ୩ୟ ଲହରକୁ ମୁକାବିଲା କରିବା ପାଇଁ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ଗ୍ରହଣ କରିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀମାନଙ୍କୁ ସୂଚନା ଦିଆଯାଇଛି। ସେହିଭଳି ରାଜ୍ୟ ସରକାର ମଧ୍ୟ ସେମାନଙ୍କ ସ୍ତରରେ ଆବଶ୍ୟକ ପ୍ରତିକୂଳ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ବ୍ୟତୀତ ସ୍ଥାନୀୟ ଗ୍ରାହକମାନଙ୍କ ଭାବନାକୁ ଲକ୍ଷ୍ୟକରି ନିମ୍ନ ଆନ୍ତଃ ଆଞ୍ଚଳିକ ବାଣିଜ୍ୟ ଉପରେ ମଧ୍ୟ ପ୍ରତିବନ୍ଧକ ଲାଗୁ କରାଯାଇଛି ବୋଲି ସିଏଆଇଟି ମତବ୍ୟକ୍ତ କରିଛି। ଏହାର ମୁଖ୍ୟ କାରଣ ହେଉଛି କରୋନାର ତୃତୀୟ ଲହର ଯୋଗୁ ଲୋକଙ୍କ ମଧ୍ୟରେ ଏକ ପ୍ରକାର ଭୟର ବାତାବରଣ ସହ ଗତବର୍ଷର ଭୟ ଏବେ ବି ରହିଛି। ଏଥିରେ କୁହାଯାଇଛି, ପଡ଼ୋଶୀ ସହରରୁ ବିତରଣ କେନ୍ଦ୍ରକୁ ଆସିବାକୁ ବ୍ୟବସାୟୀଙ୍କ ଅନିଚ୍ଛାକୃତ ମନୋଭାବ, ଟଙ୍କା କ୍ରଞ୍ଚ, ବିପୁଳ ପରିମାଣର ଟଙ୍କା ଯୋଗଣ ଆଦିରେ ସମସ୍ୟା ରହିଛି। ସ୍ଥାନୀୟ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟବସାୟୀଙ୍କ ସହ ଆଲୋଚନ କିମ୍ବା ବଜାର ବିଶେଷଜ୍ଞଙ୍କ ସହ ପରାମର୍ଶ ନ କରି ସରକାର ବିଭିନ୍ନ କୋଭିଡ୍ ପ୍ରତିବନ୍ଧକ ଲାଗୁ କରିଛନ୍ତି। ବିଶେଷକରି ଚଳିତ ବିବାହଋତୁରେ ଏଭଳି ସମସ୍ୟା ଓ ସରକାରଙ୍କ କଟକଣା ଯୋଗୁ ବ୍ୟବସାୟ ହ୍ରାସ ହେବାର ସମ୍ଭାବନା ରହିଛି ବୋଲି ସିଏଆଇଟି ମଧ୍ୟ ଆକଳନ କରିଛି। କନ୍‌ଫେଡେରେଶନର କହିବା ଅନୁସାରେ ବିବାହଋତୁରେ ଅନେକ ପ୍ରକାର କାରବାର ବ୍ୟବସାୟୀଙ୍କୁ ଭଲ ଲାଭ ଦେଇଥାଏ। ଏହା ଜାନୁୟାରୀ ୧୪ରୁ ଆରମ୍ଭ ହୋଇ ଆସନ୍ତା ୩ ମାସ ପର୍ଯ୍ୟନ୍ତ ଚାଲିଥାଏ। ସେହିଭଳି ରାଜ୍ୟ ସରକାରମାନଙ୍କ ପକ୍ଷରୁ ଲଗାଯାଇଥିବା ବିଭିନ୍ନ ପ୍ରତିବନ୍ଧକ ଓ କୋଭିଡ୍ କଟକଣା ଯୋଗୁ ପ୍ରାୟ ୭୫% ବ୍ୟବସାୟରେ ଅନେକ ପ୍ରକାର ପରିବର୍ତ୍ତନ ସହ ହ୍ରାସ ମଧ୍ୟ ଘଟିଛି ବୋଲି ସଂସ୍ଥା ପକ୍ଷରୁ ବର୍ତ୍ତମାନ ଆକଳନ କରାଯାଇଛି।

# ଜୀ ସାର୍ଥକର ଭିନ୍ନ ଏକ କାର୍ଯ୍ୟକ୍ରମ 'ଦାଦାଗିରି'

**ଭୁବନେଶ୍ୱର,୮।୧**




ଚଳିତ ମାସ ୧୫ ତାରିଖରୁ ରାତି ୯ଟାରେ ଜୀ ସାର୍ଥକରେ ପ୍ରସାରିତ ହେବାକୁ ଯାଉଛି ଏକ ନିଆରା କାର୍ଯ୍ୟକ୍ରମ। ଜୀ ସାର୍ଥକ କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ଏହା ଦର୍ଶକମାନଙ୍କ ସାଥିରେ ସବୁବେଳେ ଥାଏ। ଦର୍ଶକମାନଙ୍କ ପାଇଁ ଏହିପରି ଏକ ନୂଆ ମେଗା ରିଆଲିଟି ଶୋ 'ଦାଦାଗିରି'ର ପରିକଳ୍ପନା ଜୀ ସାର୍ଥକ ପକ୍ଷରୁ କରାଯାଇଛି। ପ୍ରଥମଥର ପାଇଁ ଓଡ଼ିଆ ଅଭିନେତା ଅନୁଭବ ମହାନ୍ତି କରିବେ ଦାଦାଗିରି। ଆଉ କାହା ସହ ନୁହେଁ, ଜୀ ସାର୍ଥକର ଦର୍ଶକମାନଙ୍କ ସହ। ଅଭିନେତା ଅନୁଭବ, ସବୁରି ପ୍ରିୟ ଓ ମେଳାପି। ସେ ଏଥର ଦର୍ଶକମାନଙ୍କ ହୃଦୟରେ ରାଜ୍ କରିବେ। ସବୁବେଳେ ବଡ଼ ପରଦାରେ ନିଜ ପ୍ରିୟ ଷ୍ଟାରଙ୍କୁ ଦେଖୁଥିବା ଦର୍ଶକ ଏବେ ଛୋଟ ପରଦାରେ ମଧ୍ୟ ସେହି ସୁଯୋଗ ପାଇବେ। ଏ ସମ୍ପର୍କରେ ଚ୍ୟାନେଲର ମୁଖ୍ୟ ଅର୍ଘ୍ୟ ରାୟଚୌଧୁରୀ କହିଛନ୍ତି, ଏହି ନିଆରା ରିଆଲିଟି ଗେମ୍ ଶୋ' ଦାଦାଗିର ହୃଦୟରୁ କରାଯାଇଛି। ଏହି କାର୍ଯ୍ୟକ୍ରମ ନିଶ୍ଚିତଭାବରେ ଦର୍ଶକଙ୍କ ମନକୁ ଛୁଇଁବ ଓ ପସନ୍ଦ ଆସିବ ବୋଲି ସେ ମତ ଦେଇଛନ୍ତି। ଜୀ ସାର୍ଥକ ତା'ର ଅଗଣିତ ଦର୍ଶକଙ୍କ ମନୋରଞ୍ଜନ ସକାଶେ ନିରନ୍ତନ ଉଦ୍ୟମ କରିଆସିଛି ଏବଂ ଆଗାମୀ ଦିନରେ ଏହି ପ୍ରୟାସ ଜାରି ରହିବ।

# ଜେ.ସି. ଚୌଧୁରୀଙ୍କୁ ବିରଳ ସମ୍ମାନ

**ନୂଆଦିଲ୍ଲୀ, ୮।୧**

### ଗିନିଜ ୱାର୍ଲଡ-୨୦୨୨ରେ ସାମିଲ


ଜେ.ସି. ଚୌଧୁରୀ

ନ୍ୟୁମେରୋଲୋଜି ଅଧିବେଶନକୁ ହୋଷ୍ଟ କରି ଜଣେ ବିଶିଷ୍ଟ ନ୍ୟୁମେରୋଲୋଜିଷ୍ଟ ଜେ.ସି.ଚୌଧୁରୀ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି। ୟୁଟ୍ୟୁବ୍‌ରେ ଲାଇଭ ଷ୍ଟ୍ରିମ୍ ହୋଇଥିବା ଏକ ନ୍ୟୁମେରୋଲୋଜି ଆଲୋଚନାକୁ ଅଧିକାଂଶ ଦର୍ଶକ ଦେଖିଥିବାରୁ ତାଙ୍କୁ ଏହି ବିରଳ ସମ୍ମାନ ପ୍ରଦାନ କରାଯାଇଛି। ୟୁଟ୍ୟୁବ୍‌ରେ ସର୍ବାଧିକ ଦେଖାଯାଇଥିବା ଉକ୍ତ କାର୍ଯ୍ୟକ୍ରମ ପାଇଁ ଚୌଧୁରୀଙ୍କୁ ଗିନିଜ୍ ୱାର୍ଲଡ ରେକର୍ଡରେ ସାମିଲ କରାଯାଇଛି। ନିକଟରେ ଆୟୋଜିତ ଉକ୍ତ ଅଧିବେଶନର ବିଷୟବସ୍ତୁ ଥିଲା 'ନାମର ଶକ୍ତି–ଜୀବନର ଚତୁର୍ଥ ଆଧାର'। ଏହି ଅଧିବେଶନରେ ପ୍ରାୟ ୬୦୦୦ ଦର୍ଶକ ଅଂଶଗ୍ରହଣ କରିଥିଲେ। ଏହା ବିଶ୍ୱବ୍ୟାପୀ ଆଦୃତି ଲାଭ କରିଥିଲା। ଏ ସମ୍ପର୍କରେ ଚୌଧୁରୀ ନ୍ୟୁମେରୋ ପ୍ରାଇଭେଟ ଲିମିଟେଡ୍ ତଥା ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ନ୍ୟୁମେରୋଲୋଜିର ଅଧ୍ୟକ୍ଷ ଜେ.ସି. ଚୌଧୁରୀ କହିଥିଲେ, ସଂଖ୍ୟା ବିଜ୍ଞାନ ଉପରେ ସର୍ବାଧିକ ଦେଖାଯାଉଥିବା ଲାଇଭ ଅଧିବେଶନ ଆୟୋଜନ କରି ସମ୍ମାନଜନକ ଗିନିଜ୍ ୱାର୍ଲଡ ରେକର୍ଡ ହାସଲ କରିଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ। ବର୍ତ୍ତମାନ ସଂଖ୍ୟା ବିଜ୍ଞାନ ଜରିଆରେ ଜଣେ ନିଜକୁ ଅନୁଧ୍ୟାନ କରିବାକୁ ସକ୍ଷମ ହୋଇପାରିବ ଓ ଜୀବନର ସଫଳତାର ମାର୍ଗ ଖୋଜି ପାଇପାରିବ। ଆଧୁନିକ ବିଜ୍ଞାନ ସହିତ ଏକୀଭୂତ କରି ସଂଖ୍ୟା ବିଜ୍ଞାନର ବିଶେଷତ୍ୱ ପ୍ରତିପାଦନ ପାଇଁ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁମେରୋଲୋଜି ନାମକ ଏକ ଅନୁଷ୍ଠାନ ସେ ପ୍ରତିଷ୍ଠା କରିବେ। ବିଶ୍ୱ ଜାତିର କଲ୍ୟାଣ ପାଇଁ ସମସ୍ତଙ୍କୁ ଏକାଠି କରିବା, ଧାରଣା ଓ ଅନୁସନ୍ଧାନ ଜରିଆରେ ସମସ୍ୟାର ସମାଧାନ ଉଦ୍ଦେଶ୍ୟରେ ସେ ଅନ୍ତର୍ଜାତୀୟ ଫୋରମ ସ୍ଥାପନ କରିଛନ୍ତି। ଚୌଧୁରୀ ମଧ୍ୟ ନ୍ୟୁମେରୋଲୋଜି ଉପରେ ୨ଗୋଟି ପୁସ୍ତକ ରଚନା କରିଛନ୍ତି। ଏହା ଆଡଭାନ୍ସ ନ୍ୟୁମେରୋଲୋଜି ଓ ପ୍ରାକ୍ଟିକାଲ ନ୍ୟୁମେରୋଲୋଜି, ଯେଉଁଥିରେ ଲୋକମାନେ କିପରି ନିଜ ଉପରେ ରହିଥିବା ଚାପରୁ ରକ୍ଷା ପାଇବେ ସେ ବିଷୟରେ ମାର୍ଗଦର୍ଶନ ରହିଛି। ସେ ମଧ୍ୟ ଆକାଶ ଏଜୁକେଶନାଲ ସର୍ଭିସେସ୍ ଫାଉଣ୍ଡେଶନର ପ୍ରତିଷ୍ଠାତା ଓ ଚେୟାରମ୍ୟାନ ।

### ଜେଏସ୍‌ଏଲ୍‌ର ରେଟିଂ ପଏଣ୍ଟ ବୃଦ୍ଧି

**ଭୁବନେଶ୍ୱର,୮।୧**

ଜିନ୍ଦଲ ଷ୍ଟେନ୍‌ଲେସ ଲିମିଟେଡ୍ (ଜେଏସ୍‌ଏଲ୍) କ୍ରିସିଲ ରେଟିଂସ ନିକଟରୁ ରେଟିଂରେ ଏକ ବଡ ଧରଣର ଉନ୍ନତି ହାସଲ କରିଛି। ଉକ୍ତ ସଂସ୍ଥା କମ୍ପାନୀର ଦୀର୍ଘସୂତ୍ରୀ ବ୍ୟାଙ୍କ ସୁବିଧା ସୁଯୋଗକୁ 'କ୍ରିସିଲ ଏଏ–ସ୍ଥିର' ରେଟିଂ ପ୍ରଦାନ କରିଛି। ପୂର୍ବରୁ ଏହା ଜେଏସଏଲକୁ 'କ୍ରିସିଲ ଏ+ସ୍ଥିର' ରେଟିଂ ପ୍ରଦାନ କରିଥିଲା। ଜେଏସ୍‌ଏଲ୍‌ର ସ୍ୱଳ୍ପ ଅବଧି ବ୍ୟାଙ୍କ ସୁବିଧା ସୁଯୋଗ ରେଟିଂକୁ 'କ୍ରିସିଲ ଏ୧+'ରେ ପୁନଃ ଦୃଢ଼ୀକରଣ କରାଯାଇଛି। କ୍ରିସିଲ ଅନୁଯାୟୀ ଏହି ଉନ୍ନତି ସାଧନ ଜେଏସ୍‌ଏଲ୍ ଏବଂ ଜିନ୍ଦଲ ଷ୍ଟେନ୍‌ଲେସ (ହିସାର) ଲିମିଟେଡ୍(ଜେଏସ୍‌ଏଚ୍‌ଏଲ୍)ର ବ୍ୟବସାୟିକ ଆପଦ ଦିଗ ପରିଚାଳନାରେ ଉଲ୍ଲେଖନୀୟ ଉନ୍ନତି ସମ୍ପର୍କରେ ଆଲୋକପାତ କରୁଛି। ଏ ସମ୍ପର୍କରେ ଜେଏସ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ରେଟିଂରେ ଏହି ଉନ୍ନତୀକରଣ ଏକ ବିଶ୍ୱସନୀୟ ଏବଂ ସୁସଂହତ ବ୍ୟବସାୟିକ ସଂସ୍ଥା ଭାବରେ ବଜାରରେ ଆମର ନେତୃତ୍ୱକାରୀ ସ୍ଥାନକୁ ପୁନଃ ମଜଭୁତ କରୁଛି।

# ଓପିଟିସିଏଲ୍‌ରେ ଯୋଗଦେଲେ ୨୫୬

### ନୂଆ ପ୍ରଶିକ୍ଷାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ୫-ଟି ମନ୍ତ୍ର

**ଭୁବନେଶ୍ୱର, ୮।୧**

ଓଡ଼ିଶାର ବିଦ୍ୟୁତ୍ ଭିତ୍ତିଭୂମିକୁ ମଜଭୁତ କରିବା ଓ ରାଜ୍ୟବାସୀଙ୍କୁ ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ଯୋଗାଇବା ପାଇଁ ଓଡ଼ିଶା ସରକାର କୁଶଳୀ ଓ ଉତ୍କୃଷ୍ଟ ମାନବ ସମ୍ବଳ ବୃଦ୍ଧି କରୁଛନ୍ତି । ଓପିଟିସିଏଲ୍‌ରେ ନୂତନ ଭାବେ ଯୋଗ ଦେଇଥିବା ୨୫୬ ଜଣ ପ୍ରଶିକ୍ଷାର୍ଥୀଙ୍କୁ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି । ରାଜ୍ୟର ଶକ୍ତି କ୍ଷେତ୍ରକୁ ସମୃଦ୍ଧ କରିବା ପାଇଁ ଓଡ଼ିଶା ସରକାର ସବୁବେଳେ ପ୍ରଶାସନିକ ଏବଂ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି । ନିକଟରେ ୧୮ ଶହ କୋଟି ଟଙ୍କା ବ୍ୟୟରେ ଆଉ ୯୯ଟି ୩୩ କେଭି ସବ୍‌ଷ୍ଟେଶନ ନିର୍ମାଣ ପାଇଁ କ୍ୟାବିନେଟ୍ ମଞ୍ଜୁରୀ ଦିଆଯାଇଛି । ଓଡ଼ିଶା ସରକାରଙ୍କ ୫–ଟି ମନ୍ତ୍ରକୁ ନିଜ ଚାକିରି ଜୀବନରେ ପାଳନ କରି ରାଜ୍ୟର ପ୍ରତିଟି ଲୋକଙ୍କୁ ଉତ୍ତମ ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ । ଓପିଟିସିଏଲ୍ ବିଗତ ୧୦ବର୍ଷରେ ୨୦୫୦ ନିଯୁକ୍ତି ପ୍ରଦାନ କରିଥିବା ବେଳେ ଚଳିତ ବର୍ଷ ୩୦୦ ଜଣଙ୍କୁ ନିଯୁକ୍ତି ଦେଇଛି। ନିଯୁକ୍ତି କ୍ଷେତ୍ରରେ ସ୍ୱଚ୍ଛତା ଆଣିବା ପାଇଁ ଅନ୍‌ଲାଇନ କମ୍ପ୍ୟୁଟର ଟେଷ୍ଟ କରାଯିବା ସହ ଗେଟ୍ ଭଳି ପରୀକ୍ଷାର ମାର୍କ ଆଧାରରେ କର୍ମଚାରୀମାନଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ବିଭାଗୀୟ ସଚିବ ନିକୁଞ୍ଜ ବିହାରୀ ଧଳ କହିଛନ୍ତି। ସେହିଭଳିକି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଶକ୍ତି କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ କିପରି ସମ୍ବେଦନଶୀଳତା ଏବଂ ସମୟାନୁବର୍ତ୍ତିତା ଆବଶ୍ୟକ ତାହା ପ୍ରଶିକ୍ଷାର୍ଥୀମାନଙ୍କୁ କହିଥିଲେ । ସମ୍ମାନିତ ଅତିଥି ଭାବେ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୧୯୨ ଜଣ ଜେଏମ୍‌ଓଟି ଏବଂ ୬୪ ଜଣ ଏମ୍‌ଓଟି ଯୋଗଦେଇଥିଲେ। ପ୍ରଶିକ୍ଷାର୍ଥୀମାନେ କମ୍ ସମୟରେ ସ୍ୱଚ୍ଛତାର ସହ ନିଯୁକ୍ତି ପ୍ରକ୍ରିୟା ପାଇଁ ଓପିଟିସିଏଲ୍ ଓ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

## ଫୁରସତ୍

# ପ୍ରବାସରେ ଦେଶପ୍ରେମ

### ପ୍ରବାସୀ ଭାରତୀୟ ଦିବସ

ଭାରତ ବାହାରେ ବାସକରୁଥିବା ଭାରତୀୟଙ୍କ ଉଲ୍ଲେଖନୀୟ କାର୍ଯ୍ୟ ଯୋଗୁ ବହୁ ସମୟରେ ଦେଶ ଗର୍ବିତ ହୋଇଥାଏ। ପ୍ରବାସରେ ପ୍ରବାସୀଙ୍କ ଦେଶପ୍ରେମର ବହୁ ଉଦାହରଣ ମଧ୍ୟ ରହିଛି। ଜାତିର ପିତା ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାରେ ପ୍ରବାସରେ ଥିବା ସମୟରେ ପ୍ରଥମ ଅହିଂସା ଆନ୍ଦୋଳନ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଅହିଂସା ଆନ୍ଦୋଳନ ସତ୍ୟାଗ୍ରହ ମାଧ୍ୟମରେ ଭାରତରେ ସ୍ୱାଧୀନତା ସଂଗ୍ରାମ ସଫଳ ହୋଇଥିଲା। ଶେଷରେ ଇଂରେଜମାନେ ଭାରତ ଛାଡ଼ିବାକୁ ବାଧ ହୋଇଥିଲେ। ତେବେ ସତ୍ୟାଗ୍ରହର ମୂଳଦୁଆ ପ୍ରବାସରେ ହିଁ ପଡ଼ିଥିଲା। ତେଣୁ ପ୍ରବାସରେ ଭାରତୀୟଙ୍କ ଅବଦାନକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ଜାନୁୟାରୀ ୯ରେ ପ୍ରବାସୀ ଭାରତୀୟ ଦିବସ ପାଳନ କରାଯାଇଥାଏ। ୧୯୧୫ ଜାନୁୟାରୀ ୯ରେ ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ମୁମ୍ବାଇକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଦିନଟିକୁ ମନେରଖିବା ପାଇଁ ପ୍ରବାସୀ ଭାରତୀୟ ଦିବସ ପାଳନ କରାଯାଇଥାଏ। ପ୍ରବାସୀ ଭାରତୀୟ ଦିବସ ପାଳନ କରିବାର ନିଷ୍ପତ୍ତି ଏଲ.ଏମ ସିଂଘ୍‌ଭିଙ୍କ ଅଧ୍ୟକ୍ଷତାରେ ଭାରତ ସରକାରଙ୍କ ଦ୍ୱାରା ସ୍ଥାପିତ ଭାରତୀୟ ଡାଏସ୍‌ପୋରା ଉପରେ ଉଚ୍ଚସ୍ତରୀୟ କମିଟିର ସୁପାରିସ ଅନୁଯାୟୀ ଗ୍ରହଣ କରାଯାଇଥିଲା। ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ୮ ଜାନୁୟାରୀ ୨୦୦୨ରେ ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଏକ ଜନସମାବେଶରେ କମିଟିର ରିପୋର୍ଟ ଗ୍ରହଣ କରିଥିଲେ ଏବଂ ୯ ଜାନୁୟାରୀ ୨୦୦୨ରେ 'ପ୍ରବାସୀ ଭାରତୀୟ ଦିବସ' ପାଳନ କରିବାକୁ ଘୋଷଣା କରିଥିଲେ।

# ୟସ୍‌ଙ୍କ ଜନ୍ମଦିନ ଭେଟି 'କେଜିଏଫ୍ ଚାପ୍ଟର–୨'




**ମୁମ୍ବାଇ:** କେଜିଏଫ୍ ଅଭିନେତା ୟସ୍ ଶନିବାର ତାଙ୍କର ୩୬ତମ ଜନ୍ମଦିନ ପାଳନ କରିଛନ୍ତି। ସେ ତାଙ୍କ ଜନ୍ମଦିନ ଦର୍ଶକ, ସ୍ତ୍ରୀ ଏବଂ ପୁଅ ସହ ପାଳୁଥିବାବେଳେ ଫିଲ୍ମ ନିର୍ମାତା ପ୍ରଶାନ୍ତ ନିଲ୍ ତାଙ୍କୁ ଜନ୍ମଦିନରେ ଏକ ଭେଟି ଦେଇଛନ୍ତି। ୨୦୧୮ରେ କେଜିଏଫ୍‌ର ଚାପ୍ଟର–୧ ସିନେ ପରଦାକୁ ଆସିଥିବାବେଳେ ୟସଙ୍କ ଜନ୍ମଦିନରେ ନିର୍ଦ୍ଦେଶକ କେଜିଏଫ୍‌ର ଚାପ୍ଟର–୨ର ପ୍ରଥମ ଲୁକ୍ ସେୟାର କରିଛନ୍ତି। ସେହି ପୋଷ୍ଟରରେ ୟସ୍ ଡ୍ୟାସିଂ ଏବଂ ଟିକେ ଭୟଙ୍କର ଲୁକରେ ନଜର ଆସିଛନ୍ତି। ପୂର୍ବରୁ ଫିଲ୍ମର ତାରିଖ ୨ ଥର ଘୁଞ୍ଚିଛି। ଚାପ୍ଟର–୨ ପ୍ରଥମେ ୨୦୨୦ରେ ରିଲିଜ ହେବାର ଥିଲା। କିନ୍ତୁ କରୋନା କାରଣରୁ ରିଲିଜ ତାରିଖ ୨୦୨୧ ଘୁଞ୍ଚିଥିଲା ଆଉ ଏବେ ୧୪ ଏପ୍ରିଲରେ ରିଲିଜ ହେବ ବୋଲି ସ୍ଥିର ହୋଇଛି। କେଜିଏଫ୍‌ର ଚାପ୍ଟର–୨କୁ ସିନେ ପ୍ରେମୀମାନେ ଉତ୍କଣ୍ଠାର ସହ ଅପେକ୍ଷା କରିଥିବାବେଳେ ଫିଲ୍ମର ପୋଷ୍ଟ ରିଲିଜକୁ ନେଇ ଦର୍ଶକମାନେ ବେଶ୍ ଉତ୍ସାହିତ ଅଛନ୍ତି। ଏଥିରେ ୟସ୍‌ଙ୍କ ସମେତ ସଞ୍ଜୟ ଦତ୍ତ, ରବୀନା ଟଣ୍ଡନ ଏବଂ ଶ୍ରୀନିଦ୍ଧି ସେଠୀ ମୁଖ୍ୟ ଅଭିନୟରେ ନଜର ଆସିବେ। ସେମାନଙ୍କ ସହ ପ୍ରକାଶ ରାଜ, ମାଲବିକା ଅବିନାଶ, ଅଚ୍ୟୁତ କୁମାର ସିନେମାରେ ରହିଛନ୍ତି।

# ପ୍ରତିଶୋଧ ନେବାକୁ ବଡି ବିଲ୍ଡର

**ୱାଶିଂଟନ୍:** ଆମେରିକାର ଜଣେ ୪୨ ବର୍ଷୀୟ ମହିଳା ୱେଣ୍ଡି ଲେୱରାଙ୍କର ବହୁତ କମ ବୟସରେ ବିବାହ ହୋଇଥିଲା। ସେ ୧୭ ବର୍ଷ ବୟସରେ ପୁଅକୁ ଜନ୍ମ ଦେଇଥିଲେ। ୱେଣ୍ଡିଙ୍କୁ ୩୫ ବର୍ଷ ହେବା ବେଳକୁ ତାଙ୍କ ଶରୀରରେ ଚର୍ବି ବଢିଯାଇଥିଲା। ଚର୍ବି କମାଇବାକୁ ସେ ଜିମ୍ ଯିବାକୁ ଲାଗିଲେ। ଜିମରେ ଟ୍ରେନର ତାଙ୍କର ପରିଶ୍ରମ ଦେଖି ବଡି ବିଲ୍ଡର ହେବାକୁ ପ୍ରେରିତ କରିଥିଲେ। ଏହା ଶୁଣି ୱେଣ୍ଡିଙ୍କ ସ୍ୱାମୀ ତାଙ୍କୁ ଉପହାସ କରିଥିଲେ। ସ୍ୱାମୀଙ୍କ ଉପାହାସର ପ୍ରତିଶୋଧ ନେବାପାଇଁ ସେ ବଡି ବିଲ୍ଡିଂ ଦୁନିଆକୁ ଆସିଥିଲେ। କିଛି ବର୍ଷ ମଧ୍ୟରେ ସେ ରାଷ୍ଟ୍ରୀୟ ବଡି ବିଲ୍ଡିଂ ପ୍ରତିଯୋଗିତା ପର୍ଯ୍ୟନ୍ତ ମଧ୍ୟ ପହଞ୍ଚିଗଲେ। ପରେ ସେ ଇନ୍ସ୍ୟୁରାନ୍ସ କର୍ମଚାରୀ ଚାକିରୀ ଛାଡି ଜିମ୍ ଟ୍ରେନର ହେବାପାଇଁ ନିଷ୍ପତ୍ତି ନେଇଥିଲେ। ଏହାସହ ନିଜ ସ୍ୱାମୀଙ୍କୁ ଛାଡପତ୍ର ମଧ୍ୟ ଦେଲେ। ଏବେ ସେ ତାଙ୍କଠୁ ୧୫ ବର୍ଷ ସାନ ପ୍ରେମିକ ଶୌନଙ୍କ ସହ ରହୁଛନ୍ତି। ୱେଣ୍ଡି ୨ଟି ପିଲାଙ୍କ ମା'। ତାଙ୍କ ବଡ଼ ପୁଅ ବିବାହ କରିସାରିଥିବାବେଳେ ୱେଣ୍ଡି ଜେଜେମା' ହୋଇସାରିଛନ୍ତି।




## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



ଡା. ସସ୍ମିତା ରାଏ
ଡୁମୁଡୁମା, ଭୁବନେଶ୍ୱର
ଆବିର୍ଭାବ: ୦୭।୦୭।୧୯୭୭
ତିରୋଧାନ: ୦୯।୦୧।୨୦୨୧
ତୁମର ଆଗାମୀ ଜନ୍ମର ଚଲାପଥ କୁସୁମିତ ହେଉ, ଆମର ପରମାତ୍ମାଙ୍କ ନିକଟରେ ଏତିକି ପ୍ରାର୍ଥନା ।
ତୁମର ସ୍ମୃତିରେ: ବାସନ୍ତି ଭଉଣୀ, ବାବୁ ଭାଇ, ମୁନା, ଟୁନା, ଝିଅ: ଗୁଡ଼ି, ପ୍ରୀତମ, ରୋହନ, ଶୁଭମ୍, ଶୋଭା, ଟିକନ ଏବଂ ସୋନି, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୨୨୭୬୩

**ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଗୋପବନ୍ଧୁ ଜେନା
ବରିଷ୍ଠ ଆଇନଜୀବୀ, ମାନସ ଗଙ୍ଗୋତ୍ରୀ ଦତ୍ତତୋଟା, ପୁରୀ
ଆବିର୍ଭାବ: ୦୬।୦୩।୧୯୨୫
ତିରୋଧାନ: ୨୧।୦୧।୨୦୨୧ (ପୌଷ ମାସ ଶୁକ୍ଳ ପକ୍ଷ ଅଷ୍ଟମୀ)
ଚାହୁଁ ଚାହୁଁ ଏକବର୍ଷ ବିତିଗଲା। ଆପଣଙ୍କ ସ୍ମୃତିରେ ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ମାର୍ଗଦର୍ଶନ ଏବଂ ଆଦର୍ଶବାଦୀ ଆମ୍ଭମାନଙ୍କ ପାଇଁ ସଦାସର୍ବଦା ଗର୍ବ ଓ ଗୌରବ ହୋଇ ଚିର ସ୍ମରଣୀୟ ଏବଂ ପାଥେୟ ହୋଇ ରହିବ। ଆପଣଙ୍କର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଆମ୍ଭମାନଙ୍କର ଅନୁଭବ ହେଉଛି। ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା ଓ ଆପଣଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ। ଶୋକସନ୍ତପ୍ତ: ଗୌରୀଶଙ୍କର ଜେନା (ପୁତ୍ର), ଉମା ଜେନା (ପୁତ୍ରବଧୂ), ସୁକାନ୍ତି ଜେନା (କନ୍ୟା), ପ୍ରଶନ୍ନ କୁମାର ମହାପାତ୍ର (ଜ୍ୱାଇଁ), ଉମାଶଙ୍କର (ପୁତ୍ର), ମିନତି (ପୁତ୍ରବଧୂ), ତାରାଶଙ୍କର (ପୁତ୍ର), ଅନ୍ନଦା ଶଙ୍କର (ପୁତ୍ର) ମିତ୍ରଭାନୁ (ପୁତ୍ର), ପ୍ରଣତି (ପୁତ୍ରବଧୂ), ପୂର୍ଣ୍ଣେନ୍ଦୁ (ପୁତ୍ର), ନମିତା (ପୁତ୍ରବଧୂ), ନାତି, ନାତୁଣୀ, ନାତୁଣୀ ଜ୍ୱାଇଁ, ଅଣନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୨୨୭୮୪

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଶ୍ରୀମତୀ ଲତା ସ୍ୱାଇଁ
ଅଣତିରିଶ, ବ୍ରହ୍ମଗିରି, ପୁରୀ
ଆବିର୍ଭାବ: ୦୭।୦୮।୧୯୫୦
ତିରୋଧାନ: ୩୦।୧୨।୨୦୨୧
ତୁମର ତ୍ୟାଗ, ସ୍ନେହ, ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟପରାୟଣତା, ସାଧନାକୁ ଝୁରିଝୁରି ଆଖିରୁ ଲୁହ ଶୁଖୁନାହିଁ। ତୁମେ ଯେଉଁଠି ଥାଅ, ଭଲରେ ଥାଅ। ଏକାଦଶାହ ପାଳନ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆପଣଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁତ୍ର: ନରେନ୍ଦ୍ର, ସୁରେନ୍ଦ୍ର, ପୁତ୍ରବଧୂ: ସ୍ୱର୍ଣ୍ଣଲତା, ଗୀତାଞ୍ଜଳି, କନ୍ୟା: ଟୁନା, ସୁନା, ଝିନି, ଜ୍ୱାଇଁ: ଶ୍ରୀପତି, ଅର୍ଜୁନ, ପ୍ରମୋଦ, ନାତି, ନାତୁଣୀ: ବୁବୁନ୍, ଦେବୀ, ରୁବି, ମଞ୍ଜୁ, ରିଙ୍କି, ବର୍ଷା, ରଚ୍ଚୁ, ପାଇ ଓ ହାପୁ ।
ଧ-୨୨୭୮୬



CLASSIFIED DISPLAY
MORE SPACE • SAME PRICE
TARIFF · GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact: 0674-2580385
8637280816, 7894447167, 9338226625

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ । 2% ସୁଧ, 40% ରିହାତି । ମହିଳାଙ୍କ ପାଇଁ ବିଶେଷ ରିହାତି । ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8902923601

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଆଜମ ଖାନ୍
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଗୁଣିଗାରେଡ଼ି, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ
8882703236
9717049785

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

ଆପଣ ଯେ କୌଣସି ଅସୁବିଧାରେ ପଡ଼ି ହଇରାଣ ହେଉଥିଲେ କେବଳ ଗୋଟିଏ ମାତ୍ର Call କରି ଆମଠାରୁ ନିଅନ୍ତୁ ସମ୍ପୂର୍ଣ୍ଣ ସମସ୍ୟାର ୧୦୦% ସମାଧାନ ।
ପ୍ରେମବିବାହ, ବେପାର ବୃଦ୍ଧି, ସମ୍ମୋହନ, ଗୃହ ସମସ୍ୟା, ସଉତୁଣୀ, ବଶିକରଣ, ସ୍ୱାମି-ସ୍ତ୍ରୀ ସମସ୍ୟା, ଜାଦୁମନ୍ତ୍ର ଇତ୍ୟାଦି
ବାବା ହସନ୍ ଅଲ୍ଲି
ଅଲ ଇଣ୍ଡିଆ ଖୁଲା ଚାଲେଞ୍ଜ ମାତ୍ର ୩ଘଣ୍ଟାରେ ୧୦୦% ସମାଧାନ ।
9560789896


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ଜାନୁୟାରୀ ୯/୨୦୨୨ Bhubaneswar, Sunday, January 9/ 2022

## ସଂକ୍ଷେପରେ

### ଏଟିକେ ମୋହନବାଗାନ-ଓଡ଼ିଶା ଏଫ୍‌ସି ମ୍ୟାଚ୍ ସ୍ଥଗିତ

ମାର୍‌ଗାଓ, ୮।୧(ପି.ଟି.): ଏଟିକେ ମୋହନବାଗାନ ଏବଂ ଓଡ଼ିଶା ଏଫ୍‌ସି ମଧ୍ୟରେ ଶନିବାର ସନ୍ଧ୍ୟାରେ ଖେଳାଯିବାକୁଥିବା ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ମ୍ୟାଚ୍‌କୁ ସ୍ଥଗିତ ରଖାଯାଇଛି। ଏହି ମ୍ୟାଚ୍ ଫାଟୋର୍ଡାସ୍ଥିତ ପିଜେଏନ୍ ଷ୍ଟାଡିୟମରେ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। ଏଟିକେ ମୋହନବାଗାନର ଜଣେ ଖେଳାଳି କୋଭିଡ୍ ପଜିଟିଭ୍ ଚିହ୍ନଟ ହେବାପରେ ହିରୋ ଇଣ୍ଡିଆନ ସୁପର ଲିଗ୍‌ର ଆୟୋଜକଗଣ ମେଡିକାଲ ଟିମ୍‌ର ପରାମର୍ଶକ୍ରମେ ମ୍ୟାଚ୍‌କୁ ସ୍ଥଗିତ ରଖିବା ଲାଗି ନିଷ୍ପତ୍ତି ନେଇଥିଲେ। ମହାମାରୀ ଯୋଗୁ ଗୋଆର ତିନୋଟି ଷ୍ଟାଡିୟମରେ ରୁଦ୍ଧଦ୍ୱାର ମଧ୍ୟରେ ଆଇଏସ୍‌ଏଲ୍ ଖେଳାଯାଉଛି।

### ବୋପାନ୍ନା-ରାମକୁମାର ଫାଇନାଲରେ



ଆଡିଲେଡ୍,୮।୧: ଏଠାରେ ଚାଲିଥିବା ଆଡିଲେଡ୍ ଇଣ୍ଟରନ୍ୟାଶନାଲ ଟେନିସ ଟୁର୍ନାମେଣ୍ଟରେ ଭାରତୀୟ ଯୋଡ଼ି ରୋହନ ବୋପାନ୍ନା ଓ ରାମକୁମାର ରାମନାଥନ ପୁରୁଷ ଡବଲ୍ସ ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ସେମିଫାଇନାଲ ମୁକାବିଲାରେ ଅଣସିଡ୍ ଏହି ଯୋଡ଼ି ଚତୁର୍ଥ ସିଡ୍ ମାନ୍ୟତା ପାଇଥିବା ବୋସ୍‌ନିଆ ଓ ମେକ୍ସିକୋ ଯୋଡ଼ି ଟୋମିସ୍ଲାଭ ବିର୍‌କିକ ଓ ସାଣ୍ଟିଆଗୋ ଗୋଞ୍ଜାଲେଜ୍‌ଙ୍କୁ ୬-୨, ୬-୪ ସିଧାସଳଖ ସେଟ୍‌ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ଫାଇନାଲରେ ଏହି ଭାରତୀୟ ଯୋଡ଼ି ଏବେ ଟପ୍‌ସିଡ୍ କ୍ରୋଏସିଆର ଇଭାନ ଡୋଡିଗ ଓ ବ୍ରାଜିଲର ମାର୍ସେଲୋ ମେଲୋଙ୍କୁ ଭେଟିବେ। ପୂର୍ବରୁ ୪୧ ବର୍ଷୀୟ ବୋପାନ୍ନା ଓ ଡୋଡିଗ୍ ସାଥିହୋଇ ବିଭିନ୍ନ ଟୁର୍ନାମେଣ୍ଟରେ ଏକାଠି ଖେଳିଛନ୍ତି। ଏବେ ଟାଇଟଲ ପାଇଁ ପରସ୍ପରକୁ ଭେଟିବେ। ଗତ ସେପ୍ଟେମ୍ବରରେ ୟୁଏସ୍ ଓପନ୍‌ରେ ଏହି ଦୁଇ ଖେଳାଳି ସାଥିହୋଇ ଖେଳିଥିଲେ। ଅନ୍ୟପଟେ ବୋପାନ୍ନା ଓ ରାମକୁମାର ପ୍ରଥମଥର ପାଇଁ ଏଟିପି ଟୁରରେ ସାଥି ହୋଇ ଖେଳୁଛନ୍ତି। ଟୁର୍ନାମେଣ୍ଟରେ ଦ୍ୱିତୀୟ ରାଉଣ୍ଡକୁ ବାଦ୍ ଦେଲେ ବାକି ସବୁ ମ୍ୟାଚ୍‌ରେ ଏହି ଯୋଡ଼ି ସିଧାସଳଖ ସେଟ୍‌ରେ ବିଜୟ ହାସଲ କରିଛନ୍ତି। ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନ୍ ଜାନୁୟାରୀ ୧୭ ତାରିଖରେ ଆରମ୍ଭ ହେବାକୁ ଥିବା ବେଳେ ଆଡିଲେଡ ଇଣ୍ଟରନ୍ୟାଶନାଲକୁ ୱାର୍ମଅପ୍ ଟୁର୍ନାମେଣ୍ଟ ରୂପେ ବିବେଚନା କରାଯାଉଛି।

### ସିଆର୍‌ପିଏଫ୍ ବିଜୟୀ

ଭଣ୍ଡାରିପୋଖରୀ, ୮।୧ (ଡି.ଏନ.ଏ.): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ନେରଡ଼ା ପଞ୍ଚାୟତ ଯଶକିରି ସ୍ଥିତ ମହାବୀର ଗ୍ରାଉଣ୍ଡ ଠାରେ ମହାବୀର କ୍ଲବ ଆନୁକୂଲ୍ୟରେ ଶନିବାର ସିଆର୍‌ପିଏଫ୍ ଭୁବନେଶ୍ୱର ଓ ଜେନିଥ ଏକାଡେମୀ ଯାଜପୁର ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଆର୍‌ପିଏଫ୍ ଭୁବନେଶ୍ୱର ବିଜୟୀ ହୋଇଛି। ସିଆର୍‌ପିଏଫ୍ ଟିମ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଜେନିଥ ଏକାଡେମୀ ୨୫ ଓଭରରେ ୭ ଉଇକେଟ ହରାଇ ୧୫୩ ରନ୍ ସଂଗ୍ରହ କରିଥିଲା। ଦଳର ସୌମ୍ୟ ମୁଦୁଲି ୪୫ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଅନୁପମ ୫ ଓଭର ବଲ୍ ପକାଇ ୪ ଉଇକେଟ ନେଇଥିଲେ। ଜବାବରେ ସିଆର୍‌ପିଏଫ୍ ୧୫ ଓଭରରେ ୬ ଉଇକେଟ ହରାଇ ୧୫୬ ରନ୍ କରିଥିଲା। ଦଳର ସୂର୍ଯ୍ୟକାନ୍ତ ୪୦ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଗୁଡ଼େ ସାଇ ସୂର୍ଯ୍ୟ ୪ ଓଭର ପକାଇ ୨ ଉଇକେଟ ନେଇଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ସିଆର୍‌ପିଏଫ୍ ଟିମ୍‌ର ଅନୁପମଙ୍କୁ ପୁରସ୍କୃତ କରାଯାଇଥିଲା। ଅମ୍ପାୟାର ଭାବେ ଦୁର୍ଗା ପ୍ରସାଦ ପଟ୍ଟନାୟକ ଓ ସିମନ୍ତ ଶେଖର ରଥ, ସ୍କୋରର ମାନସ ନନ୍ଦ, ସଚିନ ରଥ ଏବଂ ଭାଷ୍ୟକାର ଭାବେ ପ୍ରତ୍ୟୁଷ ସାହୁ, ପ୍ରଦୀପ ଜେନା ଓ ମ୍ୟାଚ୍ ରେଫରୀ ଭାବେ ମାନସ ରଞ୍ଜନ ପଣ୍ଡା ଦାୟିତ୍ୱ ତୁଲାଇଥିଲେ।

# ଇଶାନ୍ତ, ଉମେଶଙ୍କୁ ନେଇ ଦ୍ୱନ୍ଦ୍ୱ

## ତୃତୀୟ ଟେଷ୍ଟ

ନୂଆଦିଲ୍ଲୀ,୮।୧



ଇଶାନ୍ତ ଶର୍ମା ଓ ଉମେଶ ଯାଦବ।

କେପ୍‌ଟାଉନ୍‌ର ନ୍ୟୁଲାଣ୍ଡ୍‌ସରେ ଭାରତ ଓ ଘରୋଇ ଦକ୍ଷିଣ ଆଫ୍ରିକା ମଧ୍ୟରେ ମଙ୍ଗଳବାରଠାରୁ ତୃତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ। ଏହି ମ୍ୟାଚ୍‌ରେ ବୋଲିଂ କମ୍ବିନେଶନ ନେଇ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଦ୍ୱନ୍ଦ୍ୱରେ ରହିଛି। ଯୁବ ଦ୍ରୁତ ବୋଲର ମହମ୍ମଦ ସିରାଜ ଆହତ ହୋଇଥିବାରୁ ତାଙ୍କ ସ୍ଥାନରେ କାହାକୁ ଖେଳାଯିବ ସେ ନେଇ ଦ୍ୱିଧା ସୃଷ୍ଟି ହୋଇଛି। ସିରାଜଙ୍କ ସ୍ଥାନରେ ଅଭିଜ୍ଞ ଇଶାନ୍ତ ଶର୍ମା ଓ ଉମେଶ ଯାଦବଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ମିଳିବ। ଇଶାନ୍ତଙ୍କ ପାଖରେ ପର୍ଯ୍ୟାପ୍ତ ଅଭିଜ୍ଞତା ରହିଛି। ଅନ୍ୟପଟେ ଉମେଶ କ୍ଲାସିକାଲ ଆଉଟ ସୁଇଙ୍ଗର ଘରୋଇ ବ୍ୟାଟ୍ସମ୍ୟାନଙ୍କୁ ସମସ୍ୟାରେ ପକାଇବ ବୋଲି ଆଶା କରାଯାଉଛି।

ଜୋହାନ୍ସବର୍ଗରେ ଖେଳା ଯାଇଥିବା ଦ୍ୱିତୀୟ ଟେଷ୍ଟର ପ୍ରଥମ ସନ୍ଧ୍ୟାରେ ବୋଲିଂ କରିବା ଅବସରରେ ସିରାଜ ହାମଷ୍ଟ୍ରିଙ୍ଗ୍ ଷ୍ଟ୍ରେନ୍‌ର ଶିକାର ହୋଇଥିଲେ। ଦୁଇଟି ଇନିଂସରେ ସେ ମାତ୍ର ୧୫.୫ ଓଭର ବୋଲିଂ କରିବାକୁ ସକ୍ଷମ ହୋଇଥିଲେ। ତାଙ୍କ ଇଞ୍ଜୁରି ଭାରତ ରଣନୀତିକୁ ପ୍ରଭାବିତ କରିଥିଲା ବୋଲି କୋଚ ରାହୁଲ ଦ୍ରାବିଡ୍ ସ୍ୱୀକାର କରିଛନ୍ତି। ଯାହା ଫଳରେ ଭାରତ ୨୪୦ ରନକୁ ଡିଫେଣ୍ଡ କରିବାରେ ବିଫଳ ହୋଇଥିଲା। ଆଉ ୨ ଦିନ ମଧ୍ୟରେ ସିରାଜ ସମ୍ପୂର୍ଣ୍ଣ ଭାବେ ଫିଟ୍ ହେବେ ବୋଲି ଆଶା କରାଯାଉନାହିଁ। ତାଙ୍କୁ ଏବେ ବିଶ୍ରାମ ନେବାର ଆବଶ୍ୟକତା ରହିଛି। ଏଭଳି ସ୍ଥିତିରେ ଭାରତ ପାଖରେ ଇଶାନ୍ତ ଓ ଉମେଶ ଦୁଇଟି ବିକଳ୍ପ ରହିଛନ୍ତି। ୩୩ ବର୍ଷୀୟ ଇଶାନ୍ତ ଶ୍ରେଷ୍ଠ ଫର୍ମରେ ନ ଥିଲେ ମଧ୍ୟ ତାଙ୍କ ପାଖରେ ୧୦୦ ଟେଷ୍ଟ ଖେଳିବାର ଅଭିଜ୍ଞତା ରହିଛି। ଅନ୍ୟପଟେ ୩୪ ବର୍ଷୀୟ ଉମେଶଙ୍କ ନିକଟରେ ୫୧ଟି ଟେଷ୍ଟ ଖେଳିବାର ଅଭିଜ୍ଞତା ରହିଛି। ତେବେ ନିକଟ ଅତୀତରେ ସେ ଇଶାନ୍ତଙ୍କଠାରୁ ଭଲ ପ୍ରଦର୍ଶନ କରିଛନ୍ତି। ତାଙ୍କ ଗତିରେ ମଧ୍ୟରେ ସାମାନ୍ୟ ଅବନତି ହୋଇଛି। ତେବେ କୋଚ୍ ଦ୍ରାବିଡ୍ ଓ ଅଧିନାୟକ କୋହଲି ଏକାଧିକ କାରଣ ପାଇଁ ଇଶାନ୍ତଙ୍କୁ ଖେଳିବାକୁ ଚାହିଁବେ। ଇଶାନ୍ତ ୬ ଫୁଟ ସାଢେ ୩ ଇଞ୍ଚବିଶିଷ୍ଟ ଉଚ୍ଚତା ହୋଇଥିବାରୁ ବିଭିନ୍ନ ଲେଙ୍ଗ୍‌ଥର ବଲ୍ ପକାଇ ଘରୋଇ ବ୍ୟାଟରଙ୍କୁ ସମସ୍ୟାରେ ପକାଇପାରିବେ। ଦକ୍ଷିଣ ଆଫ୍ରିକାର ମାର୍କୋ ଜାନସେନ ଓ ଡୁଆନ ଓଲିଭର ନିଜର ଉଚ୍ଚତା ମାଧ୍ୟରେ ଏହି ସିରିଜରେ ଫାଇଦା ହାସଲ କରିଛନ୍ତି। ତେଣୁ ଅତିରିକ୍ତ ଉଚ୍ଚତାରୁ ଇଶାନ୍ତ ଫାଇଦା ଉଠାଇପାରନ୍ତି। ପୂର୍ବତନ ମୁଖ୍ୟ ଚୟନକର୍ତ୍ତା ଏମ୍‌ଏସ୍‌କେ ପ୍ରସାଦ ମଧ୍ୟ ଇଶାନ୍ତଙ୍କୁ ଖେଳାଇବା ନେଇ ମତ ରଖିଛନ୍ତି। ଯଦି ଭାରତୀୟ ପିଚ୍‌ରେ ଏହି ମ୍ୟାଚ୍ ଖେଳାଯା'ନ୍ତା ତା'ହେଲେ ଉମେଶଙ୍କୁ ସୁଯୋଗ ମିଳିଥାନ୍ତା ବୋଲି ସେ କହିଛନ୍ତି। ଇଶାନ୍ତ ମଧ୍ୟ ୮ରୁ ୧୦ ଓଭର ଭଲ ସ୍ପେଲ୍ ବୋଲିଂ କରିପାରିବେ। ଲୋ ସ୍କୋରିଂ ମ୍ୟାଚ୍‌ରେ ଉମେଶ ମହଙ୍ଗା ସାବ୍ୟସ୍ତ ହେବାର ସମ୍ଭାବନା ରହିଛି। ପୁଣି ନ୍ୟୁଲାଣ୍ଡ ଷ୍ଟାଡିୟମ ସମୁଦ୍ର କୂଳରେ ଅବସ୍ଥିତ ଥିବାରୁ ପବନର ଗତି ଓ ଦିଗରୁ ଇଶାନ୍ତ ଅଧିକ ଫାଇଦା ଉଠାଇପାରିବେ। ଏଠାରେ ତାପମାତ୍ରା ମଧ୍ୟ କମ୍ ରହିବ। ଏଭଳି ସ୍ଥିତିରେ ଉମେଶଙ୍କ ଅପେକ୍ଷା ଇଶାନ୍ତ ଅଧିକ ପ୍ରଭାବୀ ସାବ୍ୟସ୍ତ ହେବେ। ତେବେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ କାହାକୁ ଖେଳାଇବ ମଙ୍ଗଳବାର ଜଣାପଡିବ।

## ଫାଇନାଲରେ ରାମେଶ୍ୱର-ଏ



ଦୀପକ ମଙ୍ଗରାଜଙ୍କଠାରୁ ପ୍ଲେୟର ଅଫ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି ସ୍ୱୟଂପ୍ରକାଶ।

ଭୁବନେଶ୍ୱର, ୮।୧ (ସ୍ପୋର୍ଟସ ବ୍ୟୁରୋ): ରାମେଶ୍ୱର ସ୍ପୋର୍ଟିଂ ଆନୁକୂଲ୍ୟରେ ପୁରୁଣା ଭୁବନେଶ୍ୱରସ୍ଥିତ ବିଏମ୍ ହାଇସ୍କୁଲ ପଡ଼ିଆରେ ଚାଲିଥିବା ୪ର୍ଥ ଅମରେନ୍ଦ୍ର ପ୍ରସାଦ ବଳ ସ୍ମାରକୀ ରାମେଶ୍ୱର କପ୍ (୧୫ ବର୍ଷରୁ କମ୍) କ୍ରିକେଟ ଟୁର୍ନାମେଣ୍ଟର ଆୟୋଜକ ରାମେଶ୍ୱର- ଏ ଦଳ ଫାଇନାଲରେ ପ୍ରବେଶ କରିଛି। ଶନିବାର ପ୍ରଥମ ସେମିଫାଇନାଲରେ ରାମେଶ୍ୱର ୧୬୮ ରନରେ ବିବିସିଏ କ୍ଲବକୁ ହରାଇ ଫାଇନାଲକୁ ଉଠିଛି। ଟସ୍ ଜିତି ରାମେଶ୍ୱର ନିର୍ଦ୍ଧାରିତ ୪୦ ଓଭରରେ ୬ ଉଇକେଟ ହରାଇ ୨୧୬ ରନ କରିଥିଲା। ଦଳ ତରଫରୁ ସ୍ୱୟଂପ୍ରକାଶ ପଣ୍ଡା ୧୩ ଚୌକା ଓ ଗୋଟିଏ ଛକା ସହ ସର୍ବାଧିକ ୭୯ ରନ ସଂଗ୍ରହ କରିଥିଲେ। ସେହିପରି ସୁବାଶିଷ ମଲିକ ୪ ଚୌକା ସହ ୨୨ ରନ ସଂଗ୍ରହ କରିଥିଲେ। ବିବିସିଏର ସାଇ ଶଙ୍କର ସାମଲ ୨୦ ରନ ଦେଇ ୨ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ବ୍ୟାଟିଂ ଆରମ୍ଭ କରି ବିବିସିଏ ୨୬ ଓଭରରେ ୪୮ ରନକରି ଅଲ୍‌ଆଉଟ ହୋଇଥିଲା। ରାମେଶ୍ୱରର ସ୍ୱୟଂ ୬ ଓ ସୋହମ ପଟ୍ଟନାୟକ ୩ ଉଇକେଟ ଅକ୍ତିଆର କରିଥିଲେ। ପୂର୍ବତନ ରଣଜୀ କ୍ରିକେଟର ଦୀପକ ମଙ୍ଗରାଜ ସ୍ୱୟଂପ୍ରକାଶଙ୍କୁ ପ୍ଲେୟର ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଓସିଏ ପ୍ୟାନେଲ ଅମ୍ପାୟର ସତ୍ୟବ୍ରତ ମହାପାତ୍ର ଓ ପ୍ରିୟବ୍ରତ ପ୍ରଧାନ (ପୂର୍ବତନ ରଣଜୀ ଖେଳାଳି) ମ୍ୟାଚ୍ ପରିଚାଳନା କରିଥିଲେ। ସାରାଂଶ କୁମାର ସ୍କୋରର ଦାୟିତ୍ୱ ତୁଲାଇଥିଲେ।

# ମର୍ନିଂ ଫୁଟବଲ କ୍ଲବ ଚାମ୍ପିୟନ

ଖୁଣ୍ଟୁଣୀ,୮।୧ (ଡି.ଏନ.ଏ.)

ଆଠଗଡ଼ ବ୍ଲକର ଓରନ୍ଦା ସମ୍ଭେଶ୍ୱର କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ସମ୍ଭେଶ୍ୱର ଖେଳପଡ଼ିଆଠାରେ ଚାଲିଥିବା ଜିଲା ସ୍ତରୀୟ ମହାଦେବ କପ୍ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ବିଡ଼ାନାସି ମର୍ନିଂ ଫୁଟବଲ କ୍ଲବ ଓ କଟକ ତିନିଘରିଆର ଇଲେଭେନ୍ ଗନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଡ଼ାନାସିର ମର୍ନିଂ ଫୁଟବଲ କ୍ଲବ ୫-୩ ଟାଇବ୍ରେକର ଗୋଲରେ ଇଲେଭେନ ଗନ୍ କ୍ଲବକୁ ପରାସ୍ତ କରି ଲଗାତର ଦ୍ୱିତୀୟ ବର୍ଷ ପାଇଁ ଚାମ୍ପିୟନ ହୋଇଛି। ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ଗୋଲ୍ ଶୂନ୍ୟ ରହିବାରୁ ରେଫରି ଟାଇବ୍ରେକର ସହାୟତା ନେଇଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ମନ୍ତ୍ରୀଙ୍କ ପ୍ରତିନିଧି ପୂର୍ବତନ ବ୍ଲକ ଚେୟାରମ୍ୟାନ ରଞ୍ଜନ ଆଚାର୍ଯ୍ୟ, ଓରନ୍ଦା ଗ୍ରାମ ସଭାପତି ଇଂ. ପ୍ରତାପ ଚନ୍ଦ୍ର ସାମଲ, ସମ୍ପାଦକ ପ୍ରେମାନନ୍ଦ ବେଉରା, ସମ୍ଭେଶ୍ୱର କ୍ଲବ ସଭାପତି ମନୋରଞ୍ଜନ ପ୍ରଧାନ, ସମ୍ପାଦକ ଅରୁଣ କୁମାର ସାମଲ ଓ କ୍ରୀଡ଼ାବିତ ସୁବାସ ଚନ୍ଦ୍ର ବେଉରା ପ୍ରମୁଖ ଯୋଗଦେଇ ଉଭୟ ଚାମ୍ପିୟନ ଓ ରନର୍ସ-ଅପ୍ ଦଳକୁ ଟ୍ରଫି ସହିତ ପୁରସ୍କୃତ କରିଥିଲେ। ବିଡ଼ାନାସି କ୍ଲବର ରାଜା ହାଁସଦାଙ୍କୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଗୋଲକିପର ଓ ଲୋହର କୁମାରଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଶନିବାର ଖେଳକୁ ରେଫରି ସଞ୍ଜୀବ ଦାଶ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନ୍ସରେ ଅକତାର ଅଲି ଖାଁ ଓ ଅନିଲ ନନ୍ଦ ସହାୟତା କରିଥିଲେ। ଆୟୋଜକ ସମ୍ଭେଶ୍ୱର କ୍ଲବର ସମସ୍ତ କର୍ମକର୍ତ୍ତା ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଫାଇନାଲ୍ ମ୍ୟାଚ୍ ପୂର୍ବରୁ ଅତିଥିଙ୍କ ଗହଣରେ ମର୍ନିଂ ଫୁଟବଲ କ୍ଲବ ଓ ଇଲେଭେନ୍ ଗନ୍ ଦଳର ଖେଳାଳିମାନେ।

## ଦବଙ୍ଗ ଦିଲ୍ଲୀ, ୟୁ ମୁମ୍ବାର ବିଜୟ

ବେଙ୍ଗାଲୁରୁ, ୮।୧ (ପି.ଟି.): ପ୍ରୋ କବାଡି ଲିଗ୍‌ରେ ଶନିବାର ଗୋଟିଏ ମ୍ୟାଚରେ ଦବଙ୍ଗ ଦିଲ୍ଲୀ ୩୭-୩୩ରେ ୟୁପି ଯୋଦ୍ଧାକୁ ପରାସ୍ତ କରିଥିବା ବେଳେ ଅନ୍ୟ ଏକ ମ୍ୟାଚରେ ୟୁ ମୁମ୍ବା ୪୮-୩୮ରେ ତେଲୁଗୁ ଟାଇଟାନ୍ସକୁ ହରାଇ ଦେଇଛି। ପ୍ରଥମ ମ୍ୟାଚରେ ଯୋଦ୍ଧା ଡିଫେଣ୍ଡରମାନେ ଆକ୍ରମଣାତ୍ମକ ଟ୍ୟାକଲ ଜରିଆରେ ନବୀନ କୁମାରଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ। ମାତ୍ର ଏହି ଯୁବ ରେଡର ସେମାନଙ୍କୁ ଟକ୍କର ଦେଇ ଦିଲ୍ଲୀ ଦଳକୁ ବିଜୟୀ କରାଇଥିଲେ। ୟୁପି ଯୋଦ୍ଧା ଦଳ ବହୁ ତ୍ରୁଟି କରିଥିଲା। ପ୍ରଦୀପ ନରୱାଲ ଓ ସୁରେନ୍ଦର ଗିଲ୍ ପ୍ରତ୍ୟେକ ୯ ପଏଣ୍ଟ ଲେଖାଏ ସ୍କୋର କରିଥିଲେ। ପରେ ୟୁ ମୁମ୍ବା ଚମତ୍କାର ଅଲରାଉଣ୍ଡ ପ୍ରଦର୍ଶନ କରି ତେଲୁଗୁ ଟାଇଟାନ୍ସକୁ ପରାସ୍ତ କରିଥିଲା।

# ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ଦୌଡ଼ରେ ମୟଙ୍କ



ମିଚେଲ ଷ୍ଟାର୍କ, ମୟଙ୍କ ଅଗ୍ରୱାଲ ଓ ଏଜାଜ ପଟେଲ।

ଦୁବାଇ, ୮।୧(ପି.ଟି.)

ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ ପ୍ରଭାବୀ ପ୍ରଦର୍ଶନ କରିଥିବାରୁ ଡିସେମ୍ବର ମାସ ପାଇଁ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ପାଇଁ ଭାରତର ଓପ୍‌ନର ମୟଙ୍କ ଅଗ୍ରୱାଲଙ୍କ ନାମ ସୁପାରିସ ହୋଇଛି। ସଂକ୍ଷିପ୍ତ ତାଲିକାରେ ମୟଙ୍କଙ୍କ ବ୍ୟତୀତ ନ୍ୟୁଜିଲାଣ୍ଡ ସ୍ପିନର ଏଜାଜ ପଟେଲ ଓ ଅଷ୍ଟ୍ରେଲୀୟ ପେସ୍ ବୋଲର ମିଚେଲ ଷ୍ଟାର୍କ ରହିଛନ୍ତି। ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ବିପକ୍ଷ ଦୁଇଟି ମ୍ୟାଚ୍‌ରେ ମୟଙ୍କ ୬୯.୦୦ ଆଭରେଜ୍‌ରେ ୨୭୬ ରନ କରିଥିଲେ। ତନ୍ମଧ୍ୟରେ ତାଙ୍କର ଦୁଇଟି ଅର୍ଦ୍ଧଶତକ ଏବଂ ଗୋଟିଏ ଶତକ ସାମିଲ। ମୁମ୍ବାଇରେ ନ୍ୟୁଜିଲାଣ୍ଡ ବିପକ୍ଷ ବିଜୟରେ ଅଗ୍ରୱାଲଙ୍କ ଭୂମିକା ରହିଥିଲା। ସେ ଦୁଇଟି ଇନିଂସ୍‌ରେ ୧୫୦ ଓ ୬୨ରନ ସଂଗ୍ରହ କରି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେଞ୍ଚୁରିଅନରେ ଭାରତକୁ ଜିତାଇବାରେ ମଧ୍ୟ ତାଙ୍କର ଭୂମିକା ରହିଥିଲା। ଅଗ୍ରୱାଲ ଓ କେ.ଏଲ୍. ରାହୁଲ ପ୍ରଥମ ଉଇକେଟ ପାର୍ଟନରଶିପ୍‌ରେ ୧୧୭ ରନ ଯୋଗ କରିଥିଲେ। ଦକ୍ଷିଣ ଆଫ୍ରିକା ପେସ୍ ଆକ୍ରମଣର ମୁକାବିଲା କରି ସେ ଆକର୍ଷଣୀୟ ୬୦ରନ ସଂଗ୍ରହ କରିଥିଲେ। ଭାରତ ପ୍ରଥମ ଇନିଂସରେ ୩୨୭ ରନ ସଂଗ୍ରହ କରିଥିଲା, ଯାହାକି ଦୁଇ ଦଳ ମଧ୍ୟରେ ଫରକ ଆଣିଥିଲା। ଭାରତ ଜନ୍ମିତ ନ୍ୟୁଜିଲାଣ୍ଡ ସ୍ପିନର ଏଜାଜ ପଟେଲ ଡିସେମ୍ବରରେ ଭାରତ ବିପକ୍ଷ ଏକ ଇନିଂସରେ ସମସ୍ତ ୧୦ ଉଇକେଟ ନେଇ ଇତିହାସ ସୃଷ୍ଟି କରିଥିଲେ। ଜିମ୍ ଲେକର ଓ ଅନିଲ କୁମ୍ବଲେଙ୍କ ପରେ ଏହି ସଫଳତା ହାସଲ କରିବାରେ ସେ ତୃତୀୟ ଖେଳାଳି ହେବାର ଗୌରବ ଅର୍ଜନ କରିଥିଲେ। ବାମହାତୀ ସ୍ପିନର ଡିସେମ୍ବର ମାସରେ ମାତ୍ର ଗୋଟିଏ ଟେଷ୍ଟ ଖେଳିଛନ୍ତି। ସେ ୧୬.୦୭ ଆଭରେଜରେ ୧୪ ଉଇକେଟ ଅକ୍ତିଆର କରିଛନ୍ତି। ପ୍ରଥମ ଇନିଂସରେ ସେ ସମସ୍ତ ୧୦ଉଇକେଟ ନେଇଥିଲେ ମଧ୍ୟ ନ୍ୟୁଜିଲାଣ୍ଡ ବ୍ୟାଟରମାନେ ମାତ୍ର ୬୨ରନରେ ଅଲ୍‌ଆଉଟ ହୋଇଯାଇଥିଲେ। ଦ୍ୱିତୀୟ ଇନିଂସ୍‌ରେ ସେ ୪ଉଇକେଟ ନେଇଥିଲେ। ତନ୍ମଧ୍ୟରେ ଅଗ୍ରୱାଲ ଓ ଚେତେଶ୍ୱର ପୂଜାରାଙ୍କ ଉଇକେଟ ସାମିଲ ରହିଥିଲା। ପଟେଲଙ୍କ ବୋଲିଂ ଫିଗର ୧୪/୨୨୫ ରହିଥିଲା, ଯାହାକି ୨୦୨୧ରେ ଏକ ଟେଷ୍ଟ ମ୍ୟାଚରେ ସର୍ବଶ୍ରେଷ୍ଠ ଥିଲା। ଅନ୍ୟପକ୍ଷରେ ଉଭୟ ବ୍ୟାଟ୍ ଓ ବଲ୍‌ରେ ଷ୍ଟାର୍କଙ୍କ ପ୍ରଦର୍ଶନ ଖୁବ୍ ଭଲ ରହିଥିଲା, ଯାହଫଳରେ ଅଷ୍ଟ୍ରେଲିଆ ଦୁଇଟି ଗେମ୍ ବାକିଥାଇ ଇଂଲଣ୍ଡ ବିପକ୍ଷ ଆସେସ ସିରିଜ ଆଗୁଆ କବ୍‌ଜା କରିନେଇପାରିଥିଲା।

# ୱେଷ୍ଟଇଣ୍ଡିଜ ସିରିଜ: ଭେନ୍ୟୁ ହ୍ରାସ କରିପାରେ ବିସିସିଆଇ

ନୂଆଦିଲ୍ଲୀ, ୮।୧ (ପି.ଟି.): ଦେଶରେ କରୋନା ସଂକ୍ରମଣ ହୁ ହୁ ହୋଇ ବଢ଼ି ଚାଲିଥିବାରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ୱେଷ୍ଟଇଣ୍ଡିଜ ବିପକ୍ଷ ହ୍ୱାଇଟ୍ ବଲ୍ ସିରିଜର ଭେନ୍ୟୁ ସଂଖ୍ୟା ହ୍ରାସ କରିବା ଲାଗି ବିଚାର କରିପାରେ। ଏପର୍ଯ୍ୟନ୍ତ ଏହି ପ୍ରସଙ୍ଗରେ ଆନୁଷ୍ଠାନିକ ଆଲୋଚନା ହୋଇନାହିଁ ବୋଲି ବିସିସିଆଇର ଜଣେ ବରିଷ୍ଠ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ଭାରତ ବିପକ୍ଷରେ ୩ ଅନ୍ତର୍ଜାତୀୟ ଦିନିକିଆ ଏବଂ ସମାନ ସଂଖ୍ୟକ ଅନ୍ତର୍ଜାତୀୟ ଟି୨୦ ଖେଳିବ। ପ୍ରଥମ ୫୦ଓଭର ବିଶିଷ୍ଟ ମ୍ୟାଚ ଫେବୃୟାରୀ ୬ରେ ଅହମଦାବାଦଠାରେ ଖେଳାଯିବା କାର୍ଯ୍ୟକ୍ରମ ରହିଛି। ଅହମଦାବାଦକୁ ଛାଡ଼ିଲେ ଅନ୍ୟ ମ୍ୟାଚଗୁଡ଼ିକ ଜୟପୁର (ଫେବୃୟାରୀ ୯), କୋଲକାତା (ଫେବୃୟାରୀ ୧୨), କଟକ (ଫେବୃୟାରୀ ୧୫), ବିଶାଖାପାଟଣା (ଫେବୃୟାରୀ ୧୮) ଓ ଥିରୁଭାନନ୍ତପୁରମ (ଫେବୃୟାରୀ ୨୦)ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ବର୍ତ୍ତମାନର କୋଭିଡ୍ ପରିସ୍ଥିତି ଯଦି ନିୟନ୍ତ୍ରଣକୁ ନ ଆସେ ତେବେ ୬ଟି ମ୍ୟାଚକୁ ୩ଟି ଭେନ୍ୟୁରେ ଆୟୋଜନ କରାଯାଇପାରେ। କାର୍ଯ୍ୟସୂଚୀ ଅନୁସାରେ ୱେଷ୍ଟଇଣ୍ଡିଜ ଅହମଦାବାଦରେ ପହଞ୍ଚିବା ପରେ ୩ଦିନ ଆଇସୋଲେଶନରେ ରହିବ। ଫେବୃୟାରୀ ୬ରେ ମୋଟେରାରେ ପ୍ରଥମ ଦିନିକିଆ ଖେଳିବା ପୂର୍ବରୁ ୪ ଓ ୫ ତାରିଖରେ ଅଭ୍ୟାସ କରିବ। ସୂଚନାଯୋଗ୍ୟ, କୋଭିଡ୍ ଯୋଗୁ ବିସିସିଆଇ ନିକଟରେ ରଣଜୀ ଟ୍ରଫି ଓ ସିକେ ନାଇଡୁ ଟ୍ରଫି ସମେତ କେତେକ ଘରୋଇ ଟୁର୍ନାମେଣ୍ଟକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖିଛି।

## ଜୋକୋଭିଚ୍‌ଙ୍କୁ କରୋନା ହୋଇଥିଲା




ମେଲବୋର୍ନ, ୮।୧ : ଟେନିସ ଷ୍ଟାର ନୋଭାକ ଜୋକୋଭିଚ୍‌ଙ୍କୁ ଅଷ୍ଟ୍ରେଲିଆରୁ ପ୍ରତ୍ୟର୍ପଣ ଲାଗି ଯୋଜନା ଚାଲିଥିବାବେଳେ ଏହାକୁ ଚ୍ୟାଲେଞ୍ଜ କରି ତାଙ୍କ ଓକିଲମାନେ କୋର୍ଟରେ କାଗଜପତ୍ର ଦାଖଲ କରିଛନ୍ତି। ସର୍ବୀୟ ଖେଳାଳି ଗତ ମାସରେ କରୋନା ସଂକ୍ରମିତ ହୋଇଥିଲେ। ତେଣୁ ସେ ଟିକା ନେଇପାରି ନାହାନ୍ତି ବୋଲି ସେମାନେ ଦର୍ଶାଇଛନ୍ତି।

ସୂଚନାଯୋଗ୍ୟ, ଅଷ୍ଟ୍ରେଲିଆନ ଓପନ ଖେଳିବା ଲାଗି ବିଶ୍ୱର ନମ୍ବର ୱାନ ଖେଳାଳି ଜୋକୋଭିଚ୍ ଗତ ବୁଧବାର ମେଲବୋର୍ନସ୍ଥିତ ବିମାନ ବନ୍ଦରରେ ଓହ୍ଲାଇଥିଲେ। ଖେଳାଳି ଜଣକ କାହିଁକି ଟିକା ନେଇନାହାନ୍ତି ସେ ନେଇ ଯୁକ୍ତିଯୁକ୍ତ ପ୍ରମାଣ ନ ଥିବା ଦର୍ଶାଇ ଅଷ୍ଟ୍ରେଲୀୟ ବର୍ଡର ଫୋର୍ସ (ଏବିଏଫ୍) ଅଫିସିଆଲମାନେ ତାଙ୍କୁ ଅଟକ ରଖିଥିଲେ। ଫଳତଃ ତାଙ୍କ ଭିଜାକୁ ବାତିଲ କରି ଦିଆଯାଇଛି। ବର୍ତ୍ତମାନ ସେ ଇମିଗ୍ରେଶନ ସେଣ୍ଟରରେ ଅଟକ ଅଛନ୍ତି। ଏହି ଘଟଣା ସମଗ୍ର ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି। ଜୋକୋଭିଚ କରୋନା ଟିକା ନେଇଛନ୍ତି କି ନା ସେ ସମ୍ପର୍କରେ କିଛି ସ୍ପଷ୍ଟ କରୁ ନ ଥିଲେ। ଫଳରେ ଅଷ୍ଟ୍ରେଲିଆନ ଓପନରେ ତାଙ୍କ ଖେଳିବା ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ମାତ୍ର ଭିକ୍ଟୋରିଆ ପ୍ରଦେଶ ସରକାର ଜୋକୋଭିଚଙ୍କୁ ସ୍ୱତନ୍ତ୍ର ରିହାତି ପ୍ରଦାନ କରିବା ପରେ ସେ ଅଷ୍ଟ୍ରେଲିଆ ଆଗମନ କରିଥିଲେ।

# ଉଭୟ ଇନିଂସରେ ଖ୍ୱାଜାଙ୍କ ଶତକ

ସିଡ୍‌ନୀ,୮।୧

ସ୍ଥାନୀୟ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି)ରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଚତୁର୍ଥ ଆଶେସ ଟେଷ୍ଟରେ ଅଷ୍ଟ୍ରେଲିଆ ମିଡ୍‌ଲ ଅର୍ଡର ବ୍ୟାଟ୍ସମ୍ୟାନ ଉସ୍‌ମାନ ଖ୍ୱାଜାଙ୍କ ଟ୍ୱିନ ସେଞ୍ଚୁରି (ପ୍ରଥମ ଓ ଦ୍ୱିତୀୟ ଇନିଂସରେ ଶତକ) ସହାୟତାରେ ସ୍ଥିତି ଦୃଢ଼ କରିଛି। ପ୍ରଥମ ଇନିଂସରେ ୧୧୨ ରନ୍‌ର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିବା ଅଷ୍ଟ୍ରେଲିଆ ଶନିବାର ଦ୍ୱିତୀୟ ଇନିଂସରେ ୬୮.୫ ଓଭରରେ ୬ ଉଇକେଟ ହରାଇ ୨୬୫ ରନ୍ କରି ଇନିଂସ ଘୋଷଣା କରିଛି। ଫଳରେ ଇଂଲଣ୍ଡ ସମ୍ମୁଖରେ ୩୮୮ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଇଂଲଣ୍ଡ ଶନିବାର ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ୧୧ ଓଭରରେ ବିନା କ୍ଷତିରେ ୩୦ ରନ୍ ସଂଗ୍ରହ କରିଛି। ମ୍ୟାଚ୍ ଆଉ ଗୋଟିଏ ଦିନ ହାତରେ ରହିଥିବା ବେଳେ ଇଂଲଣ୍ଡ ୧୦ ଉଇକେଟ ହାତରେ ରଖି ବିଜୟ ପାଇଁ ଆଉ ୩୫୮ ରନ ଆବଶ୍ୟକ କରୁଛି। ଷ୍ଟମ୍ପ ଅପସାରଣ ବେଳକୁ ଦୁଇ ଓପ୍‌ନର ହାସିମ ହମିଦ୍ ଓ ଜ୍ୟାକ କ୍ରଲି ଯଥାକ୍ରମେ ୮ ଓ ୨୨ ରନ୍ କରି ଅପରାଜିତ ରହିଛନ୍ତି।

ଅସମାପ୍ତ ପ୍ରଥମ ଇନିଂସ୍ ସ୍କୋର ୨୫୮/୭ରୁ ଖେଳ ଆରମ୍ଭ କରି ଇଂଲଣ୍ଡ ଶନିବାର ୭୯.୧ ଓଭରରେ ୨୯୪ ରନ୍‌ରେ ଅଲଆଉଟ ହୋଇ ପଛରେ ପଡିଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ଜନି ବେୟାରଷ୍ଟୋ ୧୦୩ରୁ ଖେଳ ଆରମ୍ଭ କରି ୧୧୩ ରନ୍‌କରି ସ୍କଟ୍ ବୋଲାଣ୍ଡଙ୍କ ବଲ୍‌ରେ ଉଇକେଟକିପର ଆଲେକ୍ସ

## ଇଂଲଣ୍ଡର ଟାର୍ଗେଟ ୩୮୮

କାରେଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ସେହିପରି ଜ୍ୟାକ୍ ଲିଚ୍ ଅପରାଜିତ ସ୍କୋର ୪ରୁ ଖେଳ ଆରମ୍ଭ କରି ୧୦ ରନ୍‌କରି ଆଉଟ ହୋଇଥିଲେ। ଶେଷରେ ଷ୍ଟୁଆର୍ଟ ବ୍ରଡ୍ ୧୫ ରନ କରିଥିବା ବେଳେ ବୋଲାଣ୍ଡଙ୍କ ବଲ୍‌ରେ କାରେଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ।



ଶତକ ହାସଲ ପରେ ଉସ୍‌ମାନ ଖ୍ୱାଜା।

ଜେମ୍ସ ଆଣ୍ଡରସନ ୪ ରନ୍‌କରି ଅପରାଜିତ ରହିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ବୋଲାଣ୍ଡ ୪, ପ୍ୟାଟ୍ କମିନ୍ସ ଓ ନାଥନ ଲିୟନ ୨ଟି ଲେଖାଏ, ମିଚେଲ ଷ୍ଟାର୍କ ଓ କାମେରନ ଗ୍ରୀନ୍ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ ସହ ଅଷ୍ଟ୍ରେଲିଆ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିବାକୁ ପ୍ରୟାସ କରି ଇନିଂସ ଘୋଷଣା କରିଥିଲା। ଦଳ ତରଫରୁ ପ୍ରଥମ ଇନିଂସରେ ୧୩୭ ରନ୍‌ର ଶତକୀୟ ଇନିଂସ ଖେଳିଥିବା ଖ୍ୱାଜା ଦ୍ୱିତୀୟ ଇନିଂସ୍‌ରେ ୧୦୧ ରନ୍ କରିବା ସହ ଶତକ ହାସଲ କରି ଅପରାଜିତ ରହିଥିଲେ। ବିଶ୍ୱର ୭୦ତମ ବ୍ୟାଟ୍ସମ୍ୟାନ ଭାବେ ସେ ଗୋଟିଏ ଟେଷ୍ଟର ଉଭୟ ଇନିଂସରେ ଶତକ ଅର୍ଜନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମାର୍କସ ହାରିସ୍ ୨୭, ମାର୍ନସ ଲାବୁସେନ ୨୯, ଷ୍ଟିଭେନ୍ ସ୍ମିଥ ୨୩ ଓ କାମେରନ ଗ୍ରୀନ୍ ୭୪ ରନ ସଂଗ୍ରହ କରିଥିଲେ। ଡେଭିଡ୍ ୱାର୍ନର ୩ ରନ୍ ଓ କାରେ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ବୋଲିଂରେ ଇଂଲଣ୍ଡର ଜ୍ୟାକ୍ ଲିଚ୍ ୪ ଓ ମାର୍କ ଉଡ୍ ୨ଟି ଉଇକେଟ ହାସଲ କରିଥିଲେ।

### ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ୍- ୧୩୪ ଓଭରରେ ୪୧୬/୮ ଇନିଂସ୍ ଘୋଷଣା। ଇଂଲଣ୍ଡ ପ୍ରଥମ ଇନିଂସ୍- ୭୯.୧ ଓଭରରେ ୨୯୪ ଅଲଆଉଟ (ବେୟାରଷ୍ଟୋ- ୧୧୩, , ଷ୍ଟୋକ୍ସ- ୬୬, ଉଡ୍- ୩୯, ବୋଲାଣ୍ଡ- ୪/୩୬, ଲିୟନ- ୨/୮୮, କମିନ୍ସ- ୨/୬୮)। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ- ୬୮.୫ ଓଭରରେ ୨୬୫/୬ ଇନିଂସ ଘୋଷଣା (ଖ୍ୱାଜା- ୧୦୧*, ଗ୍ରୀନ- ୭୪, ଜ୍ୟାକ ଲିଚ୍- ୪/୮୪, ଉଡ୍- ୨/୬୫)। ଇଂଲଣ୍ଡ ଦ୍ୱିତୀୟ ଇନିଂସ୍- ୧୧ ଓଭରରେ ୩୦ (କ୍ରଲି- ୨୨*, ହମିଦ୍- ୮*)।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା-୮+୪

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜାନୁୟାରୀ ୯/୨୦୨୨ (୮+୪=୧୨ ପୃଷ୍ଠା) | Bhubaneswar, Sunday, January 9/2022 | ପୃଷ୍ଠା-୧




### ଟେକ୍ ଫଗ୍ ଭାଜପାର ଘୃଣା ଫ୍ୟାକ୍ଟ୍ରି

ଭାଜପା ଅନେକ ଘୃଣା କାରଖାନା ଖୋଲିଛି। ତନ୍ମଧ୍ୟରୁ 'ଟେକ୍ ଫଗ୍' ଅନ୍ୟତମ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ସମାଲୋଚନା କରିଛନ୍ତି।

୦୨

୦୪

### ଜେଲରୁ ମୁକୁଳିଲେ ସାଉଦି ଯୁବରାଣୀ

ବିନା କାରଣରେ ଜେଲ୍‌ରେ ଥିବା ସାଉଦି ଯୁବରାଣୀ ବାସ୍‌ମା ବିଣ୍ଟ ସାଉଦ ଓ ତାଙ୍କ ଝିଅଙ୍କୁ ସାଉଦି ସରକାର ମୁକ୍ତ କରିଛନ୍ତି।



# ପଞ୍ଚାୟତ ନିର୍ବାଚନ ଶୀଘ୍ର ଘୋଷଣା ହୋଇପାରେ

## କୋଭିଡ୍ ପରିଚାଳନା ନେଇ ରାଜ୍ୟ ସରକାରଙ୍କ ସହ ଆଲୋଚନା କଲେ ନିର୍ବାଚନ କମିଶନର

## ୧୦ରେ ସର୍ବଦଳୀୟ ବୈଠକ

ଭୁବନେଶ୍ୱର,୮।୧(ବ୍ୟୁରୋ)

ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ୱାର୍ଡ ସୀମା ପୁନଃ ନିର୍ଦ୍ଧାରଣ ଏବଂ ସଂରକ୍ଷଣ କାର୍ଯ୍ୟ ଶେଷ ହୋଇଛି। ରାଜ୍ୟ ନିର୍ବାଚନ କମିଶନର (ଏସ୍‌ଇସି)ଙ୍କ ତାରିଖ ଘୋଷଣାକୁ ଅପେକ୍ଷା କରାଯାଇଛି। ରାଜ୍ୟରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଉଥିବାରୁ ପଞ୍ଚାୟତ ନିର୍ବାଚନ ଘୋଷଣାକୁ ନେଇ ଆଶଙ୍କା ସୃଷ୍ଟି ହୋଇଥିଲା। ତେବେ ଭାରତର ନିର୍ବାଚନ କମିଶନ ଉତ୍ତର ପ୍ରଦେଶ, ପଞ୍ଜାବ, ଉତ୍ତରାଖଣ୍ଡ, ଗୋଆ, ମଣିପୁର ଆଦି ୫ଟି ରାଜ୍ୟର ନିର୍ବାଚନ ପାଇଁ ତାରିଖ ଘୋଷଣା କରିଥିବାରୁ ପଞ୍ଚାୟତ ନିର୍ବାଚନ ତାରିଖ ଘୋଷଣା ଆଶା ଉଜ୍ଜ୍ୱଳ ହୋଇଛି। ଆସନ୍ତା ୧୦ ତାରିଖରେ କମିଶନର ନିର୍ବାଚନ ସମ୍ପର୍କରେ ଆଲୋଚନା ପାଇଁ ସର୍ବଦଳୀୟ ବୈଠକ ଡାକିଛନ୍ତି। ଏହା ପରେ କମିଶନର ସମସ୍ତ ଜିଲାର ଜିଲାପାଳ ଏବଂ ଏସ୍‌ପିଙ୍କ ସହ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ଏସବୁକୁ ଦେଖିଲେ ନିର୍ବାଚନ କମିଶନର ଖୁବ୍‌ଶୀଘ୍ର ପଞ୍ଚାୟତ ନିର୍ବାଚନ ତାରିଖ ଘୋଷଣା କରିପାରନ୍ତି।

ରାଜ୍ୟରେ କୋଭିଡ୍ ସଂକ୍ରମଣ ବଢୁଥିଲେ ମଧ୍ୟ ସଂକ୍ରମିତ ଗୁରୁତର ହେଉନାହାନ୍ତି। ଏ ନେଇ ସମଗ୍ର ରାଜ୍ୟରେ ଲକ୍‌ଡାଉନ କିମ୍ବା ଶଟ୍‌ଡାଉନ କରିବାର ଆବଶ୍ୟକତା ନାହିଁ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦେଉଛନ୍ତି। ଏସବୁକୁ ଦେଖିଲେ କମିଶନର କୋଭିଡ୍ କଟକଣା ମଧ୍ୟରେ ନିର୍ବାଚନ କରିବାକୁ ସମସ୍ତ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ପଞ୍ଚାୟତ ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ରାଜ୍ୟର କୋଭିଡ୍ ସ୍ଥିତିକୁ ନେଇ ଏସ୍‌ଇସି ଆଦିତ୍ୟ ପ୍ରସାଦ ପାଢ଼ୀ ଶନିବାର ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ☞ ପୃଷ୍ଠା-୨

## ପ୍ରକାଶ ପାଇଲା ଚୂଡ଼ାନ୍ତ ସଂରକ୍ଷଣ ତାଲିକା

### ମହିଳାଙ୍କ ପାଇଁ ୫୦% ସଂରକ୍ଷିତ

ଭୁବନେଶ୍ୱର, ୮।୧(ବ୍ୟୁରୋ)

ରାଜ୍ୟ ସରକାର ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଜିଲା ପରିଷଦ ଅଧ୍ୟକ୍ଷ ଆସନ ସଂରକ୍ଷଣ ନେଇ ଚୂଡାନ୍ତ ତାଲିକା ପ୍ରକାଶ କରିଛନ୍ତି। ଏ ନେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଚୂଡାନ୍ତ ତାଲିକାରେ ଅନୁସୂଚିତ ଜନଜାତି ବର୍ଗଙ୍କ ପାଇଁ ୭ଜିଲା ପରିଷଦ ଆସନ ସଂରକ୍ଷିତ ରହିଥିବା ବେଳେ ଅନୁସୂଚିତ ଜାତି ପାଇଁ ୫ ଜିଲା ପରିଷଦ ଆସନ ସଂରକ୍ଷିତ ରହିଛି। ସେହିପରି ୧୦ଜିଲା ପରିଷଦ ଆସନ ଅଣ ସଂରକ୍ଷିତ ରହିଛି। ରାଜ୍ୟ ସରକାର ୫୦ ପ୍ରତିଶତ ଆସନରେ ମହିଳାଙ୍କୁ ପ୍ରାର୍ଥୀ କରିବା ନେଇ ୨୦୨୧ ଡିସେମ୍ବର ୨୪ରେ ସାନି ବିଜ୍ଞପ୍ତିରେ ପ୍ରକାଶ କରିଥିବା ବେଳେ ଚୂଡାନ୍ତ ତାଲିକାରେ ମଧ୍ୟ ସମାନ ସଂଖ୍ୟକ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ କରିଛନ୍ତି। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ପଛୁଆବର୍ଗ ପାଇଁ କୌଣସି ସ୍ଥାନ ସଂରକ୍ଷିତ କରାଯାଇ ନାହିଁ। ଜନସାଧାରଣଙ୍କ ଠାରୁ ଡିସେମ୍ବର ୨୪ରୁ ଜାନୁଆରୀ ୩ ପର୍ଯ୍ୟନ୍ତ ଆପତ୍ତି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏହା ପରେ ଚୂଡ଼ାନ୍ତ ତାଲିକା ପ୍ରକାଶ କରାଯାଇଛି।

### ଜିଲା ପରିଷଦ ଅଧ୍ୟକ୍ଷ ସଂରକ୍ଷଣ ତାଲିକା

| ଜିଲା | ବର୍ଗ |
|---|---|
| ଅନୁଗୋଳ | ଅଣସଂରକ୍ଷିତ |
| କଟକ | ଅଣସଂରକ୍ଷିତ |
| କନ୍ଧମାଳ | ଅନୁସୂଚିତ ଜନଜାତି ମହିଳା |
| କଳାହାଣ୍ଡି | ଅଣସଂରକ୍ଷିତ |
| କେନ୍ଦୁଝର | ଅଣସଂରକ୍ଷିତ |
| କେନ୍ଦ୍ରାପଡ଼ା | ଅନୁସୂଚିତ ଜାତି ମହିଳା |
| କୋରାପୁଟ | ଅନୁସୂଚିତ ଜନଜାତି ମହିଳା |
| ଖୋର୍ଦ୍ଧା | ମହିଳା |
| ଗଜପତି | ଅଣସଂରକ୍ଷିତ |
| ଗଞ୍ଜାମ | ମହିଳା |
| ଜଗତ୍‌ସିଂହପୁର | ଅନୁସୂଚିତ ଜାତି |
| ଝାରସୁଗୁଡା | ମହିଳା |
| ଢେଙ୍କାନାଳ | ମହିଳା |
| ଦେବଗଡ | ଅଣସଂରକ୍ଷିତ |
| ନବରଙ୍ଗପୁର | ଅନୁସୂଚିତ ଜନଜାତି |
| ନୟାଗଡ଼ | ଅଣସଂରକ୍ଷିତ |
| ନୂଆପଡ଼ା | ମହିଳା |
| ପୁରୀ | ମହିଳା |
| ବରଗଡ | ଅଣସଂରକ୍ଷିତ |
| ବଲାଙ୍ଗୀର | ମହିଳା |
| ବାଲେଶ୍ୱର | ଅଣସଂରକ୍ଷିତ |
| ବୌଦ୍ଧ | ଅନୁସୂଚିତ ଜାତି ମହିଳା |
| ଭଦ୍ରକ | ଅନୁସୂଚିତ ଜାତି |
| ମୟୂରଭଞ୍ଜ | ଅନୁସୂଚିତ ଜନଜାତି |
| ମାଲକାନଗିରି | ଅନୁସୂଚିତ ଜନଜାତି ମହିଳା |
| ଯାଜପୁର | ଅନୁସୂଚିତ ଜାତି ମହିଳା |
| ରାୟଗଡ଼ା | ଅନୁସୂଚିତ ଜନଜାତି ମହିଳା |
| ସମ୍ବଲପୁର | ମହିଳା |
| ସୁନ୍ଦରଗଡ଼ | ଅନୁସୂଚିତ ଜନଜାତି |
| ସୋନପୁର | ଅଣସଂରକ୍ଷିତ |



## ବରଫ ପାଲଟିଲେ ୨୨ ପର୍ଯ୍ୟଟକ

- ଫସିଛି ହଜାର ହଜାର ଗାଡ଼ି
- ମୁରିରେ ଜରୁରିକାଳୀନ ସ୍ଥିତି

ଇସ୍‌ଲାମାବାଦ, ୮।୧

ପାକିସ୍ତାନରେ ତୁଷାରପାତ ଗତ ଦଶନ୍ଧିର ରେକର୍ଡ ଭାଙ୍ଗିଛି। ତୁଷାରପାତ ଦେଖିବାକୁ ରିସୋର୍ଟ ସହର ତଥା ପଞ୍ଜାବ ପ୍ରଦେଶର ମୁରିକୁ ଯାଇଥିବା ପର୍ଯ୍ୟଟକଙ୍କ ମଧ୍ୟରୁ ୨୨ ଜଣଙ୍କ ଶନିବାର ମୃତ୍ୟୁ ଘଟିଛି। ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ସେଠାରେ ଫସି ରହିବାରୁ ଟ୍ରାଫିକ୍ ଜାମ୍ ହୋଇଯାଇଥିଲା। ଫଳରେ ପ୍ରବଳ ଥଣ୍ଡା ସହି ନ ପାରି କାର୍ ମଧ୍ୟରେ ସେମାନଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୯ ଜଣ ଶିଶୁ ରହିଛନ୍ତି। ହିଲ୍ ଷ୍ଟେଶନର ବିଭିନ୍ନ ସ୍ଥାନରେ ବରଫ ମଧ୍ୟରେ ହଜାର ହଜାର ସଂଖ୍ୟାରେ ଗାଡ଼ି ଅଟକି ରହିଛି। ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଆଭ୍ୟନ୍ତରୀଣ ମନ୍ତ୍ରୀ ଶେଖ ରସିଦ୍ କହିଛନ୍ତି, ଗତ ୧୫-୨୦ ବର୍ଷ ମଧ୍ୟରେ ଏଭଳି ବଡ଼ ଧରଣର ତୁଷାରପାତ ହୋଇଛି। ଏଥିଯୋଗୁ ମୁରି ସହରର ତାପମାତ୍ରା ବିଯୁକ୍ତ ୮ ଡିଗ୍ରୀରେ ପହଞ୍ଚିଥିଲା। ଚଳିତ ବର୍ଷ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏହି ପର୍ଯ୍ୟଟନସ୍ଥଳୀ ବୁଲିବାକୁ ଆସିଥିଲେ। ହିଲ୍ ଷ୍ଟେଶନ ମଧ୍ୟକୁ ୧.୫ ଲକ୍ଷରୁ ଊର୍ଦ୍ଧ୍ୱ ଗାଡ଼ି ପଶିଥିଲା। ଫଳରେ ଟ୍ରାଫିକ୍ ଜାମ ସ୍ଥିତି ଉପୁଜିଥିଲା। ଦୀର୍ଘ ସମୟ ଧରି ତୁଷାରପାତରେ ଫସି ରହିବାରୁ ଅନ୍ୟୂନ ୨୨ ଜଣଙ୍କ ମୃତ୍ୟୁ ଘଟିଛି। ପାକ୍ ସେନା ଇସ୍‌ଲାମାବାଦଠାରୁ ପ୍ରାୟ ୭୦ କିଲୋମିଟର ଦୂର ମୁରିରେ ଫସିରହିଥିବା ଲୋକଙ୍କୁ ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ରିପୋର୍ଟ ଅନୁସାରେ ପ୍ରାୟ ୧,୩୫,୦୦୦ ଗାଡ଼ି ସେଠାରୁ ବାହାରି ପାରିଛି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଉସ୍‌ମାନ ବୁଜଦାର ସେଠାରେ ଜରୁରିକାଳୀନ ସ୍ଥିତି ଘୋଷଣା କରିଛନ୍ତି। ସୋସିଆଲ ମିଡିଆରେ ଏହି ତୁଷାରପାତର ଫଟୋ, ଭିଡିଓ ଅପ୍‌ଲୋଡ ହୋଇଛି। ଟ୍ରାଫିକ୍‌ରେ ରହିଯାଇଥିବା କାର୍‌ଗୁଡ଼ିକ ଉପରେ ପ୍ରାୟ ୩ ଫୁଟ ଉଚ୍ଚର ବରଫ ଜମିଥିବା ଦୃଶ୍ୟ ଏଥିରେ ଦେଖିବାକୁ ମିଳିଛି।




**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୦,୪୪,୮୯,୫୦୭ | ୫୫,୦୦,୧୯୮ | ୨୫,୮୫,୬୭,୩୩୧ |
| ଭାରତ | ୩,୫୩,୬୮,୩୭୨ | ୪,୮୩,୪୬୩ | ୩,୪୪,୧୨,୭୪୦ |
| ଓଡ଼ିଶା | ୧୦,୬୬,୧୫୫ | [ ୮୪୬୮(+୫୩) | ୧୦,୪୬,୨୩୧ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ବିଏମ୍‌ସି ୱାର୍ଡ ପୁନର୍ଗଠନ ଚିଠା ତାଲିକା

**ଭୁବନେଶ୍ୱର, ୮।୧ (ବ୍ୟୁରୋ):** ପୌର ନିର୍ବାଚନ ପାଇଁ ତାରିଖ ଘୋଷଣା ବାକି ରହିଥିବାବେଳେ ୱାର୍ଡ ପୁନର୍ଗଠନ ଚିଠା ତାଲିକା ପ୍ରକାଶ ପାଇଛି। ବୁଧବାର ଭୁବନେଶ୍ୱର ମହାନଗର (ବିଏମ୍‌ସି) ପକ୍ଷରୁ ଗୃହ ଓ ନଗର ଉନ୍ନୟନ ବିଭାଗକୁ ସଂରକ୍ଷଣ ଓ ୱାର୍ଡ ପୁନର୍ଗଠନ ଚିଠା ତାଲିକା ପ୍ରଦାନ କରାଯାଇଥିଲା। ଶୁକ୍ରବାର ବିଭାଗ ପକ୍ଷରୁ ସେହି ଚିଠା ତାଲିକା ପ୍ରକାଶ କରାଯାଇଛି।

**ୱାର୍ଡ ନଂ-୧** ପ୍ରଶାନ୍ତି ବିହାର, ପ୍ରଶାନ୍ତି ବିହାର ଏଚ୍‌ବି ଏରିଆ, ଚିରାଖାଲ ତଳି ବସ୍ତି, ଇନ୍‌ଫୋସିଟି ଅଞ୍ଚଳ, କିଟ୍ ହଷ୍ଟେଲ୍, ୱେଷ୍ଟର୍ନ ଆପାର୍ଟମେଣ୍ଟ, ଆର୍ଯ୍ୟପଲ୍ଲୀ, ମାରୁତି ବିହାର, ତ୍ରିଷ୍ଣା ଏନ୍‌କ୍ଲେଭ୍, ଆଦର୍ଶ ବିହାର, ଶିଖରଚଣ୍ଡୀ କ୍ଲଷ୍ଟର-୧ ଓ ୩, ପଟିଆ ବିଗ୍‌ବଜାର

**ୱାର୍ଡ ନଂ-୨** ମୁଣ୍ଡାସାହି, ଷ୍ଟାରସିଟି ଏରିଆ, ଶିଖରଚଣ୍ଡୀ ବସ୍ତି ଅଞ୍ଚଳ, ପ୍ରଶାନ୍ତି ବିହାର ଏଚ୍‌ବି ଏରିଆ, କଳାରାହାଙ୍ଗ, ନନ୍ଦନ ବିହାର, ଲକ୍ଷ୍ମୀ ବିହାର, ମାଣିତ୍ରିଭୁବନ, ପଦ୍ମକେଶରୀପୁର

**ୱାର୍ଡ ନଂ-୩** ପଟିଆ ଭିଲେଜ୍, କାନନ ବିହାର (ଫେଜ୍-୧ ଓ ୨), ଶ୍ରୀ ବିହାର, ଡମଣା ଭିଲେଜ୍

**ୱାର୍ଡ ନଂ-୪** ପାହାଳ, ଜୋହଲ, ନଖରା, ହରିଦାସପୁର, ନୂଆପାଟଣା, ବାଙ୍ଗୁଆରୀ, ନହରକଣ୍ଟା, ହସଂପାଳ, ଜୟପୁର, ରୁଦ୍ରପୁର

**ୱାର୍ଡ ନଂ-୫** ଚକେଇସିଆଣି, ସମେଇଗାଡ଼ିଆ, ମଞ୍ଚେଶ୍ୱର ଗ୍ରାମ, ପିଏଚ୍‌ଡି କଲୋନୀ, ସତ୍ୟବିହାର, ଶ୍ରୀରାମନଗର ବସ୍ତି

**ୱାର୍ଡ ନଂ-୬** ମ୍ୟାଗ୍‌ନେଟ ଛକ ଭେଣ୍ଡିଂ ଜୋନ ଅଞ୍ଚଳ, ସୁବର୍ଣ୍ଣପୁର ଅଞ୍ଚଳ, ବସୁନ୍ଧରା, ବଜରଙ୍ଗୀ ବିହାର ଅଞ୍ଚଳ, କୋ-ଅପରେଟିଭ୍ କଲୋନୀ, ଶିଶୁ ବିହାର ଅଞ୍ଚଳ, ଇଡ୍‌କୋ ଅଞ୍ଚଳ, ଇଡ୍‌କୋ ଅଞ୍ଚଳ, ଚନ୍ଦ୍ରଶେଖରପୁର ପୋଲିସ ଷ୍ଟେଶନ ଅଞ୍ଚଳ, ଜଗନ୍ନାଥ ଆମ୍ବତୋଟା ବସ୍ତି, ସିଓଇବି କ୍ୟାମ୍ପସ, କିଟ୍ କ୍ୟାମ୍ପସ, ସୁଭଦ୍ରା ପ୍ୟାଲେସ୍ ଆପାର୍ଟମେଣ୍ଟ ଅଞ୍ଚଳ, ଶୈଳଶ୍ରୀ ବିହାର ଭିଆଇଏଚ୍ ଏବଂ ଭିଆଇଆଇଏମ୍ ଅଞ୍ଚଳ, ସାଇ ସରୋଜ ଆପାର୍ଟମେଣ୍ଟ, ଜଗନ୍ନାଥ ମନ୍ଦିର, ପ୍ରଗତି ନଗର କ୍ଲବ୍ ଟାଉନ୍, ମେଟ୍ରୋ ହୋମ୍, ନୀଳପଡିଆ ବସ୍ତି, ଓଡ଼ିଏମ୍ ସ୍କୁଲ, ଇନ୍‌ଫୋସିସ୍ ଅଫିସ୍ ଅଞ୍ଚଳ, ସିଲିକନ୍ କଲେଜ୍ ଓ ଫ୍ୟୁଚର ଭୁବନେଶ୍ୱର ସ୍କୁଲ ଅଞ୍ଚଳ, ଡାଇରେକ୍ଟର ଅଫ୍ ସିଲ୍କ ଇଣ୍ଡଷ୍ଟ୍ରି ଅଞ୍ଚଳ

**ୱାର୍ଡ ନଂ-୭** ଶୈଳଶ୍ରୀ ବିହାର ଏଚ୍‌ଆଇଜି ଡୁପ୍ଲେକ୍ସ, ହାଉସିଂ ସ୍କିମ୍ ଏଫ୍/ଆର୍ କ୍ୱାଟର, ଶୈଳଶ୍ରୀବିହାର ଏଲ୍‌ସି କ୍ୱାର୍ଟର, ଶୈଳଶ୍ରୀ ବିହାର ଭିଆଇଏମ୍ ଅଞ୍ଚଳ, ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ଶୈଳଶ୍ରୀ ବିହାର ଜିଏ ପ୍ଲଟ୍ ଅଞ୍ଚଳ, କନ୍ୟାଶ୍ରମ ଅଞ୍ଚଳ, ନିଳାଦ୍ରି ଏନ୍‌କ୍ଲେଭ୍ ଅଞ୍ଚଳ

**ୱାର୍ଡ ନଂ-୮** ଚନ୍ଦ୍ରଶେଖରପୁର ଏଚ୍‌ବି କଲୋନୀ, ଡମଣା ହାଟ, ଡିଏଭି ସ୍କୁଲ ଅଞ୍ଚଳ, ନିଳାଦ୍ରୀ ବିହାର ସେକ୍ଟର୧ ଓ ୨, ପ୍ରାଚୀ ଏନ୍‌କ୍ଲେଭ୍, ଆଚାର୍ଯ୍ୟ ହରିହର କଲେଜ୍, ଡିଷ୍ଟ୍ରିକ୍ଟ ସେଣ୍ଟର

**ୱାର୍ଡ ନଂ-୯** ଓମ୍‌ଫେଡ୍ ଛକ, ଚନ୍ଦ୍ରଶେଖରପୁର କଲ୍ୟାଣ ମଣ୍ଡପ ଅଞ୍ଚଳ, ଆଦିତ୍ୟ କେୟାର ହସ୍ପିଟାଲ ଅଞ୍ଚଳ, ଗାଡ଼କଣ ଗ୍ରାମ, ରଙ୍ଗମାଟିଆ ଗ୍ରାମ, ମୁଣ୍ଡାସାହି ବସ୍ତି

**ୱାର୍ଡ ନଂ-୧୦** ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଭୋଟାପଡା ଗ୍ରାମ, ଇଡ୍‌କୋ କଲୋନୀ

**ୱାର୍ଡ ନଂ-୧୧** ଭିଏସ୍ଏସ୍ ନଗର ହାଉସିଂ ବୋର୍ଡ ଅଞ୍ଚଳ, ଧୁଳୁକୁଟି ସାହି ବସ୍ତି, ହୋଟେଲ ମ୍ୟାନେଜ୍‌ମେଣ୍ଟ ଅଞ୍ଚଳ, ବୀର ସୁରେନ୍ଦ୍ର ସାହି ପାର୍କ ଅଞ୍ଚଳ, ପାତ୍ର ସାହି ବସ୍ତି

**ୱାର୍ଡ ନଂ-୧୨** ସୈନିକ ସ୍କୁଲ, ଆଦିମାତା କଲୋନୀ, ସାମନ୍ତ ବିହାର, ନାଲ୍‌କୋ ଛକ, ଓଏସ୍ଏପି ସପ୍ତମ ବାଟାଲିୟନ୍, ଜାଭିୟର ଛକ, ଗାନ୍ଧୀ ପାର୍କ ଅଞ୍ଚଳ, ସ୍ୱସ୍ତି ପ୍ରିମିୟମ୍, ଆଇଏମ୍ଏମ୍‌ଟି, ପଠାଣି ସାମନ୍ତ ପ୍ଲାନେଟାରିୟମ, ଦୂରଦର୍ଶନ କେନ୍ଦ୍ର, ରେଲ୍‌ୱେ କଲୋନୀ ଅଞ୍ଚଳ, ପାତ୍ର ସାହି ବସ୍ତି

**ୱାର୍ଡ ନଂ-୧୩** ନାବାର୍ଡ଼ କଲୋନୀ, ଚନ୍ଦ୍ରଶେଖରପୁର ବିଡିଏ କଲୋନୀ ଫେଜ୍-୧ ଓ ୨, ରେଳ ବିହାର, ନାଲ୍‌କୋ ଫେଜ୍-୨, ନୀଳମାଧବ ବସ୍ତି

**ୱାର୍ଡ ନଂ-୧୪** ନିଳାଦ୍ରି ବିହାର ସେକ୍ଟର ୩ ରୁ ୫, ବୁଦ୍ଧପାର୍କ ଅଞ୍ଚଳ, ଜିଏ ପ୍ଲଟ, ଲୁମ୍ବିନୀ ବିହାର, ନିଳାଦ୍ରି ବିହାର ବସ୍ତି ଅଞ୍ଚଳ

**ୱାର୍ଡ ନଂ-୧୫** ସିଆର୍‌ପିଏଫ୍, ହର୍ଟିକଲ୍‌ଚର୍, ଭିଆଇପି ଅଞ୍ଚଳ, ରେଣ୍ଟାଲ କଲୋନୀ, ଏକାମ୍ର ଭିଲା ଓ ପ୍ରାଇଭେଟ୍ ପ୍ଲଟ୍ ଅଞ୍ଚଳ ସ୍ୱାଧୀନ ନଗର

**ୱାର୍ଡ ନଂ-୧୬** କଳିଙ୍ଗ ହସ୍ପିଟାଲ, ଅରଣ୍ୟ ଭବନ, ମୈତ୍ରୀ ବିହାର, ସତ୍ୟମ କମ୍ପ୍ୟୁଟର, ନାଲ୍‌କୋ ଭବନ, ମେଫେୟାର ହୋଟେଲ, ବିଜୁ ପଟ୍ଟନାୟକ କଲେଜ, ବାଜପେୟୀ ନଗର, ତାରିଣୀ ନଗର, ମେଫେୟାର ନଗର, ନୀଳଚକ୍ର ନଗର, ଘନଶ୍ୟାମ ଆପାର୍ଟମେଣ୍ଟ, ଜ୍ୟୋସ୍ନା ଆପାର୍ଟମେଣ୍ଟ

**ୱାର୍ଡ ନଂ-୧୭** ଉତ୍କଳ ୟୁନିଭର୍ସିଟି ଅଞ୍ଚଳ, ପଥରବନ୍ଧ ବସ୍ତି, ସେଣ୍ଟ୍ରାଲ ଏକ୍ସାଇଜ୍ ଅଫିସ୍, ଡା. ଶ୍ୟାମା ପ୍ରସାଦ ମୁଖାର୍ଜୀ ପାର୍କ, ତାରିଣୀ ବସ୍ତି, ପୋଷ୍ଟାଲ କଲୋନୀ, ବିଶ୍ୱେଶ୍ୱର ବସ୍ତି ଅଞ୍ଚଳ

**ୱାର୍ଡ ନଂ-୧୮** ପଳାଶୁଣୀ ଭେଟେରିନାରି ହସ୍ପିଟାଲ ଅଞ୍ଚଳ, ପଳାଶୁଣୀ ଗ୍ରାମ, କପିଳେଶ୍ୱର କଲୋନୀ, ପଳାଶୁଣୀ ଭୋଇ ସାହି, ମାୟାଧର ପରିଡା କଲୋନୀ, ପଳାଶୁଣୀ ହାଟ, ପ୍ରାଚୀ ବିହାର ଅଞ୍ଚଳ, ବ୍ରହ୍ମେଶ୍ୱର ମନ୍ଦିର, ଦଦେଇ ଠାକୁରାଣୀ ଲେନ୍, ନ୍ୟୁ ବ୍ୟାଙ୍କ୍ କଲୋନୀ, ଜାପାନୀ କମ୍ପ୍ଲେକ୍ସ ଅଞ୍ଚଳ, ବ୍ୟାଙ୍କର୍ସ ଏନ୍‌କ୍ଲେଭ, ଜିଜିପି ଏନ୍‌କ୍ଲେଭ୍, ହାଇଟେକ୍ ମେଡିକାଲ କଲେଜ, ପାଣ୍ଡରା ଗ୍ରାମ, ପାଣ୍ଡରା ସାଇ ନଗର, ଜିଜିପି କଲୋନୀ, ମୀରା କୁଟୀର, ସମ୍ପିତ ରେସିଡେନ୍ସି, ଚମ୍ପତି ବିହାର, ଶ୍ରୁତି ଭିଲ୍ଲା, ମୁଣ୍ଡା ସାହି, ହନୁମାନ ସାହି, ବସୁନ୍ଧରା ଆପାର୍ଟମେଣ୍ଟ, କିମ୍ବାରିଆ ବସ୍ତି ଓ ରସୁଲଗଡ ଗ୍ରାମ

**ୱାର୍ଡ ନଂ-୧୯** ଶ୍ରୀରାମ ସିଟି, ପୁରୁଣା ବ୍ୟାଙ୍କ କଲୋନୀ, ଫ୍ରେଣ୍ଡସ୍ କଲୋନୀ, ଭାଗବତ ସନ୍ଧାନ ଏନ୍‌କ୍ଲେଭ୍, ବାସୁଦେବ ନଗର ପୋଡା ପୋଖରୀ, ଜଗନ୍ନାଥ ନଗର, ରସୁଲଗଡ ସବର ସାହି, ରସୁଲଗଡ ଗ୍ରାମ, ବାଲିଆପଟା ବସ୍ତି

**ୱାର୍ଡ ନଂ-୨୦** ଶ୍ରୀରାମ ନଗର (ଅଂଶ), ସନ୍ତୋଷୀ ନଗର, ମହାବୀର ନଗର, ନୀଳଚକ୍ର ନଗର, ମଙ୍ଗଳା ବସ୍ତି, ମହାବୀର ନଗର, ଏକାମ୍ର ବିହାର, ଜଗନ୍ନାଥ ବିହାର, ଜନତା ନଗର, ତାରିଣୀ ନଗର

**ୱାର୍ଡ ନଂ-୨୧** ଶକ୍ତି ବିହାର, ଶ୍ରୀରାମ ନଗର (ଅଂଶ), ନିରଙ୍କାରୀ ନଗର, ଜନତା ନଗର (ଅଂଶ), ଆଦିବାସୀଗାଁ, ସ୍ୱାଧିନ ନଗର (ଅଂଶ), ଆଦିବାସୀ ଫୁଟବଲ ପଡିଆ ଅଞ୍ଚଳ, ଜଗଦେବ ନଗର,

**ୱାର୍ଡ ନଂ-୨୨** ପାଇକରାପୁର ଗ୍ରାମାଞ୍ଚଳ, ଭରତପୁର ବସ୍ତି, ଦୁର୍ଗାମାଧବ ଅଞ୍ଚଳ, ମହାଲକ୍ଷ୍ମୀ ବିହାର, ଶ୍ରୀ ବିହାର, ଜିଏ ପ୍ଲଟ ଅଞ୍ଚଳ

**ୱାର୍ଡ ନଂ-୨୩** ସାମପୁର ଭିଲେଜ, କଳିଙ୍ଗ ନଗର ଅଞ୍ଚଳ, ସମ୍ ହସ୍ପିଟାଲ ଅଞ୍ଚଳ, କଳିଙ୍ଗ ଷ୍ଟୁଡିଓ ଅଞ୍ଚଳ, ଘାଟିକିଆ ଗ୍ରାମ, ଖଣ୍ଡଗିରିବାରି ବସ୍ତି, ଆମ୍ରି ହସ୍ପିଟାଲ, ସରଧାପଲ୍ଲୀ ବସ୍ତି, ଶଙ୍କରପୁର, ସୁବୁଦ୍ଧିପୁର, କେ-୧ ରୁ କେ-୮ ଅଞ୍ଚଳ

**ୱାର୍ଡ ନଂ-୨୪** ବରମୁଣ୍ଡା ଏଚ୍‌ବି କଲୋନୀ, ସେନ୍‌ସସ୍ କଲୋନୀ, ଆର୍‌ବିଆଇ କଲୋନୀ, ଜଗନ୍ନାଥ ବିହାର ଅଞ୍ଚଳ, ଷଣ୍ଢ ସାହି ଓ ମୁଣ୍ଡା ସାହି ବସ୍ତି

**ୱାର୍ଡ ନଂ-୨୫** ଆଇଆର୍‌ସି ଭିଲେଜ୍ ଏନ୍-୧, ଏନ୍-୨, ଏନ୍-୩, ଏନ୍-୪, ଆର୍‌ବିଆଇ କଲୋନୀ, ଇସ୍କନ ଅଞ୍ଚଳ

**ୱାର୍ଡ ନଂ-୨୬** ନୀଳଚକ୍ର ଅଞ୍ଚଳ, ତାରିଣୀ ନଗର (ଅଂଶ), ଶରଣପଲ୍ଲୀ, ଦାସରଥି ଆପାର୍ଟମେଣ୍ଟ, ବିଷ୍ଣୁପ୍ରିୟା ଆପାର୍ଟମେଣ୍ଟ

**ୱାର୍ଡ ନଂ-୨୭** ଆଇଆର୍‌ସି ଭିଲେଜ୍ ଏନ୍-୫, ଏନ୍-୬, ଜୟଦେବ ବିହାର ପ୍ରାଇଭେଟ ଲିମିଟେଡ୍ ପ୍ଲଟ, ନୟାପଲ୍ଲୀ ପୋଲିସ ଷ୍ଟେଶନ ଅଞ୍ଚଳ, ଇନ୍ଦ୍ରଧନୁ ମାର୍କେଟ, ନାବାର୍ଡ ଅଫିସ ଏବଂ ବିଜୁପଟ୍ଟନାୟକ କଲେଜ

**ୱାର୍ଡ ନଂ-୨୮** ଆଚାର୍ଯ୍ୟ ବିହାର, ନ୍ୟୁ ଏଜି କଲୋନୀ, ସେବାଶ୍ରମ ଅଞ୍ଚଳ, ସାଇନ୍ସ ପାର୍କ ବସ୍ତି, ରିଜର୍ଭ ପୋଲିସ, ରିଜିଓନାଲ କଲେଜ ଅଞ୍ଚଳ

**ୱାର୍ଡ ନଂ-୨୯** ମହାରାଜା ସିନେମା ହଲ୍ ବ୍ୟାକ୍ ସାଇଡ୍ ପ୍ରାଇଭେଟ ଲିମିଟେଡ ପ୍ଲଟ, ଏସ୍‌ପି ଅଫିସ ବ୍ୟାକ୍ ସାଇଡ ପ୍ରାଇଭେଟ ଲିମିଟେଡ୍ ପ୍ଲଟ, ଆର୍‌ଡି କଲେଜ, ଆନନ୍ଦ ବଜାର, ଇରିଗେସନ କଲୋନୀ, ଗ୍ରୀଡ୍‌କୋ କଲୋନୀ, ଆଦିବାସୀ ହଷ୍ଟେଲ, ଇଡ୍‌କୋ, ୟୁନିଟ-୯ ଫ୍ଲାଟ, ସରକାରୀ କ୍ୱାର୍ଟସ, ପ୍ରାଇଭେଟ ଲିମିଟେଡ ପ୍ଲଟ୍ ରାଧାକୃଷ୍ଣ ମନ୍ଦିର ନିକଟ ଅଞ୍ଚଳ

**ୱାର୍ଡ ନଂ-୩୦** ଶହୀଦନଗର, ମହର୍ଷି କଲେଜ ଆଣ୍ଡ ପ୍ରାଇଭେଟ ଅଞ୍ଚଳ, ଇଏସ୍ଆଇ ମେଡିକାଲ ଆଣ୍ଡ ଇପିକଲ କଲୋନୀ

**ୱାର୍ଡ ନଂ-୩୧** ବମିଖାଲ ଗ୍ରାମ, କୋଟିଲେଇ ହାଟ, ହୀରା ମୋଟର୍ସ, ଶାରଳା ନଗର, ରିଫ୍ୟୁଜି କଲୋନୀ, ସନ୍ତୋଷୀ ନଗର, କୋଲ ଫ୍ୟାକ୍ଟ୍ରି ଅଞ୍ଚଳ, ନିଗମାନନ୍ଦ ନଗର-୧,୨,୩, ଇର୍ମ୍ମା ଅଞ୍ଚଳ, ମନୋରମା ଆପାର୍ଟମେଣ୍ଟ ଅଞ୍ଚଳ, ମଧୁକୁଞ୍ଜ ଆପାର୍ଟମେଣ୍ଟ, ନେତାଜୀ ବିହାର

**ୱାର୍ଡ ନଂ-୩୨** ଝାରପଡ଼ା ଗ୍ରାମ, ଲକ୍ଷ୍ମୀସାଗର ବ୍ରିଟ୍ କଲୋନୀ (ଷ୍ଟେଜ୍ ୧,୨,୩), ଇଡବ୍ଲ୍ୟୁଏସ୍ କ୍ୱାର୍ଟସ, ଦୁର୍ଗା ମଣ୍ଡପ ବ୍ୟାକ ସାଇଡ୍ ପ୍ରାଇଭେଟ ଅଞ୍ଚଳ, ଝାରପଡ଼ା ହାଇସ୍କୁଲ ଅଞ୍ଚଳ, ବ୍ୟାଙ୍କର୍ସ କଲୋନୀ, ବୈରାଗୀ ନଗର

**ୱାର୍ଡ ନଂ-୩୩** ଶାନ୍ତିନଗର, ଲକ୍ଷ୍ମୀସାଗର ବ୍ରିଟ୍ କଲୋନୀ (ଷ୍ଟେଜ୍-୫), ତନ୍ତ ଆଣ୍ଡ ଅମୁର ଆପାର୍ଟମେଣ୍ଟ, ସତ୍ୟମ ଭିଲା, ବସନ୍ତ ଭିଲା, ଜୟଦୁର୍ଗା ନଗର, ଗାୟତ୍ରୀ ନଗର, ଏକାମ୍ର ସିନେମା ହଲ୍, ଯାତ୍ରୀ ନିବାସ, ଫାଲକନ ମୋଟର୍ସ, ଓକିଲବାଗ, ହଳଦୀ ପଡିଆ ବସ୍ତି (ଅଂଶ), ଲକ୍ଷ୍ମୀସାଗର ପୋଲିସ ଷ୍ଟେଶନ, ଜେଲ ଅଞ୍ଚଳ, ଓପୋଲଫେଡ୍ ଫାର୍ମ

**ୱାର୍ଡ ନଂ-୩୪** ଶାନ୍ତିପଲ୍ଲୀ ବସ୍ତି, ସତ୍ୟନଗର କାଳୀମନ୍ଦିର ଅଞ୍ଚଳ, ପଞ୍ଜାବୀ କଲୋନୀ, ତୋଷାଳୀ ପ୍ଲାଜା ଅଞ୍ଚଳ, ସତ୍ୟନଗର ଏଚ୍‌ବି କଲୋନୀ, ଲୋୟର ପଞ୍ଜାବୀ କଲୋନୀ, ପ୍ରେସ୍ କଲୋନୀ, ବିଗ୍ ବଜାର, ମାଲ୍‌ଗୋଦାମ ଅଞ୍ଚଳ ଓ ଶାନ୍ତି ନଗର

**ୱାର୍ଡ ନଂ-୩୫** ବାୟାବାବା ବସ୍ତି, ଆଇଡିବିଆଇ ବାୟାବାବା ପ୍ରାଇଭେଟ ପ୍ଲଟ, ୟୁନିଟ-୯ ରୋଡ୍ ୧ରୁ ୮, ରେଡକ୍ରସ ଭବନ, କ୍ୟାପିଟାଲ ହାଇସ୍କୁଲ, ସେଣ୍ଟ୍ରାଲ ସ୍କୁଲ, ରାମ ମନ୍ଦିର, ପ୍ରଦର୍ଶନୀ ପଡିଆ, କେଶରୀ ଟକିଜ୍, ନଳିନୀ ଦେବୀ କଲେଜ, ହୋମିଓପାଥି କଲେଜ, ଲେବର କଲୋନୀ, ଲେବର କମିଶନର ଅଫିସ

**ୱାର୍ଡ ନଂ-୩୬** ମଧୁସୂଦନ ନଗର, ରବୀନ୍ଦ୍ର ମଣ୍ଡପ, ରେଡିଓ ସେଣ୍ଟର, ୟୁନିଟ-୪ ମାର୍କେଟ ଅଞ୍ଚଳ, ପୁରୁଣା ଏଜି କଲୋନୀ, ଏମ୍ଏଲ୍ଏ କଲୋନୀ, ଆର୍‌ବିଆଇ ଷ୍ଟାଫ୍ କ୍ୱାର୍ଟସ, ପାର୍ଥସାରଥି କଲ୍ୟାଣ ମଣ୍ଡପ, ୟୁନିଟ-୪ ବାଳିକା ଉଚ୍ଚ ବିଦ୍ୟାଳୟ, ମଧୁସୂଦନ ଜିଏ ପ୍ଲଟ୍ ଅଞ୍ଚଳ, କେଶରୀ ନଗର, ୟୁନିଟ-୪ ଅଞ୍ଚଳ, ଭୁବନେଶ୍ୱର କ୍ଲବ, ୟୁନିଟ-୪ ଅଞ୍ଚଳର ଆଇଭିଆର୍ ଆଣ୍ଡ ଭିଆର୍ କ୍ୱାର୍ଟର୍ସ (ଅଂଶ), ନିକୋ ପାର୍କ ଲେକ୍ ଏରିଆ, ରାମପୁର ବସ୍ତି, ପ୍ରଭା ଆପାର୍ଟମେଣ୍ଟ ଅଞ୍ଚଳ ଏବଂ ବିବେକାନନ୍ଦ ସ୍କୁଲ ଅଞ୍ଚଳ

**ୱାର୍ଡ ନଂ-୩୭** କସ୍ତୁରବା ଲ' କଲେଜ, କୁକୁଡ଼ା ଫାର୍ମ, କଳିଙ୍ଗ ଷ୍ଟାଡିୟମ, ମେଟ୍ରୋ ଆପାର୍ଟମେଣ୍ଟ, ଗୋଲାପ ରିସୋର୍ଟ ଅଞ୍ଚଳ, ନୟାପଲ୍ଲୀ ବେହେରା ସାହି, ତ୍ରିଷ୍ଣା ଆପାର୍ଟମେଣ୍ଟ, ସିଦ୍ଧପଲ୍ଲୀ ବସ୍ତି

**ୱାର୍ଡ ନଂ-୩୮** ମମତାଜ ଅଲ୍ଲୀ ହାଇସ୍କୁଲ, ନୟାପଲ୍ଲୀ ବ୍ରିଟ୍ କଲୋନୀ, ନୟାପଲ୍ଲୀ ଗ୍ରାମ, ଦମୟନ୍ତୀ ଆପାର୍ଟମେଣ୍ଟ, ଲକ୍ଷ୍ମୀନାରାୟଣ ମନ୍ଦିର ଓ ପଞ୍ଚପାଖ ଅଞ୍ଚଳ, ବାଲିତୋଟା ସାହି

**ୱାର୍ଡ ନଂ-୩୯** ନୟାପଲ୍ଲୀ କଲ୍ୟାଣ ମଣ୍ଡପ ଅଞ୍ଚଳ, ନୟାପଲ୍ଲୀ ନୂଆସାହି, ୧୨୦ ଆଇଏନ୍ଏଫ୍ ବାଟାଲିୟନ୍ ଅଞ୍ଚଳ, ଶାସ୍ତ୍ରୀ ନଗର, ଏସ୍‌ବିଆଇ କଲୋନୀ, କଲ୍ୟାଣୀ କୃଷ୍ଣ ନଗର ବସ୍ତି

**ୱାର୍ଡ ନଂ-୪୦** ଫରେଷ୍ଟ ପାର୍କ ଅଞ୍ଚଳ, ୟୁନିଟ-୧, ୟୁନିଟ-୨ ଓ ୩ ସରକାରୀ କ୍ୱାର୍ଟସ, ଆର୍‌ବିଆଇ, ଏସ୍‌ବିଆଇ, ପିଏମ୍‌ଜି, ଯଯାତି ହୋଟେଲ, ମାର୍କେଟ ବିଲ୍ଡିଂ, ଜୟଦେବ ଭବନ, ୟୁନିଟ-୧ ହାଟ, କମଳା ନେହେରୁ ମହିଳା ମହାବିଦ୍ୟାଳୟ, ଆଦିବାସୀ ପ୍ରଦର୍ଶନୀ ପଡିଆ, ୟୁନିଟ-୧ ଷ୍ଟେଟ୍ ବ୍ୟାଙ୍କ, କ୍ୟାପିଟାଲ ଥାନା, ମହିଳା ଥାନା

**ୱାର୍ଡ ନଂ-୪୧** ବାପୁଜୀ ନଗର, କେଦାରପଲ୍ଲୀ, ଅଶୋକ ନଗର, ମାଳି ସାହି, ନୀଳାଚଳ ହସ୍ପିଟାଲ ଅଞ୍ଚଳ, ଏନ୍ଏସି କଲୋନୀ, ଶ୍ରୀୟା କମ୍ପ୍ଲେକ୍ସ ଅଞ୍ଚଳ

**ୱାର୍ଡ ନଂ-୪୨** ହଳଦୀ ପଡିଆ ବସ୍ତି (ଅଂଶ), ଲକ୍ଷ୍ମୀସାଗର ମେଳଣ ପଡିଆ, ପୋଲିସ ଟ୍ରେନିଂ ପଡିଆ ଅଞ୍ଚଳ, ଗୋକୁଳଜେନା କଲୋନୀ ଅଞ୍ଚଳ, ବୁଦ୍ଧନଗର ଓ ବୁଦ୍ଧେଶ୍ୱରୀ ଅଞ୍ଚଳ

**ୱାର୍ଡ ନଂ-୪୩** ପୋଷ୍ଟ ଅଫିସ୍ ଗଳି, ମେହେରପଲ୍ଲୀ, ଲକ୍ଷ୍ମୀସାଗର ଗ୍ରାମ, ଫିସରି ଟ୍ୟାଙ୍କ ଅଞ୍ଚଳ, ତୈଳ ସାହି, ଲକ୍ଷ୍ମୀସାଗର ହାଇ ସ୍କୁଲ, ଭୋଇ ସାହି, ଏମ୍ଆଇଜି କ୍ୱାର୍ଟସ, ଶନି ମନ୍ଦିର ଅଞ୍ଚଳ, ସନ୍ତୋଷୀ ରିଅଲ ଇଷ୍ଟେଟ୍ ଅଞ୍ଚଳ

**ୱାର୍ଡ ନଂ-୪୪** ବଡ଼ଗଡ଼ଗ୍ରାମ, ବଡ଼ଗଡ଼ବ୍ରିଟ(ଅଂଶ), କଳିଙ୍ଗ ବସ୍ତି, ମେଘେଶ୍ୱର ବସ୍ତି, ନଡ଼ିଆ ଫାର୍ମ ଅଞ୍ଚଳ

**ୱାର୍ଡ ନଂ-୪୫** ଚମ୍ପା ପୋଖରୀ, ବିଶ୍ୱାଳ କମ୍ପ୍ଲେକ୍ସ, ଚିନ୍ତାମଣିଶ୍ୱର ମନ୍ଦିର ଅଞ୍ଚଳ, ସବରସାହି, କଳ୍ପନା ଫ୍ଲାଟ, ବିଜେବି ନଗର ହାଟ ଅଞ୍ଚଳ, ବଡ଼ଗଡ଼ କଲ୍ୟାଣ ମଣ୍ଡପ ଅଞ୍ଚଳ

**ୱାର୍ଡ ନଂ-୪୬** ୟୁନିଟ-୬ ପ୍ରାଇଭେଟ ଏରିଆ, ସୂର୍ଯ୍ୟ ନଗର, ୟୁନିଟ-୭ ଅଞ୍ଚଳ, କ୍ୟାପିଟାଲ ହସ୍ପିଟାଲ, ଭେଟେରିନାରି କଲେଜ, ପିଚୁ ପଡିଆ ବସ୍ତି, ପିଡବ୍ଲ୍ୟୁ ବସ୍ତି, ବନଦୁର୍ଗା ମନ୍ଦିର, ୟୁନିଟ-୬ ସ୍କୁଲ ଅଞ୍ଚଳ

**ୱାର୍ଡ ନଂ-୪୭** ଗୋପବନ୍ଧୁ ନଗର, ରାଜ ଭବନ କଲୋନୀ, ଇ ଟାଇପ କ୍ୱାର୍ଟସ, ୨ଆର୍ଏ ଆଣ୍ଡ ୨ଆର୍‌ବି କ୍ୱାର୍ଟର୍ସ, ଏଫ୍ ଟାଇପ୍ କ୍ୱାର୍ଟର୍ସ, ମାଇକ୍ରୋୱେଭ୍ କଲୋନୀ, ଓସିସି କଲୋନୀ, ସିବିଆଇ କଲୋନୀ, ଜୟଦୁର୍ଗା କଲୋନୀ, ପିପିଏଲ୍ କଲୋନୀ, ଏକ୍ସପ୍ରେସ କଲୋନୀ, ଓଏମ୍‌ସି କଲୋନୀ, ଡିପିଆଇ କଲୋନୀ, ୨ଆର୍ଏ କ୍ୱାର୍ଟସ, ସରସ୍ୱତୀ ଶିଶୁ ମନ୍ଦିର ଅଞ୍ଚଳ, ଜଳେଶ୍ୱର ମନ୍ଦିର ପଛ ପାଖ, ଡେଲ୍‌ଟା କଲୋନୀ

**ୱାର୍ଡ ନଂ-୪୮** କୃଷି ବିହାର, ଶିରିପୁର ମାର୍କେଟ ଅଞ୍ଚଳ, ୟୁନିଟ-୮ ସରକାରୀ ହାଇସ୍କୁଲ ଅଞ୍ଚଳ, ଏଗ୍ରିକଲଚର କଲୋନୀ, ପ୍ରିୟଦର୍ଶିନୀ ମାର୍କେଟ, ଷ୍ଟିୱାର୍ଟ ସ୍କୁଲ, ମୁଣ୍ଡା ସାହି ବସ୍ତି, ପାଇକ ନଗର, ପାଇକ ନଗର ବସ୍ତି

**ୱାର୍ଡ ନଂ-୪୯** ଆଇଗିଣିଆ ଗ୍ରାମ, କୋଲଥିଆ ଗ୍ରାମ, ଖଣ୍ଡଗିରି ପାହାଡ଼ ଅଞ୍ଚଳ, ଖାରବେଳ ପାର୍କ ଅଞ୍ଚଳ, ଉଦୟଗିରି, ତପୋବନ ଅଞ୍ଚଳ, ନୂଆ ବସଷ୍ଟାଣ୍ଡ ଅଞ୍ଚଳ, ରୁଚିକା ମାର୍କେଟ ଅଞ୍ଚଳ, ବିଡିଏ କଲୋନୀ (ଅଂଶ), ଜିଏ କ୍ୱାର୍ଟସ, ପାତ୍ରପଡା, ଭଗବାନପୁର ଓ ସ୍ମୃତିବନ

**ୱାର୍ଡ ନଂ-୫୦** ବରମୁଣ୍ଡା ଗ୍ରାମ, ଫାୟାର ଷ୍ଟେଶନ ଅଞ୍ଚଳ, ରାଜଧାନୀ କଲେଜ, ଫାୟାର ଷ୍ଟେସନ ବସ୍ତି ଅଞ୍ଚଳ, କ୍ୟାପିଟାଲ ଫର୍ଡ ଆଣ୍ଡ ବ୍ୟାକ ସାଇଡ ପ୍ରାଇଭେଟ ଲିମିଟେଡ ଅଞ୍ଚଳ, ମଲ୍ଲିକ କମ୍ପ୍ଲେକ୍ସ ଅଞ୍ଚଳ, କ୍ରିଷ୍ଣା ଗ୍ରୀନ ଫେଜ୍-୨, ଗଣ୍ଡମୁଣ୍ଡା ବସ୍ତି, ପାଇକ ନଗର (ଅଂଶ)

**ୱାର୍ଡ ନଂ-୫୧** ପ୍ରଶାନ୍ତି ବିହାର, ପ୍ରକୃତି ବିହାର, ଓୟୁଏଟି ଅଫିସ, ଶତାବ୍ଦୀ ନଗର, ଶିରିପୁର ଭୋଇ ସାହି, ସିଟି ଓମେନ୍ସ କଲେଜ ଆଣ୍ଡ ବ୍ୟାକ୍ ସାଇଡ୍ ପ୍ରାଇଭେଟ ଅଞ୍ଚଳ

**ୱାର୍ଡ ନଂ-୫୨** ଏୟାରପୋର୍ଟ ଷ୍ଟାଫ୍ କ୍ୱାର୍ଟର୍ସ, ଭୀମପୁର ପ୍ରାଇଭେଟ ଅଞ୍ଚଳ, ଭୀମପୁର ଭୋଇ ସାହି, ଗଙ୍ଗନଗର ପଲ୍ଲୀ ବସ୍ତି

**ୱାର୍ଡ ନଂ-୫୩** ଝରଣା ସାହି, ନବୀନ ନିବାସ, ବସନ ଆପାର୍ଟମେଣ୍ଟ ଲେନ୍-୧ ରୁ ପୁନମା ଗେଟ୍ ଅଞ୍ଚଳ, କୁକୁଟେଶ୍ୱର ମନ୍ଦିର ଅଞ୍ଚଳ ଓ ଲେପର୍ସି କଲୋନୀ ଅଞ୍ଚଳ, ପଳାଶପଲ୍ଲୀ, କେଳା ସାହି ବସ୍ତି

**ୱାର୍ଡ ନଂ-୫୪** ଜ୍ଞାନନଗର, ବଡୁସାହି, ବିନ୍ଦୁସାଗର ପୋଖରୀ, ରାମେଶ୍ୱର ପାଟଣା, ବାରିକସାହି, କୁଞ୍ଜପାଟଣାସାହି, ମିଶ୍ରସାହି, ପୂଜାପଣ୍ଡାସାହି, ମଙ୍ଗଳା ସାହି, ବେହେରାସାହି, ଚେମେଡି ଭୋଇ ସାହି, ଦର୍ଜୀ ସାହି, ଲିଙ୍ଗରାଜ ନଗର, ଡାକବଙ୍ଗଳା ସାହି, ହରଚଣ୍ଡୀ ସାହି, ନାରଦ ସାହି

**ୱାର୍ଡ ନଂ-୫୫** ନାଗେଶ୍ୱର ଟାଙ୍ଗୀ, ଗୌତମ ନଗର, ଗୋସାଗରେଶ୍ୱର ଅଞ୍ଚଳ, ବିଏମ୍‌ସି ହନୁମାନ ମନ୍ଦିର ଅଞ୍ଚଳ, ଅଳକାପୁରୀ କଲୋନୀ ଏବଂ ୱେଷ୍ଟର୍ନ ସାଇଡ୍ ବିନ୍ଦୁସାରଗର ଅଞ୍ଚଳ

**ୱାର୍ଡ ନଂ-୫୬** ବିଜେବି ନଗର, ଗଧିଆ ଖାଲ, ମହିଁଷିଆ ଖାଲ, ମ୍ୟୁଜିୟମ କଲୋନୀ, ବିଜେବି ନଗର କ୍ୱାର୍ଟସ ଅଞ୍ଚଳ, ବିଜେବି ପ୍ରାଇଭେଟ ପ୍ଲଟ

**ୱାର୍ଡ ନଂ-୫୭** ବଡ଼ଗଡ଼ ବ୍ରିଟ୍ କଲୋନୀ (ଅଂଶ), ତାରିଣୀ ବସ୍ତି, ପାଣ୍ଡବ ନଗର, କୋର୍ଟ କଲୋନୀ, ଭାସ୍କରେଶ୍ୱର ମନ୍ଦିର, ବଡ଼ଗଡ଼ ପୋଲିସ ଷ୍ଟେଶନ

**ୱାର୍ଡ ନଂ-୫୮** ବ୍ରହ୍ମେଶ୍ୱର ମନ୍ଦିର ଓ ପ୍ରାଇଭେଟ ଅଞ୍ଚଳ, ରତ୍ନାକର ବାଗ, ଟଙ୍କପାଣି ରୋଡ, ତିଲିପୋଖରୀ, ରାଜାରାଣୀ କଲୋନୀ, କେଦାର ଗୌରୀ ଆପାର୍ଟମେଣ୍ଟ, ରାଧାକୃଷ୍ଣ ନଗର, ଭୁଆସୁଣୀ ମନ୍ଦିର ଅଞ୍ଚଳ

**ୱାର୍ଡ ନଂ-୫୯** ଶ୍ରୀରାମ ନଗର ଅଞ୍ଚଳ, ସାମନ୍ତରାପୁର, ନୂଆଗାଁ, ଗ୍ୟାରେଜ ଛକ ଅଞ୍ଚଳ, ଗୌରୀ ନଗର, କୋଟିତୀର୍ଥ ପୋଖରୀ ଅଞ୍ଚଳ, ଅନନ୍ତ ବାସୁଦେବ ମନ୍ଦିର ଅଞ୍ଚଳ, କେଦାର ଗୌରୀ ମନ୍ଦିର ଅଞ୍ଚଳ

**ୱାର୍ଡ ନଂ-୬୦** ନାରାୟଣୀ ମନ୍ଦିର, ମ୍ୟୁନିସିପାଲ ଫ୍ଲାଟ, ପରକରଣ ସାହି, ଖରାଖିଆ ବୈଦ୍ୟନାଥ ସାହି, ଶାସନ ପଡ଼ିଆ, କେଦାର ଲେନ, ବଶିଷ୍ଠ ନଗର, ହାଟ ସାହି, ଭୀମଟାଙ୍ଗୀ ପୋଷ୍ଟ ଅଫିସ ଆଣ୍ଡ ପ୍ରାଇଭେଟ ପ୍ଲଟ, କପିଳେଶ୍ୱର, ହରିପୁର ପାଟଣା, ପାଟଣା ସାହି, ଗଙ୍ଗୁଆ ଭୋଇସାହି,

**ୱାର୍ଡ ନଂ-୬୧** ଭୀମଟାଙ୍ଗୀ ହାଉସିଂ ବୋର୍ଡ, ବାଉଁଶଖଣି ଅଞ୍ଚଳ, ପୁନମା ଗେଟ୍ ଅଞ୍ଚଳ, ନାରାୟଣୀ କ୍ଲବ ଅଞ୍ଚଳ, ଷ୍ଟେଟ ବ୍ୟାଙ୍କ ଛକ ଅଞ୍ଚଳ, କାଳି ଗାଡ଼ିଆ ଶ୍ମଶାନ ଅଞ୍ଚଳ, ବର୍ଷା ପ୍ଲାଜା, ଖଣ୍ଡୁଆଳ ବସ୍ତି

**ୱାର୍ଡ ନଂ-୬୨** ପୋଖରୀପୁଟ, ଲିଙ୍ଗରାଜ ବିହାର, କାର୍ଗିଲ ବସ୍ତି, ଡିଏଭି ସ୍କୁଲ ଅଞ୍ଚଳ, ସତ୍ୟସାଇ ମହିଳା କଲେଜ ଅଞ୍ଚଳ, ଅନନ୍ତ ବିହାର, ତାଳବଣି ଲେନ୍ ୧-୫ ଅଞ୍ଚଳ

**ୱାର୍ଡ ନଂ-୬୩** ଧର୍ମବିହାର, ବରବାରୀ, ଜାଗମରା ଗ୍ରାମ, ଜଗମୋହନ ନଗର, ଖଣ୍ଡଗିରି ପୋଲିସ ଷ୍ଟେଶନ, କ୍ରିଷ୍ଣା ଗ୍ରୀନ ଫେଜ୍-୧, ସିଦ୍ଧି ବିହାର

**ୱାର୍ଡ ନଂ-୬୪** ଯଦୁପୁର ଭିଲେଜ, ବେଗୁନିଆ ଡୁମୁଡୁମା ଗ୍ରାମ, ପଞ୍ଚସଖୀ ନଗର, କସ୍‌ମୋପଲି, ଆଇଟିଇଆର କଲେଜ, ପବନୀ କମ୍ପ୍ଲେକ୍ସ, ନୀଳାଦ୍ରିନଗର, ପେଟ୍ରୋଲପମ୍ପ ବ୍ୟାକ୍‌ସାଇଡ୍ ପ୍ରାଇଭେଟ୍ ଅଞ୍ଚଳ

**ୱାର୍ଡ ନଂ-୬୫** ଡୁମୁଡୁମା ଫେଜ୍-୧,୨,୪,୫, ସୁଭାଷ ନଗର ସ୍ଲମ୍, କାନ୍ନୁଂଗୋ ଡାଇବେଟିସ୍ ହସ୍ପିଟାଲ, ଏକ୍ସ-ମିଲିଟାରିକଲୋନୀ, ପାତ୍ରପଡା, ଭଗବାନପୁର, କେ-୯

**ୱାର୍ଡ ନଂ-୬୬** ରଘୁନାଥନଗର ବସ୍ତି, ଶୁକ ବିହାର ବସ୍ତି, ସତ୍ୟନଗର ପ୍ରାଇଭେଟ ଅଞ୍ଚଳ (ଦକ୍ଷିଣ ଅଂଶ), ଅଳିଆ ସାହି, ଡୁମୁଡୁମା ଫେଜ୍-୩ ଅଞ୍ଚଳ

**ୱାର୍ଡ ନଂ-୬୭** ଏକାମ୍ର କଲେଜ, ଏୟାର ଫିଲ୍ଡ ପୋଲିସ ଷ୍ଟେଶନ ଅଞ୍ଚଳ, ଅଭିରାମ ବସ୍ତି, ଲେପର୍ସି କଲୋନୀ, କପିଳପ୍ରସାଦ ଗ୍ରାମ, କପିଳପ୍ରସାଦ ବିଡିଏ କଲୋନୀ ଅଞ୍ଚଳ, ଆଜାଦ ନଗର, ଯୋଗେଶ୍ୱର ପାଟଣା, ସୁନ୍ଦରପଦା ଗ୍ରାମ

# 'ଟେକ୍ ଫଗ୍ ଭାଜପାର ଘୃଣା ଫ୍ୟାକ୍ଟ୍ରି'

**ନୂଆଦିଲ୍ଲୀ,୮।୧**

ଭାଜପା ଘୃଣାର ଅନେକ କାରଖାନା ଖୋଲିଛି। ଟେକ୍ ଫଗ୍ ଆପ୍ ସେଥିରୁ ଅନ୍ୟତମ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର ଅଭିଯୋଗ କରିଛନ୍ତି। ଏତେ ପରିମାଣରେ ଘୃଣା କେଉଁଠୁ ଆସୁଛି, ଏନେଇ ସମଗ୍ର ଦେଶ ଆଶ୍ଚର୍ଯ୍ୟ ହେଉଛି। ବୁଲ୍ଲି ବାଇ ଆପ୍‌ରେ ଏକ ନିର୍ଦ୍ଦିଷ୍ଟ ଧର୍ମର ମହିଳାମାନଙ୍କୁ ଟାର୍ଗେଟ କରାଯାଉଛି। ଏହି ମାମଲାର ମୁଖ୍ୟ ଅଭିଯୁକ୍ତଙ୍କ ବୟସକୁ ଦେଖିଲେ



ରାହୁଲ ଗାନ୍ଧୀ

ଏତେ ହିଂସା କେଉଁଠୁ ଆସିଛି ବୋଲି ପ୍ରଶ୍ନ ଉଠିଥିଲା। ବାସ୍ତବରେ ଭାଜପା ଅନେକ ଘୃଣା କାରଖାନା ସ୍ଥାପନ କରିଛି। ଟେକ୍ ଫଗ୍ ସେହି କାରଖାନା ମଧ୍ୟରୁ ଅନ୍ୟତମ ବୋଲି ରାହୁଲ ଟୁଇଟ୍ କରିଛନ୍ତି। ଟେକ୍ ଫଗ୍ ଆପ୍ ଭାଜପା ପାଇଁ ସହାୟକ ହେଉଛି। ଏହା ହିଂସାର ପ୍ରସାର ଲାଗି ସାଇବର ସେନାକୁ ବଳ ଯୋଗାଉଛି ବୋଲି ଖବର ପ୍ରକାଶ ପାଇଥିଲା। ଏହି ଆପ୍ ଉପରେ କଂଗ୍ରେସ ସରକାରଙ୍କୁ ଜବାବ ମାଗିବା ସହ ସୁପ୍ରିମକୋର୍ଟ ଏଥିରେ ହସ୍ତକ୍ଷେପ କରିବାକୁ ଦାବି କରିଛି। ସୂଚନାଯୋଗ୍ୟ, ବୁଲ୍ଲି ବାଇ ଆପ୍‌ରେ ଶହ ଶହ ମୁସଲମାନ ମହିଳାଙ୍କ ଫଟୋରେ ଜାଲିଆତି କରାଯାଇ ଏହାକୁ ନିଲାମ ପାଇଁ ଅପ୍‌ଲୋଡ୍ କରାଯାଇଥିଲା।

# ଢିଙ୍କିଆରେ ହେବନି ପଞ୍ଚାୟତ ନିର୍ବାଚନ

## ପ୍ରକାଶ ପାଇଲା ଗେଜେଟ୍ ବିଜ୍ଞପ୍ତି

**ଭୁବନେଶ୍ୱର, ୮।୧(ବ୍ୟୁରୋ)**

ରାଜ୍ୟ ସରକାର ପଞ୍ଚାୟତ ନିର୍ବାଚନର ସମସ୍ତ ଚୂଡ଼ାନ୍ତ ତାଲିକା ରାଜ୍ୟ ନିର୍ବାଚନ କମିଶନରଙ୍କୁ ଦେଇଥିବା ବେଳେ ଶନିବାର ଗେଜେଟ୍ ବିଜ୍ଞପ୍ତି ଜାରି କରିଛନ୍ତି। ଓଡ଼ିଶା ଗ୍ରାମ ପଞ୍ଚାୟତ ଆକ୍ଟର ଧାରା ୧୨ର ରୁଲ୍ ୧୩ ଅନୁସାରେ ଜାନୁୟାରୀ ୮ରେ ବିଜ୍ଞପ୍ତି ଜାରି ନିମନ୍ତେ ଓଡ଼ିଶା ହାଇକୋର୍ଟ ଡିସେମ୍ବର ୨୨ରେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଶନିବାର ଏନେଇ ୩ଟି ଗେଜେଟ୍ ବିଜ୍ଞପ୍ତି ଜାରି ହୋଇଛି। ଏଥିରେ ଓଡ଼ିଶା ଜିଲା ପରିଷଦ ଆକ୍ଟ-୧୯୯୧ର ଧାରା ୧୭ ଅନୁସାରେ ସମସ୍ତ ଜିଲା ପରିଷଦରେ ସଭ୍ୟ ନିର୍ବାଚନ କରିବାକୁ ସମ୍ମତି ଦେଇଛନ୍ତି। ସେହିପରି ଓଡ଼ିଶା ପଞ୍ଚାୟତ ସମିତି ଆକ୍ଟ-୧୯୫୯ ଏବଂ ଓଡ଼ିଶା ପଞ୍ଚାୟତ ସମିତି ନିର୍ବାଚନ ରୁଲ୍‌ସ-୧୯୯୧ର ରୁଲ୍-୪(୧) ଅନୁସାରେ ସମସ୍ତ ପଞ୍ଚାୟତ ସମିତିରେ ସଭ୍ୟଙ୍କ ନିର୍ବାଚନ କରିବାକୁ ସରକାର ଘୋଷଣା କରିଛନ୍ତି। ସେହିପରି ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ-୧୯୬୪ର ଧାରା-୧୨(୧ ଓ ୨), ଓଡ଼ିଶା ଗ୍ରାମ ପଞ୍ଚାୟତ ନିର୍ବାଚନ ନିୟମ-୧୯୬୫ର ରୁଲ୍ ୧୩ ଅନୁସାରେ ରାଜ୍ୟ ସରକାର କେବଳ ଜଗତ୍‌ସିଂହପୁର ଜିଲାର ଏରସମା ବ୍ଲକ ଅନ୍ତର୍ଗତ ଢିଙ୍କିଆ ପଞ୍ଚାୟତକୁ ଛାଡ଼ି ଓଡ଼ିଶାର ଅନ୍ୟ ସମସ୍ତ ପଞ୍ଚାୟତରେ ୱାର୍ଡ ସଭ୍ୟ ଓ ପଞ୍ଚାୟତ ନିର୍ବାଚନ ଲାଗି ଘୋଷଣା କରିଛନ୍ତି। ରାଜ୍ୟର ମୋଟ ୯୧,୯୧୩ ୱାର୍ଡମେମ୍ବର, ୬,୭୯୪ଟି ପଞ୍ଚାୟତର ସରପଞ୍ଚ, ୬,୭୯୧ ପଞ୍ଚାୟତ ସମିତି ସଭ୍ୟ ଓ ୮୫୩ଟି ଜିଲା ପରିଷଦ ସଭ୍ୟ ନିମନ୍ତେ ଗ୍ରାମାଞ୍ଚଳର ୨.୬୨ କୋଟି ଭୋଟର ନିଜ ମତାଧିକାର ସାବ୍ୟସ୍ତ କରିବେ।

# ଆମାଜନରେ ବିକ୍ରି ହେବ ସ୍ୱାଭିମାନ ଅଞ୍ଚଳର ହଳଦୀ

**ମାଲକାନଗିରି,୮।୧ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳର ଉତ୍ପାଦିତ ହଳଦୀ ଆମାଜନରେ ବିକ୍ରି ହେବ। ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଞ୍ଚଳରେ ବାର୍ଷିକ ୫୦ ଟନରୁ ଊର୍ଦ୍ଧ୍ୱ ହଳଦୀ ଅମଳ ହେଉଛି। ସ୍ୱାଭିମାନ ଅଞ୍ଚଳବାସୀଙ୍କୁ ସ୍ୱାବଲମ୍ବୀ କରିବା ଲାଗି ପ୍ରାୟ ୫ କୋଟି ଟଙ୍କାର ହଳଦୀ ପ୍ରକଳ୍ପ ହେବ। ୧୦ କୋଟି ଟଙ୍କା ବ୍ୟୟରେ କୃଷିଭିତ୍ତିକ ଶିଳ୍ପ ସ୍ଥାପନ କରାଯିବ। ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଶନିବାର ଜିଲାପାଳ ବିଶାଳ ସିଂ କହିଛନ୍ତି।

ଏନେଇ ସୂଚନା ଦେଇ ଜିଲାପାଳ କହିଛନ୍ତି ଯେ, ସ୍ୱାଭିମାନ ଅଞ୍ଚଳରେ ଆଦିବାସୀମାନେ ସୁଆଁ, ଅଳସୀ, ମାଣ୍ଡିଆ ଭଳି ଅନ୍ୟାନ୍ୟ ଚାଷ କିଭଳି କରିବା ସହ ଉତ୍ପାଦିତ ଶସ୍ୟକୁ ସଂରକ୍ଷିତ ରଖିବେ ସେଥିପାଇଁ ଶୀତଳ ଭଣ୍ଡାର ସ୍ଥାପନ କରାଯିବ। ମିଶନ



ସ୍ୱାଭିମାନ ଅଞ୍ଚଳର ପଣସପୁଟରେ ହୋଇଥିବା ହଳଦୀ ଚାଷ।

ଶକ୍ତି ଜରିଆରେ ମହିଳାଙ୍କୁ ଛୋଟ ଛୋଟ ମିଲ୍ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ୫ଟି ବଡ ୟୁନିଟ ପ୍ରତିଷ୍ଠା କରାଯିବ। ହଳଦୀ ଚାଷ ପାଇଁ ଚାଷୀଙ୍କୁ ସ୍ୱତନ୍ତ୍ର ହାଇବ୍ରିଡ୍ ହଳଦୀ ମଞ୍ଜି ଯୋଗାଇ ଦିଆଯିବ। ସମସ୍ତ ଚାଷୀ ସେତୁ ଯୋଜନାରେ ତାଲିମ ନେବେ। କନ୍ଧମାଳ ଅପେକ୍ଷା ମାଲକାନଗିରି ହଳଦୀ ଆହୁରି ଉନ୍ନତମାନର ହୋଇଥିବାରୁ ସ୍ୱତନ୍ତ୍ର ପ୍ୟାକିଂ ୟୁନିଟ ପ୍ରତିଷ୍ଠା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ହଳଦୀର ପ୍ରଚାରପ୍ରସାର ଇଣ୍ଟରନେଟ ମାଧ୍ୟମରେ କରାଯିବ। ଆମାଜନ କମ୍ପାନୀ ଦ୍ୱାରା ବିଶ୍ୱ ବଜାରରେ ଏହାକୁ ବିକ୍ରି କରାଗଲେ ଚାଷୀ ଲାଭବାନ ହୋଇପାରିବେ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି।

# ପୁରୀ ଜିଲା ବାହାର ଲୋକଙ୍କୁ ସ୍ୱର୍ଗଦ୍ୱାର ମନା

**ପୁରୀ ଅଫିସ,୭।୧**

କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ସ୍ୱର୍ଗଦ୍ୱାରରେ ଶବଦାହ ଉପରେ କଟକଣା ଲାଗୁ ହୋଇଛି। ପୁରୀ ଜିଲା ବାହାର ବ୍ୟକ୍ତିଙ୍କ ଶବଦାହ କିମ୍ବା ଅସ୍ଥି ବିସର୍ଜନ ସମୁଦ୍ରରେ ହୋଇପାରିବ ନାହିଁ। କେବଳ ସହର ତଥା ଜିଲାର ଲୋକଙ୍କୁ ସ୍ୱର୍ଗଦ୍ୱାରରେ ଶବଦାହ ଲାଗି ଅନୁମତି ମିଳିବ। ପରିଚୟପତ୍ର ଓ ବାସସ୍ଥାନ ପ୍ରମାଣପତ୍ର ଦେଖାଇ ବାସିନ୍ଦାମାନେ ସ୍ୱର୍ଗଦ୍ୱାରରେ ଶବଦାହ କରିପାରିବେ। କେହି ପୁରୀ ସହର କିମ୍ବା ଜିଲାରେ ଭଡ଼ାଘର ନେଇ ରହୁଥିଲେ ସେମାନଙ୍କୁ ମଧ୍ୟ ଶବଦାହ ଲାଗି ଅନୁମତି ମିଳିବ। ମାତ୍ର ଏଥିପାଇଁ ଘର ମାଲିକଙ୍କର ଲିଖିତ ଅନୁମତି ଓ ଅନ୍ୟ ପ୍ରମାଣ ଦେବାକୁ ପଡ଼ିବ ବୋଲି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଶୀଘ୍ର ଘୋଷଣା...

ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା କରିଛନ୍ତି। କୋଭିଡ୍ ପ୍ରୋଟୋକଲ ମଧ୍ୟରେ ନିର୍ବାଚନ କରାଯିବା ନେଇ ସରକାରଙ୍କ ପକ୍ଷରୁ ଏକ ପ୍ରକାର ସବୁଜ ସଙ୍କେତ ମିଳିଥିବା ବୈଠକରୁ ଜଣାପଡିଛି। ନାମାଙ୍କନ ପତ୍ର ଦାଖଲ, ନିର୍ବାଚନ ସାମଗ୍ରୀ ବିତରଣ କେନ୍ଦ୍ର, ପ୍ରଚାର ଓ ଭୋଟ ଗଣତି ସମୟରେ ହେବାକୁ ଥିବା ଭିଡ଼କୁ ନିୟନ୍ତ୍ରଣ କରିବାକୁ କ'ଣ ସବୁ ପଦକ୍ଷେପ ନିଆଯିବ ସେ ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ଏଥିସହିତ ଯେଉଁ କର୍ମଚାରୀମାନେ ନିର୍ବାଚନ ପରିଚାଳନା କାର୍ଯ୍ୟର ଆଗଧାଡିରେ ରହୁଛନ୍ତି ସେମାନଙ୍କୁ ଡବଲ ଡୋଜ୍ ଟିକା ଦେବାକୁ ନିର୍ବାଚନ କମିଶନର ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। କୋଭିଡ୍ ସ୍ଥିତିର ତର୍ଜମା ପରେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ଏସ୍‌ଇସି ସୂଚନା ଦେଇଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆର.କେ. ଶର୍ମା, ରାଜ୍ୟ ନିର୍ବାଚନ କମିଶନରଙ୍କ ସଚିବ ରବୀନ୍ଦ୍ର ନାଥ ସାହୁ, ସ୍ୱତନ୍ତ୍ର ସଚିବ ରଘୁରାମ ଆର. ଆୟାର ଏବଂ ଉପ ସଚିବ ଆଜାଦ ହିନ୍ଦ୍ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିମାନବନ୍ଦରରେ ଯାତ୍ରୀ ସଂଖ୍ୟା ହ୍ରାସ

**ଭୁବନେଶ୍ୱର, ୮।୧(ବ୍ୟୁରୋ)**

କରୋନା ଯୋଗୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଯାତ୍ରୀ ସଂଖ୍ୟା ହ୍ରାସ ପାଇଛି। ଏ ନେଇ ଶନିବାର ବିମାନବନ୍ଦର ନିର୍ଦ୍ଦେଶକ ପ୍ରଭାତ ରଞ୍ଜନ ବେଉରିଆ ସୂଚନା ଦେଇଛନ୍ତି। ତାଙ୍କ ସୂଚନାନୁଯାୟୀ, ଗତ ସପ୍ତାହରେ ବିମାନ ବନ୍ଦରରେ ଦୈନିକ ହାରାହାରି ୧୨ ହଜାର ଯାତ୍ରୀ ଯାତାୟାତ ହେଉଥିଲା। କିନ୍ତୁ ଏବେ ତାହା ୭ରୁ ୮ ହଜାରକୁ ଖସି ଆସିଛି। ବର୍ତ୍ତମାନ ଭୁବନେଶ୍ୱର ବିମାନବନ୍ଦରକୁ କୌଣସି ଆନ୍ତର୍ଜାତିକ ବିମାନ ଆସୁନାହିଁ। ଏବେ ଏଠାକୁ ଦୈନିକ ୩୮ଟି ବିମାନ ଆସୁଛି ଓ ଏଠାରୁ ୩୮ଟି ବିମାନ ଯାଉଛି। ତେବେ କରୋନା ପାଇଁ ବିମାନବନ୍ଦରରେ ସବୁ ପ୍ରକାରର ସତର୍କତା ପାଳନ କରାଯାଉଛି। ବିମାନବନ୍ଦରରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)



ବିମାନ ବନ୍ଦରରେ ଓଡ଼ିଶା ଆସିଥିବା ଯାତ୍ରୀମାନଙ୍କର ଆର୍‌ଟି-ପିସିଆର ଟେଷ୍ଟ କରାଯାଉଛି।

ପକ୍ଷରୁ ଯାତ୍ରୀଙ୍କ ଆର୍‌ଟି-ପିସିଆର୍ ଟେଷ୍ଟ ପାଇଁ ସବୁ ସୁବିଧା ଯୋଗାଇ ଦିଆଯାଇଥିବା ନିର୍ଦ୍ଦେଶକ କହିଛନ୍ତି।

ସୂଚନାଯୋଗ୍ୟ, ବିଏମ୍‌ସିର ନୂଆ ନିର୍ଦ୍ଦେଶନାମା ଅନୁସାରେ ଯେଉଁ ଯାତ୍ରୀମାନେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବାର ୭୨ ଘଣ୍ଟା ପୂର୍ବରୁ କରୋନା ପରୀକ୍ଷା କରିଥିବେ, ସେମାନଙ୍କର ଆଉ ଟେଷ୍ଟ ଦରକାର ନାହିଁ। ନଚେତ୍ ସେମାନେ ଆର୍‌ଟିପିସିଆର୍ ଟେଷ୍ଟ କରାଇବାକୁ ବାଧ୍ୟ। ଡବଲ୍ ଡୋଜ୍ ଟିକା ନେଇଥିଲେ ବି ୭୨ ଘଣ୍ଟା ପୂର୍ବର ଆର୍‌ଟିପିସିଆର୍ ରିପୋର୍ଟ ନ ଥିଲେ, ଯାତ୍ରୀଙ୍କର ଏଠାରେ କରୋନା ପରୀକ୍ଷା କରାଯିବ। ଶନିବାର ମଧ୍ୟ ବିଏମ୍‌ସି ପକ୍ଷରୁ ବିମାନବନ୍ଦରରେ ଯାତ୍ରୀଙ୍କର କରୋନା ଟେଷ୍ଟ କରାଯାଇଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୦,୪୪,୮୯,୫୦୭ | ୫୫,୦୦,୧୯୮ | ୨୫,୮୫,୬୭,୩୩୧ |
| ଭାରତ | ୩,୫୩,୬୮,୩୭୨ | ୪,୮୩,୪୬୩ | ୩,୪୪,୧୨,୭୪୦ |
| ଓଡ଼ିଶା | ୧୦,୬୬,୧୫୫ | ୮୪୬୮(+୫୩) | ୧୦,୪୬,୨୩୧ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ମାସ୍କ ପରିଧାନ, ଭିଡ଼ ନିୟନ୍ତ୍ରଣକୁ ଗୁରୁତ୍ୱ

ଖୋର୍ଦ୍ଧା ଅଫିସ,୮।୧

ଖୋର୍ଦ୍ଧା ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଛି। ଏନେଇ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶନିବାର ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ବ୍ୟବସାୟୀ ସଂଘ ସହ ଆଲୋଚନା ହୋଇଛି। ମାସ୍କ ପରିଧାନ, ସାମାଜିକ ଦୂରତ୍ୱ ଓ ଭିଡ଼ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଛି। ପୌର ନିର୍ବାହୀ ଅଧିକାରୀ ତଥା ଉପଜିଲାପାଳ ଆଇ ଗୌରବ ଶିବାଜୀ, ତହସିଲଦାର ଈପସିତ ସାହୁ ବ୍ୟବସାୟୀଙ୍କ ସହ ଆଲୋଚନା କରିଥିଲେ। ପରିବା ବ୍ୟବସାୟୀ ମାନେ ଯୁଗ୍ମ ଅଯୁଗ୍ମ( ଦିନେ ଛଡା ଦିନେ) ଆଧାରରେ ପରିବା ଦୋକାନ ଖୋଲିବେ। ଜଣେ ବେପାରୀ ଅନ୍ୟ ଠାରୁ ୨ ଫୁଟ ଦୂରତା ରଖିବେ। ମାସ୍କ ପରିଧାନ ସହ ସାନିଟାଇଜ ରଖିବେ। ବିନା ମାସ୍କଧାରୀଙ୍କୁ ପରିବା ଦେବେ ନାହିଁ। ବ୍ୟବାସାୟୀ ସଂଘ ମାନେ ଭିଡ଼ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେବେ। ସମସ୍ତ ବେପାରୀ ମାସ୍କ ପରିଧାନ ବାଧ୍ୟତାମୂଳକ ରହିବ। ଗାଇଡଲାଇନ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହ ବଜାରରେ ଭିଡ ନିୟନ୍ତ୍ରଣ ଲାଗି ରାସ୍ତାର ଉଭୟ ପାର୍ଶ୍ୱରେ ପରିବା ଏବଂ ଅନ୍ୟାନ୍ୟ ବ୍ୟବସାୟ କରୁଥିବା ବେପାରୀଙ୍କୁ ହାବେଳି ପଡିଆ, ଲୋକେଶ୍ୱର ଏବଂ ଗୁରୁଜଙ୍ଗ ମେଲଣ ପଡିଆରେ ଥଇଥାନ କରାଯିବ। ପୌର ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇଥିବା ସ୍ଥାନରେ ବେପାର କରିବେ। ସେହିଭଳି ହାବେଳି ସ୍ଥିତ ଅସ୍ଥାୟୀ ପରିବା ହାଟ, ଟିଏଲସି ରୋଡରେ ଥିବା ମାଛ ବ୍ୟବସାୟୀମାନେ ମଧ ମାସ୍କ ଏବଂ ସାମାଜିକ ଦୂରତା ରଖି ବେପାର କରିବେ। କୌଣସି ବେପାରୀ ଥଣ୍ଡା, ଜ୍ୱର ପୀଡିତ ଥିଲେ ଡାକ୍ତରଙ୍କ ପରାମର୍ଶ ସହ ପରୀକ୍ଷା କରିବେ। ବ୍ୟବସାୟୀ ସଂଘ କର୍ମକର୍ତ୍ତା ଏଥିପ୍ରତି ଦୃଷ୍ଟି ଦେବେ।


ବୈଠକରେ ପ୍ରଶାସନିକ ଅଧିକାରୀ ଓ ବ୍ୟବସାୟୀ ସଂଘର କର୍ମକର୍ତ୍ତାମାନେ।

## ମାନୁନାହାନ୍ତି କୋଭିଡ୍ କଟକଣା

ବେଗୁନିଆ,୮।୧(ଡି.ଏନ୍.ଏ.)
ରାଜ୍ୟରେ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ସଂକ୍ରମଣ ରୋକିବା ନେଇ ସରକାରଙ୍କ ପକ୍ଷରୁ କଟକଣା କଡ଼ାକଡ଼ି କରାଯାଇଛି। ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ କେତେଜଣ ଅମାନିଆ କଟକଣା ମାନୁ ନ ଥିବା ଦେଖିବାକୁ ମିଳିଛି। ବ୍ଲକ ଅଞ୍ଚଳର ସାପ୍ତାହିକ ହାଟ, ଫୁଟବଲ ଓ କ୍ରିକେଟ ଟୁର୍ନାମେଣ୍ଟ, ସଭା ସମିତିରେ ଅମାନିଆମାନେ ମାସ୍କ ପରିଧାନ କରୁ ନ ଥିବାବେଳେ ସାମାଜିକ ଦୂରତ୍ୱ ରହୁନାହିଁ। ଆଗକୁ ସଂକ୍ରମଣ ବ୍ୟାପିବା ଆଶଙ୍କା ରହିଛି। ଅନ୍ୟପକ୍ଷରେ ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ସଚେତନତା କରାଯାଇ ନ ଥିବା ଜଣାପଡ଼ିଛି। ସୂଚନାଥାଉ କି, ୩ୟ ଲହରରେ ବ୍ଲକ ଅଞ୍ଚଳର ଜଣେ ବୃଦ୍ଧା ସଂକ୍ରମିତ ହୋଇ ହୋମ ଆଇସୋଲେଶନରେ ରହି ଚିକିତ୍ସିତ ହେଉଛନ୍ତି। ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଥାନା, ତହସିଲ ଓ ବ୍ଲକ କାର୍ଯ୍ୟାଳୟ ପରିସରରେ ମାସ୍କ ବ୍ୟବହାର ଉପରେ କଟକଣା କଡାକଡି କରାଯାଉ ନାହିଁ। ବିଭିନ୍ନ ବ୍ୟାଙ୍କ ଗ୍ରାହକ ସେବା କେନ୍ଦ୍ରରେ ନାହିଁ ନ ଥିବା ଭିଡ଼ ହେଉଛି। ତେବେ ଆଗକୁ ସଂକ୍ରମଣ ବୃଦ୍ଧିକୁ ରୋକିବାରେ ପ୍ରଶାସନ ବିଫଳ ହେବ ବୋଲି ବୁଦ୍ଧିଜୀବୀଙ୍କ ମହଲରେ ଚର୍ଚ୍ଚା ହେଉଛି।

# ‘ଟେକ୍ ଫଗ୍ ଭାଜପାର ଘୃଣା ଫ୍ୟାକ୍ଟ୍ରି’

ନୂଆଦିଲ୍ଲୀ,୮।୧


ରାହୁଲ ଗାନ୍ଧୀ

ଭାଜପା ଘୃଣାର ଅନେକ କାରଖାନା ଖୋଲିଛି। ଟେକ୍ ଫଗ୍ ଆପ୍ ସେଥିରୁ ଅନ୍ୟତମ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର ଅଭିଯୋଗ କରିଛନ୍ତି। ଏତେ ପରିମାଣରେ ଘୃଣା କେଉଁଠୁ ଆସୁଛି, ଏନେଇ ସମଗ୍ର ଦେଶ ଆଶ୍ଚର୍ଯ୍ୟ ହେଉଛି। ବୁଲ୍ଲି ବାଇ ଆପ୍‌ରେ ଏକ ନିର୍ଦ୍ଦିଷ୍ଟ ଧର୍ମର ମହିଳାମାନଙ୍କୁ ଟାର୍ଗେଟ କରାଯାଉଛି। ଏହି ମାମଲାର ମୁଖ୍ୟ ଅଭିଯୁକ୍ତଙ୍କ ବୟସକୁ ଦେଖିଲେ ଏତେ ହିଂସା କେଉଁଠୁ ଆସିଛି ବୋଲି ପ୍ରଶ୍ନ ଉଠିଥିଲା। ବାସ୍ତବରେ ଭାଜପା ଅନେକ ଘୃଣା କାରଖାନା ସ୍ଥାପନ କରିଛି। ଟେକ୍ ଫଗ୍ ସେହି କାରଖାନା ମଧ୍ୟରୁ ଅନ୍ୟତମ ବୋଲି ରାହୁଲ ଟୁଇଟ୍ କରିଛନ୍ତି। ଟେକ୍ ଫଗ୍ ଆପ୍ ଭାଜପା ପାଇଁ ସହାୟକ ହେଉଛି। ଏହା ହିଂସାର ପ୍ରସାର ଲାଗି ସାଇବର ସେନାକୁ ବଳ ଯୋଗାଉଛି ବୋଲି ଖବର ପ୍ରକାଶ ପାଇଥିଲା। ଏହି ଆପ୍ ଉପରେ କଂଗ୍ରେସ ସରକାରଙ୍କୁ ଜବାବ ମାଗିବା ସହ ସୁପ୍ରିମକୋର୍ଟ ଏଥିରେ ହସ୍ତକ୍ଷେପ କରିବାକୁ ଦାବି କରିଛି। ସୂଚନାଯୋଗ୍ୟ, ବୁଲ୍ଲି ବାଇ ଆପ୍‌ରେ ଶହ ଶହ ମୁସଲମାନ ମହିଳାଙ୍କ ଫଟୋରେ ଜାଲିଆତି କରାଯାଇ ଏହାକୁ ନିଲାମ ପାଇଁ ଅପ୍‌ଲୋଡ୍ କରାଯାଇଥିଲା।

# ଢିଙ୍କିଆରେ ହେବନି ପଞ୍ଚାୟତ ନିର୍ବାଚନ

ଭୁବନେଶ୍ୱର, ୮।୧(ବ୍ୟୁରୋ)

## ପ୍ରକାଶ ପାଇଲା ଗେଜେଟ୍ ବିଜ୍ଞପ୍ତି

ରାଜ୍ୟ ସରକାର ପଞ୍ଚାୟତ ନିର୍ବାଚନର ସମସ୍ତ ଚୂଡ଼ାନ୍ତ ତାଲିକା ରାଜ୍ୟ ନିର୍ବାଚନ କମିଶନରଙ୍କୁ ଦେଇଥିବା ବେଳେ ଶନିବାର ଗେଜେଟ୍ ବିଜ୍ଞପ୍ତି ଜାରି କରିଛନ୍ତି। ଓଡ଼ିଶା ଗ୍ରାମ ପଞ୍ଚାୟତ ଆକ୍ଟର ଧାରା ୧୨ର ରୁଲ୍ ୧୩ ଅନୁସାରେ ଜାନୁୟାରୀ ୮ରେ ବିଜ୍ଞପ୍ତି ଜାରି ନିମନ୍ତେ ଓଡ଼ିଶା ହାଇକୋର୍ଟ ଡିସେମ୍ବର ୨୨ରେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଶନିବାର ଏନେଇ ୩ଟି ଗେଜେଟ୍ ବିଜ୍ଞପ୍ତି ଜାରି ହୋଇଛି। ଏଥିରେ ଓଡ଼ିଶା ଜିଲା ପରିଷଦ ଆକ୍ଟ–୧୯୯୧ରେ ଧାରା ୧୭ ଅନୁସାରେ ସମସ୍ତ ଜିଲା ପରିଷଦରେ ସଭ୍ୟ ନିର୍ବାଚନ କରିବାକୁ ସମ୍ମତି ଦେଇଛନ୍ତି। ସେହିପରି ଓଡ଼ିଶା ପଞ୍ଚାୟତ ସମିତି ଆକ୍ଟ–୧୯୫୯ ଏବଂ ଓଡ଼ିଶା ପଞ୍ଚାୟତ ସମିତି ନିର୍ବାଚନ ରୁଲ୍‌ସ–୧୯୯୧ରେ ରୁଲ୍–୪(୧) ଅନୁସାରେ ସମସ୍ତ ପଞ୍ଚାୟତ ସମିତିରେ ସଭ୍ୟଙ୍କ ନିର୍ବାଚନ କରିବାକୁ ସରକାର ଘୋଷଣା କରିଛନ୍ତି। ସେହିପରି ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ–୧୯୬୪ର ଧାରା–୧୨(୧ ଓ ୨), ଓଡ଼ିଶା ଗ୍ରାମ ପଞ୍ଚାୟତ ନିର୍ବାଚନ ନିୟମ–୧୯୬୫ର ରୁଲ୍ ୧୩ ଅନୁସାରେ ରାଜ୍ୟ ସରକାର କେବଳ ଜଗତ୍‌ସିଂହପୁର ଜିଲାର ଏରସମା ବ୍ଲକ ଅନ୍ତର୍ଗତ ଢିଙ୍କିଆ ପଞ୍ଚାୟତକୁ ଛାଡ଼ି ଓଡ଼ିଶାର ଅନ୍ୟ ସମସ୍ତ ପଞ୍ଚାୟତରେ ୱାର୍ଡ ସଭ୍ୟ ଓ ପଞ୍ଚାୟତ ନିର୍ବାଚନ ଲାଗି ଘୋଷଣା କରିଛନ୍ତି। ରାଜ୍ୟର ମୋଟ ୯୧,୯୧୩ ୱାର୍ଡମେମ୍ବର, ୬,୭୯୪ଟି ପଞ୍ଚାୟତର ସରପଞ୍ଚ, ୬,୭୯୧ ପଞ୍ଚାୟତ ସମିତି ସଭ୍ୟ ଓ ୮୫୩ଟି ଜିଲା ପରିଷଦ ସଭ୍ୟ ନିମନ୍ତେ ଗ୍ରାମାଞ୍ଚଳର ୨.୬୨ କୋଟି ଭୋଟର ନିଜ ମତାଧିକାର ସାବ୍ୟସ୍ତ କରିବେ।

## ସଂକ୍ଷେପରେ

### ‘ସତ୍ୟଧର୍ମ’ପୁସ୍ତକ ଉନ୍ମୋଚିତ

**ନିରାକାରପୁର,୮।୧(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତ ଅନ୍ତର୍ଗତ ରାମେଶ୍ୱର ଗ୍ରାମରେ ଜଗତ୍‌ମୋହନ ଦେବ ପାଲା ସଂସଦ ଆନୁକୂଲ୍ୟରେ ସମ୍ବର୍ଦ୍ଧନା ଉତ୍ସବ ଓ ପୁସ୍ତକ ଉନ୍ମୋଚିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଦିବ୍ୟସିଂହ ତ୍ରିପାଠୀ ପୌରୋହିତ୍ୟ କରିଥିବା ବେଳେ ଡ. ତ୍ରିନାଥ ହୋତା, ଐତିହାସିକ ସତ୍ୟବାଦୀ ବଳିୟାରସିଂହ, ଅଧାପକ ଡ. ମୃତ୍ୟୁଞ୍ଜୟ ରଥ ପ୍ରମୁଖ ଅତିଥିଭାବେ ଯୋଗଦେଇ ଆର୍ତ୍ତତ୍ରାଣ ସାହୁଙ୍କ ଲିଖିତ ‘ସତ୍ୟଧର୍ମ’ ପୁସ୍ତକକୁ ଉନ୍ମୋଚନ କରିଥିଲେ। ଏଥିସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପାଲା ଗାୟକ ପ୍ରଫୁଲ୍ଲ କୁମାର ଦାଶ ଓ ସାଥୀଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। ବୀରେନ୍ଦ୍ର ପଟ୍ଟନାୟକ, ରମାକାନ୍ତ ପୁରୋହିତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ରାମେଶ୍ୱର ଗ୍ରାମସ୍ଥିତ ଜଗତ୍‌ମୋହନ ଦେବ ପାଲା ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ‘ସତ୍ୟଧର୍ମ ପୁସ୍ତକ’ ଉନ୍ମୋଚନ କରୁଛନ୍ତି।

### ନାବାଳିକାଙ୍କୁ ବଳାତ୍କାର, ଜଣେ ଗିରଫ

**ବାଲିଅନ୍ତା,୮।୧(ଡି.ଏନ୍.ଏ.):** ବାଲିଅନ୍ତା ଥାନା ଅଞ୍ଚଳର ୭ବର୍ଷୀୟା ଅନୁସୂଚିତ ଜାତିର ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ବାଲିଅନ୍ତା ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ଜଗା ଭଞ୍ଜ(୫୦)। ଏ ନେଇ ପୋଲିସ ଏକ ମାମଲା(ନଂ.୧୦/୨୨) ରୁଜୁ କରିଛି। ଏହି ଘଟଣା ଡିସେମ୍ବର ୩୧ରେ ଘଟିଥିଲେ ମଧ ଶୁକ୍ରବାର ଘଟଣାଟି ପଦାକୁ ଆସିଥିଲା।

### ବରିଷ୍ଠ ନାଗରିକ କର୍ମକର୍ତ୍ତା ଚୟନରେ ଚଞ୍ଚକତା

**ଖୋର୍ଦ୍ଧା ଅଫିସ,୮।୧:** ଖୋର୍ଦ୍ଧା ଜିଲା ବରିଷ୍ଠ ନାଗରିକ ମଞ୍ଚର ନୂତନ କମିଟି ଚୟନରେ ଚଞ୍ଚକତା କରାଯାଇଥିବା କେତେଜଣ ସଭ୍ୟ ଅଭିଯୋଗ ଆଣିଛନ୍ତି। କେତେଜଣ ଏହାକୁ ନିଜ ଅକ୍ତିଆରରେ ରଖିବା ପାଇଁ ମନମୁତାବକ ସମର୍ଥକଙ୍କୁ ନେଇ କମିଟି ଚୟନ କରିଛନ୍ତି। ସଭାପତିଙ୍କ ଅନୁପସ୍ଥିତିରେ କିପରି ନୂତନ କମିଟି ଗଠନ କରାଗଲା ବୋଲି ଅଭିଯୋଗକାରୀ କହିଛନ୍ତି। କୌଣସି କମିଟି ଗଠନ ପୂର୍ବରୁ ସଭାପତିଙ୍କ ଉପସ୍ଥିତି ଏବଂ ଅନୁମୋଦନ ଜରୁରୀ। ତେବେ ମଞ୍ଚର ନୂତନ କମିଟି ଗଠନ ବେଳେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଗତ ଡିସେମ୍ବର ୨୯ରେ ମଞ୍ଚର ଦ୍ୱିତୀୟ ବାର୍ଷିକ ଉତ୍ସବ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଥିଲା। ତେବେ ନୂତନ କମିଟି ଗଠନ ସମ୍ପର୍କରେ ଆଗୁଆ ସୂଚନା ନ ଦେଇ ହାତଗଣତି କର୍ମକର୍ତ୍ତାଙ୍କୁ ନେଇ ଚୟନ କରାଯାଇଛି ବୋଲି ବରିଷ୍ଠ ନାଗରିକ ପ୍ରଭାତ ମିଶ୍ର ଏବଂ ଉମାଶଙ୍କର ପ୍ରସାଦ ଏକ ପ୍ରେସ ବିବୃତିରେ ଦର୍ଶାଇଛନ୍ତି। ଏ ନେଇ ପୂର୍ବତନ ସଭାପତି ଜ୍ଞାନରଞ୍ଜନ ଦାସ କୌଣସି ମତାମତ ଦେବାକୁ ମନାକରି ଦେଇଥିଲେ। ଅନ୍ୟପଟେ ମଞ୍ଚ ସମ୍ପାଦକ ରାମଶଙ୍କର କହିଛନ୍ତି, ଅଭିଯୋଗ ଭିତ୍ତିହୀନ। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା କର୍ମକର୍ତ୍ତାଙ୍କ ସହମତିରେ କର୍ମକର୍ତ୍ତା ଚୟନ କରାଯାଇଛି। ଏଥିରେ କୌଣସି ଚଞ୍ଚକତା କରାଯାଇନାହିଁ।

# କିଓସ୍କୋ ଭାଙ୍ଗି ଧସେଇ ପଶିଲେ

ପୁରୀ ଅଫିସ,୮।୧

- ୭୫ ହଜାର ଶ୍ରଦ୍ଧାଳୁଙ୍କ ସମାଗମ
- ଶେଷ ଦିନରେ ସର୍ବାଧିକ ଭକ୍ତ ଓ ହୁଣ୍ଡି ଆୟ

କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ରବିବାରଠାରୁ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ମହାପ୍ରଭୁଙ୍କ ଦର୍ଶନ ଲାଗି ଶନିବାର ଶେଷ ଦିନ ଥିବାରୁ ପୁରୀକୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା। ବଡ଼ଦାଣ୍ଡରେ ପ୍ରାୟ ୭୫ ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ବଡ଼ଦାଣ୍ଡ ବ୍ୟାରିକେଡ୍‌ଠାରୁ ମରୀଚିକୋଟ ଛକ ପର୍ଯ୍ୟନ୍ତ ଲମ୍ବା ଧାଡ଼ି ଲାଗିଥିଲା। କିଓସ୍କୋ ଭାଙ୍ଗି ଶ୍ରଦ୍ଧାଳୁମାନେ ସିଂହଦ୍ୱାର ଦେଇ ଧସେଇ ପଶିଥିଲେ। ପ୍ରଶାସନ ପକ୍ଷରୁ ହୋଇଥିବା ବ୍ୟବସ୍ଥା ଜନସମୁଦ୍ର ଆଗରେ ଫିକା ପଡ଼ିଯାଇଥିଲା। ଦାୟିତ୍ୱରେ ଥିବା ପୋଲିସ, ସ୍ୱେଚ୍ଛାସେବୀ ଓ ଶ୍ରୀମନ୍ଦିର କର୍ମଚାରୀମାନେ ବହୁ ଚେଷ୍ଟା ସତ୍ତ୍ୱେ ଭିଡ଼କୁ ରୋକି ପାରି ନ ଥିଲେ। ସକାଳ ସାଢେ ୫ଟାରୁ ରାତି ସାଢେ ୮ଟା ପର୍ଯ୍ୟନ୍ତ ଏହି ଭିଡ଼ ଲାଗିରହିଥିଲା।

ପୂର୍ବ ଏସ୍‌ଓପି ଅନୁଯାୟୀ ୯ ତାରିଖ ରବିବାର ସମେତ ନୂତନ ଏସ୍‌ଓପି ଅନୁଯାୟୀ ୧୦ ତାରିଖ ସୋମବାରଠାରୁ ୩୧ ତାରିଖ ପର୍ଯ୍ୟନ୍ତ ଭକ୍ତଙ୍କ ଲାଗି ଶ୍ରୀମନ୍ଦିର ବନ୍ଦ ରହିବ। ତେଣୁ ଶନିବାର ଶେଷ ଦର୍ଶନର ସୁଯୋଗ ହାତଛଡ଼ା କରିବାକୁ ଚାହିଁ ନ ଥିଲେ ଶ୍ରଦ୍ଧାଳୁ। ସେମାନେ ଶ୍ରୀକ୍ଷେତ୍ରକୁ ଧାଇଁ ଆସିଥିଲେ। ବଡ଼ଦାଣ୍ଡ ଭକ୍ତମୟ ହୋଇଯାଇଥିଲା। ଭିଡ଼ ଭିତରେ ଛୋଟ ପିଲା ଓ ବୃଦ୍ଧାବୃଦ୍ଧ ଅଣନିଃଶ୍ୱାସୀ ଅନୁଭବ କରିଥିଲେ। ପ୍ରଶାସନର ସୂଚନା ଅନୁଯାୟୀ, ୭୪ହଜାର ୮୪୪ଜଣ ଭକ୍ତ ଶ୍ରୀମନ୍ଦିରରେ ଦର୍ଶନ କରିଛନ୍ତି। କଟକରୁ ପରିବାର ସହ ଆସିଥିବା ସୀତମ ପ୍ରଧାନଙ୍କ କହିବା ଅନୁଯାୟୀ, ଏତେ ଭିଡ଼ ହେବ ବୋଲି ଭାବି ନ ଥିଲୁ। ମହାପ୍ରଭୁଙ୍କ ପ୍ରେମରେ ଭାବବିହ୍ୱଳ ହୋଇ ଆମେ ଆସିଲୁ ସତ, ମାତ୍ର ପ୍ରବଳ ଗହଳି ଯୋଗୁ ଭଲ ଭାବେ ଦର୍ଶନ କରିପାରିଲୁ ନାହିଁ। ଭିଡ଼ ଭିତରେ ପିଲାଙ୍କୁ ସୁରକ୍ଷିତ ରଖିବା କଷ୍ଟକର ହୋଇପଡ଼ିଲା। ଲୋକେ ମନଇଚ୍ଛା ଧାଁଦୌଡ଼ କରି କଟକଣା ଭାଙ୍ଗି ଦର୍ଶନ କଲେ। ତେବେ ମହାପ୍ରଭୁଙ୍କ ଦର୍ଶନ ମିଳିଛି, ସେତିକି ମହାଆନନ୍ଦର ବିଷୟ।

ଅନ୍ୟପକ୍ଷରେ ଆନନ୍ଦବଜାରରେ ମହାପ୍ରସାଦ ନିଅଣ୍ଟ ପଡ଼ିଥିଲା। ୨୦ ହଜାର ଭକ୍ତଙ୍କ ପାଇଁ ମହାପ୍ରସାଦ ପ୍ରସ୍ତୁତ ହୋଇଥିଲା। ତେବେ ଅଧିକ ସଂଖ୍ୟକ ଭକ୍ତ ମହାପ୍ରସାଦ ସେବନ କରିବାରୁ ନିଅଣ୍ଟ ପଡ଼ିଲା ବୋଲି ସୁଆର ମହାସୁଆର ନିଯୋଗର ସମ୍ପାଦକ କୃଷ୍ଣଚନ୍ଦ୍ର ପଢିହାରୀ କହିଛନ୍ତି। ସୂଚନା ଅଧିକାର କର୍ମୀ ଦିଲୀପ କୁମାର ବରାଳ ପ୍ରଶାସନର ଏଭଳି ବ୍ୟବସ୍ଥାକୁ ସମାଲୋଚନା କରି କହିଛନ୍ତି, କୋଭିଡ୍ କଟକଣା ଉଲ୍ଲଂଘନ ହୋଇଛି। ଅନେକ ପ୍ରଭାବଶାଳୀ ବ୍ୟକ୍ତି ବ୍ୟାରିକେଡ୍ କଟକଣା ଭାଙ୍ଗି ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ। ତେବେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, କଟକଣା ମଧ୍ୟରେ ଦର୍ଶନ ସାରିବା ପାଇଁ ସବୁ ପ୍ରକାର ଚେଷ୍ଟା କରାଯାଇଛି। ରାତି ୮ଟା ୩୦ରେ ଦର୍ଶନ ଶେଷ ହୋଇଛି।

# ଆମାଜନରେ ବିକ୍ରି ହେବ ସ୍ୱାଭିମାନ ଅଞ୍ଚଳର ହଳଦୀ

ମାଲକାନଗିରି,୮।୧ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳର ଉତ୍ପାଦିତ ହଳଦୀ ଆମାଜନରେ ବିକ୍ରି ହେବ। ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଞ୍ଚଳରେ ବାର୍ଷିକ ୫୦ ଟନରୁ ଉର୍ଦ୍ଧ୍ୱ ହଳଦୀ ଅମଳ ହେଉଛି। ସ୍ୱାଭିମାନ ଅଞ୍ଚଳବାସୀଙ୍କୁ ସ୍ୱାବଲମ୍ବୀ କରିବା ଲାଗି ପ୍ରାୟ ୫ କୋଟି ଟଙ୍କାର ହଳଦୀ ପ୍ରକଳ୍ପ ହେବ। ୧୦ କୋଟି ଟଙ୍କା ବ୍ୟୟରେ କୃଷିଭିତ୍ତିକ ଶିଳ୍ପ ସ୍ଥାପନ କରାଯିବ। ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଶନିବାର ଜିଲାପାଳ ବିଶାଳ ସିଂ କହିଛନ୍ତି।

ଏନେଇ ସୂଚନା ଦେଇ ଜିଲାପାଳ କହିଛନ୍ତ ଯେ, ସ୍ୱାଭିମାନ ଅଞ୍ଚଳରେ ଆଦିବାସୀମାନେ ସୁଆଁ, ଅଳସୀ, ମାଣ୍ଡିଆ ଭଳି ଅନ୍ୟାନ୍ୟ ଚାଷ କିଭଳି କରିବା ସହ ଉତ୍ପାଦିତ ଶସ୍ୟକୁ ସଂରକ୍ଷିତ ରଖିବେ ସେଥିପାଇଁ ଶୀତଳ ଭଣ୍ଡାର ସ୍ଥାପନ କରାଯିବ। ମିଶନ ଶକ୍ତି ଜରିଆରେ ମହିଳାଙ୍କୁ ଛୋଟ ଛୋଟ ମିଲ୍ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ୫ଟି ବଡ ୟୁନିଟ ପ୍ରତିଷ୍ଠା କରାଯିବ। ହଳଦୀ ଚାଷ ପାଇଁ ଚାଷୀଙ୍କୁ ସ୍ୱତନ୍ତ୍ର ହାଇବ୍ରିଡ୍ ହଳଦୀ ମଞ୍ଜି ଯୋଗାଇ ଦିଆଯିବ। ସମସ୍ତ ଚାଷୀ ସେତୁ ଯୋଜନାରେ ତାଲିମ ନେବେ। କନ୍ଧମାଳ ଅପେକ୍ଷା ମାଲକାନଗିରି ହଳଦୀ ଆହୁରି ଉନ୍ନତମାନର ହୋଇଥିବାରୁ ସ୍ୱତନ୍ତ୍ର ପ୍ୟାକିଂ ୟୁନିଟ ପ୍ରତିଷ୍ଠା ଉପରେ ଜିଲାପାଳ ଗୁରୁତ୍ୱାରୋପ କାରିଥିଲେ। ହଳଦୀର ପ୍ରଚାରପ୍ରସାର ଇଣ୍ଟରନେଟ ମାଧ୍ୟମରେ କରାଯିବ। ଆମାଜନ କମ୍ପାନୀ ଦ୍ୱାରା ବିଶ୍ୱ ବଜାରରେ ଏହାକୁ ବିକ୍ରି କରାଗଲେ ଚାଷୀ ଲାଭବାନ ହୋଇପାରିବେ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି।


ସ୍ୱାଭିମାନ ଅଞ୍ଚଳର ପଣସପୁଟରେ ହୋଇଥିବା ହଳଦୀ ଚାଷ।

# ପୁରୀ ଜିଲା ବାହାର ଲୋକଙ୍କୁ ସ୍ୱର୍ଗଦ୍ୱାର ମନା

ପୁରୀ ଅଫିସ,୭।୧

କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ସ୍ୱର୍ଗଦ୍ୱାରରେ ଶବଦାହ ଉପରେ କଟକଣା ଲାଗୁ ହୋଇଛି। ପୁରୀ ଜିଲା ବାହାର ବ୍ୟକ୍ତିଙ୍କ ଶବଦାହ କିମ୍ବା ଅସ୍ଥି ବିସର୍ଜନ ସମୁଦ୍ରରେ ହୋଇପାରିବ ନାହିଁ। କେବଳ ସହର ତଥା ଜିଲାର ଲୋକଙ୍କୁ ସ୍ୱର୍ଗଦ୍ୱାରରେ ଶବଦାହ ଲାଗି ଅନୁମତି ମିଳିବ। ପରିଚୟପତ୍ର ଓ ବାସସ୍ଥାନ ପ୍ରମାଣପତ୍ର ଦେଖାଇ ବାସିନ୍ଦାମାନେ ସ୍ୱର୍ଗଦ୍ୱାରରେ ଶବଦାହ କରିପାରିବେ। କେହି ପୁରୀ ସହର କିମ୍ବା ଜିଲାରେ ଭଡ଼ାଘର ନେଇ ରହୁଥିଲେ ସେମାନଙ୍କୁ ମଧ ଶବଦାହ ଲାଗି ଅନୁମତି ମିଳିବ। ମାତ୍ର ଏଥିପାଇଁ ଘର ମାଲିକଙ୍କର ଲିଖିତ ଅନୁମତି ଓ ଅନ୍ୟ ପ୍ରମାଣ ଦେବାକୁ ପଡ଼ିବ ବୋଲି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି।

## ଶୀଘ୍ର ଘୋଷଣା...

ପ୍ରଥମ ପୃଷ୍ଠାରୁ...

ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା କରିଛନ୍ତି। କୋଭିଡ୍ ପ୍ରୋଟୋକଲ ମଧ୍ୟରେ ନିର୍ବାଚନ କରାଯିବା ନେଇ ସରକାରଙ୍କ ପକ୍ଷରୁ ଏକ ପ୍ରକାର ସବୁଜ ସଙ୍କେତ ମିଳିଥିବା ବୈଠକରୁ ଜଣାପଡିଛି। ନାମାଙ୍କନ ପତ୍ର ଦାଖଲ, ନିର୍ବାଚନ ସାମଗ୍ରୀ ବିତରଣ କେନ୍ଦ୍ର, ପ୍ରଚାର ଓ ଭୋଟ ଗଣତି ସମୟରେ ହେବାକୁ ଥିବା ଭିଡ଼କୁ ନିୟନ୍ତ୍ରଣ କରିବାକୁ କ'ଣ ସବୁ ପଦକ୍ଷେପ ନିଆଯିବ ସେ ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ଏଥିସହିତ ଯେଉଁ କର୍ମଚାରୀମାନେ ନିର୍ବାଚନ ପରିଚାଳନା କାର୍ଯ୍ୟର ଆଗଧାଡିରେ ରହୁଛନ୍ତି ସେମାନଙ୍କୁ ଡବଲ ଡୋଜ୍ ଟିକା ଦେବାକୁ ନିର୍ବାଚନ କମିଶନର ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। କୋଭିଡ୍ ସ୍ଥିତିର ତର୍ଜମା ପରେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ଏସ୍‌ଇସି ସୂଚନା ଦେଇଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆର.କେ. ଶର୍ମା, ରାଜ୍ୟ ନିର୍ବାଚନ କମିଶନରଙ୍କ ସଚିବ ରବୀନ୍ଦ୍ର ନାଥ ସାହୁ, ସ୍ୱତନ୍ତ୍ର ସଚିବ ରଘୁରାମ ଆର. ଆୟାର ଏବଂ ଉପ ସଚିବ ଆଜାଦ ହିନ୍ଦ୍ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ବାଇକ୍ ଆମ୍ବୁଲାନ୍ସ ଉଦ୍‌ଘାଟିତ

ଖୋର୍ଦ୍ଧା ଅଫିସ,୮।୧

## ଗଳିକନ୍ଦିରେ ବୁଲି ସେବା ଯୋଗାଇବ

ସମର୍ପଣ ଫାଉଣ୍ଡେଶନ ଟ୍ରଷ୍ଟ ଆନୁକୂଲ୍ୟରେ ବାଇକ୍ ଆମ୍ବୁଲାନ୍ସ ସେବା ଉଦ୍‌ଘାଟିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ଟ୍ରମା କେୟାର ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଆମ୍ବୁଲାନ୍ସର ଲୋକାର୍ପଣ କରିଥିଲେ। ଟ୍ରଷ୍ଟର ଅଧକ୍ଷ ବେଲେଶ୍ୱର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏଡିଏମ୍‌ଓ(ପିଏଚ୍) ଡା.ରଘୁନାଥ ନାୟକ, ଡିପିଏଚ୍‌ଓ ପ୍ରଦ୍ୟୁମ୍ନ ମିଶ୍ର, ଓକିଲ ସଂଘ ସଭାପତି ଅଜିତ୍ ପଟ୍ଟନାୟକ, ଶିକ୍ଷାବିତ୍ କିଶୋର ଚନ୍ଦ୍ର ବରାଳ, ସାମାଜିକ କର୍ମୀ ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଧାୟକ ମିତ୍ର କହିଥିଲେ ଯେ, ଏହା ଏକ ଅଭିନବ ପ୍ରୟାସ। ଲୋକଙ୍କୁ ତ୍ୱରିତ ସେବା ମିଳିପାରିବ। ଯେଉଁ ସ୍ଥାନରେ ବଡ଼ ଆମ୍ବୁଲାନ୍ସ ପହଞ୍ଚିପାରୁନି, ଉକ୍ତ ସ୍ଥାନରେ ଏହି ଆମ୍ବୁଲାନ୍ସ ପହଞ୍ଚି ସେବା ଯୋଗାଇଦେବ। ଅନୁଷ୍ଠାନର କାର୍ଯ୍ୟ ପ୍ରଶଂସନୀୟ। ସମର୍ପଣ ଟ୍ରଷ୍ଟ ଅଧକ୍ଷ ସାହୁ କହିଥିଲେ, ଦୁର୍ଘଟଣାଗ୍ରସ୍ତ ଆହତଙ୍କୁ ନିକଟ ମେଡିକାଲରେ ପହଞ୍ଚାଇବା କାର୍ଯ୍ୟ କରିବ। ଏହି ସେବା ସମ୍ପୂର୍ଣ୍ଣ ନିଃଶୁଳ୍କ ରହିବ। ସେବା ପାଇବା ପାଇଁ ଆମ୍ବୁଲାନ୍ସରେ ଦିଆଯାଇଥିବା ନମ୍ବର(୭୦୦୮୦୯୨୮୭୮, ୬୩୭୧୦୮୬୯୧୬)ରେ ଯୋଗାଯୋଗ କରିପାରିବେ। ଘଟଣାସ୍ଥଳରେ ଆମ୍ବୁଲାନ୍ସ ପହଞ୍ଚିବ। ଖୋର୍ଦ୍ଧା ସହର ଗଳିକନ୍ଦିରେ ଏହି ଆମ୍ବୁଲାନ୍ସ ବୁଲିବ। ଏହି କାର୍ଯ୍ୟକ୍ରମରେ ଲଳିତ ମୋହନ ମହାପାତ୍ର, ଚନ୍ଦନ ସାହୁ, ପ୍ରଦୀପ ସ୍ୱାଇଁ, ସରୋଜ ପାଲଟାସିଂ ପ୍ରମୁଖ ସହଯୋଗ କରିଥିଲେ।



ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ବାଇକ୍ ଆମ୍ବୁଲାନ୍ସକୁ ଲୋକାର୍ପଣ କରୁଛନ୍ତି।

# ବିମାନବନ୍ଦରରେ ଯାତ୍ରୀ ସଂଖ୍ୟା ହ୍ରାସ

ଭୁବନେଶ୍ୱର, ୮।୧(ବ୍ୟୁରୋ)

କରୋନା ଯୋଗୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଯାତ୍ରୀ ସଂଖ୍ୟା ହ୍ରାସ ପାଇଛି। ଏ ନେଇ ଶନିବାର ବିମାନବନ୍ଦର ନିର୍ଦ୍ଦେଶକ ପ୍ରଭାତ ରଞ୍ଜନ ବେଉରିଆ ସୂଚନା ଦେଇଛନ୍ତି। ତାଙ୍କ ସୂଚନାନୁଯାୟୀ, ଗତ ସପ୍ତାହରେ ବିମାନ ବନ୍ଦରରେ ଦୈନିକ ହାରାହାରି ୧୨ ହଜାର ଯାତ୍ରୀ ଯାତାୟାତ ହେଉଥିଲା। କିନ୍ତୁ ଏବେ ତାହା ୭ରୁ ୮ ହଜାରକୁ ଖସି ଆସିଛି। ବର୍ତ୍ତମାନ ଭୁବନେଶ୍ୱର ବିମାନବନ୍ଦରକୁ କୌଣସି ଆନ୍ତର୍ଜାତିକ ବିମାନ ଆସୁନାହିଁ। ଏବେ ଏଠାକୁ ଦୈନିକ ୩୮ଟି ବିମାନ ଆସୁଛି ଓ ଏଠାରୁ ୩୮ଟି ବିମାନ ଯାଉଛି। ତେବେ କରୋନା ପାଇଁ ବିମାନବନ୍ଦରରେ ସବୁ ପ୍ରକାରର ସତର୍କତା ପାଳନ କରାଯାଉଛି। ବିମାନବନ୍ଦରରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଯାତ୍ରୀଙ୍କ ଆର୍‌ଟି–ପିସିଆର୍ ଟେଷ୍ଟ ପାଇଁ ସବୁ ସୁବିଧା ଯୋଗାଇ ଦିଆଯାଇଥିବା ନିର୍ଦ୍ଦେଶକ କହିଛନ୍ତି।

ସୂଚନାଯୋଗ୍ୟ, ବିଏମ୍‌ସିର ନୂଆ ନିର୍ଦ୍ଦେଶନାମା ଅନୁସାରେ ଯେଉଁ ଯାତ୍ରୀମାନେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବାର ୭୨ ଘଣ୍ଟା ପୂର୍ବରୁ କରୋନା ପରୀକ୍ଷା କରିଥିବେ, ସେମାନଙ୍କର ଆଉ ଟେଷ୍ଟ ଦରକାର ନାହିଁ। ନଚେତ୍ ସେମାନେ ଆର୍‌ଟିପିସିଆର୍ ଟେଷ୍ଟ କରାଇବାକୁ ବାଧ୍ୟ। ଡବଲ୍ ଡୋଜ୍ ଟିକା ନେଇଥିଲେ ବି ୭୨ ଘଣ୍ଟା ପୂର୍ବର ଆର୍‌ଟିପିସିଆର୍ ରିପୋର୍ଟ ନ ଥିଲେ, ଯାତ୍ରୀଙ୍କର ଏଠାରେ କରୋନା ପରୀକ୍ଷା କରାଯିବ। ଶନିବାର ମଧ ବିଏମ୍‌ସି ପକ୍ଷରୁ ବିମାନବନ୍ଦରରେ ଯାତ୍ରୀଙ୍କର କରୋନା ଟେଷ୍ଟ କରାଯାଇଥିଲା।


ବିମାନ ବନ୍ଦରରେ ଓଡ଼ିଶା ଆସିଥିବା ଯାତ୍ରୀମାନଙ୍କର ଆର୍‌ଟି–ପିସିଆର ଟେଷ୍ଟ କରାଯାଉଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୦,୪୪,୮୯,୫୦୭ | ୫୫,୦୦,୧୯୮ | ୨୫,୮୫,୬୭,୩୩୧ |
| ଭାରତ | ୩,୫୩,୬୮,୩୭୨ | ୪,୮୩,୪୬୩ | ୩,୪୪,୧୨,୭୪୦ |
| ଓଡ଼ିଶା | ୧୦,୬୬,୧୫୫ | ୮୪୬୮(+୫୩) | ୧୦,୪୬,୨୩୧ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



# କିଓସ୍କୋ ଭାଙ୍ଗି ଧସେଇ ପଶିଲେ

**ପୁରୀ ଅଫିସ,୮।୧**



■୭୫ ହଜାର ଶ୍ରଦ୍ଧାଳୁଙ୍କ ସମାଗମ
■ଶେଷ ଦିନରେ ସର୍ବାଧିକ ଭକ୍ତ ଓ ହୁଣ୍ଡି ଆୟ

କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ରବିବାରଠାରୁ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ମହାପ୍ରଭୁଙ୍କ ଦର୍ଶନ ଲାଗି ଶନିବାର ଶେଷ ଦିନ ଥିବାରୁ ପୁରୀକୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା। ବଡ଼ଦାଣ୍ଡରେ ପ୍ରାୟ ୭୫ ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ବଡ଼ଦାଣ୍ଡ ବ୍ୟାରିକେଡ୍‌ଠାରୁ ମରୀଚିକୋଟ ଛକ ପର୍ଯ୍ୟନ୍ତ ଲମ୍ବା ଧାଡ଼ି ଲାଗିଥିଲା। କିଓସ୍କୋ ଭାଙ୍ଗି ଶ୍ରଦ୍ଧାଳୁମାନେ ସିଂହଦ୍ୱାର ଦେଇ ଧସେଇ ପଶିଥିଲେ। ପ୍ରଶାସନ ପକ୍ଷରୁ ହୋଇଥିବା ବ୍ୟବସ୍ଥା ଜନସମୁଦ୍ର ଆଗରେ ଫିକା ପଡ଼ିଯାଇଥିଲା। ଦାୟିତ୍ୱରେ ଥିବା ପୋଲିସ, ସ୍ୱେଚ୍ଛାସେବୀ ଓ ଶ୍ରୀମନ୍ଦିର କର୍ମଚାରୀମାନେ ବହୁ ଚେଷ୍ଟା ସତ୍ତ୍ୱେ ଭିଡ଼କୁ ରୋକି ପାରି ନ ଥିଲେ। ସକାଳ ସାଢେ ୫ଟାରୁ ରାତି ସାଢେ ୮ଟା ପର୍ଯ୍ୟନ୍ତ ଏହି ଭିଡ଼ ଲାଗିରହିଥିଲା।

ପୂର୍ବ ଏସ୍‌ଓପି ଅନୁଯାୟୀ ୯ ତାରିଖ ରବିବାର ସମେତ ନୂତନ ଏସ୍‌ଓପି ଅନୁଯାୟୀ ୧୦ ତାରିଖ ସୋମବାରଠାରୁ ୩୧ ତାରିଖ ପର୍ଯ୍ୟନ୍ତ ଭକ୍ତଙ୍କ ଲାଗି ଶ୍ରୀମନ୍ଦିର ବନ୍ଦ ରହିବ। ତେଣୁ ଶନିବାର ଶେଷ ଦର୍ଶନର ସୁଯୋଗ ହାତଛଡ଼ା କରିବାକୁ ଚାହିଁ ନ ଥିଲେ ଶ୍ରଦ୍ଧାଳୁ। ସେମାନେ ଶ୍ରୀକ୍ଷେତ୍ରକୁ ଧାଇଁ ଆସିଥିଲେ। ବଡ଼ଦାଣ୍ଡ ଭକ୍ତମୟ ହୋଇଯାଇଥିଲା। ଭିଡ଼ ଭିତରେ ଛୋଟ ପିଲା ଓ ବୃଦ୍ଧାବୃଦ୍ଧ ଅଣନିଃଶ୍ୱାସୀ ଅନୁଭବ କରିଥିଲେ। ପ୍ରଶାସନର ସୂଚନା ଅନୁଯାୟୀ, ୭୪ହଜାର ୮୪୪ଜଣ ଭକ୍ତ ଶ୍ରୀମନ୍ଦିରରେ ଦର୍ଶନ କରିଛନ୍ତି। କଟକରୁ ପରିବାର ସହ ଆସିଥିବା ସୀତମ ପ୍ରଧାନଙ୍କ କହିବା ଅନୁଯାୟୀ, ଏତେ ଭିଡ଼ ହେବ ବୋଲି ଭାବି ନ ଥିଲୁ। ମହାପ୍ରଭୁଙ୍କ ପ୍ରେମରେ ଭାବବିହ୍ୱଳ ହୋଇ ଆମେ ଆସିଲୁ ସତ, ମାତ୍ର ପ୍ରବଳ ଗହଳି ଯୋଗୁ ଭଲ ଭାବେ ଦର୍ଶନ କରିପାରିଲୁ ନାହିଁ। ଭିଡ଼ ଭିତରେ ପିଲାଙ୍କୁ ସୁରକ୍ଷିତ ରଖିବା କଷ୍ଟକର ହୋଇପଡ଼ିଲା। ଲୋକେ ମନଇଚ୍ଛା ଧାଁଦୌଡ଼ କରି କଟକଣା ଭାଙ୍ଗି ଦର୍ଶନ କଲେ। ତେବେ ମହାପ୍ରଭୁଙ୍କ ଦର୍ଶନ ମିଳିଛି, ସେତିକି ମହାଆନନ୍ଦର ବିଷୟ।

ଅନ୍ୟପକ୍ଷରେ ଆନନ୍ଦବଜାରରେ ମହାପ୍ରସାଦ ନିଅଣ୍ଟ ପଡ଼ିଥିଲା। ୨୦ ହଜାର ଭକ୍ତଙ୍କ ପାଇଁ ମହାପ୍ରସାଦ ପ୍ରସ୍ତୁତ ହୋଇଥିଲା। ତେବେ ଅଧିକ ସଂଖ୍ୟକ ଭକ୍ତ ମହାପ୍ରସାଦ ସେବନ କରିବାରୁ ନିଅଣ୍ଟ ପଡ଼ିଲା ବୋଲି ସୁଆର ମହାସୁଆର ନିଯୋଗର ସମ୍ପାଦକ କୃଷ୍ଣଚନ୍ଦ୍ର ପଢ଼ିହାରୀ କହିଛନ୍ତି। ସୂଚନା ଅଧିକାର କର୍ମୀ ଦିଲୀପ କୁମାର ବରାଳ ପ୍ରଶାସନର ଏଭଳି ବ୍ୟବସ୍ଥାକୁ ସମାଲୋଚନା କରି କହିଛନ୍ତି, କୋଭିଡ୍ କଟକଣା ଉଲ୍ଲଂଘନ କରିଛନ୍ତି। ଅନେକ ପ୍ରଭାବଶାଳୀ ବ୍ୟକ୍ତି ବ୍ୟାରିକେଡ୍ କଟକଣା ଭାଙ୍ଗି ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ। ତେବେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, କଟକଣା ମଧ୍ୟରେ ଦର୍ଶନ ସାରିବା ପାଇଁ ସବୁ ପ୍ରକାର ଚେଷ୍ଟା କରାଯାଇଛି। ରାତି ୮ଟା ୩୦ରେ ଦର୍ଶନ ଶେଷ ହୋଇଛି।

| ତାରିଖ | ଦର୍ଶନାର୍ଥୀ | ସିଂହଦ୍ୱାର | ପଶ୍ଚିମ ଦ୍ୱାର |
|---|---|---|---|
| ୩ | ୩୭, ୦୨୪ | ୩୫, ୬୫୭ | ୧୩୬୭ |
| ୪ | ୩୦, ୪୭୫ | ୨୯, ୨୫୨ | ୧୨୨୩ |
| ୫ | ୨୮, ୬୩୯ | ୨୭, ୮୧୪ | ୮୨୫ |
| ୬ | ୩୪, ୦୭୭ | ୩୨, ୩୨୧ | ୧୭୬୭ |
| ୭ | ୩୨, ୩୪୪ | ୩୧, ୧୫୭ | ୧୧୮୭ |
| ୮ | ୭୪, ୮୪୪ | ୭୦, ୫୨୧ | ୪, ୩୨୩ |

| ତାରିଖ | ହୁଣ୍ଡି ଟଙ୍କା | ସୁନା | ରୁପା |
|---|---|---|---|
| ୩ | ୨, ୮୬, ୫୨୧ | ୮ ଗ୍ରାମ | ୩୨.୫୦୦ ଗ୍ରାମ |
| ୪ | ୪, ୧୫,୨୩୩ | ୭.୨୦୦ ଗ୍ରାମ | ୨୮.୭୦୦ ଗ୍ରାମ |
| ୫ | ୩, ୫୮,୪୫୧ | ୩୦୦ ମିଲିଗ୍ରାମ | ୧୩.୫୦୦ ଗ୍ରାମ |
| ୬ | ୩,୨୦,୯୧୮ | ୧୫୦ ମିଲିଗ୍ରାମ | ମିଳିନାହିଁ |
| ୭ | ୫,୨୫,୨୩୬ | ୩.୫୦୦ ମିଲିଗ୍ରାମ | ୨.୩୫୦ ଗ୍ରାମ |
| ୮ | ୬,୦୦, ୦୭୯ | ୧.୭୫୦ ଗ୍ରାମ | ୪୪ ଗ୍ରାମ |

# 'ଟେକ୍ ଫଗ୍ ଭାଜପାର ଘୃଣା ଫ୍ୟାକ୍ଟ୍ରି'

**ନୂଆଦିଲ୍ଲୀ,୮।୧**


ରାହୁଲ ଗାନ୍ଧୀ

ଭାଜପା ଘୃଣାର ଅନେକ କାରଖାନା ଖୋଲିଛି। ଟେକ୍ ଫଗ୍ ଆପ୍ ସେଥିରୁ ଅନ୍ୟତମ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର ଅଭିଯୋଗ କରିଛନ୍ତି। ଏତେ ପରିମାଣରେ ଘୃଣା କେଉଁଠୁ ଆସୁଛି, ଏନେଇ ସମଗ୍ର ଦେଶ ଆଶ୍ଚର୍ଯ୍ୟ ହେଉଛି। ବୁଲି ବାଇ ଆପ୍‌ରେ ଏକ ନିର୍ଦ୍ଦିଷ୍ଟ ଧର୍ମର ମହିଳାମାନଙ୍କୁ ଟାର୍ଗେଟ କରାଯାଉଛି। ଏହି ମାମଲାର ମୁଖ୍ୟ ଅଭିଯୁକ୍ତଙ୍କ ବୟସକୁ ଦେଖିଲେ ଏତେ ହିଂସା କେଉଁଠୁ ଆସିଛି ବୋଲି ପ୍ରଶ୍ନ ଉଠିଥିଲା। ବାସ୍ତବରେ ଭାଜପା ଅନେକ ଘୃଣା କାରଖାନା ସ୍ଥାପନ କରିଛି। ଟେକ୍ ଫଗ୍ ସେହି କାରଖାନା ମଧ୍ୟରୁ ଅନ୍ୟତମ ବୋଲି ରାହୁଲ ଟ୍ୱିଟ୍ କରିଛନ୍ତି। ଟେକ୍ ଫଗ୍ ଆପ୍ ଭାଜପା ପାଇଁ ସହାୟକ ହେଉଛି। ଏହା ହିଂସାର ପ୍ରସାର ଲାଗି ସାଇବର ସେନାକୁ ବଳ ଯୋଗାଉଛି ବୋଲି ଖବର ପ୍ରକାଶ ପାଇଥିଲା। ଏହି ଆପ୍ ଉପରେ କଂଗ୍ରେସ ସରକାରଙ୍କୁ ଜବାବ ମାଗିବା ସହ ସୁପ୍ରିମକୋର୍ଟ ଏଥିରେ ହସ୍ତକ୍ଷେପ କରିବାକୁ ଦାବି କରିଛି। ସୂଚନାଯୋଗ୍ୟ, ବୁଲି ବାଇ ଆପ୍‌ରେ ଶହ ଶହ ମୁସଲମାନ ମହିଳାଙ୍କ ଫଟୋରେ ଜାଲିଆତି କରାଯାଇ ଏହାକୁ ନିଲାମ ପାଇଁ ଅପ୍‌ଲୋଡ୍ କରାଯାଇଥିଲା।

# ଢିଙ୍କିଆରେ ହେବନି ପଞ୍ଚାୟତ ନିର୍ବାଚନ

**ଭୁବନେଶ୍ୱର, ୮।୧(ବ୍ୟୁରୋ)**

## ପ୍ରକାଶ ପାଇଲା ଗେଜେଟ୍ ବିଜ୍ଞପ୍ତି

ରାଜ୍ୟ ସରକାର ପଞ୍ଚାୟତ ନିର୍ବାଚନର ସମସ୍ତ ଚୂଡ଼ାନ୍ତ ତାଲିକା ରାଜ୍ୟ ନିର୍ବାଚନ କମିଶନରଙ୍କୁ ଦେଇଥିବା ବେଳେ ଶନିବାର ଗେଜେଟ୍ ବିଜ୍ଞପ୍ତି ଜାରି କରିଛନ୍ତି। ଓଡ଼ିଶା ଗ୍ରାମ ପଞ୍ଚାୟତ ଆକ୍ଟର ଧାରା ୧୨ର ରୁଲ୍ ୧୩ ଅନୁସାରେ ଜାନୁୟାରୀ ୮ରେ ବିଜ୍ଞପ୍ତି ଜାରି ନିମନ୍ତେ ଓଡ଼ିଶା ହାଇକୋର୍ଟ ଡିସେମ୍ବର ୨୨ରେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଶନିବାର ଏନେଇ ୩ଟି ଗେଜେଟ୍ ବିଜ୍ଞପ୍ତି ଜାରି ହୋଇଛି। ଏଥିରେ ଓଡ଼ିଶା ଜିଲା ପରିଷଦ ଆକ୍ଟ-୧୯୯୧ର ଧାରା ୧୭ ଅନୁସାରେ ସମସ୍ତ ଜିଲା ପରିଷଦରେ ସଭ୍ୟ ନିର୍ବାଚନ କରିବାକୁ ସମ୍ମତି ଦେଇଛନ୍ତି। ସେହିପରି ଓଡ଼ିଶା ପଞ୍ଚାୟତ ସମିତି ଆକ୍ଟ-୧୯୫୯ ଏବଂ ଓଡ଼ିଶା ପଞ୍ଚାୟତ ସମିତି ନିର୍ବାଚନ ରୁଲ୍‌ସ-୧୯୯୧ର ରୁଲ୍-୪(୧) ଅନୁସାରେ ସମସ୍ତ ପଞ୍ଚାୟତ ସମିତିରେ ସଭ୍ୟଙ୍କ ନିର୍ବାଚନ କରିବାକୁ ସରକାର ଘୋଷଣା କରିଛନ୍ତି। ସେହିପରି ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ-୧୯୬୪ର ଧାରା-୧୨(୧ ଓ ୨), ଓଡ଼ିଶା ଗ୍ରାମ ପଞ୍ଚାୟତ ନିର୍ବାଚନ ନିୟମ-୧୯୬୫ର ରୁଲ୍ ୧୩ ଅନୁସାରେ ରାଜ୍ୟ ସରକାର କେବଳ ଜଗତ୍‌ସିଂହପୁର ଜିଲାର ଏରସମା ବ୍ଲକ ଅନ୍ତର୍ଗତ ଢିଙ୍କିଆ ପଞ୍ଚାୟତକୁ ଛାଡ଼ି ଓଡ଼ିଶାର ଅନ୍ୟ ସମସ୍ତ ପଞ୍ଚାୟତରେ ୱାର୍ଡ ସଭ୍ୟ ଓ ପଞ୍ଚାୟତ ନିର୍ବାଚନ ଲାଗି ଘୋଷଣା କରିଛନ୍ତି। ରାଜ୍ୟର ମୋଟ ୯୧,୯୧୩ ୱାର୍ଡମେମ୍ବର, ୬,୭୯୪ଟି ପଞ୍ଚାୟତର ସରପଞ୍ଚ, ୬,୭୯୧ ପଞ୍ଚାୟତ ସମିତି ସଭ୍ୟ ଓ ୮୫୩ଟି ଜିଲା ପରିଷଦ ସଭ୍ୟ ନିମନ୍ତେ ଗ୍ରାମାଞ୍ଚଳର ୨.୬୨ କୋଟି ଭୋଟର ନିଜ ମତାଧିକାର ସାବ୍ୟସ୍ତ କରିବେ।

# ମାଳିକା ବିଚାର ଶୀର୍ଷକ ଆଲୋଚନାଚକ୍ର



କାର୍ଯ୍ୟକ୍ରମରେ ଅଧ୍ୟାପକ ମୀନକେତନ ପଟ୍ଟଯୋଶୀଙ୍କୁ ସମ୍ମାନିତ କରାଯାଉଛି।

**ପୁରୀ ଅଫିସ, ୮।୧**

ସୃଜନୀ ସାହିତ୍ୟ ସଂସଦ ପୁରୀ ଆନୁକୂଲ୍ୟରେ ଶନିବାର ପେଣ୍ଟକଟା ଜଳସେଚନ ବିଭାଗ ପରିସରସ୍ଥ ମଙ୍ଗଳା ମନ୍ଦିର ସମ୍ମୁଖରେ ମାଳିକା ବିଚାର ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସଦର ସଭାପତି ପ୍ରଫେସର କାର୍ତ୍ତିକ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ମାଳିକା ବିଶାରଦ ଦିବ୍ୟସିଂହ ହରିଚନ୍ଦନ ଯୋଗଦେଇଥିଲେ। ସେ କହିଥିଲେ, ଅଚ୍ୟୁତାନନ୍ଦ ଦାସଙ୍କ ରଚିତ ମାଳିକା ଏକ ଭବିଷ୍ୟତ ବାଣୀ ଭାବେ ଖ୍ୟାତ। ସାମାଜିକ ଜୀବନ ଓ ଲୋକଚରିତ୍ରର ସମୟ ଭବିଷ୍ୟତର କାଳ ପ୍ରଭାବରେ ଅବକ୍ଷୟୀ ହେବାର ସମୟ ନିର୍ଘଣ୍ଟ ହୋଇଥାଏ। ମାଳିକା ନିର୍ଣ୍ଣୟ ଠିକ ପ୍ରମାଣିତ ହେଉଛି ଏବଂ ଏହାର ଅନ୍ତିମ ବାର୍ତ୍ତା ହେଉଛି ଭାରତୀୟ ସଂସ୍କୃତି ଦର୍ଶନର ପୁନରୁଦ୍ଧାର ଓ ପୁନଃଉତ୍‌ଥାନ ଦ୍ୱାରା ଏକ ଶାନ୍ତିପୂର୍ଣ୍ଣ ଅମୃତମୟ ମାନବିକ ଜୀବନ ଚେତନାର ପରିକଳ୍ପନା। ସେହିପରି ସମ୍ମାନିତ ଅତିଥି ଭାବେ ଗୋପ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ପଣ୍ଡା, ଲେଖିକା ବିଜୟଲକ୍ଷ୍ମୀ ସାହୁ, ସାହିତ୍ୟିକ ଶିବ ସୁନ୍ଦର ମିଶ୍ର ଏବଂ ପୂର୍ବତନ ନଗରପାଳ ଶାନ୍ତିଲତା ପ୍ରଧାନ ପ୍ରମୁଖ ଯୋଗଦେଇ ମାଳିକାର ଆବଶ୍ୟକତା ଓ ଭବିଷ୍ୟତବାଣୀ ସମ୍ପର୍କରେ ମତ ରଖିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଂସଦର ସମ୍ପାଦିକା ହେମାଙ୍ଗିନୀ ମହାନ୍ତି ଅତିଥି ପରିଚୟ ଓ ଯୋଗେଶ୍ୱର ପ୍ରହରାଜ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ସରୋଜ କୁମାର ମିଶ୍ର, ଡ. ଅଭିମନ୍ୟୁ ଭୂୟାଁ, କ୍ରିଷ୍ଣା ଦେବୀ, ନାରାୟଣ ନନ୍ଦ, ସତ୍ୟନାରାୟଣ ମିଶ୍ର, ଜୟନ୍ତୀ ମହାପାତ୍ର, ବିଜୟ ଚରଣ ମହାନ୍ତି, କୈଳାସ ଚନ୍ଦ୍ର ସାହୁ, କାଳନ୍ଦି ଚରଣ ପାତ୍ର, ସୁଧୀର ରଞ୍ଜନ ମିଶ୍ର, କୃଷ୍ଣଚନ୍ଦ୍ର ରଥ, ହରେକୃଷ୍ଣ ପ୍ରଧାନୀ, ରତିକାନ୍ତ ପ୍ରତିହାରୀ, ପୌର୍ଣ୍ଣମାସୀ ଦେବୀ, ରବିନାରାୟଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜ୍ୟୋତିର୍ବିଦ୍ ତଥା ଓଡ଼ିଆ ଅଧ୍ୟାପକ ମୀନକେତନ ପଟ୍ଟଯୋଶୀଙ୍କୁ ସମ୍ମାନିତ କରାଯାଇଥିଲା। ଭବାନୀ ପ୍ରସାଦ ବଳିଆରସିଂ, ସୂର୍ଯ୍ୟନାରାୟଣ ପାଣିଗ୍ରାହୀ ଏବଂ ତପନ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଦୀପ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

# ଶ୍ରୀମନ୍ଦିର ଐତିହ୍ୟ କରିଡର ସାର୍ବଜନୀନ ହେଉ

**ପୁରୀ ଅଫିସ, ୮।୧**

ଶ୍ରୀମନ୍ଦିର ଐତିହ୍ୟ ସୁରକ୍ଷା କରିଡର ପୁରୀବାସୀଙ୍କ ପାଇଁ ସାର୍ବଜନୀନ କରାଯାଉ ବୋଲି ଓଡ଼ିଶା ଯୁବ ଚେତନା ସଙ୍ଗଠନ ଏବଂ ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନ ଦାବି କରିଛି। ଏହି ଦୁଇ ସଙ୍ଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର ଶନିବାର ଜିଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିବା ସହ ଦାବିପତ୍ର ଦେଇଛନ୍ତି। ଶ୍ରୀଜଗନ୍ନାଥ ଏବଂ ଶ୍ରୀମନ୍ଦିର ପ୍ରତି ଯେତେବେଳେ ବିପଦ ଆସିଛି, ସେତେବେଳେ ସାତସାହି ମୁଖିଆ ଓ ଜାଗା ଆଖଡ଼ା ନେତୃତ୍ୱରେ ଠାକୁର ଓ ମନ୍ଦିରକୁ ସୁରକ୍ଷା ଦିଆଯାଇଛି। ଏହାବ୍ୟତୀତ ଶ୍ରୀମନ୍ଦିରର ସେବାନୀତି ସହ ସଂପୃକ୍ତ ସେବାୟତ ଓ ସାହିଗୁଡ଼ିକ ସହ ଶ୍ରୀମନ୍ଦିର ରାସ୍ତା ସଂଲଗ୍ନ ରହିଛି। ଏଣୁ ଐତିହ୍ୟ କରିଡର ନିର୍ମାଣ ବେଳେ ସାତସାହି ସହ ମୁଖ୍ୟ ରାସ୍ତାର ଗମନାଗମନ ସଂଯୋଗ, ଅସୁସ୍ଥ ସାହିବାସିନ୍ଦାଙ୍କୁ ଚିକିତ୍ସାଳୟକୁ ନେବା, ରଘୁନନ୍ଦନ ପାଠାଗାର ପୁନଃନିର୍ମାଣ, ଶ୍ରୀମନ୍ଦିର ସମ୍ମୁଖରେ ଭଜନ ମଣ୍ଡପ ଓ ସଂସ୍କୃତି ମଣ୍ଡପ ପଶ୍ଚିମାମୁଖା ହେଉଛି ନା ନାହିଁ ପ୍ରଭୃତି ଜାଣିବା ପୁରୀବାସୀଙ୍କ ଅଧିକାର। ମଠ ମନ୍ଦିର ଜମିଜମା ସମ୍ପର୍କରେ ମାମଲା ଫଏସଲା ପାଇଁ ଯଦି ସରକାର ନୂଆ ରାଜସ୍ୱ ଅଧିକାରୀଙ୍କୁ ପୁରୀ ନ ପଠାନ୍ତି ତେବେ ଅବସରପ୍ରାପ୍ତ ଅଧିକାରୀମାନେ ଏହି କାର୍ଯ୍ୟରେ ପୁଣି ଅବହେଳା କରିବେ। ତେଣୁ ଏ ଦିଗରେ ଜିଲାପାଳ, ସାତସାହି ଆଖଡ଼ା ଓ ମୁଖିଆମାନଙ୍କୁ ନେଇ ଏକ ଖୋଲା ଆଲୋଚନାର ଆବଶ୍ୟକତା ରହିଛି ବୋଲି ମିଶ୍ର ଏହି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

# ଆମାଜନରେ ବିକ୍ରି ହେବ ସ୍ୱାଭିମାନ ଅଞ୍ଚଳର ହଳଦୀ

**ମାଲକାନଗିରି,୮।୧ (ଡି.ଏନ୍.ଏ.)**


ସ୍ୱାଭିମାନ ଅଞ୍ଚଳର ପଣସପୁଟରେ ହୋଇଥିବା ହଳଦୀ ଚାଷ।

ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳର ଉତ୍ପାଦିତ ହଳଦୀ ଆମାଜନରେ ବିକ୍ରି ହେବ। ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଞ୍ଚଳରେ ବାର୍ଷିକ ୫୦ ଟନରୁ ଊର୍ଦ୍ଧ୍ୱ ହଳଦୀ ଅମଳ ହେଉଛି। ସ୍ୱାଭିମାନ ଅଞ୍ଚଳବାସୀଙ୍କୁ ସ୍ୱାବଲମ୍ବୀ କରିବା ଲାଗି ପ୍ରାୟ ୫ କୋଟି ଟଙ୍କାର ହଳଦୀ ପ୍ରକଳ୍ପ ହେବ। ୧୦ କୋଟି ଟଙ୍କା ବ୍ୟୟରେ କୃଷିଭିତ୍ତିକ ଶିଳ୍ପ ସ୍ଥାପନ କରାଯିବ। ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଶନିବାର ଜିଲାପାଳ ବିଶାଳ ସିଂ କହିଛନ୍ତି।

ଏନେଇ ସୂଚନା ଦେଇ ଜିଲାପାଳ କହିଛନ୍ତ ଯେ, ସ୍ୱାଭିମାନ ଅଞ୍ଚଳରେ ଆଦିବାସୀମାନେ ସୁଆଁ, ଅଳସୀ, ମାଣ୍ଡିଆ ଭଳି ଅନ୍ୟାନ୍ୟ ଚାଷ କିଭଳି କରିବା ସହ ଉତ୍ପାଦିତ ଶସ୍ୟକୁ ସଂରକ୍ଷିତ ରଖିବେ ସେଥିପାଇଁ ଶୀତଳ ଭଣ୍ଡାର ସ୍ଥାପନ କରାଯିବ। ମିଶନ ଶକ୍ତି ଜରିଆରେ ମହିଳାଙ୍କୁ ଛୋଟ ଛୋଟ ମିଲ୍ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ୫ଟି ବଡ ୟୁନିଟ ପ୍ରତିଷ୍ଠା କରାଯିବ। ହଳଦୀ ଚାଷ ପାଇଁ ଚାଷୀଙ୍କୁ ସ୍ୱତନ୍ତ୍ର ହାଇବ୍ରିଡ୍ ହଳଦୀ ମଞ୍ଜି ଯୋଗାଇ ଦିଆଯିବ। ସମସ୍ତ ଚାଷୀ ସେତୁ ଯୋଜନାରେ ତାଲିମ ନେବେ। କନ୍ଧମାଳ ଅପେକ୍ଷା ମାଲକାନଗିରି ହଳଦୀ ଆହୁରି ଉନ୍ନତମାନର ହୋଇଥିବାରୁ ସ୍ୱତନ୍ତ୍ର ପ୍ୟାକିଂ ୟୁନିଟ ପ୍ରତିଷ୍ଠା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ହଳଦୀର ପ୍ରଚାରପ୍ରସାର ଇଣ୍ଟରନେଟ ମାଧ୍ୟମରେ କରାଯିବ। ଆମାଜନ କମ୍ପାନୀ ଦ୍ୱାରା ବିଶ୍ୱ ବଜାରରେ ଏହାକୁ ବିକ୍ରି କରାଗଲେ ଚାଷୀ ଲାଭବାନ ହୋଇପାରିବେ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି।

# ପୁରୀ ଜିଲା ବାହାର ଲୋକଙ୍କୁ ସ୍ୱର୍ଗଦ୍ୱାର ମନା

**ପୁରୀ ଅଫିସ,୮।୧**

କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ସ୍ୱର୍ଗଦ୍ୱାରରେ ଶବଦାହ ଉପରେ କଟକଣା ଲାଗୁ ହୋଇଛି। ପୁରୀ ଜିଲା ବାହାର ବ୍ୟକ୍ତିଙ୍କ ଶବଦାହ କିମ୍ବା ଅସ୍ଥି ବିସର୍ଜନ ସମୁଦ୍ରରେ ହୋଇପାରିବ ନାହିଁ। କେବଳ ସହର ତଥା ଜିଲାର ଲୋକଙ୍କୁ ସ୍ୱର୍ଗଦ୍ୱାରରେ ଶବଦାହ ଲାଗି ଅନୁମତି ମିଳିବ। ପରିଚୟପତ୍ର ଓ ବାସସ୍ଥାନ ପ୍ରମାଣପତ୍ର ଦେଖାଇ ବାସିନ୍ଦାମାନେ ସ୍ୱର୍ଗଦ୍ୱାରରେ ଶବଦାହ କରିପାରିବେ। କେହି ପୁରୀ ସହର କିମ୍ବା ଜିଲାରେ ଭଡ଼ାଘର ନେଇ ରହୁଥିଲେ ସେମାନଙ୍କୁ ମଧ୍ୟ ଶବଦାହ ଲାଗି ଅନୁମତି ମିଳିବ। ମାତ୍ର ଏଥିପାଇଁ ଘର ମାଲିକଙ୍କର ଲିଖିତ ଅନୁମତି ଓ ଅନ୍ୟ ପ୍ରମାଣ ଦେବାକୁ ପଡ଼ିବ ବୋଲି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି।

## ଶୀଘ୍ର ଘୋଷଣା...

ପ୍ରଥମ ପୃଷ୍ଠାରୁ...

ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା କରିଛନ୍ତି। କୋଭିଡ୍ ପ୍ରୋଟୋକଲ ମଧ୍ୟରେ ନିର୍ବାଚନ କରାଯିବା ନେଇ ସରକାରଙ୍କ ପକ୍ଷରୁ ଏକ ପ୍ରକାର ସବୁଜ ସଙ୍କେତ ମିଳିଥିବା ବୈଠକରୁ ଜଣାପଡିଛି। ନାମାଙ୍କନ ପତ୍ର ଦାଖଲ, ନିର୍ବାଚନ ସାମଗ୍ରୀ ବିତରଣ କେନ୍ଦ୍ର, ପ୍ରଚାର ଓ ଭୋଟ ଗଣତି ସମୟରେ ହେବାକୁ ଥିବା ଭିଡ଼କୁ ନିୟନ୍ତ୍ରଣ କରିବାକୁ କ'ଣ ସବୁ ପଦକ୍ଷେପ ନିଆଯିବ ସେ ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ଏଥିସହିତ ଯେଉଁ କର୍ମଚାରୀମାନେ ନିର୍ବାଚନ ପରିଚାଳନା କାର୍ଯ୍ୟର ଆଗଧାଡ଼ିରେ ରହୁଛନ୍ତି ସେମାନଙ୍କୁ ଡବଲ ଡୋଜ୍ ଟିକା ଦେବାକୁ ନିର୍ବାଚନ କମିଶନର ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। କୋଭିଡ୍ ସ୍ଥିତିର ତର୍ଜମା ପରେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ଏସ୍‌ଇସି ସୂଚନା ଦେଇଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆର.କେ. ଶର୍ମା, ରାଜ୍ୟ ନିର୍ବାଚନ କମିଶନରଙ୍କ ସଚିବ ରବୀନ୍ଦ୍ର ନାଥ ସାହୁ, ସ୍ୱତନ୍ତ୍ର ସଚିବ ରଘୁରାମ ଆର. ଆୟାର ଏବଂ ଉପ ସଚିବ ଆଜାଦ ହିନ୍ଦ୍ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ଓ କୁରୁମ ପ୍ରସଙ୍ଗ



## ଐତିହ୍ୟ ପୃଷ୍ଠାରୁ

ପୁରୀର ପ୍ରସିଦ୍ଧ ତୀର୍ଥ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀକୁ ନେଇ ଅନେକ ଐତିହ୍ୟ ରହିଛି। ତହିଁରୁ ଗୋଟିଏ ରୋଚକ ଐତିହ୍ୟ ହେଉଛି କୁରୁମ ପ୍ରସଙ୍ଗ। ଏହି ପ୍ରସଙ୍ଗ ଶିଶୁ କୃଷ୍ଣ ରଚିତ ଦେଉଳ ତୋଳାରେ ସ୍ଥାନ ପାଇବା ପରେ ଓଡ଼ିଶାରେ ବହୁଳ ପ୍ରଚାରିତ ହୋଇଥିଲା। ଇନ୍ଦ୍ରଦ୍ୟୁମ୍ନ ପ୍ରସଙ୍ଗ ସଂସ୍କୃତ ମହାଭାରତର ବନପର୍ବରେ ଦେଖିବାକୁ ମିଳେ। ସେଥିରେ ମଧ୍ୟ କୁରୁମ ପ୍ରସଙ୍ଗ ରହିଛି। ନୈମିଷାରଣ୍ୟରେ ପାଣ୍ଡବମାନେ ମହର୍ଷି ମାର୍କଣ୍ଡେୟଙ୍କୁ ପଚାରିଥିଲେ, ଆପଣଙ୍କଠାରୁ ପୁରୁଣା ବ୍ୟକ୍ତି କିଏ ? ମହର୍ଷି କହିଥିଲେ, ମହାରାଜା ଇନ୍ଦ୍ରଦ୍ୟୁମ୍ନ। ଥରେ ପୁଣ୍ୟକ୍ଷୟ ହେବାରୁ ମର୍ତ୍ତ୍ୟଲୋକକୁ ଆସିଥିଲେ। ଆସିବା ପରେ ମୋତେ ହିଁ ପଚାରିଥିଲେ ଚିହ୍ନି ପାରୁଛନ୍ତି! ମୁଁ ନା କହିବା ସହିତ ପରାମର୍ଶ ଦେଇଥିଲି ପ୍ରାବର କର୍ଣ୍ଣ ନାମ ଉଲୁକ ମହର୍ଷି ମୋ' ଠାରୁ ପୁରାତନ। ସେ ହିମାଳୟରେ ଅଛନ୍ତି। ତାଙ୍କୁ ପଚାର। ମହର୍ଷି ପ୍ରାବରକର୍ଣ୍ଣ (ଯେ କି ବହୁବର୍ଷ ତପସ୍ୟା କରି ପେଚା ବା ଉଲୁକ ପରି ଦେଖାଯାଉଥିବାରୁ ସେ ଉଲୁକ ଋଷି ନାମରେ ଜଣାଶୁଣା ଥିଲେ ) କହିଲେ ମୁଁ ଚିହ୍ନିପାରୁ ନାହିଁ। ମୋ ଠାରୁ ପୁରୁଣା ହେଉଛନ୍ତି ନାଡ଼ିଜଙ୍ଗ ମହର୍ଷି, ଯେ ତପସ୍ୟା କରି ବଗ ସଦୃଶ କ୍ଷୀଣ ଶରୀର ହୋଇଯାଇଛନ୍ତି। ତାଙ୍କ ପାଖକୁ ଯାଆନ୍ତୁ।ସେ ଆପଣଙ୍କୁ ଚିହ୍ନି ପାରିବେ। ନାଡ଼ିଜଙ୍ଗ ମହର୍ଷି ବି ଚିହ୍ନି ପାରିଲେନି। କହିଲେ ମୋ ଠାରୁ ପୁରୁଣା ହେଉଛନ୍ତି ଅକୁପାର ନାମକ କୁରୁମ। ସେ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀରେ ରହୁଛନ୍ତି। ତାଙ୍କୁ ପଚାର। ଅକୁପାରଙ୍କୁ ପଚାରିବାରୁ ସେ ଇନ୍ଦ୍ରଦ୍ୟୁମ୍ନଙ୍କୁ ଚିହ୍ନନ୍ତି ବୋଲି କହିଥିଲେ। ତାଙ୍କରି ଯଜ୍ଞରେ ଗୋରୁମାନଙ୍କ ଖୁରାରୁ ଏହି ହ୍ରଦର ସୃଷ୍ଟି। ସେବେଠାରୁ ମୁଁ ଏଠାରେ ବାସ କରୁଛି। ମନେ ହୁଏ ପ୍ରଥମେ ଏହି ତୀର୍ଥ ବିଶାଳ ହ୍ରଦ ସଦୃଶ ଥିଲା। ଯାରି କୂଳରେ ଅକୁପାର ମହର୍ଷି ତପସ୍ୟା କରି ବହୁ ବର୍ଷ ପରେ ଗୁଦୁଲୁଗାଦଲ ହୋଇ ଗୋଟିଏ ବଡ଼ କଇଁଛ ସଦୃଶ ଦେଖାଯାଉଥିଲେ। ମହାଭାରତର ଏହି ମୂଳ ବର୍ଣ୍ଣନାକୁ ନେଇ ଇନ୍ଦ୍ରଦ୍ୟୁମ୍ନର କୁରୁମ ଐତିହ୍ୟ ବିକାଶ ଲାଭ କରିଥିଲା। ପରେ ଶହ ଶହ ସଂଖ୍ୟାରେ ଏଠାରେ କୁରୁମ ବିକଶିତ ହୋଇଥିଲେ। ଦେଉଳ ତୋଳା କାବ୍ୟରେ କୃଷ୍ଣଦାସେ ଏଇ ଐତିହ୍ୟକୁ ବିସ୍ତାରିତ କରିଥିଲେ। ବଡ଼ଦେଉଳ ତୋଳାଯିବା ସମୟରେ ମଣିଷମାନେ ପଥର ବୋହି ବୋହି କୁରୁମ ପାଲଟି ଯାଇଥିଲେ। ସେମାନେ ଏହି ତୀର୍ଥରେ ରହିଯାଇଥିଲେ। ଏହି ବିଶ୍ୱାସକୁ ତୀର୍ଥଯାତ୍ରୀଙ୍କୁ ବି ତୀର୍ଥପଣ୍ଡା ବୁଝାଉଥିଲେ। ଚମତ୍କାର ଐତିହ୍ୟ ମନରେ କୌତୂହଳ ସୃଷ୍ଟି କରିବା ପରେ ତୀର୍ଥ ଦାଢରେ ବିକ୍ରି ହେଉଥିବା ଲିଆ କିଣି ତୀର୍ଥକୁ ପକାଉଥିଲେ। ବଡ଼ ବଡ଼ କୁରୁମ ତାହାକୁ ଖାଇବାକୁ ଆସୁଥିଲେ। ପଇସା ପକାଉଥିଲେ।

କାର୍ତ୍ତିକ ମାସରେ ହବିଷ ପାଳୁଥିବା ଲୋକେ- କଡିକିଆ ଦାସ, କଡିକିଆ ମୁଆଁ ଖାଇବ ଆସ କହି ବେଣ୍ଟମୁଆଁ ଦେଉଥିଲେ ଖାଇବାକୁ। ୧୯୭୧ ମସିହାରେ ତୀର୍ଥ ସଂସ୍କାରବେଳେ ହଜିଗଲେ ସେମାନେ। ଯାହାଥିଲେ ମାଛ ଧରିବା ପାଇଁ ନିଲାମ ଦିଆଯିବା ପରେ ସେମାନେ ଲୋପ ପାଇଗଲେ!

ନିଲାମକୁ ବିରୋଧ ହୋଇଥିଲା, ମାତ୍ର ୩୩ ବର୍ଷ ତଳେ ଆଉ ଗୋଟିଏ ବି କୁରୁମ ଦେଖାଗଲେ ନାହିଁ। ତୀର୍ଥ କୂଳରେ ଲିଆ ଆଉ ମୁଆଁ ପସରା ଦେଖିବାକୁ ମିଳିଲାନି। ଶ୍ରୀମନ୍ଦିର ପ୍ରଶାସନ ସେହି ସମୟରେ କଟକ ଜିଲାର ଚମ୍ପାପୁର ଗାଁରୁ କୁରୁମ ଆଣିବା ପାଇଁ କଟକ ଜିଲାପାଳଙ୍କୁ ଚିଠି ଲେଖିଥିଲା। ଏହା ୧୯୮୯ ମସିହାର କଥା। କ'ଣ ହେଲା ତାହା ଆଉ ଆଗେଇଲା ନାହିଁ। ସତରେ ଏକ ଐତିହ୍ୟ ଘଟଣାକୁ ମାମୁଲି ଘଟଣା ଆମେ ଭାବିଲେ! ପ୍ରାଚୀନ କୁରୁମମାନଙ୍କ ଐତିହ୍ୟ ଧ୍ୱଂସ ପାଇବା ପରେ ଆମେ ନୂଆ ନୂଆ କୁରୁମ ଚାଷ କରୁଛେ ପରିବେଶ ପାଇଁ!

**ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର**

# ବିମାନବନ୍ଦରରେ ଯାତ୍ରୀ ସଂଖ୍ୟା ହ୍ରାସ

**ଭୁବନେଶ୍ୱର, ୮।୧(ବ୍ୟୁରୋ)**


ବିମାନ ବନ୍ଦରରେ ଓଡ଼ିଶା ଆସିଥିବା ଯାତ୍ରୀମାନଙ୍କର ଆର୍‌ଟି-ପିସିଆର ଟେଷ୍ଟ କରାଯାଉଛି।

କରୋନା ଯୋଗୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଯାତ୍ରୀ ସଂଖ୍ୟା ହ୍ରାସ ପାଇଛି। ଏ ନେଇ ଶନିବାର ବିମାନବନ୍ଦର ନିର୍ଦ୍ଦେଶକ ପ୍ରଭାତ ରଞ୍ଜନ ବେଉରିଆ ସୂଚନା ଦେଇଛନ୍ତି। ତାଙ୍କ ସୂଚନାନୁଯାୟୀ, ଗତ ସପ୍ତାହରେ ବିମାନ ବନ୍ଦରରେ ଦୈନିକ ହାରାହାରି ୧୨ ହଜାର ଯାତ୍ରୀ ଯାତାୟାତ ହେଉଥିଲା। କିନ୍ତୁ ଏବେ ତାହା ୭ରୁ ୮ ହଜାରକୁ ଖସି ଆସିଛି। ବର୍ତ୍ତମାନ ଭୁବନେଶ୍ୱର ବିମାନବନ୍ଦରକୁ କୌଣସି ଆନ୍ତର୍ଜାତିକ ବିମାନ ଆସୁନାହିଁ। ଏବେ ଏଠାକୁ ଦୈନିକ ୩୮ଟି ବିମାନ ଆସୁଛି ଓ ଏଠାରୁ ୩୮ଟି ବିମାନ ଯାଉଛି। ତେବେ କରୋନା ପାଇଁ ବିମାନବନ୍ଦରରେ ସବୁ ପ୍ରକାରର ସତର୍କତା ପାଳନ କରାଯାଉଛି। ବିମାନବନ୍ଦରରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଯାତ୍ରୀଙ୍କ ଆର୍‌ଟି-ପିସିଆର୍ ଟେଷ୍ଟ ପାଇଁ ସବୁ ସୁବିଧା ଯୋଗାଇ ଦିଆଯାଇଥିବା ନିର୍ଦ୍ଦେଶକ କହିଛନ୍ତି।

ସୂଚନାଯୋଗ୍ୟ, ବିଏମ୍‌ସିର ନୂଆ ନିର୍ଦ୍ଦେଶନାମା ଅନୁସାରେ ଯେଉଁ ଯାତ୍ରୀମାନେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବାର ୭୨ ଘଣ୍ଟା ପୂର୍ବରୁ କରୋନା ପରୀକ୍ଷା କରିଥିବେ, ସେମାନଙ୍କର ଆଉ ଟେଷ୍ଟ ଦରକାର ନାହିଁ। ନଚେତ୍ ସେମାନେ ଆର୍‌ଟିପିସିଆର୍ ଟେଷ୍ଟ କରାଇବାକୁ ବାଧ୍ୟ। ଡବଲ୍ ଡୋଜ୍ ଟିକା ନେଇଥିଲେ ବି ୭୨ ଘଣ୍ଟା ପୂର୍ବର ଆର୍‌ଟିପିସିଆର୍ ରିପୋର୍ଟ ନ ଥିଲେ, ଯାତ୍ରୀଙ୍କର ଏଠାରେ କରୋନା ପରୀକ୍ଷା କରାଯିବ। ଶନିବାର ମଧ୍ୟ ବିଏମ୍‌ସି ପକ୍ଷରୁ ବିମାନବନ୍ଦରରେ ଯାତ୍ରୀଙ୍କର କରୋନା ଟେଷ୍ଟ କରାଯାଇଥିଲା।

# ୟୁପି: ଭର୍ଚୁଆଲ ପ୍ରଚାର ଲାଗି ସବୁ ଦଳ ପ୍ରସ୍ତୁତ

ଲକ୍ଷ୍ନୌ,୮।୧

କୋଭିଡ୍ ସଂକ୍ରମଣ ବଢୁଥିବାରୁ ଏହା ଭୋଟରମାନଙ୍କ ପାଇଁ ଅଭୂତପୂର୍ବ ଚ୍ୟାଲେଞ୍ଜ ସୃଷ୍ଟି କରିବାକୁ ଯାଉଛି। ମତଦାନ ତାରିଖ ଘୋଷଣା ସହ ନିର୍ବାଚନ କମିଶନର କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି କେତେକ କଟକଣା ଲଗାଇବା ପରେ ଉତ୍ତରପ୍ରଦେଶର ରାଜନୈତିକ ଦଳଗୁଡ଼ିକ ଡିଜିଟାଲ ମାଧ୍ୟମରେ ନିର୍ବାଚନ ପ୍ରଚାର କରିବାକୁ ଯୋଜନା କରିଛନ୍ତି। ୟୁପି ପାଇଁ ନିର୍ବାଚନ ତାରିଖ ଘୋଷଣା ପରେ ରାଜନୈତିକ ଦଳଗୁଡ଼ିକ ଏ ଦିଗରେ



ତତ୍ପର ହୋଇଉଠିଛନ୍ତି। ତୃଣମୂଳ ସ୍ତରର କର୍ମୀ ଏବଂ ଭୋଟରମାନଙ୍କ ସହ ଭର୍ଚୁଆଲି ଯୋଗାଯୋଗ କରିବା ନିମନ୍ତେ ସର୍ବଶ୍ରେଷ୍ଠ ଟେକ୍ନୋଲୋଜିର ବ୍ୟବହାର କରିବା ଲାଗି ଭାଜପା ଏହାର ଆଇଟି ଶାଖାକୁ ସତର୍କ କରାଇଛି। ୩ଡି ଷ୍ଟୁଡିଓ ମିକ୍ସ, ଜୁମ୍, ୱେବ୍‌ଏକ୍ସ ଭଳି ଉପଲବ୍ଧ ସର୍ବଶ୍ରେଷ୍ଠ ଡିଜିଟାଲ ମାଧ୍ୟମର ସହାୟତା ନିଆଯିବ ବୋଲି ୟୁପି ଭାଜପା ଆଇଟି ଶାଖା ମୁଖ୍ୟ କାମେଶ୍ୱର ମିଶ୍ରା କହିଛନ୍ତି। ଭାଜପାର 'ସେବା ହିଁ ସଂଗଠନ' ପ୍ରଚାର ଶୁଭାରମ୍ଭ ବେଳେ ଏଭଳି ପ୍ରଯୁକ୍ତିର ସହାୟତା ନିଆଯାଇଥିଲା। ଦଳର ବ୍ରଡ୍‌କାଷ୍ଟ ଲିଙ୍କ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଶେୟାର କରାଯିବ ବୋଲି ମିଶ୍ରା କହିଛନ୍ତି। ଇତିମଧ୍ୟରେ ଭାଜପା ରାଜ୍ୟର ସମସ୍ତ ୧.୮୦ ମତଦାନ କେନ୍ଦ୍ରରେ ଅନ୍ୟୁନ ଦୁଇଟି ଲେଖାଏ ହ୍ୱାଟ୍ସଆପ୍ ଗ୍ରୁପ୍ ଗଠନ କରିସାରିଲାଣି।

ସେହିପରି ଅଖିଳେଶ ଯାଦବଙ୍କ ନେତୃତ୍ୱାଧୀନ ସମାଜବାଦୀ ପାର୍ଟି (ଏସ୍‌ପି) ଭୋଟରମାନଙ୍କୁ ଭର୍ଚୁଆଲ ମାଧ୍ୟମ ଜରିଆରେ ଯୋଡ଼ିବା ପାଇଁ ଉଦ୍ୟମ ଚଳାଇଛି। ଫେସ୍‌ବୁକ୍, ଟୁଇଟର, ୟୁ-ଟ୍ୟୁବ୍ ସମେତ ବିଭିନ୍ନ ଭର୍ଚୁଆଲ ମିଡିଆ ପ୍ଲାଟଫର୍ମକୁ କାର୍ଯ୍ୟରେ ଲଗାଯିବ ବୋଲି ଏସ୍‌ପି ମୁଖପାତ୍ର ଅବଦୁଲ ହଫିଜ ଗାନ୍ଧୀ କହିଛନ୍ତି। ଏହା ବ୍ୟତୀତ ଦଳ ଛୋଟ ଭ୍ୟାନ୍‌ରେ ଏଲ୍‌ଇଡି ସ୍କ୍ରିନ୍ ନେଇ ଗ୍ରାମାଞ୍ଚଳ ଲୋକଙ୍କୁ ଦଳର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନ କରାଇବାକୁ ଯୋଜନା କରିଛି।

କଂଗ୍ରେସ ମଧ୍ୟ ଡିଜିଟାଲ ମାଧ୍ୟମରେ ସର୍ବାଧିକ ଲୋକଙ୍କ ସହ ସମ୍ପର୍କ ରଖିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ବୁଥ୍ ସ୍ତରରେ ଲୋକମାନଙ୍କ ସହ ଯୋଗସୂତ୍ର ରଖିବା ଲାଗି ଦଳର ଆଇଟି ସେଲ୍ କାର୍ଯ୍ୟ କରୁଥିବା ଏଆଇସିସି ସଦସ୍ୟ ଦ୍ୱିଜେନ୍ଦ୍ର ତ୍ରିପାଠୀ କହିଛନ୍ତି। ଅନ୍ୟ ପକ୍ଷରେ ସୋସିଆଲ ମିଡିଆଠାରୁ ଦୂରେଇ ରହିଥିବା ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଏବେ ଭର୍ଚୁଆଲ ହେବା ଲାଗି ପ୍ରସ୍ତୁତ ହେଉଛି।

# ଚଣ୍ଡିଗଡ଼ ମେୟର ନିର୍ବାଚନ ଜିତିଲା ଭାଜପା

**ଚଣ୍ଡିଗଡ଼,୮।୧:** ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ ଅନୁଷ୍ଠିତ ଚଣ୍ଡିଗଡ଼ ମେୟର ନିର୍ବାଚନରେ ଭାଜପା ବିଜୟୀ ହୋଇଛି। ଭାଜପାର ମେୟର ପ୍ରାର୍ଥୀ ସରବଜିତ୍ କୌର ଆମ୍ ଆଦ୍‌ମୀ ପାର୍ଟି ପ୍ରାର୍ଥୀ ଅଞ୍ଜୁ କଟ୍ୟାଲଙ୍କଠାରୁ ଗୋଟିଏ ଭୋଟରେ ବିଜୟୀ ହୋଇଛନ୍ତି। ଉଭୟ ପ୍ରାର୍ଥୀ ୧୪ ଲେଖାଏ ଭୋଟ ପାଇଥିବାବେଳେ ଏଏପି ପ୍ରାର୍ଥୀଙ୍କ ସପକ୍ଷରେ ଯାଇଥିବା ଗୋଟିଏ ଭୋଟ ନାକଚ ହୋଇଯିବାରୁ ଭାଜପା ପ୍ରାର୍ଥୀଙ୍କୁ ବିଜୟୀ ଘୋଷଣା କରାଯାଇଛି। ଜାଲିଆତି ଅଭିଯୋଗ କରି ଏଏପି କାଉନ୍‌ସିଲରମାନେ ଡେପୁଟି କମିଶନର ବିନୟ ପ୍ରତାପଙ୍କ ନିକଟରେ ପ୍ରତିବାଦ ଜଣାଇଥିଲେ। ବରିଷ୍ଠ ଡେପୁଟି ମେୟର ଏବଂ ଡେପୁଟି ମେୟର ପଦ ଲାଗି ନିର୍ବାଚନ ପ୍ରକ୍ରିୟା ବନ୍ଦ ରଖିବାକୁ ଦାବି କରିଥିଲେ। କଂଗ୍ରେସ କୌଣସି ପ୍ରାର୍ଥୀ ଦେଇ ନ ଥିଲା। ଏହାର ୭ କାଉନସିଲରଙ୍କ ସମେତ ଅକାଳୀ ଦଳର ଜଣେ କାଉନସିଲର ଭୋଟ ପ୍ରକ୍ରିୟାରେ ଭାଗ ନେଇ ନ ଥିଲେ।

# 'ନିର୍ବାଚନ ପାଇଁ ଧୂଆଁ ବାଣ'

ବାଲେଶ୍ୱର ଅଫିସ, ୮।୧

ବାଲେଶ୍ୱର ଜିଲା ବାଲିଆପାଳ ଅଞ୍ଚଳରେ ପେଟ୍ରୋକେମିକାଲ ପ୍ଲାଣ୍ଟ ବନ୍ଦ ହେବା ନେଇ ବିଜେଡିର ଘୋଷଣା ନିର୍ବାଚନ ଲାଗି ଧୂଆଁବାଣ ବୋଲି ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଭାପତି ସଞ୍ଜୀବ ଗିରି କହିଛନ୍ତି।

କଂଗ୍ରେସ ଜନତାଙ୍କ ସହିତ ସର୍ବଦା ରହିଛି। ବିକାଶକୁ କଂଗ୍ରେସ ବିରୋଧ କରେ ନାହିଁ। ବାଲିଆପାଳର ପେଟ୍ରୋ କେମିକାଲ ପ୍ରତିଷ୍ଠା କ୍ଷେତ୍ରରେ ଯେତେବେଳେ ୬ଟି ପଞ୍ଚାୟତର ୧୫ ହଜାର ପରିବାରର ୬୦ ହଜାର ଲୋକ ବିବ୍ରତ ହେଲେ ସେତେବେଳେ କଂଗ୍ରେସ ଜନତାଙ୍କ ପାଇଁ ଲଢ଼େଇ ଆରମ୍ଭ କରିଥିଲା। କଂଗ୍ରେସର ସର୍ବଭାରତୀୟ ସାଧାରଣ ସମ୍ପାଦକ ଡ. ଚେଲ୍ଲା କୁମାର ଓ ବାଲେଶ୍ୱର କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ ଏକ ସମାବେଶରେ ବାଲିଆପାଳବାସୀଙ୍କ ସ୍ୱାର୍ଥ ପାଇଁ କଂଗ୍ରେସ ଲଢ଼େଇ କରିବ ବୋଲି ଘୋଷଣା କରିଥିଲେ। ପଞ୍ଚାୟତ ନିର୍ବାଚନ ଲାଗି ବିଜେଡି ତରବରିଆ ଭାବେ ହଠାତ୍ ସମାବେଶ କରି ପେଟ୍ରୋ କେମିକାଲ ବନ୍ଦ ଘୋଷଣା କରିବା ଅତ୍ୟନ୍ତ ଲଜ୍ଜାଜନକ ବୋଲି କଂଗ୍ରେସ ଜିଲା ସଭାପତି ଗିରି ପ୍ରକାଶ କରିଛନ୍ତି। ସେହିପରି ବସ୍ତା କଂଗ୍ରେସ ନେତା ତଥା ବାଲିଆପାଳ ବ୍ଲକ ଅଧ୍ୟକ୍ଷ ବିଜନ ନାୟକ କହିଛନ୍ତି ଯଦି ବାଲିଆପାଳର ରତ୍ନଗର୍ଭା ମାଟି ପାଇଁ ବିଜେଡିର ଚିନ୍ତା ଥିଲା, ତାହେଲେ ପ୍ରଥମରୁ କାହିଁକି ନୀରବ ରହିଥିଲା। ଏହା କେବଳ ପଞ୍ଚାୟତ ନିର୍ବାଚନ ପାଇଁ ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି। କିନ୍ତୁ କଂଗ୍ରେସ ବାଲିଆପାଳବାସୀଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିଛି, କରିଚାଲିଥିବ ବୋଲି କହିଥିଲେ। ଜିଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଯେନା ଓ ସମ୍ପାଦକ ପଶୁପତି ଉପାଧ୍ୟାୟ ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ।



ବାଲେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀ।

# ଗାନ୍ଧିଜୀ କଂଗ୍ରେସକୁ ସଦ୍‌ବୁଦ୍ଧି ଦିଅନ୍ତୁ: ଭାଜପା



ଭୁବନେଶ୍ୱର ଜନତା ମଇଦାନସ୍ଥିତ ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ଭାଜପା ପକ୍ଷରୁ ଧାରଣା।

## ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ତ୍ରୁଟିକୁ ନେଇ ନୀରବ ପ୍ରତିବାଦ

ଭୁବନେଶ୍ୱର,୮।୧(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁରକ୍ଷାରେ ତ୍ରୁଟିକୁ ନେଇ ଭାଜପା କାର୍ଯ୍ୟକର୍ତ୍ତାମାନେ ଶନିବାର ରାଜ୍ୟର ବିଭିନ୍ନ ସ୍ଥାନରେ ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ନୀରବ ଧାରଣା ଦେଇଛନ୍ତି।

ଭାରତୀୟ ସମ୍ବିଧାନ ଅନୁଯାୟୀ ଦେଶ ଶାସନ ବ୍ୟବସ୍ଥାର ପ୍ରମୁଖ ତଥା ପ୍ରଧାନମନ୍ତ୍ରୀ ପଦକୁ କଂଗ୍ରେସ ନେତୃତ୍ୱ ଯେଉଁ ଭଳି ଭାବେ ଅପମାନିତ କରିଛନ୍ତି, ତାହା ଅତ୍ୟନ୍ତ ଲଜ୍ଜାଜନକ। ଅତୀତରେ ତ୍ରୁଟିପୂର୍ଣ୍ଣ ସୁରକ୍ଷା କାରଣରୁ ଦେଶବାସୀ ୨ଜଣ ପ୍ରଧାନମନ୍ତ୍ରୀଙ୍କୁ ହରାଇଥିବା କଥା କଂଗ୍ରେସ ନେତା ଭୁଲିବା କଥା ନୁହେଁ। ଗତ ୫ ତାରିଖରେ ପଞ୍ଜାବରେ ଶାସକ କଂଗ୍ରେସ ଦଳ ତରଫରୁ ହୀନ ଷଡ଼ଯନ୍ତ୍ର ରଚାଯାଇ ଯାତ୍ରା ପଥକୁ ଅବରୋଧ କରି ଦୀର୍ଘ ୨୦ ମିନିଟ୍ କାଳ ପ୍ରଧାନମନ୍ତ୍ରୀଙ୍କ କାର୍‌କେଡ୍‌କୁ ରାସ୍ତା ମଝିରେ ଓ ପୋଲ ଉପରେ ରୋକାଯାଇଥିଲା। ନିଶ୍ଚିତ ଭାବେ ଏକ ସମ୍ଭାବ୍ୟ ଅଘଟଣରୁ ପ୍ରଧାନମନ୍ତ୍ରୀ ବର୍ତ୍ତି ଯାଇଛନ୍ତି। ପ୍ରଧାନମନ୍ତ୍ରୀ ଭାବେ ବିଶ୍ୱବ୍ୟାପୀ ସୁନାମ ଅର୍ଜନ କରିଥିବା ନରେନ୍ଦ୍ର ମୋଦିଙ୍କ ବିରୋଧରେ ହୀନ ଷଡ଼ଯନ୍ତ୍ର ରଚି କଂଗ୍ରେସ ଦଳ ଅସହିଷ୍ଣୁ ମନୋଭାବକୁ ସ୍ପଷ୍ଟ କରିଛି। କଂଗ୍ରେସ ନେତୃତ୍ୱଙ୍କୁ ଗାନ୍ଧିଜୀ ସଦ୍‌ବୁଦ୍ଧି ଦିଅନ୍ତୁ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। କଂଗ୍ରେସ ଦଳର ଏଭଳି ହୀନ ମାନସିକତା ଏବଂ ଷଡ଼ଯନ୍ତ୍ରକୁ ପ୍ରତିବାଦ କରି ରାଜ୍ୟ ଭାଜପା ପକ୍ଷରୁ ଶନିବାର ଭୁବନେଶ୍ୱରସ୍ଥିତ ଜନତା ମଇଦାନ ନିକଟ ପାର୍କରେ ଥିବା ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ନୀରବ ଧାରଣା ଦିଆଯାଇଥିଲା।

ଏହି ନୀରବ ଧାରଣାରେ ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦିକ ଲେଖାଶ୍ରୀ ସାମନ୍ତସିଂହାର, ଜିଲା ସଭାପତି ବାବୁ ସିଂ, ଭାଜପା ସ୍ୱଚ୍ଛ ଭାରତ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ମହେଶ ମହାନ୍ତି, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଷ୍ଣୁ ଦାସ, ରାଜ୍ୟ ଗଣମାଧ୍ୟମ ସହପ୍ରମୁଖ ସୁଜିତ୍ ଦାସ, ମହିଳା ମୋର୍ଚ୍ଚା ରାଜ୍ୟ ଉପସଭାନେତ୍ରୀ କସ୍ତୁରୀ ମିଶ୍ର, ଜିଲା ସାଧାରଣ ସମ୍ପାଦକ ଅଭିଷେକ ଆଚାର୍ଯ୍ୟ, ଦିଲୀପ ବେହେରା, ମଣ୍ଡଳ ସଭାପତି ଦାମୋଦର ବେହେରା, ସୁରେନ୍ଦ୍ର ପ୍ରଧାନ, ଅଞ୍ଜନ ନାଥ, ବିଜୟ ରାଉତ, ଜିଲା ଯୁବ ମୋର୍ଚ୍ଚା ସଭାପତି ରଶ୍ମିରଞ୍ଜନ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

# ଆଇନ ମନ୍ତ୍ରୀଙ୍କ ବହିଷ୍କାର ଦାବିକଲା କଂଗ୍ରେସ

ଭୁବନେଶ୍ୱର,୮।୧(ବ୍ୟୁରୋ)

ଆଇନ ମନ୍ତ୍ରୀ ପ୍ରତାପ ଜେନା ଏକ କାର୍ଯ୍ୟକ୍ରମରେ ଅଶାଳୀନ ଭାଷା କହୁଥିବାର ଭିଡିଓ କିଛିଦିନ ତଳେ ଭାଇରାଲ ହୋଇଥିଲା। ମହିଳାଙ୍କୁ ସମ୍ମାନ ଓ ମୋ ପରିବାର ସ୍ଲୋଗାନ ଦେଉଥିବା ବିଜୁ ଜନତା ଦଳ ଏହାର ଜବାବ ରଖୁ ବୋଲି କଂଗ୍ରେସ ଦାବି କରିଛି।

ଶନିବାର ଖବରଦାତା ସମ୍ମିଳନୀରେ କଂଗ୍ରେସ ଉପସଭାପତି ତଥା ଦଳର ମୁଖପାତ୍ର ଦେବାଶିଷ ପଟ୍ଟନାୟକ କହିଛନ୍ତି, ଜଣେ ମନ୍ତ୍ରୀ ଯେପରି ମହିଳାଙ୍କ ସମ୍ମୁଖରେ ଓ ମହିଳାଙ୍କ ଉଦ୍ଦେଶ୍ୟରେ ଅଶାଳୀନ ଶବ୍ଦ ପ୍ରୟୋଗ କରୁଛନ୍ତି, ସେ ସମ୍ପର୍କରେ ଦଳ କିମ୍ବା ମୁଖ୍ୟମନ୍ତ୍ରୀ ନୀରବ କାହିଁକି। ଏହା ପୂର୍ବରୁ ସମ୍ପୃକ୍ତ ମନ୍ତ୍ରୀ ମାହାଙ୍ଗା ଡବଲ ମର୍ଡର ଘଟଣାରେ ନିଜ ନାମକୁ ଚାର୍ଜଶିଟ୍‌ରୁ ବାଦ୍ ଦେବାପରେ କୋର୍ଟଙ୍କ ଦ୍ୱାରା ଭର୍ତ୍ସିତ ହୋଇଥିଲେ। ନିଜକୁ ରେଭେନ୍‌ଶାର ଛାତ୍ର ଓ ଆଲୁମ୍‌ନି ସଦସ୍ୟ କହି ବୁଲୁଥିବା ମନ୍ତ୍ରୀଙ୍କ ଏତାଦୃଶ ଆଚରଣ ଓ ଉଚ୍ଚାରଣ ଉକ୍ତ ଶିକ୍ଷାନୁଷ୍ଠାନର ଗରିମାକୁ ମଧ୍ୟ କ୍ଷୁଣ୍ଣ କରୁଛି। ଏହା କଟକ ଜିଲା ଓ ଓଡ଼ିଶାର ସମ୍ମାନ ଉପରେ ଆକ୍ରମଣ। ମନ୍ତ୍ରୀ ନିଜ ଆଡୁ ଇସ୍ତଫା ଦେବା ଉଚିତ, ନଚେତ ମୁଖ୍ୟମନ୍ତ୍ରୀ ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରନ୍ତୁ ବୋଲି ସେ ଦାବି କରିଛନ୍ତି। ଏହି ସମ୍ମିଳନୀରେ ଦଳର ମୁଖପାତ୍ର ମନୋରଞ୍ଜନ ଦାଶ, ଅମିୟ ପାଣ୍ଡବ ଏବଂ ସାଧାରଣ ସମ୍ପାଦକ ଚିନ୍ମୟ ସୁନ୍ଦର ଦାସ ପ୍ରମୁଖ ଉପସ୍ଥିତ ଥିଲେ।




ରାଜ୍ୟ ଖବର

# 'ଓଡ଼ିଆ ଭାଷା ସାହିତ୍ୟକୁ କେନ୍ଦୁଝରର ଅବଦାନ ଅନସ୍ୱୀକାର୍ଯ୍ୟ'

କେନ୍ଦୁଝର, ୮।୧(ଡି.ଏନ୍.ଏ.)

## ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆଲୋଚନାଚକ୍ର

ଓଡ଼ିଆ ଭାଷା ସାହିତ୍ୟକୁ କେନ୍ଦୁଝର ଜିଲାର ଏକ ସ୍ୱତନ୍ତ୍ର ଅବଦାନ ରହିଛି ଏବଂ ଏହା ଆମ ସାହିତ୍ୟକୁ ଋଦ୍ଧିମନ୍ତ କରିଛି। ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଶନିବାର କେନ୍ଦୁଝର ସଂସ୍କୃତି ଭବନଠାରେ ଏକଦିବସୀୟ ଆଲୋଚନାଚକ୍ର ଓ କବିତା ପାଠୋତ୍ସବରେ ସଭାପତି ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ଡ. ହୃଷୀକେଶ ମଲ୍ଲିକ ଏହା କହିଛନ୍ତି। ଭୁଷୁକପାଦ ଯିଏ କି ଶାନ୍ତିଦେବ ନାମରେ ଖ୍ୟାତ ଥିଲେ, ତାଙ୍କଠାରୁ ଆରମ୍ଭ କରି ବେଣୁଧର ରାଉତ, ଡ. ଗଙ୍ଗାଧର ବଳ, ଶରତ ଚନ୍ଦ୍ର ପ୍ରଧାନ, ହଳଧର ସୂତାର, ମଦନମୋହନ ମିଶ୍ର, ରମେଶ ଚନ୍ଦ୍ର ଚକ୍ରବର୍ତ୍ତୀ ଏବଂ ଏବେକାର ସାହିତ୍ୟ ସାଧକଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ ବୋଲି ଏକାଡେମୀର ସଭାପତି ଡ. ମଲ୍ଲିକଙ୍କ ସମେତ ବହୁ ବିଶିଷ୍ଟ ବକ୍ତା ବକ୍ତବ୍ୟ ରଖିଥିଲେ।

ଡ. ମଲ୍ଲିକ ଏଥିରେ ସଭାପତିତ୍ୱ କରି କହିଥିଲେ, ଆଞ୍ଚଳିକ ବା ସ୍ଥାନୀୟ ଭାଷାରେ ସାହିତ୍ୟ ସୃଷ୍ଟି କରିବା ଆବଶ୍ୟକ। ଗୋଟିଏ ଅଞ୍ଚଳର ସ୍ଥାନୀୟ ଭାଷାର ସ୍ୱତନ୍ତ୍ର ମହକ ଓ ମାଦକ ରହିଛି। ବିବିଧତା ଭାରତୀୟ ଭାଷା ସାହିତ୍ୟର ବୈଶିଷ୍ଟ୍ୟ ଏବଂ ସହରୀୟ ଭାଷା ପ୍ରୟୋଗ ଅପେକ୍ଷା ସ୍ଥାନୀୟ ଭାଷା ସାହିତ୍ୟର ବିଶେଷ ଆବଶ୍ୟକତା ରହିଛି। 'ଓଡ଼ିଆ ଭାଷା ସାହିତ୍ୟ ଗଠନରେ କେନ୍ଦୁଝରର ଭୂମିକା' ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ମିଳନୀ ସାହିତ୍ୟ ସଂସଦ ସଭାପତି ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବିଦ୍ୟାଧର ବେହେରା ଯୋଗ ଦେଇଥିଲେ। ଏକାଡେମୀ ସଦସ୍ୟ ତଥା କବି ପିନାକୀ ମିଶ୍ର ସ୍ୱାଗତ ଭାଷଣ ଓ ସୁଜିତ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସଭା ମୁଖ୍ୟ ଭାବେ ମିଳନୀ ସାହିତ୍ୟ ସଂସଦ ସମ୍ପାଦକ ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଚିତ୍ତ ମିଶ୍ର, ସମ୍ମାନିତ ଅତିଥି ଭାବେ ଡ. ସୁନୀଲ ରଥ, ଡ. ଅଶୋକ କୁମାର ପୁହାଣ ଓ ଚିତ୍ତରଞ୍ଜନ ନାୟକ ଯୋଗ ଦେଇଥିଲେ। କେନ୍ଦୁଝରର ସାହିତ୍ୟ ସ୍ରଷ୍ଟାମାନଙ୍କ ପକ୍ଷରୁ ଏକାଡେମୀ ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି କବି ଡ. ହୃଷୀକେଶ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।




See Career Appointment on every Wednesday & Saturday

# ଓଡ଼ିଆ ଛାତ୍ରଙ୍କୁ ହମ୍ବୋଲ୍ଟ ଫେଲୋଶିପ୍

**କାମାକ୍ଷାନଗର, ୮।୧(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍‌ଏସି ଅନ୍ତର୍ଗତ ନୂଆ ଆଲତୁମା ସାହିର ପ୍ରଦୀପ ମୁଖାର୍ଜୀଙ୍କ ପୁତ୍ର ପ୍ରଶାନ୍ତ ଜର୍ମାନୀର ଅଗ୍ସବର୍ଗ ବିଶ୍ୱବିଦ୍ୟାଳୟରେ ପୋଷ୍ଟଡକ୍ଟରାଲ ଗବେଷଣା ପାଇଁ ସମ୍ମାନଜନକ ହମ୍ବୋଲ୍ଟ ଫେଲୋଶିପ୍‌ରେ ସମ୍ମାନିତ ହୋଇଛନ୍ତି। ପ୍ରଶାନ୍ତ ୨୦୨୧ ଅକ୍ଟୋବରରୁ ଅଗ୍ସବର୍ଗ ବିଶ୍ୱବିଦ୍ୟାଳୟରେ ଯୋଗଦେଇ ଘନୀଭୂତ ପଦାର୍ଥ ବିଜ୍ଞାନ ଉପରେ ଗବେଷଣା କରୁଛନ୍ତି। ନିରାଶ୍ରୟ ଚୁମ୍ବକୀୟତା ଏବଂ କ୍ୱାଣ୍ଟମ୍ ସ୍ପିନ୍ ମଡେଲ ଉପରେ ତାଙ୍କ ଦ୍ୱାରା ପ୍ରସ୍ତୁତ ମଡେଲ ନିକଟ ଭବିଷ୍ୟତରେ ଟପୋଲୋଜିକାଲ କ୍ୱାଣ୍ଟମ୍ ଗଣନାରେ ବ୍ୟବହୃତ ହେବ। ପ୍ରଶାନ୍ତ କଟକ ଷ୍ଟିୱାର୍ଟ ସାଇନ୍ସ କଲେଜରୁ ଯୁକ୍ତ ୨, ରେଭେନ୍‌ସାରୁ ପଦାର୍ଥ ବିଜ୍ଞାନରେ ଯୁକ୍ତ ୩ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତରରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨୦୧୫ରେ ଜାତୀୟସ୍ତରୀୟ ପିଏଚ୍.ଡି ପ୍ରବେଶିକାରେ କୃତକାର୍ଯ୍ୟ ହୋଇ ଆଇଆଇଏସ୍‌ଇଆର୍ ଥିରୁଭାନନ୍ତପୁରମ୍‌ରେ ପିଏଚ୍.ଡିରେ ଯୋଗଦେଇଥିଲେ।



# ୩୦ ଫୁଟ୍ ତଳକୁ ଖସିଲା କାର୍, ୨ ସାଙ୍ଗ ମୃତ

କଳିଙ୍ଗନଗର/ ପାଣିକୋଇଲି, ୮।୧(ଡି.ଏନ.ଏ.)

ଯାଜପୁର ଜିଲା ପାଣିକୋଇଲି ଥାନା ଅଧୀନ ୨୦ ନମ୍ବର ଜାତୀୟ ରାଜପଥର ଧନପୁର ଛକ ନିକଟରେ ଶୁକ୍ରବାର ରାତିରେ ଏକ କାର୍ ଭାରସାମ୍ୟ ହରାଇ ୩୦ ଫୁଟ୍ ତଳକୁ ଖସିପଡ଼ିଛି। ଏଥିଯୋଗୁ ୨ସାଙ୍ଗଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଯାଜପୁର ରୋଡ୍ ଥାନା ଅଧୀନ ଝାଟିଆସାହିର ଚନ୍ଦନ ମହାଳିକ(୨୨) ଏବଂ କୋରେଇ ଥାନା କନ୍ତୋର ଗ୍ରାମର ଦେବାଶିଷ ନାୟକ(୧୮)। ଗୁରୁତର ହେଲେ ଝାଟିଆସାହିର ଭବାନୀ ବଳ(୨୨) ଏବଂ ନଟପଡ଼ାର ବବୁଲ ପରିଡ଼ା(୨୨)। ଗୁରୁତର ଦ୍ୱୟଙ୍କୁ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ସୂଚନା ମୁତାବକ, ଉକ୍ତ ୪ ଜଣ ସାଙ୍ଗ ଏକ କାରରେ କୌଣସି କାମରେ ଯାଜପୁର ରୋଡ୍‌ରୁ ପାଣିକୋଇଲି ଅଭିମୁଖେ ଯାଉଥିଲେ। ଧନପୁର ଛକ ନିକଟରେ କାର୍‌କୁ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଫଳରେ କାର୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼ର ଏକ ପାଣିଖାଲରେ ଓଲଟି ପଡ଼ିଥିଲା। ପଛସିଟରେ ବସିଥିବା ଚନ୍ଦନ ଏବଂ ଦେବାଶିଷଙ୍କ ସେଠାରେ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ କାର୍ କାଚ ଭାଙ୍ଗି ଭବାନୀ ଏବଂ ବବୁଲଙ୍କୁ ଉଦ୍ଧାର କରିଥିଲେ। ପରେ ପାଣିକୋଇଲି ପୋଲିସ ପହଞ୍ଚି କାର୍‌କୁ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



ଓଲଟି ପଡ଼ିଥିବା କାର୍।

आज़ादी का अमृत महोत्सव
सत्यमेव जयते
रक्षा सम्पदा संगठन
DEFENCE ESTATES ORGANIZATION

**Govt. of India, Ministry of Defence,**
**Defence Estates Office, Odisha Circle,**

**AUCTION NOTICE**

File No. OR/19/AUCTION/XVIII Dated: 07.01.2022

It is hereby brought to the notice of the interested person that 105 Nos. different types of trees (Teak-4, Acacia-43 & Softwood-58) fallen/uprooted trees during cyclone storm "Fani" falling inside INS Chilka, Distt-Khurda, Odisha will be disposed off/sold by open public Auction on 18.01.2022 at 11.30 Hrs. at Defence Estates Office, Odisha circle Bhubaneswar, Plot No. 163 Prachi Enclave Chandrashekharpur, Bhubaneswar- 751016. The interested person may contact INS Chilka, Distt-Khurda, Odisha and this office on any working day for detail information & terms and conditions of the Auction.

Sd-
(Hemant Jain)
Defence Estates Officer,
Orissa Circle, Bhubaneswar.
Ph- No. 0674-2747631, 2747345
E-mail: deobhub-stats@nic.in

OR/19/AUCTION/XVIII/
Dated 07.01.2022

DSPL - 380

ଓଡ଼ିଶା ସରକାର
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ

**ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର : ୨୦୨୧-୨୨**

ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ପରିବେଶ ସଂରକ୍ଷଣ ତଥା ପରିବେଶ ସମ୍ପର୍କରେ ଜନସଚେତନତା ସୃଷ୍ଟି କ୍ଷେତ୍ରରେ ରାଜ୍ୟର ଗ୍ରାମ / ଶିକ୍ଷାନୁଷ୍ଠାନ / ରେଜେଷ୍ଟ୍ରିଭୁକ୍ତ ସଂସ୍ଥା ଏବଂ ବ୍ୟକ୍ତିବିଶେଷଙ୍କର ଅବଦାନକୁ ଉତ୍ସାହିତ କରିବା ପାଇଁ ଯଥାକ୍ରମେ ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର ଦିଆଯାଏ । ଆସନ୍ତା ୫ ଜୁନ୍, ୨୦୨୨ ବିଶ୍ୱ ପରିବେଶ ଦିବସରେ ପ୍ରତି ବ୍ଲକରୁ ଏକ ଗ୍ରାମ/ ଶିକ୍ଷାନୁଷ୍ଠାନ/ ରେଜେଷ୍ଟ୍ରିଭୁକ୍ତ ସଂସ୍ଥାକୁ ମାନପତ୍ର ସହ ଟ୨୦,୦୦୦/- (କୋଡ଼ିଏ ହଜାର ଟଙ୍କା) **"ପ୍ରକୃତି ମିତ୍ର"** ପୁରସ୍କାର ଏବଂ ଜଣେ ବ୍ୟକ୍ତିଙ୍କୁ ମାନପତ୍ର ସହ ଟ୧୦,୦୦୦/- (ଦଶ ହଜାର ଟଙ୍କା) **"ପ୍ରକୃତି ବନ୍ଧୁ"** ପୁରସ୍କାର ପ୍ରଦାନ କରାଯିବ । ମନୋନୟନ ଫର୍ମର ନମୁନା ତଥା ନିୟମାବଳୀ Centre for Environmental Studies (CES)ର Website www.cesorissa.org ରୁ ବା ସଂପୃକ୍ତ ଜିଲ୍ଲା ପରିବେଶ ସମିତିର ସମ୍ପାଦକ କିମ୍ବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ **ତା୧୬/୦୨/୨୦୨୨ରିଖରୁ ତା୧୫/୦୩/୨୦୨୨ରିଖ** ମଧ୍ୟରେ ମିଳିପାରିବ । ନିର୍ଦ୍ଧାରିତ ଫର୍ମରେ ମନୋନୟନଗୁଡ଼ିକ ଆନୁସଙ୍ଗିକ ପ୍ରମାଣପତ୍ର ସହ **ତା୧୫/୦୩/୨୦୨୨ରିଖ** ସୁଦ୍ଧା ସମ୍ପୃକ୍ତ ଜିଲ୍ଲାପାଳ / ସମ୍ପାଦକ, ଜିଲ୍ଲା ପରିବେଶ ସମିତିଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ

OIPR-08001/13/0007/2122

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ଜାନୁୟାରୀ ୯/୨୦୨୨ Bhubaneswar, Sunday, January 9/ 2022


ଦିଲ୍ଲୀରେ ସପ୍ତାହାନ୍ତ ଲକ୍‌ଡାଉନ ଯୋଗୁ ଜାମା ମସ୍‌ଜିଦ ଚତୁଃପାର୍ଶ୍ୱ ଜନଶୂନ୍ୟ।


ତୁଷାରପାତ ଯୋଗୁ ବଦ୍ରିନାଥ ମନ୍ଦିର ବରଫରେ ଘୋଡେଇ ହୋଇ ରହିଛି।

## ସଂକ୍ଷେପରେ

### ମହଙ୍ଗା ହେବ ରେଳ ଟିକେଟ

**ନୂଆଦିଲ୍ଲୀ, ୮।୧:** ରେଲଓ୍ୱେ ବୋର୍ଡ ଷ୍ଟେଶନ ଡେଭେଲପମେଣ୍ଟ ଫି (ଏସ୍‌ଡିଏଫ୍)କୁ ଅନୁମୋଦନ କରିଛି। ଏହା ଅନୁଯାୟୀ, ରେଳ ଷ୍ଟେଶନ ପୁନଃ ନିର୍ମାଣ ଯୋଜନାରେ ବିକଶିତ ହୋଇଥିବା କିମ୍ବା ହେବାକୁ ଥିବା ଷ୍ଟେଶନର ଯାତ୍ରୀଙ୍କୁ ଆଗାମୀ ଦିନରେ ଅଧିକ ଭଡ଼ା ଦେବାକୁ ପଡ଼ିବ। ବିଭିନ୍ନ ବର୍ଗର ଟ୍ରେନ୍ ଯାତ୍ରୀଙ୍କଠାରୁ ଷ୍ଟେଶନ ଡେଭେଲପମେଣ୍ଟ ଫି ବାବଦରେ ୧୦ରୁ ୫୦ ଟଙ୍କା ଆଦାୟ କରାଯିବ। ଟିକେଟ୍ ବୁକିଂ ସମୟରେ ଯାତ୍ରୀମାନେ ଏହି ଅର୍ଥ ଦେବେ। ୩ଟି ବର୍ଗରେ ଏହି ଭଡ଼ା ଆଦାୟ କରାଯିବ। ଏସି କ୍ଲାସ୍ ପାଇଁ ଅଧିକ ୫୦ ଟଙ୍କା, ସ୍ଲିପର ପାଇଁ ୨୫ ଏବଂ ଅଣସଂରକ୍ଷିତ ସିଟ୍‌ଗୁଡ଼ିକରେ ଅତିକମ୍‌ରେ ୧୦ ଟଙ୍କା ବର୍ଦ୍ଧିତ ଭଡ଼ା ଯାତ୍ରୀ ଦେବେ। ତେବେ ଲୋକାଲ ଟ୍ରେନ୍ ତଥା ସହରତଳି ଅଞ୍ଚଳରେ ଯାତ୍ରା ପାଇଁ ଏହି ଦେୟ ଦେବାକୁ ପଡ଼ିବ ନାହିଁ। ଏ ସଂକ୍ରାନ୍ତରେ ରେଲଓ୍ୱେ ବୋର୍ଡ ସମସ୍ତ ଜୋନାଲ ରେଲ୍‌ଓ୍ୱେଗୁଡ଼ିକୁ ଗତ ଡିସେମ୍ବର ୩୧ରେ ନିର୍ଦ୍ଦେଶନାମା ଜାରି କରିଛି। ଏଥିସହ ଉକ୍ତ ବର୍ଗରେ ଆସୁଥିବା ଷ୍ଟେଶନଗୁଡ଼ିକରେ ପ୍ଲାଟ୍‌ଫର୍ମ ଟିକେଟ୍ ମୂଲ୍ୟ ମଧ ୧୦ ଟଙ୍କା ବଢ଼ିବ। ବିକଶିତ ଷ୍ଟେଶନରୁ ଟ୍ରେନ୍‌ରେ ଚଢ଼ି ଅନ୍ୟ ଏକ ବିକଶିତ ଷ୍ଟେଶନରେ ଓହ୍ଲାଉଥିବା ଯାତ୍ରୀଙ୍କୁ ଏସ୍‌ଡିଏଫ୍‌ର ଦେଢ଼ ଗୁଣା ଅର୍ଥ ଦେବାକୁ ପଡ଼ିବ। କେବଳ ବିକଶିତ ଷ୍ଟେଶନରେ ଓହ୍ଲାଉଥିବା ଯାତ୍ରୀଙ୍କଠାରୁ ମାତ୍ର ୫୦ ପ୍ରତିଶତ ଆଦାୟ କରାଯିବ।

### ଜେଲରୁ ମୁକ୍ତ ହେଲେ ସାଉଦି ଯୁବରାଣୀ


ବାସ୍‌ମା ବିଣ୍ଟ ସାଉଦ୍

**ରିୟାଧ,୮।୧:** ବିନା କାରଣରେ ପ୍ରାୟ ୩ ବର୍ଷ ହେଲା ଜେଲ୍‌ରେ ଥିବା ସାଉଦି ଯୁବରାଣୀ ଓ ତାଙ୍କ ଝିଅଙ୍କୁ ସାଉଦି ସରକାର ମୁକ୍ତ କରିଥିବା ଶନିବାର ଏକ ମାନବାଧିକାର ସଂଗଠନ ସୂଚନା ଦେଇଛି। ରାଜ ପରିବାର ସଦସ୍ୟ ବାସ୍‌ମା ବିଣ୍ଟ ସାଉଦ୍ (୫୭) ଦୀର୍ଘ ବର୍ଷ ହେଲା ମହିଳାଙ୍କ ଅଧିକାର ଓ ସାମ୍ବିଧାନିକ ଶାସନ ପାଇଁ ଲଢ଼େଇ କରିଆସୁଥିଲେ। ୨୦୧୯ ମାର୍ଚ୍ଚରୁ ତାଙ୍କୁ ଅଟକ ରଖାଯାଇଥିଲା। ସ୍ୱାସ୍ଥ୍ୟଗତ କାରଣରୁ ତାଙ୍କୁ ଜେଲ୍‌ରୁ ମୁକ୍ତ କରିବା ଲାଗି ଗତବର୍ଷ ଏପ୍ରିଲରେ ସେ ରାଜା ସଲମାନ ଏବଂ କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନଙ୍କୁ ନିବେଦନ କରିଥିଲେ। ବାସ୍‌ମା ଓ ତାଙ୍କ ଝିଅ ସୁହୋଦଙ୍କୁ ମୁକ୍ତ କରାଯାଇଥିବା ମାନବାଧିକାର ସଂଗଠନ ଟୁଇଟ୍ କରି ଜଣାଇଛି।

# ମତଦାନ ସମୟ ଘଣ୍ଟାଏ ବଢ଼ିବ

**ନୂଆଦିଲ୍ଲୀ,୮।୧(ପି.ଟି.)**

- ସବୁ ଭୋଟରଙ୍କୁ ଡବଲ ଡୋଜ୍ ଟିକା ଦେବା ଯୋଜନା
- ପୋଲିଂ କର୍ମଚାରୀଙ୍କୁ ଦିଆଯିବ ପ୍ରିକଶନ ଡୋଜ୍


ସିଇସି ସୁଶୀଲ ଚନ୍ଦ୍ରା (ମଝି)ଙ୍କ ସହ ନିର୍ବାଚନ କମିଶନର ରାଜୀବ କୁମାର (ବାମ) ଏବଂ ଅନୁପ ଚନ୍ଦ୍ର ପାଣ୍ଡେ।

କୋଭିଡ୍ ସଂକ୍ରମଣ ବଢ଼ୁଥିବା ସତ୍ତ୍ୱେ ନିର୍ଦ୍ଧାରିତ ସମୟରେ ୫ ରାଜ୍ୟରେ ବିଧାନସଭା ନିର୍ବାଚନ କରାଇବା ପାଇଁ ନିର୍ବାଚନ କମିଶନ ନିଷ୍ପତ୍ତି ନେବା ସହ ଶନିବାର ତାରିଖ ଘୋଷଣା କରିଛନ୍ତି। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଭୋଟଗ୍ରହଣ କେନ୍ଦ୍ରଗୁଡ଼ିକରେ ଗହଳି ହ୍ରାସ ଲାଗି ବୁଥ୍ ସଂଖ୍ୟା ବଢ଼ାଯିବା ସହ ପ୍ରତି ବୁଥ୍‌ରେ ୧,୨୫୦ ଭୋଟର ମତଦାନ କରିବା ବ୍ୟବସ୍ଥା ହୋଇଛି। ସେହିପରି ମତଦାନ ସମୟକୁ ମଧ ଘଣ୍ଟାଏ ବଢ଼ାଇ ଦିଆଯାଇଛି।

ସଂକ୍ରମଣରୁ ସୁରକ୍ଷିତ ରହିବା ଲାଗି ପ୍ରତି ମତଦାନ କେନ୍ଦ୍ରରେ ହ୍ୟାଣ୍ଡ ସାନିଟାଇଜର, ଫେସ୍‌ମାସ୍କ ଏବଂ ଥର୍ମାଲ ସ୍କାନର ରହିବ। ବୁଥ୍‌ଗୁଡ଼ିକ ବିଲ୍ଡିଂର ତଳ ମହଲାରେ ହେବ ଏବଂ ସେଠାରେ ସଂକ୍ରମଣ ନିରୋଧୀ ସମସ୍ତ ପଦକ୍ଷେପ ନିଆଯିବ। ୮୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଏବଂ ଭିନ୍ନକ୍ଷମ ଭୋଟର ପୋଷ୍ଟାଲ ବାଲାଟରେ ଭୋଟ ଦେଇପାରିବେ। ଜାନୁୟାରୀ ୧୫ ପର୍ଯ୍ୟନ୍ତ ବାଇକ୍ କିମ୍ବା ସାଇକେଲ ରାଲି, ପଦଯାତ୍ରା ଓ ରୋଡ୍ ଶୋ'କୁ ନିଷେଧ କରାଯାଇଛି। କୋଭିଡ୍ ଗାଇଡ୍‌ଲାଇନର ଉଲ୍ଲଂଘନ କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ନିର୍ବାଚନ ଡ୍ୟୁଟିରେ ଯୋଗଦେବାକୁ ଥିବା ସମସ୍ତ କର୍ମଚାରୀ କୋଭିଡ୍ ଟିକାର ଦୁଇଟି ଡୋଜ୍ ନେଇଥିବାବେଳେ ସେମାନଙ୍କୁ ସମ୍ମୁଖ ଯୋଦ୍ଧା ଭାବେ ବିବେଚନା କରାଯାଇ ପ୍ରିକଶନ ଡୋଜ୍ ଦିଆଯିବ। ପ୍ରାର୍ଥୀମାନଙ୍କୁ ଅନ୍‌ଲାଇନରେ ନାମାଙ୍କନପତ୍ର ଦାଖଲ କରିବା ଲାଗି ବିକଳ୍ପ ବ୍ୟବସ୍ଥା ରହିବ। ସେହିପରି ଭୋଟ ଫଳାଫଳ ଘୋଷଣା ପରେ ବିଜୟ ଉତ୍ସବ ମନାଇବାକୁ ଅନୁମତି ଦିଆଯିବ ନାହିଁ। ପ୍ରଚାର ବେଳେ ରାଲି ପାଇଁ ଯଦି ଅନୁମତି ଦିଆଯାଏ ତେବେ ସେଥିପାଇଁ କୋଭିଡ୍ ଗାଇଡ୍‌ଲାଇନ ଅନୁପାଳନ କରାଯିବାକୁ ବାଧ୍ୟତାମୂଳକ କରାଯିବ। ସେହିପରି ପ୍ରାର୍ଥୀଙ୍କ ଦ୍ୱାରା ଘରକୁ ଘର ଯାଇ ପ୍ରଚାର ବେଳେ ଗୋଟିଏ ଟିମ୍‌ରେ ସର୍ବାଧିକ ୫ ଜଣଙ୍କୁ ଅନୁମତି ମିଳିବ। ୫ ରାଜ୍ୟରେ ମୋଟ ୧୮.୩୪ କୋଟି ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିବାକୁ ଥିବାବେଳେ ସେମାନଙ୍କ ମଧ୍ୟରୁ ମହିଳା ଭୋଟରଙ୍କ ସଂଖ୍ୟା ୮.୫୫ କୋଟି। ଏଥର ୨୪.୯ ଲକ୍ଷ ନୂଆ ଭୋଟର ସାମିଲ ହୋଇଛନ୍ତି। ପ୍ରତି ନିର୍ବାଚନ ମଣ୍ଡଳୀରେ ଅନ୍ୟୂନ ଗୋଟିଏ ମତଦାନ କେନ୍ଦ୍ର କେବଳ ମହିଳାମାନଙ୍କ ଦ୍ୱାରା ପରିଚାଳନା କରାଇବାକୁ ନିର୍ବାଚନ କମିଶନ ବିଚାର କରୁଛନ୍ତି। ୬୯୦ ନିର୍ବାଚନ ମଣ୍ଡଳୀରେ ଏଭଳି ୧୬୨୦ ବୁଥ୍ ଚିହ୍ନଟ କରାଯାଇଛି।

### ଅଭିଯୁକ୍ତଙ୍କଠାରୁ କୋର୍ଟ କର୍ମଚାରୀ ଟଙ୍କା ଦାବି କରିବା ଗ୍ରହଣୀୟ ନୁହେଁ

**ନୂଆଦିଲ୍ଲୀ,୮।୧(ପି.ଟି.)**

ଅଦାଲତରେ କାର୍ଯ୍ୟରତ କର୍ମଚାରୀ ବେଆଇନ ସନ୍ତୁଷ୍ଟି ନିମନ୍ତେ ଅଭିଯୁକ୍ତଙ୍କଠାରୁ ଅର୍ଥ ଦାବି କରିବା ଗ୍ରହଣୀୟ ନୁହେଁ ବୋଲି ସୁପ୍ରିମକୋର୍ଟ ଶନିବାର କହିଛନ୍ତି। ବିଚାରପତିଙ୍କ ଭଳି କୋର୍ଟରେ ନିଯୁକ୍ତ କର୍ମଚାରୀମାନେ ଉଚ୍ଚ ପଦମର୍ଯ୍ୟାଦା ରକ୍ଷା କରିବା ଆବଶ୍ୟକ। ବିହାରର ଏକ ଜିଲା କୋର୍ଟରେ ନିଯୁକ୍ତ କର୍ମଚାରୀ ଜଣେ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିବା ଲାଗି ୫୦,୦୦୦ ଟଙ୍କା ଦାବି କରିଥିଲେ। ଏଥିପାଇଁ ତାଙ୍କୁ ପଦଚ୍ୟୁତ କରାଯାଇଥିଲା। ସୁପ୍ରିମକୋର୍ଟ ଉକ୍ତ ଦଣ୍ଡାଦେଶକୁ ବଦଳାଇ ତାଙ୍କୁ ପଦରୁ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି, ଯେପରି ସେ ଭବିଷ୍ୟତରେ ଅନ୍ୟ ନିଯୁକ୍ତି ପାଇପାରିବେ। କର୍ମଚାରୀଙ୍କ ଗତ ୨୪ ବର୍ଷର ଚାକିରି କାଳ କଳଙ୍କମୁକ୍ତ ଥିଲା। ପ୍ରଥମ ଥର ପାଇଁ ତାଙ୍କ ବିରୋଧରେ ଏଭଳି ଅଭିଯୋଗ ଅଣାଯାଇଥିବା ତାଙ୍କ ଓକିଲ ଖଣ୍ଡପୀଠଙ୍କୁ ଜଣାଇଥିଲେ। କୋର୍ଟରେ ଚାକିରି କରି ଅଭିଯୁକ୍ତଙ୍କଠାରୁ ଟଙ୍କା ଦାବି କରିବା ଗ୍ରହଣୀୟ ନୁହେଁ ବୋଲି ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର ଏବଂ ସି.ଟି. ରବିକୁମାରଙ୍କ ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି।

### ପ୍ରଥମ କୃଷ୍ଣକାୟ ଓସ୍କାର ବିଜେତା ପୋଏଟିଅରଙ୍କ ପରଲୋକ

**ନ୍ୟୁୟର୍କ, ୮।୧୨**



ହଲିଉଡ୍‌ରେ ଶ୍ରେଷ୍ଠ ଅଭିନେତା ଭାବେ ଓସ୍କାର ଜିତିଥିବା ପ୍ରଥମ କୃଷ୍ଣକାୟ ଅଭିନେତା ସିଡ୍‌ନୀ ପୋଏଟିଅରଙ୍କ ପରଲୋକ ଘଟିଛି। ତାଙ୍କୁ ୯୪ ବର୍ଷ ହୋଇଥିଲା। ସେ ଦୀର୍ଘ ଦିନ ହେଲା ଅସୁସ୍ଥ ଥିଲେ। ଗୁରୁବାର ତାଙ୍କର ଦେହାନ୍ତ ହୋଇଥିବା ନେଇ ବାହାମାସ୍‌ର ବହିର୍ବ୍ୟାପାର ମନ୍ତ୍ରଣାଳୟର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ପୋଏଟିଅର ଆମେରିକାର ମିଆମି ସହରରେ ଜନ୍ମ ଗ୍ରହଣ କରିଥିଲେ। ବାହାମାସ୍‌ର ଏକ ଟମାଟୋ ଫାର୍ମରେ ତାଙ୍କ ଲାଳନପାଳନ ହୋଇଥିଲା। ଫଳରେ ତାଙ୍କ ନିକଟରେ ଉଭୟ ଦେଶର ନାଗରିକତ୍ୱ ରହିଥିଲା। ସେ ମାତ୍ର ଗୋଟିଏ ବର୍ଷ ସ୍କୁଲ ଯାଇଥିଲେ। ଦାରିଦ୍ର୍ୟ ସହ ସମାଜରେ କୃଷ୍ଣକାୟଙ୍କ ପ୍ରତି ହେୟଜ୍ଞାନ ମନୋଭାବ ଥିବା ସତ୍ତ୍ୱେ ସେ ଜଣେ ବଡ଼ କଳାକାର ହେବାକୁ ସ୍ୱପ୍ନ ଦେଖିଥିଲେ। ଆମେରିକାର କୃଷ୍ଣକାୟ ନାଗରିକଙ୍କ ଅଧିକାର ପାଇଁ ଆନ୍ଦୋଳନରେ ସାମିଲ ହୋଇ ସିଡ୍‌ନୀ ଚର୍ଚ୍ଚାକୁ ଆସିଥିଲେ। ୧୯୬୪ରେ 'ଲିଲିସ୍ ଅଫ୍ ଦି ଫିଲ୍ଡ'ରେ ଶ୍ରେଷ୍ଠ ଅଭିନୟ ପାଇଁ ତାଙ୍କୁ ଓସ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ୧୯୬୭ରେ ସେ ଏକା ଥରେ ୩ଟି ଫିଲ୍ମ କରିଥିଲେ। ୨୦୦୯ରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ବାରାକ୍ ଓବାମା ତାଙ୍କୁ ପ୍ରେସିଡେନ୍ସିଆଲ ମେଡାଲ ଅଫ୍ ଫ୍ରିଡମ୍ ସମ୍ମାନ ପ୍ରଦାନ କରିଥିଲେ।

### ଭି.କେ. ଭଓ୍ୱରା ପଞ୍ଜାବର ନୂଆ ଡିଜିପି

**ଚଣ୍ଡିଗଡ଼,୮।୧(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପଞ୍ଜାବ ଗସ୍ତ ବେଳେ ସୁରକ୍ଷାଗତ ତ୍ରୁଟିକୁ ନେଇ ବିବାଦ ଲାଗି ରହିଥିବାବେଳେ ବରିଷ୍ଠ ଆଇପିଏସ୍ ଅଫିସର ବୀରେଶ କୁମାର ଭଓ୍ୱରାଙ୍କୁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ନିଯୁକ୍ତ କରାଯାଇଛି। କେନ୍ଦ୍ର ଲୋକସେବା ଆୟୋଗ ୩ ଜଣ ଅଫିସରଙ୍କ ସଂକ୍ଷିପ୍ତ ତାଲିକା ପଠାଇଥିବାବେଳେ ଚରଣଜିତ୍ ସିଂ ଚନ୍ନିଙ୍କ ନେତୃତ୍ୱାଧୀନ ସରକାର ସେଥିରୁ ୧୯୮୭ ବ୍ୟାଚ୍ ଆଇପିଏସ୍ ଅଫିସର ଭଓ୍ୱରାଙ୍କୁ ଡିଜିପି ପଦ ପାଇଁ ଚୟନ କରିଥିଲେ। ୟୁପିଏସ୍‌ସି ପଠାଇଥିବା ଅଫିସରଙ୍କ ପ୍ୟାନେଲରେ ଅନ୍ୟ ଦୁଇଜଣ ହେଲେ ଦିନକର ଗୁପ୍ତା ଏବଂ ପ୍ରବୋଧ କୁମାର। ପଞ୍ଜାବ ପୋଲିସ ମୁଖ୍ୟ ପଦବୀରେ ଭଓ୍ୱରା ଦୁଇବର୍ଷ ରହିବେ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି। ଏବେ ସିଦ୍ଧାର୍ଥ ଚଟ୍ଟୋପାଧ୍ୟାୟ ପଞ୍ଜାବ ଡିଜିପି ରହିଛନ୍ତି।

### ବ୍ୟକ୍ତିଗତ ଫଟୋ ଶେୟାର ନ କରିବାକୁ ଜ୍ୟାକ୍‌ଲିନ୍‌ଙ୍କ ଅନୁରୋଧ

**ମୁମ୍ବାଇ, ୮।୧**



ଦୁଇ ଶହ କୋଟି ମନି ଲଣ୍ଡରିଂ ମାମଲାର ମୁଖ୍ୟ ଅଭିଯୁକ୍ତ ସୁକେଶ ଚନ୍ଦ୍ରଶେଖରଙ୍କ ସହ ବଲିଉଡ୍ ଅଭିନେତ୍ରୀ ଜ୍ୟାକଲିନ୍ ଫର୍ନାଣ୍ଡିଜ୍‌ଙ୍କ ଏକ ବ୍ୟକ୍ତିଗତ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସୁକେଶଙ୍କ ସହ ଠକେଇରେ ଜ୍ୟାକ୍‌ଲିନଙ୍କ ସମ୍ପୃକ୍ତି ନେଇ ଅଭିଯୋ ରହିଥିବାବେଳେ ପ୍ରଥମ ଥର ପାଇଁ ଏହି ଅଭିନେତ୍ରୀ ତାଙ୍କ ମୁହଁ ଖୋଲିଛନ୍ତି। ତାଙ୍କ ଇନ୍‌ଷ୍ଟାଗ୍ରାମ୍ ପୋଷ୍ଟରେ ଜ୍ୟାକ୍‌ଲିନ୍ ଲେଖିଛନ୍ତି, ଏହି ଦେଶ ଏବଂ ଲୋକେ ତାଙ୍କୁ ବହୁତ ଭଲ ପାଇବା ଦେଇଛନ୍ତି। ମିଡିଆର ଅନେକ ଜଣ ତାଙ୍କ ବନ୍ଧୁ ଅଛନ୍ତି, ଯାହାଙ୍କଠାରୁ ସେ ବହୁତ କିଛି ଶିଖିଛନ୍ତି। ଏବେ ସେ କଠିନ ସମୟ ଦେଇ ଗତି କରୁଛନ୍ତି। ଏସବୁରୁ ସେ ଶୀଘ୍ର ବାହାରିବେ ବୋଲି ତାଙ୍କ ପ୍ରଶଂସକ ନିଶ୍ଚୟ ଦେଖିବେ। ତେବେ ପ୍ରିଭେସିକୁ ସମ୍ମାନ ଦେଇ ମିଡିଆ ତାଙ୍କ ବ୍ୟକ୍ତିଗତ ଫଟୋକୁ ସୋସିଆଲ ମିଡିଆରେ ଶେୟାର ନ କରିବାକୁ ଜ୍ୟାକ୍‌ଲିନ୍ ଅନୁରୋଧ କରିଛନ୍ତି। ନ୍ୟାୟର ନିଶ୍ଚୟ ବିଜୟ ହେବ ବୋଲି ସେ ଏଥିରେ ଲେଖିଛନ୍ତି।

### ଗ୍ୟାସ୍ ଲିକ୍‌ରୁ ବିସ୍ଫୋରଣ: ୧୬ ମୃତ

**ବେଜିଂ, ୮।୧**

ଦକ୍ଷିଣ-ପଶ୍ଚିମ ଚାଇନାର ଚୋଙ୍ଗକ୍ୱିଙ୍ଗ୍ ସହରରେ ଥିବା ଏକ କାଫେଟେରିଆରେ ଶୁକ୍ରବାର ମଧ୍ୟାହ୍ନରେ ବିସ୍ଫୋରଣ ଘଟିଛି। ଏଥିରେ ୧୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଆହୁରି ୧୦ ଜଣ ଗୁରୁତର ହୋଇଛନ୍ତି। ଗ୍ୟାସ୍ ଲିକ୍ ଯୋଗୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଇଛି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, କାଫେ ବିଲ୍ଡିଂ ଭୁଶୁଡ଼ି ପଡ଼ିଥିଲା। ଏହା ତଳେ ଅନେକେ ଫସି ଯାଇଥିଲେ। ରାତି ସାରା ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା।

## ପ୍ରାକୃତିକ କାରଣରହିତ ଅଗ୍ନିକାଣ୍ଡ ଈଶ୍ୱରକୃତ ନୁହେଁ

**ନୂଆଦିଲ୍ଲୀ, ୮।୧**



ବାତ୍ୟା, ବନ୍ୟା, ବଜ୍ରପାତ କିମ୍ବା ଭୂମିକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟ ଜନିତ ଅଗ୍ନିକାଣ୍ଡ ହିଁ ଈଶ୍ୱରକୃତ। ଏହାବାଦ୍ କୌଣସି ପ୍ରକାର ଅଗ୍ନିକାଣ୍ଡ ଈଶ୍ୱରୀୟ କାର୍ଯ୍ୟ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏକ କାରଖାନାରେ ନିଆଁ ଲାଗିବା ମାମଲାରେ ସର୍ବୋଚ୍ଚ ଅଦାଲତ ଆଲ୍ଲାହାବାଦ୍ ହାଇକୋର୍ଟଙ୍କ ରାୟକୁ ଖାରଜ କରିଛନ୍ତି। ଏକ ମଦ କମ୍ପାନୀ ଗୋଦାମରେ ନିଆଁ ଲାଗିବାକୁ ହାଇକୋର୍ଟ 'ଭଗବାନଙ୍କ କାର୍ଯ୍ୟ' ବୋଲି ଅଭିହିତ କରି କମ୍ପାନୀକୁ ଅବକାରୀ ଶୁଳ୍କ ଦାୟିତ୍ୱରୁ ମୁକ୍ତ କରିଥିଲେ।

୨୦୦୩ ଏପ୍ରିଲ ୧୦ ତାରିଖ ରାତି ପ୍ରାୟ ୧ଟାରେ ଏକ ମଦ କାରଖାନା ଗୋଦାମରେ ନିଆଁ ଲାଗିଯାଇଥିଲା ଏବଂ ସକାଳ ୫ଟାରେ ତାହାକୁ ନିୟନ୍ତ୍ରଣ କରାଯାଇଥିଲା। ଅଗ୍ନିକାଣ୍ଡରେ ମଦ ନଷ୍ଟ ହେବାରୁ ସେ ବାବଦ ଅବକାରୀ ଶୁଳ୍କ ଦେବାକୁ କମ୍ପାନୀ ମନା କରିଥିଲା। ମାମଲାରେ ହାଇକୋର୍ଟ ଅଗ୍ନିକାଣ୍ଡକୁ ଭଗବାନଙ୍କ କାର୍ଯ୍ୟ ଅଭିହିତ କରି କମ୍ପାନୀକୁ ଅବକାରୀ ଶୁଳ୍କ ଦାୟିତ୍ୱରୁ ମୁକ୍ତ କରିଥିଲେ। ଉତ୍ତରପ୍ରଦେଶର ଅବକାରୀ ବିଭାଗ ପକ୍ଷରୁ ହାଇକୋର୍ଟଙ୍କ ଏହି ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ଜଷ୍ଟିସ୍ ଏ. ଏମ୍. ଖାନ୍‌ୱିଲକରଙ୍କ ନେତୃତ୍ୱରେ ଗଠିତ ସୁପ୍ରିମକୋର୍ଟର ୩ ଜଣିଆ ଖଣ୍ଡପୀଠ ଏହି ମାମଲାରେ ଟିପ୍ପଣୀ ଦେଇ କହିଛନ୍ତି, କାରଖାନାରେ ଲାଗିଥିବା ନିଆଁ ଝଡ଼, ବନ୍ୟା, ବାତ୍ୟା, ବଜ୍ରପାତ କିମ୍ବା ଭୂକମ୍ପ ଯୋଗୁ ଘଟିନାହିଁ। ତେଣୁ ତାହାକୁ ଈଶ୍ୱରକୃତ ବୋଲି କୁହାଯାଇପାରିବ ନାହିଁ। ଉଦ୍ଦେଶ୍ୟମୂଳକ ଭାବେ କୌଣସି ବ୍ୟକ୍ତି ନିଆଁ ଲଗାଇ ନ ଥିଲେ ବୋଲି ମଧ ସର୍ବୋଚ୍ଚ ଅଦାଲତ କହିଛନ୍ତି। ସମସ୍ତ ପ୍ରଯୁଜ୍ୟ କାରଣକୁ ବିଚାରକୁ ନିଆଗଲେ ଅଗ୍ନିକାଣ୍ଡକୁ ଅଟକାଇବା ଏବଂ କ୍ଷତି ରୋକିବା ମାନବ ପକ୍ଷେ କଷ୍ଟକର। ତେଣୁ ଏହାକୁ ଏକ ଅନିବାର୍ଯ୍ୟ ଦୁର୍ଘଟଣା କୁହାଯାଇପାରେ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହି ଘଟଣାରେ ନିଆଁ ଆପେ ଆପେ ଲାଗି ନ ଥିଲା। ଉପଯୁକ୍ତ ଅଗ୍ନି ନିର୍ବାପକ ବ୍ୟବସ୍ଥା ଦ୍ୱାରା ଏହି ଘଟଣାକୁ ଏଡାଇ ଦିଆଯାଇପାରିଥାନ୍ତା କିମ୍ବା କ୍ଷୟକ୍ଷତି କମ୍ ହୋଇପାରିଥାନ୍ତା। ମାମଲାରେ ହାଇକୋର୍ଟଙ୍କ ପର୍ଯ୍ୟବେକ୍ଷଣ ଠିକ୍ ମନେ ହେଉ ନ ଥିବାରୁ ତାଙ୍କ ରାୟକୁ ଖାରଜ କରାଯାଉଥିବା ଖଣ୍ଡପୀଠ କହିଛନ୍ତି।

## ତୃତୀୟ ଲହର ଆଣୁଛି ଓମିକ୍ରନ୍

### ଦିନକରେ ୧.୪୧ ଲକ୍ଷ ସଂକ୍ରମିତ

**ନୂଆଦିଲ୍ଲୀ,୮।୧**



ଦ୍ରୁତ ସଂକ୍ରାମକ ଓମିକ୍ରନ୍ ଭାରିଆଣ୍ଟ ପାଇଁ ଭାରତର ସମସ୍ତ ରାଜ୍ୟ କୋଭିଡ୍ ମହାମାରୀର ତୃତୀୟ ଲହର ଆଡ଼େ ମୁହାଁଇଥିବା ସଦ୍ୟ ପ୍ରକାଶିତ ସଂକ୍ରମଣ ତଥ୍ୟରୁ ଜଣାପଡ଼ିଛି। କିଛିଦିନ ପୂର୍ବରୁ କେବଳ ପଶ୍ଚିମ ଭାରତରେ ଓମିକ୍ରନ୍ ଯୋଗୁ ସଂକ୍ରମଣ ବଢ଼ୁଥିବା ଦେଖାଯାଇଥିଲା। ଏବେ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ପଶ୍ଚିମବଙ୍ଗ, ଛତିଶଗଡ଼ ଏବଂ ଓଡ଼ିଶାରେ ମଧ ସଂକ୍ରମଣ ଦ୍ରୁତ ବେଗରେ ବୃଦ୍ଧି ପାଉଛି। ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଓମିକ୍ରନ୍ ସଂକ୍ରମଣ ବଢ଼ୁଥିବା ଦେଖାଯାଇଛି। ଭାରତରେ ଦୈନିକ ସଂକ୍ରମଣ ୧.୪ ଲକ୍ଷ ପାର୍ କରିଥିବାବେଳେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩,୫୩,୬୮,୩୭୨ରେ ପହଞ୍ଚିଛି। କୋଭିଡ୍ ଗାଇଡ୍‌ଲାଇନ ମାନିବା ସହ ଗହଳିଠାରୁ ଦୂରେଇ ରହିବା ପାଇଁ ସରକାର ଜନସାଧାରଣଙ୍କୁ ବାରମ୍ବାର ପରାମର୍ଶ ଦେଉଛନ୍ତି। ତୃତୀୟ ଲହରର ମୁକାବିଲା ପାଇଁ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସେମାନଙ୍କ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ସମୀକ୍ଷା କରିବାକୁ କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି।

ଦେଶରେ ଶନିବାର ୧,୪୧,୯୮୬ ନୂଆ ମାମଲା ଚିହ୍ନଟ ହୋଇଛି, ଯାହା ପୂର୍ବଦିନ ତୁଳନାରେ ୨୧ ପ୍ରତିଶତ ଅଧିକ। ଦେଶରେ ସକ୍ରିୟ ମାମଲା ସଂଖ୍ୟା ୪,୭୨,୧୬୯କୁ ବୃଦ୍ଧି ପାଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ସେହିପରି ନୂଆ ଭାରିଆଣ୍ଟ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ଶନିବାର ୩,୦୭୧ରେ ପହଞ୍ଚିଛି। ୨୩ ରାଜ୍ୟକୁ ଏହି ଭାରିଆଣ୍ଟ ମାଡ଼ିଲାଣି। ମହାରାଷ୍ଟ୍ରରେ ସର୍ବାଧିକ ୮୭୬ ଓମିକ୍ରନ୍ ସଂକ୍ରମିତ ହୋଇଥିବାବେଳେ ଦିଲ୍ଲୀରେ ୫୧୩ ଜଣ ଆକ୍ରାନ୍ତ ହୋଇଛନ୍ତି। ଗତ ୨୪ ଘଣ୍ଟାରେ କୋଭିଡ୍‌ରେ ୧୮୫ ଜଣଙ୍କ ମୃତ୍ୟୁ ହୋଇଛି ଓ ୪୦,୮୯୫ ଜଣ ସୁସ୍ଥ ହୋଇଛନ୍ତି। ମହାମାରୀ ଆରମ୍ଭ ହେବା ଦିନରୁ ଇତିମଧ୍ୟରେ ୩,୪୪,୧୨,୭୪୦ ଜଣ ଆରୋଗ୍ୟ ହେଲେଣି। ଦୈନିକ ପଜିଟିଭିଟି ହାର ୯.୨୮ ପ୍ରତିଶତକୁ ବୃଦ୍ଧି ପାଇଥିବାବେଳେ ସାପ୍ତାହିକ ପଜିଟିଭିଟି ହାର ୫.୬୬% ରହିଛି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ